ISSN No. : 2583-147X (P)



ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

*The Official Journal of*
*Prachee Centre for Cultural Relations*

ଅକ୍ଟୋବର ୨୦୨୪
ମୂଲ୍ୟ : ୨୫ ଟଙ୍କା





ପ୍ରେରଣାର ଉତ୍ସ
କବି ଜୟନ୍ତ ମହାପାତ୍ର



ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ
ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବ ´ନ ଅଛି । ଏହି ବିବ ´ନ ଜୀବନର ପରିବ ´ନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁ ´ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେଷିତ ଆ ´ଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମି  ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମି  ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବ ର୍ନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚି ଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସ । । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉ ଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବ ୍ରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକିଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

# ପ୍ରାଚୀ ପତ୍ରିକା

ISSN NO. 2583-147X (P)



## ଉପଦେଷ୍ଟା ମଣ୍ଡଳୀ

**ଡକ୍ଟର ପାବକ କାନୁନ୍‌ଗୋ**
ଶିକ୍ଷାବିତ୍

**ଡକ୍ଟର ମନ୍ଦାକିନୀ ଦାସ**
ଶିକ୍ଷାବିତ୍

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ୍

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ଡକ୍ଟର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

## ମୁଖ୍ୟ ସଂପାଦକ

**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

## କାର୍ଯ୍ୟନିର୍ବାହୀ ସମ୍ପାଦକ

**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

## ସଂପାଦକ

**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**

## ସଂପାଦକ ମଣ୍ଡଳୀ

**ନାରାୟଣ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ସନ୍ମିତ ପାଣିଗ୍ରାହୀ**
ପ୍ରଫେସର, ଇଂରାଜୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଜୟନ୍ତ କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ, ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପ୍ରାଚୀ ପ୍ରଯୁକ୍ତା**
ଶିକ୍ଷାବିତ୍

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ
ପାରାଦୀପ କଲେଜ, ପାରାଦୀପ

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତ୍ୟ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଅଭିଜାତ ସମ୍ପନ୍ନ ଓ ସମୁନ୍ନତ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସର ନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ ଆବଶ୍ୟକସ୍ଥଳେ ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବା ାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହ ୍ବା ଜରୁରୀ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପତ୍ରିକା ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫ ରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, October 2024, Issue No. VII
ISSN NO. 2583-147X
**RNI No. : ODIODI/2015/64435**
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ପ୍ରଚ୍ଛଦ :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ପ୍ରାଚୀ ଉପତ୍ୟକାରେ ଶକ୍ତି ଉପାସନା
ବିକ୍ରମ ବେହେରା ୦୯

ନେତି କଳ୍ପ
ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀ ୧୪

ପରିବର୍ତ୍ତିତ ପୁଞ୍ଜିବାଦ ଓ ବିକଳ୍ପ ପୃଥିବୀ
ପ୍ରସଙ୍ଗ : ଉତ୍ତର ଅଶି ଓଡିଆ କବିତାରେ ନବ୍ୟ-ମାର୍କସ୍‌ବାଦୀ ଚେତନା
ବୈଜୟନ୍ତୀ ନାୟକ ୧୯

ମଗ୍ନ ଅନୁଭୂତିର ଶ୍ୟାମଳ ସାରାଂଶ: 'ଭାନୁମତୀର ଦେଶ'
ମନୋରଞ୍ଜନ ବିଷୋୟୀ ୨୫

ମାନବିକତାର ପୂଜାରୀ : ରୋହିତର ଡାଏରୀ
ଶାଶ୍ୱତ ପାତ୍ର ୩୧

'ଆଦିଭୂମି' ଉପନ୍ୟାସରେ ଆଦିବାସୀୟ ମିଥ୍‌ର ବିଶ୍ୱସନ
ସଂଜିତା ମିଶ୍ର ୩୫

ଜୀବନର ଆଶ୍ୱାସନା ଓ ଅନ୍ତରର ନୀରବତା ଦିହକର କଥା
(ରାସେଶ୍ୱରୀ ମିଶ୍ରଙ୍କ ଆତ୍ମଜୀବନୀ "ଦିହକର କଥା")
ପରୀକ୍ଷିତ ଭୋଇ ୫୧

ଜୀବନର ବ୍ୟର୍ଥତା ଓ ଅନିଚ୍ଛାକୃତି ସନ୍ଧି
'ଶୂନ୍ ସାଂଗେ ସାମୟିକ ସନ୍ଧି' ପ୍ରସଙ୍ଗ: ହୃଷିକେଶ ପଣ୍ଡା
ଜୟନ୍ତ କୁମାର ଦାସ ୫୭



# ଶ୍ରୁତି, ସାହିତ୍ୟ ଓ ସମ୍ବେଦନା

ଆମର ସେହି ସାହିତ୍ୟ କୃତିଗୁଡ଼ିକ ବେଶୀ ମନେରହେ, ଯେଉଁଥିରେ ଭଲ କାହାଣୀଟିଏ ଥାଏ। କାହାଣୀଟି ପାଠକକୁ ପ୍ରଭାବିତ କରେ କିନ୍ତୁ କାହାଣୀର ଅନ୍ତରାଳରେ ଯେଉଁ ଉଦ୍ଦେଶ୍ୟଟି ପ୍ରବାହିତ ହେଉଥାଏ ସେଇଟି ହିଁ ତାକୁ ବଞ୍ଚାଇ ରଖେ। ସାଧାରଣତଃ ପିଢ଼ି ପରେ ପିଢ଼ି, ପିଢ଼ି ପରେ ପିଢ଼ି ଶୁଣିଶୁଣି ରାମାୟଣ ଓ ମହାଭାରତ ମନେରହିଛି। ଆମର ଯେଉଁ ଶ୍ରୁତି ଓ ସ୍ମୃତି ପରମ୍ପରା ଥିଲା, ସେଥିରେ ସବୁକଥା ଶୁଣିଶୁଣି ମନେରହୁଥିଲା। ଗଳ୍ପ ସାଗର ପରମ୍ପରାରେ ପଞ୍ଚତନ୍ତ୍ର ହେଉ ବା ଆଇ ମାଆ କାହାଣୀ ଶୈଳୀରେ ଆମ ଲୋକ କାହାଣୀ ହେଉ- ଏସବୁ ତ ସେଇ ପରମ୍ପରାର ଫଳଶ୍ରୁତି। ଏବେ ତ ଲିଖନ ପ୍ରକ୍ରିୟାର ସମୟ କିନ୍ତୁ ତା ସତ୍ତ୍ୱେ ରାମାୟଣ, ମହାଭାରତକୁ ସମ୍ପୂର୍ଣ୍ଣ ଭାବରେ ପଢ଼ିଥିବା ଲୋକ କେତେଜଣ ଅଛନ୍ତି ? ତେଣୁ କେତେକ ପ୍ରସଙ୍ଗ ଅଛି, ଯାହା ଏମିତି ବି ଚେତନାରେ ରୂପାନ୍ତରିତ ହୁଏ, ଯାହା ହୁଏତ ପଢ଼ିବାର ଆବଶ୍ୟକତା ନଥାଏ। ଯଦିବା ଆମେ କହିଥାଉ ଅକ୍ଷରର କ୍ଷୟ ନାହିଁ ବୋଲି କିନ୍ତୁ ଅକ୍ଷରଠାରୁ ମଧ୍ୟ ଚିନ୍ତନ- ବିଚାର- ଦର୍ଶନ ଉର୍ଦ୍ଧ୍ୱକୁ ଚାଲିଯାଇପାରେ ଓ ଚେତନାଟିଏ ଆହୁରି ଉର୍ଦ୍ଧ୍ୱଗାମୀ ହୋଇପାରେ। ଭାଷିକ ସୀମିତତା ତାକୁ ବନ୍ଦୀ କରିପାରେ ନାହିଁ। ଏବେ ସିନା ଆମେ ଗୋଟିଏ ଭୌଗୋଳିକ ସୀମାରେଖା ଟାଣିଦେଇ ଓଡ଼ିଶା-ବଙ୍ଗଳା- ବିହାର ବୋଲି ବିଭିନ୍ନ ଅଞ୍ଚଳର ନାମକରଣ କରିଛେ, କିନ୍ତୁ ଦୁଇଶହ କି ତିନି ଶହ ବର୍ଷ ତଳେ ବା ତା ପୂର୍ବରୁ ଆଜିର ଭୌଗୋଳିକ ସୀମାରେଖାଜନିତ ଟୋଲ୍ ଗେଟ୍ ଥିଲା କି ! ଏଣୁ ଭୌଗୋଳିକ ବାଧାବନ୍ଧନ ଅପେକ୍ଷା ସାଂସ୍କୃତିକ ସୀମାରେଖା, ଚେତନାଧର୍ମୀ ସୀମାରେଖା, ଧର୍ମୀୟ ସୀମାରେଖା, ପରମ୍ପରାଭିତ୍ତିକ ସୀମାରେଖା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଆମେ ଏମିତି ଗୋଟିଏ ପୃଥିବୀରେ ବଞ୍ଚୁଛେ ଯେଉଁଠି କ୍ରମଶଃ ଆବେଗମାନେ ମରିଯାଉଛନ୍ତି। ପାଠକେ ଆବେଗର ଅର୍ଥ ବସ୍ତୁଭିତ୍ତିକ ଉଲ୍ଲାସ ନୁହେଁ ବରଂ ସମ୍ବେଦନା ଓ ସମ୍ବେଦନଶୀଳତା ଅର୍ଥରେ ବୁଝିବାକୁ ଅନୁରୋଧ। କ୍ରମଶଃ ସମ୍ବେଦନଶୀଳ ଆବେଗମାନଙ୍କର ମୃତ୍ୟୁ ଘଟି ଚାଲିଥିବାବେଳେ, ବଢ଼ିଚାଲିଛି ପାଣ୍ଡିତ୍ୟ ଓ ଚାତୁର୍ଯ୍ୟପର ପୃଥିବୀ। ନିରୋଳା ଆବେଗ ଯଦି ତାତ୍କାଳିକ ସମସ୍ତ ନିଷ୍ପତ୍ତି ନେବ ସେଥିରେ ଯେତିକି ଅସୁବିଧା, ଆବେଗକୁ ମାତ୍ରାଧିକ ପାଣ୍ଡିତ୍ୟ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ କରିଦେଲେ ମଧ୍ୟ ସେତିକି କ୍ଷତି। ଏମିତି ହେଲେ ଛୋଟଛୋଟ ଦୁଃଖ, ସୁଖ, କଷ୍ଟର କଥା ବୁଝୁବୁଝୁ ଜୀବନର କୌଣସି ପ୍ରଭାବଶାଳୀ ଅନୁଭବକୁ ବ୍ୟକ୍ତ କରିହେବ ନାହିଁ। ଅଥବା ଜୀବନର ସବୁକିଛି ଦର୍ଶନ ଓ ଜଟିଳ ଚିନ୍ତନ ଭିତରେ ଛନ୍ଦି ହୋଇଯିବ।

ରବୀନ୍ଦ୍ରନାଥଙ୍କର ଗୋଟିଏ ନାଟକ ଥିଲା 'ଡାକଘର'। ସେଥିରେ ରୋଗଗ୍ରସ୍ତ କମଲ ନାମକ ଶିଶୁ ଚରିତ୍ରଟି ପଣ୍ଡିତ ହେବାକୁ ଚାହେଁନାହିଁ ବୋଲି କହୁଛି। ତା ଆଖି ସାମ୍ନାରେ ମୃତ୍ୟୁ ଅଥଚ ବହିର ପୃଥିବୀଠାରୁ ଦୂରେଇ ଅନୁଭବର ବିଶ୍ୱକୁ ସେ ଗୁରୁତ୍ୱ ଦେଉଛି। ରାଜେନ୍ଦ୍ର କିଶୋର ପଣ୍ଡାଙ୍କର ମଧ୍ୟ ସେହିପରି ଗୋଟିଏ କବିତା ଅଛି, ଯେଉଁଠି ସେ କହୁଛନ୍ତି 'ମୁଁ ପଣ୍ଡିତ ହେବାକୁ ଚାହେଁନା'। ପଣ୍ଡିତ ହୋଇଗଲେ ଆବେଗଗୁଡ଼ିକ ଝାଉଁଳି ପଡ଼ିଯିବାର ମାତ୍ରାଧିକ ଭୟ ଅଛି। ତେଣୁ ସେ ଦୃଷ୍ଟିରୁ ଆବେଗ ଓ ପାଣ୍ଡିତ୍ୟର ସମନ୍ୱୟ ଆବଶ୍ୟକ। ଆମକୁ ସାହିତ୍ୟ ଏଇ କଥାଟି ହିଁ ଶିଖାଉଛି। ଏଣୁ ଯେତିକି ଗୁରୁତ୍ୱପୂର୍ଣ୍ଣ ବିବେକବୋଧର ପାଞ୍ଚଣ, ସେତିକି ଗୁରୁତ୍ୱପୂର୍ଣ୍ଣ ମଧ୍ୟ ଖରାଦିନିଆ ଦୁଇପହରର ବାରଣ ନମାନି ଗାଁ ମୁଣ୍ଡ ପୋଖରୀରେ ଖପରାଡିଆଁର ଢେଉଗଣା କି ସେଠୁ ଫେରିଲାବେଳକୁ ନଳକୂଅ ପାଖରେ ଏକୁଟିଆ ଠିଆହେଇଥିବା ଲୋକର ପାଣି ପିଇବାଜନିତ ଅସହାୟତାକୁ ଦୂରେଇଦେବାକୁ ଯାଇ ବିନା କୌଣସି କଥା କି ପରିଚୟରେ, ନଳକୂଅର ହ୍ୟାଣ୍ଡେଲ୍ ମାରି ଜଣାଶୁଣା ବା ଅଜଣା ଲୋକଟିର ସହାୟତା କରିବା।

ଆଗରୁ ସମ୍ବେଦନା ସମନ୍ୱିତ ଆବେଗ କଥା ଆମର ଧର୍ମ ଓ ଧର୍ମୀୟ ବିଶ୍ୱ ଆମକୁ କହୁଥିଲା । ରାମାୟଣ, ମହାଭାରତ, ଭାଗବତକୁ ଆଜିକାଲିର ମାପକାଠିରେ ଧର୍ମୀୟ ସାହିତ୍ୟ ବୋଲି ଆପଣ କହିପାରନ୍ତି । ମାତ୍ର ଏହି ପରମ୍ପରାରୁ ହିଁ ପାପ-ପୁଣ୍ୟର ବିଚାରବୋଧ, ଔଚିତ୍ୟ-ଅନୌଚିତ୍ୟର କଥା ଶିଖୁଥିଲା ମଣିଷ । ଏହା ଠିକ୍, ଏହା ଭୁଲ- ଏ କଥା ବିଚାରି ବିବେକବୋଧକୁ ଜାଗ୍ରତ କରିବାର ବାଟ ଶିଖୁଥିଲା । ଏବେ କିନ୍ତୁ ଆମ ସାହିତ୍ୟ ଏମିତି ଏକ ଦୋ ଛକିରେ ଠିଆ ହୋଇଛି, ଯେଉଁଠି ତାତ୍କାଳିକତା ହିଁ ଅନେକ ସମୟରେ ଆମର ଆବେଗମାନଙ୍କୁ ପ୍ରଭାବିତ କରୁଛି । ଆମେ ମଧ୍ୟ ତା'ର ଶିକାର ହେଉଥିବାରୁ ଆମଦ୍ୱାରା ଲିଖିତ ସାହିତ୍ୟ କ୍ରମଶଃ ଖବରକାଗଜରେ ରୂପାନ୍ତରିତ ହୋଇ ଲିଭିଯିବାର ଭୟଟିଏ ତିଆରି ହେଉଛି ।

ଅନେକ ସମୟରେ ମଣିଷ ମନରେ ସୋସିଆଲ ମିଡିଆର ସାହାଯ୍ୟ ନେଇ ନିଜକୁ ବ୍ୟକ୍ତ କରିବାର ଯେଉଁ ତାତ୍କାଳିକ ଚିନ୍ତାଧାରା ସବୁ ଆସୁଛି, ହୁଏତ ପର ମୁହୂର୍ତ୍ତରେ ତା'ର କୌଣସି ମୂଲ୍ୟ ରହୁନାହିଁ । ଯେମିତି ଚବିଶ ଘଣ୍ଟା ମଧ୍ୟରେ ଫେସ୍ ?ବୁକ୍ ?ର ଗୋଟିଏ ଷ୍ଟୋରୀ, ରିଲ୍ ବା ହ୍ୱାଟ୍ସ ?ଆପ୍ ?ର ଷ୍ଟାଟସ୍ ଝାଉଁଳି ଯାଏ, ମଣିଷର ପ୍ରତ୍ୟେକ ଉଦ୍ୟମ ତଥା ହର୍ଷ-ଉଲ୍ଲାସ, ଦୁଃଖ-ଶୋକସବୁ, ସେମିତି କ'ଣ ଚବିଶ ଘଣ୍ଟିଆ ଆୟୁଷ ନେଇ ତିଆରି ହୋଇଛନ୍ତି !! ସାର୍ବଜନୀନ ତଥା ସାର୍ବକାଳିକ ହେବାର ପ୍ରୟାସଟିଏ ସାହିତ୍ୟ ଭିତରେ ଲୁଚି ରହିଥାଏ । ଯାହା ଜୀବନକୁ ପ୍ରଭାବିତ କରିଥାଏ । ଯଦି ତାହା ସମ୍ଭବ ହୋଇ ପାରିଲା ନାହିଁ, ତେବେ ଆଉଥରେ ଆମେ ଆମ ନିଜକୁ ନିରେଖିବାକୁ ହେବ ।

ଆପଣମାନଙ୍କୁ ଶାରଦୀୟ ଶୁଭେଚ୍ଛା । ସବୁଥର ଭଳି ଏଥର ମଧ୍ୟ ମା' ଧରାପୃଷ୍ଠକୁ ଆସିଛନ୍ତି । ତୋରଣ, ଆଲୁଅ, ରୂପା କାମ, ସୁନା ମୁକୁଟ, ଆତସବାଜି, ଉଦ୍ଦଣ୍ଡ ଆବେଗ ଓ ନୃତ୍ୟରେ ଝଲସିବ ପୃଥ୍ୱୀ ।

ମାତ୍ର ମଣିଷର ଅଭ୍ୟନ୍ତରରୁ ଏଯାଏଁ ମରିନଥିବା ମହିଷାସୁର ଓ ଜମାରୁ ସରୁନଥିବା ଆସୁରିକ ପ୍ରବୃତ୍ତିକୁ ବିସର୍ଜନ ଦେବା ଆମର ନୈତିକ ଦାୟିତ୍ୱ ହେଉ । ଏତିକି ପ୍ରାର୍ଥନା ।

***- ଜ୍ଞାନୀ ଦେବାଶିଷ***

DOI : https://doi.org/10.5281/zenodo.13924316 ମୂଳ ପ୍ରବନ୍ଧ

# ପ୍ରାଚୀ ଉପତ୍ୟକାରେ ଶକ୍ତି ଉପାସନା

ବିକ୍ରମ ବେହେରା

**ସଂକ୍ଷିପ୍ତସାର :**

ଉତ୍କଳର ଗଙ୍ଗା, ପୁରାଣ ଇତିହାସରେ ଗୁପ୍ତ ସରସ୍ୱତୀ ରୂପେ ପ୍ରାଚୀନଦୀ ପୂର୍ବ ଭାରତରେ ପ୍ରାଚୀନତମ ନଦୀ । ଏହାର ଉତ୍ପତିସ୍ଥଳର ସଠିକତା କହିନହେଲେ ମଧ୍ୟ ପଦ୍ମ ପୁରାଣ ଅନୁସାରେ ଏହି ନଦୀ କପିଳେଶ୍ୱର ମହାଦେବଙ୍କ ଠାରୁ ପ୍ରାଚୀ ନଦୀ ନାମରେ ପରିଚିତ । ଗବେଷକ w.w. Hunter ସାହେବ ୧୮୭୨ ମସିହାରେ ପଦ୍ମପୁରାଣର ଉତ୍ତର ଖଣ୍ଡରେ ଥିବା ପ୍ରାଚୀମାହାତ୍ମ୍ୟ ବିଷୟରେ ଦୁଇଟି ଭଲ୍ୟୁମରେ 'ଓଡିଶା' ଶୀର୍ଷକ ଲେଖାରେ ଲେଖିଛନ୍ତି । ଏହାପରେ K.P Jayaswal, The journal of the Bihar and Orissa Research societ- 1917, vol-iv ରେ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପିରେ ଥିବା "ଉଭୟ ପ୍ରାଚୀତଟେ ରାଜନିବାସଂ ମହାବିଜୟ କାରୟତି" ବିଷୟରେ ଉଲ୍ଲେଖ କରିଛନ୍ତି । ଏହାପରେ କଲିକତା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରଫେସର 'ବାରୁଆ', LSSO. MALLEY, P.K Ray- The Prachi Valley, Archological survey of India – 1974. କୃପାସିନ୍ଧୁ ମିଶ୍ର, ଜଗବନ୍ଧୁ ସିଂହ, ତ୍ରିନାଥ ପଟ୍ଟନାୟକ, ହଂସନାଥ ସାହୁଙ୍କ ମତରେ ପ୍ରାଚୀ ନଦୀ ଧାର ମହାନଦୀ ରୂପ ଧାରଣ କଲାପରେ ପ୍ରାଚୀ ନଦୀର ସ୍ରୋତ କ୍ରମେ କ୍ଷୀଣ ହୋଇଥିଲା । ବ୍ୟାସ ଦେବଙ୍କ ପୁରାଣମାନଙ୍କରେ ପୁରୀ, କୋଣାର୍କ, ଭୁବନେଶ୍ୱର ଓ ପ୍ରାଚୀ ନଦୀ ଉପତ୍ୟାକା ବିଷୟରେ ବର୍ଣ୍ଣନା ଅଛି । ଏଣୁ ପ୍ରାଚୀ ନଦୀ ଓଡିଶାର ବୃହତ୍ତମ ନଦୀମାନଙ୍କ ଠାରୁ ନିଶ୍ଚିନ୍ତ ରୂପେ ପ୍ରାଚୀନ ।

ପ୍ରାଚୀ ବକ୍ଷରେ ସାଧବମାନେ ନୌବାଣିଜ୍ୟ କରୁଥିଲେ । କୋଣାର୍କ ମନ୍ଦିର ନିର୍ମାଣ ନିମନ୍ତେ ସମସ୍ତ ପଥର ଏହି ପ୍ରାଚୀଧାରାରେ ନୌକା ଦ୍ୱାରା ଅଣାଯାଇଥିଲା । ପ୍ରାଚୀ ଉପତ୍ୟାକାରେ ଭାରତୀୟ ହିନ୍ଦୁ ସଭ୍ୟତାର ବିକାଶ ଓ ବିସ୍ତାର ହୋଇଥିଲା । ପରବର୍ତ୍ତୀ ସମୟରେ ଜୈନ, ବୌଦ୍ଧ, ନାଥ, ଶୈବ, ଗାଣପତ୍ୟ, ବୈଷ୍ଣବ ଓ ଶାକ୍ତ ଉପାସନାର ବିକାଶ ହୋଇଥିଲା । ଦୁର୍ଗା, କାଳୀ, ବରାହୀ, ହରଚଣ୍ଡୀ, ରାମଚଣ୍ଡୀ, କୁତାମଚଣ୍ଡୀ, କାତାୟନୀ, ଚଉଷଠୀଯୋଗୀନୀ, ମହାମଙ୍ଗଳା ପ୍ରମୁଖ କ୍ଷେତ୍ରରେ ଶକ୍ତି ଉପାସନାର ସ୍ୱରୂପ ଏବେ ମଧ୍ୟ ଦେଖିବାକୁ ମିଳେ ।

**ପ୍ରମୁଖ ଶବ୍ଦ :** ମାଧବ, ଶମ୍ଭୁ, ହରିହର, ଚଣ୍ଡୀ ଚାମୁଣ୍ଡା, ବରାହୀ, ଦ୍ୱିଭୂଜା, ଚର୍ତୁଭୂଜା, ଅଷ୍ଟଭୂଜା, ଦ୍ୱାଦଶଭୂଜା,ଯୋଗିନୀ, ତନ୍ତ୍ରପୀଠ, ବଜ୍ରଯାନ, ତୀର୍ଥସ୍ଥଳ ।

**ବିଷୟ :**

ନଇଟିର ନାମ ସିନା ପ୍ରାଚୀ କିନ୍ତୁ ତା'ର ସଂସ୍କୃତି ଓ ପରମ୍ପରା ଅତି ପୁରୁଣା । ଉତ୍କଳର ଗଙ୍ଗା, ପୁରାଣ ଇତିହାସରେ ଗୁପ୍ତ ସରସ୍ୱତୀ ପ୍ରାଚୀ ନାମରେ ପରିଚିତ । ପୂର୍ବ ଭାରତର ପ୍ରାଚୀନତମ ନଦୀ ହେଉଛି ପ୍ରାଚୀ । ଏହାର ଉତ୍ପତ୍ତିସ୍ଥଳ କେଉଁଠାରୁ ସଠିକ୍‌ଭାବେ କହିନହେଲେ ମଧ୍ୟ କପିଳେଶ୍ୱର ମହାଦେବଙ୍କଠାରୁ 'ପ୍ରାଚୀନଦୀ' ନାମ ବହନ କରିଥିବା କଥା ସଂସ୍କୃତ ପଦ୍ମପୁରାଣ ବର୍ଣ୍ଣନା କରାଯାଇଛି । ପଦ୍ମପୁରାଣ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.13924318
Article No - BPP00225

**ଯୋଗାଯୋଗ :**
**ଡକ୍ଟର ବିକ୍ରମ ବେହେରା,** ଅଧ୍ୟାପକ, ଓଡିଆ ଭାଷା-ସାହିତ୍ୟ ବିଭାଗ
ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ , ନାଉଗାଁହାଟ, ଜଗତସିଂହପୁର-୧୩
**E-Mail ID:** bikram.behera05@gmail.com
**ORCID ID:** https://orcid.org/0009-0005-5272-7775

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୯.୨୦୨୪ | ୨୫.୯.୨୦୨୪ | ୧.୧୦.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ବିକ୍ରମ; ୨୦୨୪ । : ପ୍ରାଚୀ ଉପତ୍ୟକାରେ ଶକ୍ତି ଉପାସନା । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଛ; ପୃଷ୍ଠା :୯-୧୩ ।

ଅନୁସାରେ ବ୍ରହ୍ମାଙ୍କଠାରୁ ଏହି ତୀର୍ଥ କଥା ସୁଣି କପିଳମୁନି ବିନ୍ଧ୍ୟାଚଳରୁ ଶିଳା ଆଣି ଏଠାରେ ମନ୍ଦିର ତୋଲାଇ ହରଙ୍କୁ ସ୍ଥାପନ କରାଇଥିବାରୁ ଏହି ମନ୍ଦିରର ନାମ କପିଳେଶ୍ୱର ନାମ ବହନ କରିଥିଲା ।

ବ୍ରହ୍ମାଣ୍ଡେ ପ୍ରାଚୀତୀର ସମ , ଭୂତ ଭବିଷ୍ୟେ ନାହିଁ ଆନ ।
ସେ ସ୍ଥାନେ ଯାଇ ତପକର , ଜୀବନ୍ତେ ମୋକ୍ଷ କଲେ ବର
××× ××× ××× ××× ×××
ରୁଦ୍ରସ୍ଥାପନେ ଯେତେଫଳ, ଏକ କଳାକୁ ନୋହେତୁଲ୍ୟ ।
ବିଶେଷ ପ୍ରାଚୀ ସରସ୍ୱତୀ ,କୂଳେ କରିବ ତୁମ୍ଭ କୀର୍ତ୍ତୀ ।
ସେଠାରେ ହରଙ୍କୁ ସ୍ଥାପିତ, କପିଳେଶ୍ୱର ନାମ ଦେବା ।
ବିନ୍ଧ୍ୟାଚଳରୁ ଶିଳା ନିଅ, ସେଠାରେ ମନ୍ଦିର ତୋଳାଅ ।
ବହନ ଶିଳା ଅଣାଇଲେ ,ମନ୍ଦିର ପ୍ରାଚୀ ତୀରେ କଲେ ।
ଅପୂର୍ବ ଲିଙ୍ଗ ସ୍ଥାପିଲେ, କପିଳେଶ୍ୱର ନାମ ଦେଲେ ।

(ପ୍ରା.ମ.ପୃଷ୍ଠା-୧୭)

ଗବେଷକମାନେ ସ୍ୱୀକାର କରିଛନ୍ତି ଯେ, ପ୍ରାଚୀନଦୀର ଧାର ମହାନଦୀ ରୂପ ଧାରଣ ପରେ ପ୍ରାଚୀ ସ୍ରୋତ କ୍ରମେ କ୍ରମେ କ୍ଷୀଣ ହୋଇଗଲା। ମହାନଦୀ, କାଠ ଯୋଡି ଇତ୍ୟାଦି ବିପୁଳ ଜଳସମ୍ଭାର ଯୋଗୁବିଖ୍ୟାତ ହୋଇଗଲେ। ବ୍ରିଟିଶ ଇଞ୍ଜିନିୟରଙ୍କ ମତରେ ନରାଜ ଠାରୁ ପ୍ରାଚୀନଦୀର ଉତ୍ପତ୍ତି। ବ୍ୟାସକୃତ ପୁରାଣମାନଙ୍କରେ ପୁରୀ, ଭୁବନେଶ୍ୱର୍, କୋର୍ଣାକ ଓ ପ୍ରାଚୀ ଉପତ୍ୟାକା ବିଷୟରେ ବର୍ଣ୍ଣନା ଅଛି। ଏଣୁ ପ୍ରାଚୀ ଓଡିଶାର ଅନନ୍ୟା ବୃହତ୍ତମ ନଦୀମାନଙ୍କଠାରୁ ନିଶ୍ଚିତ ରୁପେ ପ୍ରାଚୀନ।

ଏମନ୍ତ ସେମାନଙ୍କ ବାଣୀ, ଶୁଣି ବୋଲନ୍ତି କୁଶପାଣି ।
ସୁଣି ସମସ୍ତେ ସୁରାସୁର, ଅଛନ୍ତି ସରସ୍ୱତୀ ନୀର ।
କମଣ୍ଡଳରୁ ଜଳନେଇ , ସଭାରେ ଦେଖାଇଲେ ନେଇ ।
××× ××× ××× ××× ×××
ମହାନଦୀରେ ହେଲେଖ୍ୟାତ, ସେଠାରୁ ଗନ୍ଧବତୀ ଖ୍ୟାତ ।
ସୁବର୍ଣ୍ଣ ବଳି ମେରୁ ଭେଦି, ବହନ୍ତି ପଥ ମହୋଦୟ ।
ଏରୂପେ ପ୍ରାଚୀସରସ୍ୱତୀ, ପ୍ରଭାବ ଗୁଣେ ହେଲେ ଖ୍ୟାତି ।

(ପ୍ରା. ମ. ପୃଷ୍ଠା-୦୮)

ପ୍ରାଚୀବକ୍ଷରେ ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ସମ୍ଭବ ହୋଇଥିଲା। ପୁରୀ, କୋର୍ଣାକ ଭୁବନେଶ୍ୱରରେ ଯେତେ ସବୁ ମନ୍ଦିର ତୋଳାଯାଇଛି, ସେହି ମନ୍ଦିର ନିର୍ମାଣ ନିମନ୍ତେ ଆବଶ୍ୟକ ବିଭିନ୍ନ ପ୍ରକାର ପଥରମାନ ଏହି ପ୍ରାଚୀ ବକ୍ଷରେ ଭୋଳା ଦ୍ୱାରା ଆସିଥିଲା। ଯାହା ଫଳରେ ଆମେ ଏତେ ସବୁ ଦର୍ଶନୀୟସ୍ଥାନ ଦେଖିବାକୁ ପାଉଛୁ। ପ୍ରାଚୀଉପତ୍ୟାକାରେ ପୂର୍ବ ଭାରତୀୟ ହିନ୍ଦୁ ସଭ୍ୟତାର ବିକାଶ ଓ ବିସ୍ତାର ହେବା ସହିତ ଜୈନ, ବୌଦ୍ଧ ଓ ନାଥଧର୍ମର ବିକାଶ ଓ ପ୍ରସାର ଦିଗରେ ପ୍ରାଚୀ ନଦୀର ଦାନ ଅତୁଳନୀୟ। ପ୍ରାଚୀନଦୀ କୂଳରେ ମହାପୁରୁଷ ଅଚ୍ୟୁତଙ୍କର ତନ୍ତ୍ର ସାଧନର କ୍ଷେତ୍ର ଥିଲା। ଏଠାରେ ସେ ଶୂନ୍ୟସଂହିତା ରଚନା କରିଥିଲେ।

ପ୍ରାଚୀ ଉପତ୍ୟକାରେ ବିଭିନ୍ନ ମଠ, ମନ୍ଦିର ,ତୀର୍ଥ ଆଦି ସ୍ଥାନ ଦେଖିବାକୁ ମିଳେ। କଟକ, ଭୁବନେଶ୍ୱର ରାଜପଥର ଫୁଲନଖରା ଠାରୁ ପ୍ରାଚୀ ନଦୀକୁ ଦେଖିବାକୁ ମିଳେ। ନଈର ଉତ୍ତର ଦିଗ ରେ ଫୁଲନଖରା ଠାରୁ ନିଆଳି, କାକଟପୁର ଦେଇ ଅସ୍ତରଙ୍ଗ ଠାରେ ସମୁଦ୍ରରେ ମିଶିଛି ।ଭୁବନେଶ୍ୱର ଠାରୁ ମଧ୍ୟ ଦୁଇ ତିନୋଟି ରାସ୍ତା ଦେଇ ଆସିଲେ (ଅଡଶପୁର, ନିଆଳି, ବନମାଳିପୁର, ବାଲିପାଟଣା) ପ୍ରାଚୀ ନଦୀକୁ ଦେଖି ହେବ। ପୁରୀ ଠାରୁ ପିପିଲି ରାସ୍ତା ଦେଇ ଆସିଲେ ନିମାପଡା ରାସ୍ତାରେ ପ୍ରାଚୀ ନଦୀ ଦେଖିହେବ। ଏହି ସବୁଠାରୁ ପ୍ରାଚୀକୁ ଭେଟି ହେବ ଓ ତାର କୂଳେ କୂଳେ ଥିବା ଅସଂଖ୍ୟ ଦର୍ଶନୀୟ ସ୍ଥାନକୁ ଦେଖିହେବ।

ଦୁର୍ଗାମାଧବ ଉପାସନା ଆମ ସଂସ୍କୃତି ଓ ପରମ୍ପରା ରେ ବହୁ ପ୍ରାଚୀନ । ବୈଷ୍ଣବ ଓ ଶାକ୍ତ ଧର୍ମର ସମନ୍ୱୟ ଘଟିଛି ଦୁର୍ଗାମାଧବ ଆରାଧନାରେ। ସେଥିପାଇଁ ଶ୍ରୀ ଜଗନ୍ନାଥ ଧର୍ମ ଚେତନାରେ ଚର୍ତୁର୍ଭୁଜ ଦୁର୍ଗା ବିମଳା ଓ ମାଧବ ସ୍ୱରୁପ ଶ୍ରୀ ଜଗନ୍ନାଥ ପୂଜା ପଦ୍ଧତି ଚଳି ଆସୁଛି।

ବିମଳା ହେଉଛନ୍ତି ଭୈରବୀ, ଓ ଶ୍ରୀ ଜଗନ୍ନାଥ ମାଧବହେଉଛନ୍ତି ଭୈରବ। ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ। ଶ୍ରୀ ଜଗନ୍ନାଥ ମନ୍ଦିରର ଭୋଗ ମଣ୍ଡପରେ ଉତର ପାର୍ଶ୍ୱରେ ଏକ ପଥର ଖୋଦିତ ବିଗ୍ରହରୁ ଦୁର୍ଗାମାଧବଙ୍କର ସନ୍ଧାନ ମେଳେ । ଶାରଦୀୟ ଦଶହରା ସମୟରେ ଶ୍ରୀ ମନ୍ଦିରରେ ଷୋହଳଦିନଯାଏ ଦୁର୍ଗାମାଧବ ଏକତ୍ର ପୂଜା ହୁଅନ୍ତି ।

ଜଗନ୍ନାଥୋ ଦେବତାତ୍ର କ୍ଷେତ୍ରଂ ତୁ ପୁରୁଷୋତମମ୍ ।
ଦେବୀ ତୁ ବିମଳା ଦେବୀ ତୀର୍ଥଂ ଚୈବ ମହୋଦଧିଃ । ।

(ଶକ୍ତି ସଂଗମ ତନ୍ତ-୮ ପଟଳ)

ଶ୍ରୀକ୍ଷେତ୍ରରେ ବିମଳା ହେଉଛନ୍ତି କାତ୍ୟାୟିନୀ ବା ସିନ୍ଧୁଦୁର୍ଗା । ଓଡିଶାରେ ଶ୍ରଦ୍ଧାଳୁ ଜନସାଧାରଣ ଦୁର୍ଗାମାଧବଙ୍କୁ ସ୍ମରଣ କରି ଯାତ୍ରା ଆରମ୍ଭ କରିଥାନ୍ତି । ଗଜପତି ପୁରୁଷୋତମଦେବ କାଂଚି ଅଭିମୁଖେ ଯାତ୍ରା କରିବା ସମୟରେ ଦୁର୍ଗାମାଧବ ମୂର୍ତିଙ୍କୁ ଦର୍ଶନ କରି ପ୍ରୟାଣ ହୋଇଥିଲେ । ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି "ତୁ ଯାଇ ରାଜାଙ୍କୁ କହ, ଆମ୍ଭ ଦକ୍ଷିଣ ପାଚେରୀ କୋଣରେ ଦୁର୍ଗାମାଧବ ମୂର୍ତ୍ତି ଦର୍ଶନ କରି ଆମ୍ଭ ପଛେ ଯିବୁ । ଏ ରୂପେ ମହାସୁଆର କହିଲେ, ପାତ୍ରମାନେ ବହୁତ ଭଙ୍ଗାଇ ରାଜାଙ୍କୁ କହିଲେ , ସେ ତାହା ମାନି ଦକ୍ଷିଣ କୋଣେ ଦୁର୍ଗାମାଧବ ମୂର୍ତ୍ତିଙ୍କୁ ଦର୍ଶନ କରି ନିଜେ ବିଜେ କରିଥିଲେ । "

ନବମ ଶତାବ୍ଦୀ ପୂର୍ବରୁ ପ୍ରାଚୀ ଉପତ୍ୟାକାରେ ଦୁର୍ଗାମାଧବ ଉପାସନା ପ୍ରଚଳିତ ହୋଇ ଆସୁଅଛି ।

ଦ୍ୱାଦଶ ହର ମୂର୍ତ୍ତି ତହିଁ । ତୀରେ ନିବାସଛନ୍ତି ରହି, ଦ୍ୱାଦଶ ଅମ୍ବିକା ମୂରତି । ଧରି ପାର୍ବତୀ ସଙ୍ଗେଛନ୍ତି, ଦ୍ୱାଦଶ ମାଧବ ନିବାସ । କରିଅଛନ୍ତି ତୀରେବାସ, (ପ୍ରାଚୀମହାତ୍ମ୍ୟ) ପ୍ରାଚୀ ଉପତ୍ୟାକାର ଦ୍ୱାଦଶ ମାଧବ ହେଉଛନ୍ତି-

୧. କେଶବ ମାଧବ -ଅଡ଼ଶପୁର
୨. ପ୍ରାଚୀମାଧବ -ନୀଳମାଧବ ଶୋଭନେଶ୍ୱର
୩. ବୈକୁଣ୍ଠନାଥ ମାଧବ -ନୂଆପାଟଣା
୪. ନାରାୟଣ ମାଧବ -ମାଧବ
୫. ଯାଜ୍ଞଳି ମାଧବ - ପିତାପଡା
୬. ଦୁର୍ଗାମାଧବ - ମୋଟିଗାଁ
୭. ଲଳିତାମାଧବ -ଚୌରାସୀ
୮. ଗଦାଧର ମାଧବ - ନିଭରଣ
୯. ମାଧବା ନନ୍ଦ -ନରସିଂହପୁର
୧୦. ମାଧନା ନନ୍ଦ -ବଲ୍ଲରା
୧୧. ନୀଳମାଧବ -ମୁଦୁଗଲ
୧୨. ବିରଞ୍ଚି ମାଧବ -ମୁଦୁଗଲ

ଏହା ବ୍ୟତିତ ନଟାବୁ ମାଧବ, ଅମରେଶ୍ୱର ମାଧବ, ମଙ୍ଗଳା ମାଧବ, ଲତାଚରଣ ମାଧବ, ଅନନ୍ତ ମାଧବ-ବିଶ୍ୱମିତ୍ର ମଠ, ପ୍ରଭୃତି କ୍ଷେତ୍ରରେ ୫୦ରୁ ଅଧିକ ମାଧବ ମୂର୍ତ୍ତି ଏ ଅଞ୍ଚଳରେ ବିଭିନ୍ନ ମଠ ମନ୍ଦିରରେ ଦେଖିବାକୁ ମିଳେ । କେବଳ ନିଆଳୀ ଶୋଭନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦଶରୁ ଅଧିକ ମାଧକ ମୂର୍ତ୍ତୀ ଦେଖିବାକୁ ମିଳେ ।

ପ୍ରାଚୀ ଉପତ୍ୟକାରେ ବିଷ୍ଣୁ ଉପସନା ସହିତ ଶକ୍ତି ଉପାସନା ସମନ୍ୱୟ ଦେଖିବାକୁ ମିଳେ । ପ୍ରତ୍ୟେକ ମନ୍ଦିର ରେ ଶକ୍ତି ପୀଠ ଅଛି । ଶକ୍ତିମୟୀ ଦୁର୍ଗାଙ୍କର ଦ୍ୱିଭୁଜା, ଚର୍ତୁଭୁଜା, ଅଷ୍ଟଭୁଜା, ଦଶଭୁଜା ଓ ଦ୍ୱାଦଶଭୁଜା ମୂର୍ତ୍ତି ଦେଖିବାକୁ ମିଳେ । ଏହା ବ୍ୟତୀତ ଚଣ୍ଡୀ, ଚାମୁଣ୍ଡା, ମଙ୍ଗଳା ଓ ବାରାହୀ ମୂର୍ତି ମଧ୍ୟ ଦେଖାଯାଏ । ଏ ସବୁ ପ୍ରଚୀନ ତନ୍ତ୍ର ପୀଠ ପ୍ରାଚୀ ଉପତ୍ୟାକାର ଉପାସନା ତଥା ସାଧନା ସ୍ଥଳ । ସପ୍ତମ ଶତାବ୍ଦୀରୁ ଏଠାରେ ତନ୍ତ୍ର ସାଧନା ହେଉଛି । ଲୁଇପା, ହାଡିପା, ପ୍ରଭୃତି ସିଦ୍ଧଚାର୍ଯ୍ୟମାନେ ପ୍ରାଚୀ କୂଳେ ମଠ ନିର୍ମାଣ କରି ତନ୍ତ୍ର ଓ ଯୋଗ ସାଧନା କରି ଆସିଛନ୍ତି । ସିଦ୍ଧ ସାଧକ ଗୋରେଖନାଥ, ପଞ୍ଚସଖା ଯୁଗର ଅଚ୍ୟୁତାନନ୍ଦ, ଶିଶୁଅନନ୍ତ ଓ ସାଧକ ବାରଙ୍ଗ ଦାସ ପ୍ରଭିତି ପ୍ରାଚୀ ଉପତ୍ୟକାସ୍ଥିତ ସିଦ୍ଧ ବନରେ ତନ୍ତ୍ର ସାଧନା କରିବା ସହିତ ଶକ୍ତି ଆରାଧନା କରିଥିଲେ । ବୈଷ୍ଣବ କବି ଜୟଦେବ ପ୍ରାଚୀ କୂଳସ୍ଥ କେନ୍ଦୁଲି ଠାରେ ଜନ୍ମ ଗ୍ରହଣ କରି ଦୁର୍ଗାମାଧବଙ୍କୁ ଆରଧନା କରନ୍ତିଫା କେନ୍ଦୁଲି ଚଣ୍ଡି ମନ୍ଦିରରୁ ଚଣ୍ଡୀଙ୍କ ସହିତ ମାଧବ ମୂର୍ତ୍ତି ସଂଗ୍ରହ କରାଯାଇଛି । ଏଣୁ ସେ ଗୀତ ଗୋବିନ୍ଦ କାବ୍ୟରେ ଉଲ୍ଲେଖ କରିଛନ୍ତି - "ରାଧା ମାଧବୟୋର୍ଜୟନ୍ତି ଯମୁନା କୂଳେ ରହକେଳୟ । "

ଦ୍ୱିଭୁଜା ମହିଷମର୍ଦ୍ଧିନୀ ଦୁର୍ଗା କାକଟପୁର ନିକଟସ୍ଥ ସୋମେଶ୍ୱର ମନ୍ଦିର ଗାତ୍ରରେ ଏହି ମୂର୍ତ୍ତି ଦେଖିବାକୁ ମିଳେ । ଏହା ଓଡିଶାର ପ୍ରାଚୀନତମ ଦୁର୍ଗା ମୂର୍ତି ବୋଲି ଗବେଷକମାନେ କହିଥାନ୍ତି । ମନ୍ଦିରର ଦକ୍ଷିଣ ପାଶ୍ୱରେ ଥିବା ଗଣେଷଙ୍କ ଠାଣିରେ ଏହି ଦେବୀ ମୂର୍ତ୍ତି ପୂଜା ପାଉଛନ୍ତି । ହାତରେ କାଣ୍ଡଶର ଧାରଣା କରିଛନ୍ତି । ଏହାକୁ ଲଳିତା ଦୁର୍ଗା ବୋଲି କୁହାଯାଏ । ମୂର୍ତ୍ତିର ଗଠନ ଶୈଳୀ ବାସ୍ତବିକ ଲଳିତ । ନିଆଳୀର କୁତାମଚଣ୍ଡୀ ଓ ନରିଶୋ ଗ୍ରାମର ରାମଚଣ୍ଡି ଦ୍ୱିଭୂଜା ଦୁର୍ଗା ଅଟନ୍ତି ।

ଚତୁର୍ଭୁଜ ଦୁର୍ଗା- ନିଆଳୀ ଠାରୁ ଆଠ କି.ମି ଦୂର ମାଧବ ମନ୍ଦିର ନିକଟସ୍ଥ ମୋଟିଆ ଗାଁ ଠାରେ ଏକ ପ୍ରାଚୀନ ଇଟା ନିର୍ମିତ ମନ୍ଦିର ଦେଖିବାକୁ ମିଳେ । ଏହି ମନ୍ଦିର ରେ ଚତୁଭୂଜା ମହିଷାମର୍ଦ୍ଧିନୀ ଦୁର୍ଗା ପୂଜା ପାଉଛନ୍ତି । ନବମ ଶତାବ୍ଦୀରେ ଉକ୍ତ ମୂର୍ତି ନିର୍ମାଣ ହେବା ଭଳି ଜଣା ପଡେ । ଦେବୀଙ୍କ ଅଙ୍ଗ ସୌଷ୍ଟବ ଅତ୍ୟନ୍ତ ମନୋରମ । ଏଭଳି ଚିତା କର୍ଷକ ଦୁର୍ଗା ମୁର୍ତ୍ତି ଅନ୍ୟତ୍ର ଦୃଷ୍ଟି ଗୋଚର ପ୍ରାୟତଃ ହୁଏ ନାହିଁ । ଉପର ଦୁଇ ହାତରେ ଶଙ୍ଖ ଚକ୍ର ଧାରଣ କରିଛନ୍ତି ଓ ତଳ ଦୁଇ ହାତରେ ତ୍ରିଶୁଳ ମୁଷ୍ଟିବଦ୍ଧ କରି ମହିଷାସୁରରେ ଛାତିକୁ ଲକ୍ଷ କରି ମାରୁଛନ୍ତି । ନିକଟରେ ମାଧବ ମନ୍ଦିର ଅବସ୍ଥିତି ଥିବାରୁ ଏହାକୁ ଶ୍ରୀଦୁର୍ଗା ମାଧବ ବୋଲି କୁହାଯାଏ । ଦେବୀଙ୍କ ଆକୃତି ୮'*୬" ଅଟେ ।

ଆଉ ମଧ୍ୟ ଦୁଇଟି ଚତୁର୍ଭୁଜା ମହିଷାମର୍ଦ୍ଧିନୀ ମୂର୍ତି ପ୍ରାଚୀ ଉପତ୍ୟକାର ଭିଁଆଁରାଗଡ ଠାରେ ପୂଜା ପାଉଛନ୍ତି । ତାଙ୍କର ଉପର ଦୁଇଟି ହାତରେ ଚକ୍ର ଓ ଶଙ୍ଖ ଅନ୍ୟ ଦୁଇଟି ହାତରେ ତ୍ରିଶୂଳ ଧରି ମହିଷାସୁରକୁ ବଧ କରୁଛନ୍ତି । ଏଗୁଡିକ ପିତଳ ନିର୍ମିତ ।

ଷଡଭୂଜା ଦୁର୍ଗା - ଷଡଭୂଜା ମହିଷାମର୍ଦ୍ଧିନୀ ଦୁର୍ଗାମୂର୍ତ୍ତି ଅସ୍ତରଙ୍ଗ ଠାରେ ଗ୍ରାମ ଦେବତୀ ରୂପେ ପୂଜା ପାଉଛନ୍ତି । ଏହାଙ୍କ ଆକୃତି ୨'୭"*୧'୩' ଅଟେ । ଦେବୀ ବିଭିନ୍ନ ହସ୍ତରେ ଖଡ୍ଗ, ବାଣ ଧନୁ, ଢାଲ, ତ୍ରିଶୁଳ ଧରି ମହିଷାସୁର ଛାତିରେ ଶୁଳବିଦ୍ଧ କରୁଛନ୍ତି ।

ଅଷ୍ଟଭୂଜା ଦୁର୍ଗା - କାକଟପୁର ନିକଟସ୍ଥ ମଙ୍ଗଳପୁର ଠାରେ ଅଷ୍ଟଭୂଜା ମହିଷାମର୍ଦ୍ଧିନୀ ଦୁର୍ଗା ମୂର୍ତି ଦେଖିବାକୁ ମିଳେ । ବୌଦ୍ଧତାନ୍ତ୍ରିକମାନେ ଏହାକୁ ଆରଧନା କରୁଥିଲେ । ବୌଦ୍ଧ ବଜ୍ରଜାନ ଶାଖାରେ ଏ କୂଳ ଦେବୀ । ଅଷ୍ଟଭୁଜା ମହିଷାମର୍ଦ୍ଧିନୀ ଦୁର୍ଗା ମୂର୍ତି ଆମଣାକୁଦ ନିଆଳି, ରାମେଶ୍ୱର ମନ୍ଦିର ନୁଆହାଟ ଠାରେ ମଧ୍ୟ

ଦେଖିବାକୁ ମିଳେ । ଦେବୀଙ୍କର ଡାହାଣ ହସ୍ତଗୁଡିକରେ ଶଙ୍ଖ, ଚକ୍ର, ବାଣ, ଧନୁ ଏବଂ ବାମ ହସ୍ତଗୁଡିକରେ ଶୂଳ, ଖଡ୍ଗ, ଖେଟକ ଓ ଢାଲ ଧରିଛନ୍ତି ।

ଅଷ୍ଟଭୂଜା ଚାମୁଣ୍ଡା ସୋମେଶ୍ୱର ମନ୍ଦିର ଗାତ୍ରରେ ଓ ମଙ୍ଗଳା ମନ୍ଦିର ଗାତ୍ରରେ ଦେଖିବାକୁ ମିଳନ୍ତି ।

ଦଶଭୂଜା ମହିଷାମର୍ଦ୍ଧିନୀ ଦୁର୍ଗା - ସାଧାରଣତଃ ପ୍ରାଚୀ ଉପତ୍ୟକାର ବିଭିନ୍ନ ପୀଠରେ ଦଶଭୂଜା ଦୁର୍ଗା ପୂଜା ପାଉଛନ୍ତି । ଦେବୀଙ୍କ ଦଶହାତରେ ଦଶ ପ୍ରହରଣ । ଦେବୀଙ୍କ ଦଶ ହସ୍ତରେ ଯଥାକ୍ରମେ ତ୍ରିଶୂଳ ଖଡ୍ଗ, ଚକ୍ର, ଧନୁ, ସର୍ପ, ବାଣ, ଅର୍ଦ୍ଧଚନ୍ଦ୍ର, ଅଙ୍କୁଶ ପାଶ ଓ ଘଣ୍ଟା ଧରିଛନ୍ତି । ଏଭଳି ମୂର୍ତ୍ତି ପ୍ରାଚୀ ଉପତ୍ୟକାର ଆମ୍ରପଡା, ସୋମେଶ୍ୱର, ଅଡଶପୁର ଦଳବାଡ, ପିତାପଡା, ଲତାହରଣ, ନିର୍ଭରଣ ଓ ଶୋଭନେଶ୍ୱର ମନ୍ଦିର ଗାତ୍ରରେ ପୂଜା ପାଉଛନ୍ତି । ଚୈରାସୀ ଠାରେ ପୂଜା ପାଉଥିବା ଦଶଭୂଜା ମହିଷାମର୍ଦ୍ଧିନୀ ଦୁର୍ଗା ମୂର୍ତିଙ୍କ ପାଖରେ ଉକ୍ତ ବାକ୍ୟଟି ଖୋଦିତ ହୋଇଛି । ଯୁବରାଜେନ ଅସ୍ୟ ଭଟ୍ଟାରିକା ଉତ୍କିର୍ଣ୍ଣ ଅର୍ଥାତ୍ ଯୁବରାଜ ଙ୍କ ଦ୍ୱାରା ନିର୍ମିତ ହୋଇଛି । ସେତେବେଳେ ଦୁର୍ଗାଙ୍କୁ ଭଟ୍ଟାରିକା ନାମରେ ପୂଜା କରାଯାଉଥିଲା । ପ୍ରାଚୀ କୂଳରେ ଚାମୁଣ୍ଡା, ମଙ୍ଗଳା, ବରାହୀ ଓ କୁତାମଚଣ୍ଡୀ, ପ୍ରଭୃତି ଦେବୀମାନେ ପୂଜା ପାଉଛନ୍ତି । ଦୁର୍ଗାଙ୍କର ଅନ୍ୟରୂପ ଚାମୁଣ୍ଡା । ଦୁର୍ଗା ଚଣ୍ଡମୁଣ୍ଡ ସଂହାର କଲାବେଳେ ଚାମୁଣ୍ଡାଙ୍କର ସୃଷ୍ଟି । ଅଷ୍ଟମ ଶତାବ୍ଦୀ ରେ ପ୍ରଥମେ ପ୍ରାଚୀ ଉପତ୍ୟକାରେ ଚାମୁଣ୍ଡା ଉପାସନା ଆରମ୍ଭ ହୋଇଥିଲା । ପିତାପଡ ଅଙ୍ଗେଶ୍ୱର ମନ୍ଦିରରେ ଅଷ୍ଟଭୂଜା ଚାମୁଣ୍ଡା କାକଟପୁର ମଙ୍ଗଳା ମନ୍ଦିରରେ ଗାତ୍ର ଦଶଭୂଜା ଚାମୁଣ୍ଡା ନିଆଳୀ ଠାରେ ଦ୍ୱାଦଶ ଭୂଜା ଚାମୁଣ୍ଡା ପୂଜିତ ହେଉଛନ୍ତି ।

ଦ୍ୱାଦଶଭୂଜା ମହିଷମର୍ଦ୍ଦିନୀ ଦୁର୍ଗା - ପ୍ରାଚୀ କୂଳସ୍ଥ ନିଆଳୀ ନିକଟସ୍ଥ ଆମଣାକୁଦ ବାଲିବନ୍ତରେ ଏକ ବାରଭୂଜା ବିରଳ ଦୁର୍ଗାମୂର୍ତି ଦେଖିବାକୁ ମିଳେ । ଲୋକ ମୁଖରେଦେବୀଙ୍କୁ ବାରଭୂଜି ବୋଲି କୁହାଯାଏ । ଦେବୀ ଦ୍ୱାଦଶ ହସ୍ତରେ ଯଥାକ୍ରମେ ତ୍ରିଶୂଳ, ଖଡ୍ଗ, ବାଣ, ଧନୁ, ଢାଲ, ପର୍ଶୁ, ପାଶ, ଅଙ୍କୁଶ, ସର୍ପ, ଖେଟକ ଓ ଚକ୍ର ଧାରଣ କରିଛନ୍ତି । ତା ନିକଟରେ ଅନ୍ୟ ଏକ ପଥର ଖଣ୍ଡରେ ଅଷ୍ଟଭୂଜା ଦୁର୍ଗା ଶୋଭା ପାଉଛନ୍ତି । କାକଟପୁରରେ ପରମ ବୈଷ୍ଣବୀ ମା ମଙ୍ଗଳାଙ୍କ ପୀଠରେ ଶ୍ରୀ ଜଗନ୍ନାଥଙ୍କ ପରମ୍ପରା ସହିତ ସମ୍ପର୍କ ଏଠାରେ ଦୁର୍ଗାମାଧବଙ୍କୁ ଉପାସନା କରାଯାଏ । ନବକଳବର ସମୟରେ ମା ମଙ୍ଗଳା ସପ୍ନାଦେଶ ବଳରେ ତିନି ଠାକୁର ଓ ସୁଦର୍ଶନଙ୍କର ଦାରୁ ନିର୍ଣ୍ଣୟ ହୋଇଥାଏ । ଦେବୀ ଲଳିତାସନରେ ଉପବିଷ୍ଟ । ଉପର ଡାହାଣ ହାତ ପୂର୍ଣ୍ଣଚନ୍ଦ୍ର ଓ ତଳ ଡାହାଣ ହାତରେ ଅକ୍ଷମାଳା । ଉପର ବାମ ହାତରେ ପଦ୍ମଫୁଲ ଓ ତଳ ବାମ ହାତ ଗଣନାରତ ।

ପ୍ରାଚୀ ଉପତ୍ୟକାର ଅନ୍ୟ ଏକ ବିଶିଷ୍ଟ ତନ୍ତ୍ରପୀଠ ତଥା ଶକ୍ତି ପୀଠ ଚୈରାସୀ ବାରାହୀ ମନ୍ଦିର । ଏ ମୂର୍ତି ଅନ୍ୟାନ୍ୟ ବାରାହୀ ମୂର୍ତି ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଚାମୁଣ୍ଡା ଭଳି ବାରାହୀ ମଧ୍ୟ ପୀଠ ଦେବୀ ରୂପେ ପୂଜିତ । ସମ୍ଭବତଃ ଅଷ୍ଟମ ଶତାବ୍ଦୀରେ ଏହି ମୂର୍ତି ନିର୍ମାଣ କରାଯାଇଛି । ମୂର୍ତି ତଥା ମନ୍ଦିରର କାରୁକାର୍ଯ୍ୟ କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ସହିତ ସମାନ । ମୂର୍ତିଙ୍କର ଆକୃତି ୪'୬"୩'୬" ବାରାହୀଙ୍କର ଦୁଇ ହସ୍ତରେ ମତ୍ସ୍ୟ ଓ ମଦ୍ୟପପାତ୍ର ରହିଛି ।

ପ୍ରାଚୀ ଉପତ୍ୟକାରେ ୬୨ଟି ଶୈବପୀଠ, ୧୪ଟି ବୈଷ୍ଣବପୀଠ ଓ ୨୮ ଗୋଟି ଶକ୍ତିପୀଠ ଦେଖିବାକୁ ମିଳେ । ପ୍ରଚୀ ଉପତ୍ୟକାରେ ଆଦ୍ୟାଚଣ୍ଡୀ ମୂର୍ତି ଓ ମନ୍ଦିର ଅଡଶପୁରର ନିକଟସ୍ଥ କେନ୍ଦୁଲି ଗ୍ରାମରେ ଦେକ୍ବାକୁ ମିଳେ । ଏହି ଚଣ୍ଡୀଙ୍କର ଉଚ୍ଚତା ୫' । ଦେବୀ ପଦ୍ମାସନରେ ଉପନିବେଶନ କରିଛନ୍ତି । ଦେବୀଙ୍କ ମୁଣ୍ଡ ଉପରେ ସପ୍ତଫେଣୀ ନାଗ ର ଫଣା ଛତା ଭଳି ଶୋଭା ପାଉଛି । ନିଆଳୀସ୍ଥ ଶୋଭନେଶ୍ୱର ମନ୍ଦିରରେ ନବଯୌବନ, କମନୀୟ ମୁଖକାନ୍ତି ପାର୍ବତୀ, ଚନ୍ଦ୍ରଘଣ୍ଟା ପୂଜା ପାଉଛନ୍ତି ଟୋଲାଗୋପୀନାଥପୁର ଠାରେ ମିରିଚିଚଣ୍ଡୀ, ବିଶିମାତ୍ରୀପୁର ଠାରେ ହରଚଣ୍ଡୀ, କୁରୁବାଳ ପାଟଣା ଠାରେ ବୁଢ଼ୀ ଜାଗୁଳାଇ, କରମଙ୍ଗା ଗ୍ରାମରେ ଚଚଂଳଇ ଠାକୁରାଣୀ, କୁଣ୍ଡିସା ଠାରେ ବଦଳେଇ ଠାକୁରାଣୀ, ଚିତ୍ରା ଗ୍ରାମରେ ଚିତ୍ରଶ୍ୱେରୀ ଓ ସ୍ୱପ୍ନଶ୍ୱେରୀ, ବେଦପୁର ଶାସନରେ ଖଡଶ୍ୱେରୀ, ପାଟେଳି ଗାଁରେ ପାରେଶ୍ୱେରୀ, ବେତଣ୍ଡା ଗ୍ରାମରେ ଭଦ୍ରାଳୀ, କାକଟପୁର ଠାରେ ମଙ୍ଗଳାଙ୍କ ବ୍ୟତୀତ ଆଦିଦେବୀ କାକଟେଇ,ଶ୍ରୀ ଚନ୍ଦନପୁରଠାରେ ଯାଗେଶ୍ୱେରୀ, ପାଟପୁର ସାଢେଙ୍ଗାରେ ବରୁଣେଇ, ଓସିଗାଁ ଠାରେ ଅମ୍ବିକା, ନୂଆଗଡର ବାସୁଳେଇ, ଅସ୍ତରଙ୍ଗ ସୁନ୍ଦରପାସର ଗଙ୍ଗାଦେବୀ ମନ୍ଦିର, କେଶମ୍ଭରା ଗ୍ରାମର ଲଙ୍କାଦେବୀ ପ୍ରଭୃତି ଅନେକ ଦେବୀମନ୍ଦିର ଓ ଦେବୀ ମୂର୍ତି ଦେଖିବାକୁ ମିଳେ ।

ପ୍ରାଚୀ ଉପତ୍ୟକାରେ ଶକ୍ତି ଉପାସନା ବିଧିବଦ୍ଧଭାବେ ହେଉଥିଲା । ଏବେ ବି ଶାରଦୀୟ ଓ ବାସନ୍ତୀ ଦୁର୍ଗା ପୂଜା ଅବସରରେ ଉକ୍ତପୀଠଗୁଡିକ ଉତ୍ସବ ମୁଖର ହୋଇଉଠେ । ଅଧିକାଂଶ ଶକ୍ତିପୀଠ ନିକଟରେ ଶୈବପୀଠ ସଂଯୁକ୍ତ ହୋଇଛି । ତଥାପି ବିଷ୍ଣୁ ଉପାସନାର କ୍ଷେତ୍ରରୂପେ ପ୍ରାଚୀ ଉପତ୍ୟକା ପ୍ରସିଦ୍ଧ । ଦୁର୍ଗା ଓ ମାଧବ ରୂପୀ ଶ୍ରୀ ଜଗନ୍ନାଥଙ୍କର ଉପାସନା ଅନେକ ପୀଠରେ ହେଉଥିବା ଯୋଗୁଁ ପ୍ରାଚୀ ଉପତ୍ୟକା ଦୁର୍ଗାମାଧବ ଉପାସନାର ଏକ ପ୍ରସିଦ୍ଧ । ଦୁର୍ଗା ଓ ମାଧବ ରୂପୀ ଶ୍ରୀ ଜଗନ୍ନାଥଙ୍କର ଉପାସନା ଅନେକ ପୀଠରେ ହେଉଥିବା ଯୋଗୁଁ ପ୍ରାଚୀ ଉପତ୍ୟକା ଦୁର୍ଗାମାଧବ ଉପାସନାର ଏକ ପ୍ରସିଦ୍ଧକ୍ଷେତ୍ର ।

ପ୍ରାଚୀ ନଦୀର କୂଳେ କୂଳେ ଅନେକ ଶିବ ମନ୍ଦିର ଦେଖି ଓ ତା ସହିତ ଜଡ଼ିତ ପୌରାଣିକ ତତ୍ତ୍ୱ ଓ ତଥ୍ୟକୁ ବିଶ୍ଳେଷଣ କଲେ ଏହା ଥିଲା ଦିନେ ଶୈବ କ୍ଷେତ୍ର କହିବାକୁ ହେବ । ପ୍ରାଚୀ ନଦିର ଉପତ୍ୟକାରେ

ଅଷ୍ଟସମ୍ଭୁ ଓ ଦ୍ୱାଦଶହରଙ୍କ ଦର୍ଶନ ମିଳେ ଯଥା- ୧. କପିକେଶ୍ୱର, ୨. ଗୋକର୍ଣ୍ଣେଶ୍ୱର, ୩. ବେଲେଶ୍ୱର, ୪. ଶୋଭନେଶ୍ୱର,୫. ରାମେଶ୍ୱର, ୬. ଅଙ୍ଗେଶ୍ୱର, ୭. ଅମରେଶ୍ୱର ୮. ଗ୍ରାମେଶ୍ୱର, ୯. ସୋମେଶ୍ୱର, ୧୦. ସିଦ୍ଧେଶ୍ୱର, ୧୧. ମୁକ୍ତେଶ୍ୱର, ୧୨. ନେଟେଶ୍ୱର (ନୃପେଶ୍ୱର, ବଦେଶ୍ୱର, ସୋମେଶ୍ୱର,ପିଙ୍ଗେଳେଶ୍ୱର, ଯୋଗେଶ୍ୱର, ସୋମନାଥ, ବିଶ୍ୱନାଥ) ପ୍ରଭୃତି ଅନେକ ଶୈବ ପୀଠ ଦେଖିବାକୁ ମିଳେ କିନ୍ତୁ ପ୍ରାଚୀମହାତ୍ମ୍ୟରେ ଦ୍ୱାଦଶ ହରଙ୍କ ମହିମା ବର୍ଣ୍ଣନା କରାଯାଇଛି ।

ଏକାଧାରାରେ ପ୍ରାଚୀନଦୀ କୂଳେ କୂଳେ ପ୍ରତ୍ୟେକ କ୍ଷେତ୍ରରେ ହରି, ହର, ଦେବୀ କ୍ଷେତ୍ର ଦେଖିବାକୁ ମିଳେ। ଏହି କ୍ଷେତ୍ର ଗୁଡିକକୁ ନେଇ ବିଭିନ୍ନ ତୀର୍ଥସ୍ଥାନ ଦେଖିବାକୁ ମିଳେ ଯଥା - ମୁକ୍ତିତୀର୍ଥ, ମାୟାତୀର୍ଥ, ଯୁକ୍ତିତୀର୍ଥ, ମାତୃକା ତୀର୍ଥ, ପିତୃତୀର୍ଥ, ଅର୍କତୀର୍ଥ, ସଙ୍ଗମତୀର୍ଥ, ଉତ୍ତରାୟଣୀତିର୍ଥ, ସୋମତୀର୍ଥ, ଅଗ୍ନିତୀର୍ଥ, ଗୋତୀର୍ଥ, ଲଳିତାତିର୍ଥ, ପୁରୋରବାତିର୍ଥ, ଚକ୍ରତୀର୍ଥ, ତୈଳତୀର୍ଥ, ମୃତ୍ୟୁତୀର୍ଥ ପ୍ରଭୃତି । ପ୍ରାଚୀ ମହାତ୍ମ୍ୟ ଓ ପଦ୍ମପୁରାଣ ଅନୁସାରେ ଏହି ତୀର୍ଥ ସ୍ଥାନରେ ରାମଚନ୍ଦ୍ର, ରାବଣ, ଇନ୍ଦ୍ର, ବିଭିଷଣ, କର୍ଣ୍ଣଙ୍କ ସହିତ ବହୁ ମୁନି ଋଷିଙ୍କ ଯଥା – ପରାଶର,ଦଧିଚି,ଗୌତମ,ବିଶ୍ୱମିତ୍ର, କପିଳମୁନି, ମାତଙ୍ଗମୁନି, କଣ୍ୱମୁନି, ପ୍ରଭୃତି ମୁନି ଋଷି ବାସକରି ଏହି ତୀର୍ଥର ଗୌରବକୁ ବୃଦ୍ଧି କରିଛନ୍ତି ।

ପ୍ରାଚୀ ହେଉଛି ଯୁଗେ ଯୁଗେ ତୀର୍ଥଶ୍ୱରୀ କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର ତୀର ଦେଶରେ ଅସଂଖ୍ୟ ମଠ, ମନ୍ଦିର ଓ ତୀର୍ଥଭୂମି ଅବସ୍ଥିତ । ଋତୁ ଅନୁସାରେ ଏହି ମଠ, ମନ୍ଦିରମାନଙ୍କରେ ବିଭିନ୍ନ ମେଳା, ଉତ୍ସବ, ପୂଜା ଅନୁଷ୍ଠିତ ହୁଏ । ଯେପରି ଗଙ୍ଗାନଦୀର ମହିମାକୁ ବର୍ଣ୍ଣନା କରି ବ୍ୟାସଦେବଙ୍କ ଦ୍ୱାରା ଗଙ୍ଗାମାହାତ୍ମ୍ୟ ରଚିତ ହୋଇଛି, ସେହିପରି ପ୍ରାଚୀ ନଦୀର ବିଶ୍ୱଷତ୍ୱକୁ ନେଇ ସଂସ୍କୃତ ପଦ୍ମପୁରାଣରେ ପ୍ରାଚୀ ମହାତ୍ମ୍ୟ ଲେଖାଯାଇଛି । ଓଡିଆ ଭାଷାରେ ନବାକ୍ଷରୀ ବୃତ୍ତରେ ପ୍ରାଚୀ ମାହାତ୍ମ୍ୟ ରଚିତ ହୋଇଛି ।

ପ୍ରାଚୀ ମହାତ୍ମ୍ୟରେ ଉଲ୍ଲେଖ ଅଛି, ଦେବ ଦେବ ମହାଦେବଙ୍କ ରେତ ପଡ଼ି ବଡବାନଳ ଜାତ ହେଲା । ଲୋକମାନେ ଭୟରେ ସମୁଦ୍ର ପଥରେ ନୌଯାତ୍ରା କରିପାରିଲେନାହିଁ । ପ୍ରାଣୀ ଜଗତକୁ ବଡବାନଳରୁ ରକ୍ଷା କରିବା ନିମନ୍ତେ ବ୍ରହ୍ମା, ବରୁଣ ଇନ୍ଦ୍ର, ପ୍ରଭୃତି ଦେବଗଣ ଗଙ୍ଗା, ଯମୁନା ଓ ନର୍ମଦା ପ୍ରଭୃତି ବଡ ବଡ ନଦୀମାନଙ୍କୁ ଅନୁରୋଧ କଲେ । ସେମାନଙ୍କ ସ୍ରୋତ ଦ୍ୱାରା ସମୁଦ୍ର ବକ୍ଷରୁ ବଡବାନଳକୁ ଲିଭାଇଦେବା ନିମନ୍ତେ । ମାତ୍ର ସେମାନେ ଏଥିପାଇଁ ଅକ୍ଷମ ହେଲେ । ଶେଷରେ ବ୍ରହ୍ମାଙ୍କ ସହିତ ସମସ୍ତ ଦେବତା ସରସ୍ୱତୀ ନିକଟରେ ପ୍ରାର୍ଥନା କଲେ । ସରସ୍ୱତୀ ଦେବମାନଙ୍କର ଅନୁରୋଧ ରକ୍ଷାକରି ଗୁପ୍ତ ଭାବରେ ପାତାଳରେ ପ୍ରବାହିତ ହୋଇ ପୂର୍ବ ସମୁଦ୍ର ତୀରରେ ପ୍ରକଟିତ ହେଲେ ଏବଂ ସମୁଦ୍ରର ବଡବାନଳ ଲିଭାଇବାରେ ସକ୍ଷମ ହେଲେ ।

ପୂର୍ବମୁଖୀ ହୋଇ ସରସ୍ୱତୀ ପ୍ରବାହିତ ହୋଇଥିବା ଯୋଗୁଁ ତାଙ୍କ ନାମ ପ୍ରାଚୀ ହେଲା । ପ୍ରଚୀ ଉପତ୍ୟକାର ପୌରାଣିକ ଓ ଐତିହାସିକ ଗୁରୁତ୍ୱ ଥିଲେ ମଧ୍ୟ ମଠ, ମନ୍ଦିର ଓ ତୀର୍ଥ ସ୍ଥାନମାନଙ୍କର ସୁରକ୍ଷା ଅଭାବରୁ ଏସବୁ ଧ୍ୱଂସାଭିମୁଖୀ ହେବାକୁ ଯାଉଛି ।

ପ୍ରାଚୀ ସଂସ୍କୃତି ହେଉଛି ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ଅଙ୍ଗାଅଙ୍ଗୀଭାବେ ଜଡିତ । ଶ୍ରୀଜଗନ୍ନାଥଙ୍କର ନବକଳେବର ଦେଖିବାକୁ ମିଳେ । ଦେଉଳୀ ମଠ ଓ ମା ମଙ୍ଗଳା କ୍ଷେତ୍ର ଯାହାକି ପ୍ରାଚୀ ନଦୀ କୂଳରେ ଅବସ୍ଥିତ ।ଏବେ ମଧ୍ୟ ଉପକୂଳ ଅଞ୍ଚଳରେ ପୌରାଣିକ ପ୍ରାଚୀନଦୀ ପ୍ରତି ଜନସମୁଦାୟ ମନରେ ପ୍ରବଳ ଭକ୍ତିଭାବ ଅଛି । ପ୍ରାଚୀ ନଦୀର ପବିତ୍ର ଜଳକୁ ସ୍ପର୍ଶ କଲେ ଗଙ୍ଗାସ୍ନାନ କଲାପରି ଭାବନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ପଟ୍ଟନାୟକ, ଡକ୍ଟର ତ୍ରିନାଥ,ସଂକଳନ- ପ୍ରାଚୀ ମହାତ୍ମ୍ୟ,ଧର୍ମଗ୍ରନ୍ଥ ଷ୍ଟୋର,ଅଲିଶାବଜାର,କଟକ -୨, ୨୦୦୪

୨. ସାହୁ, ହଂସନାଥ,ସମ୍ପାଦନା-ପ୍ରାଚୀ ମହାତ୍ମ୍ୟ, ପ୍ରାଚୀ ସଂସ୍କୃତି ଗବେଷଣା କେନ୍ଦ୍ର,ତୁଳସୀପୁର,ଚାରିଛକ ପୁରୀ-୨୦୦୨

୩. Sahoo, hansanath; The Prachi Valley, Swami sampurna Nanda giri, Hariharananda Gurukulam, Balighai, Puri.

୪. Ray,P.K;Prachi Valley, Archaeological survey report-1974/75


❖ ❖ ❖

DOI : https://doi.org/10.5281/zenodo.13924318

ମୂଳ ପ୍ରବନ୍ଧ

# ନେତି କଳ୍ପ

**ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀ**

ସଂକ୍ଷିପ୍ତସାର:

"ବାଦ"ର ପ୍ରଚଳିତ ଅର୍ଥରେ "ନେତିବାଦ" ଏକ ବାଦ ନୁହେଁ, ଏକ "ବୋଧ" । ସମଗ୍ର ବିଶ୍ୱ ଗର୍ଭିକ ଦର୍ଶନର ଇତିହାସରେ "ନେତିବାଦ" ନାମରେ କୌଣସି ଏକ ସ୍ୱତନ୍ତ୍ର "ବାଦ" ଆଜି ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ । ସଂସ୍କୃତ ସାହିତ୍ୟରୁ 'ନେତି' ଶବ୍ଦଟିର ଉତ୍ପନ୍ନ । ସଂସ୍କୃତରେ 'ନ' ଶବ୍ଦ ହେଉଛି 'ନାହିଁ'ର ସୂଚକ । 'ନ' ସହ 'ଇତି'ର ସଂଯୋଗରେ 'ନେତି' ଶବ୍ଦର ଉଦ୍‌ଭବ; ଯାହାର ଅର୍ଥ 'ଏହ ନୁହେଁ' (Not this) । ଏହାକୁ ପୁଣି ବିଭିନ୍ନ ପ୍ରବକ୍ତା ଭିନ୍ନ ଭିନ୍ନ ଭାବରେ ବ୍ୟାଖ୍ୟା କରିବାକୁ ଚାହିଁଛନ୍ତି । କେତେକ 'no, no' (ନୁହେଁ, ନୁହେଁ) କହୁଥିଲାବେଳେ ଆଉ କେତେକ "Not so, Not so" (ଏପରି ନୁହଁ, ସେପରି ନୁହଁ) ବୋଲି କହିଛନ୍ତି । ପୁଣି ଆଉ କେତେକ ପ୍ରବକ୍ତା "Not this, not that" (ଏହା ନୁହେଁ, ତାହା ନୁହେଁ) ରୂପେ 'ନେତି' ଶବ୍ଦଟିକୁ ବ୍ୟାଖ୍ୟା କରୁଥିବା ବେଳେ କେତେକ "Not this, not this" (ଏହା ନୁହେଁ ଏହା ନୁହେଁ) ବୋଲି ମଧ୍ୟ କହିଛନ୍ତି । ସେ ଯା'ହେଉନା କାହିଁକି, ମୋଟାମୋଟି ଭାବରେ 'ନେତି' megationର ଯେ ସୂଚକ, ଏହା ସ୍ପଷ୍ଟ ପ୍ରମାଣିତ ହେଉଛି । ବେଦାନ୍ତ ଦର୍ଶନରେ 'Neti Neti' ସଂପର୍କରେ ଏହିପରି ଉଲ୍ଲେଖ ଅଛି-ବ୍ରହ୍ମ ଏକ ଓ ଅବିଭାଜ୍ୟ, ବସ୍ତୁ ଜଗତର ଆକାର ଓ ପ୍ରକାର ଭେଦ ଅନୁସାରେ ବ୍ରହ୍ମର ସ୍ୱରୂପକୁ ବିଭାଜିତ କରାଯାଇନପାରେ । ବରଂ ସକଳ ଇନ୍ଦ୍ରିୟାନୁଭବ ଭିତରେ କଳନା କରିହେଉଥିବା ବସ୍ତୁଜଗତ ସେହି 'ବ୍ରହ୍ମ'ର ଏକ ଏକ ପ୍ରତୀକ ମାତ୍ର ! କିଂତୁ କୌଣସି ପ୍ରତୀକଟି ବ୍ରହ୍ମର ସଂପୂର୍ଣ୍ଣ ସ୍ୱରୂପକୁ ପ୍ରକାଶ କରିପାରେ ନାହିଁ । ଏହି ବିରୋଧାଭାଷ ହିଁ 'ନେତିବାଦ'ର ମୂଳକଥା ।

ପ୍ରମୁଖ ଶବ୍ଦ: ନେତି, ନେତିବାଦ, ବ୍ରହ୍ମ, ଜଗତିକରଣ, ମୃତ୍ୟୁ ବୋଧ, ନିଃସଙ୍ଗତା, ବିଚ୍ଛିନ୍ନତାବୋଧ ।

ବେଦାନ୍ତୀୟ ନେତିବାଦୀମାନେ ତାଙ୍କ ଦର୍ଶନରେ ବସ୍ତୁଜଗତର କୌଣସି ରୂପକଳ୍ପକୁ ବ୍ରହ୍ମା ସଂପୂର୍ଣ୍ଣ ସ୍ୱରୂପ ରୂପେ ସ୍ୱୀକାର କରିନାହାନ୍ତି । ତେଣୁ ବ୍ରହ୍ମର ଅନ୍ୱେଷା ସେମାନଙ୍କ ନିକଟରେ ବସ୍ତୁଜଗତର ଏକ ନେତିକରଣ ପ୍ରକ୍ରିୟା । ବେଦାନ୍ତଯୁଗରୁ ଆଜି ପର୍ଯ୍ୟନ୍ତ ସେହି ପ୍ରକ୍ରିୟାଟି ଭିନ୍ନ ଭିନ୍ନ ଧାରଣା ଦେଇ ଗଡ଼ିଆସିଛି । ସ୍ଥାନ ଓ କାଳ ଭେଦରେ ସେହି ନେତିକରଣ କେତେବେଳେ ରୂପାନୁଭୂତିର ବିରୋଧ ତ କେତେବେଳେ ଅରୂପାନୁଭୂତିର ବିରୋଧ କରିଛି । ପ୍ଲାଟୋ ପ୍ରମୁଖ ଆଦର୍ଶବାଦୀମାନେ 'ଅରୂପ'କୁ ମୁଖ୍ୟ ଓ 'ରୂପ'କୁ ଗୌଣ ବୋଲି ବିବେଚନା କରି "Essence preceeds existence" କହିଲାବେଳେ ସାର୍ତ୍ତ ପ୍ରମୁଖ ସ୍ଥିତିବାଦୀମାନେ "Existence Preceeds Essence" କହି 'ରୂପ'କୁ ଅଧିକ ଗୁରୁତ୍ୱ ଦେଇଛନ୍ତି ।

ଆଗରୁ କହିରଖିବା ଉଚିତ ହେବ ଯେ, ବେଦାନ୍ତ ସୂତ୍ରର ନେତିକଳ୍ପଟି ଉକ୍ତ ସନ୍ଦର୍ଭର ଉପଜୀବ୍ୟ ନୁହେଁ; ସାହିତ୍ୟ କ୍ଷେତ୍ରରେ ଯୁଗାନୁବର୍ତ୍ତିତା ଜରିଆରେ 'ନେତି'ର ଧାରଣା ବ୍ୟାପକ ହୋଇଛି । ସମଗ୍ର ବିଶ୍ୱଗର୍ଭିକ ସାହିତ୍ୟ ଇତିହାସରେ ଏହା ଧର୍ମ ଧାରଣା, ଜ୍ଞାନ

**ଯୋଗାଯୋଗ :**
**ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀ**
ଅବସରପ୍ରାପ୍ତ ଆସୋସିଏଟ୍ ପ୍ରଫେସର
**E-Mail ID:** pradyumna.spk@gmail.com
**ORCID ID:** https://orcid.org/0009-0008-3662-2051

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୯.୨୦୨୪ | ୨୫.୯.୨୦୨୪ | ୧.୧୦.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସେନାପତି, ପ୍ରଦ୍ୟୁମ୍ନ କେଶରୀ; ୨୦୨୪ । ନେତି କଳ୍ପ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଛ; ପୃଷ୍ଠା :୧୪-୧୮ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.13924318
Article No - BPP00226

ବିଜ୍ଞାନ, ଦର୍ଶନ, ସମାଜତତ୍ତ୍ୱ, ଅନୁଶାସନାଦି ଶୃଙ୍ଖଳାରୁ ଭୂମିଷ୍ଠ ଭିନ୍ନ ଭିନ୍ନ ବିରୋଧାଭାସକୁ ନେଇ କ୍ରମଶଃ ପୁଷ୍ଟ ତଥା ପ୍ରସାରିତ ହୋଇଛି ।

ପରମାର୍ଥ ପ୍ରତି ଅତ୍ୟଧିକ ଉନ୍ମୁଖ ହେବା ପରିଣତିରେ ପୁଣ୍ୟବୋଧ ପ୍ରାଚୀନ ପନ୍ଥୀ-ନୀତିବାଦୀ ତଥା ଆଦର୍ଶବାଦୀମାନଙ୍କ ସାମଗ୍ରିକ ବିଚାର ଶକ୍ତି ଉପରେ ସବାର ହୋଇଥିଲା । ତାହା ଥିଲା ସେମାନଙ୍କ ପାଇଁ ଜୀବନର ଶୁଭ୍ର ଆଲୋକିତ ଦିଗ । ସେମାନେ ଏହା ଦ୍ୱାରା ମଣିଷର ପ୍ରବୃତ୍ତିଗତ ଜୀବିଧର୍ମ ପ୍ରତି ବଡ଼ ବିମୁଖ ଥିଲେ ଓ ମାନବାତ୍ମାର ଉପଲବ୍ଧି କ୍ଷେତ୍ରରେ ଇନ୍ଦ୍ରିୟ ପରାୟଣତାକୁ ଅସ୍ୱୀକାର କରୁଥିଲେ। କିନ୍ତୁ ୟୁରୋପୀୟ ନେତିବାଦୀମାନେ ଜୀବନର ଅନ୍ଧକାର ଦିଗକୁ ଜୀବନ ପ୍ରବୃତ୍ତିର ମୂଳ ଓ ମୌଳିକ ଦିଗ ବୋଲି ଉପଲବ୍ଧି କଲେ।

ଏହାଦ୍ୱାରା ପାପ-ପୁଣ୍ୟ ମଧ୍ୟରେ ଥିବା ବ୍ୟବଧାନ ସଂକୁଚିତ ହେଲା। ଡାର୍‌ଉଇନ୍, ହୋପ୍‌ସ, କାର୍ଲମାର୍କସ, ଫ୍ରୟେଡ୍ ପ୍ରମୁଖ ଜଡ଼ବାଦୀ ଦାର୍ଶନିକମାନେ ନୀତିବାଦୀମାନଙ୍କର ପୁରୁଣା ବିଶ୍ୱାସକୁ ଭାଙ୍ଗିପକାଇଲେ। ଏହା ଫଳରେ ଯେଉଁ ନବ ଚେତନାର ସୂତ୍ରପାତ ହେଲା, ତାହା ପରବର୍ତ୍ତୀ ସାହିତ୍ୟାଦର୍ଶକୁ ପ୍ରଭାବିତ କରିବା ଏକାନ୍ତ ସ୍ୱାଭାବିକ।ତେଣୁ ବିଗତ ପାଂଚ ଶହ ବର୍ଷର ଚିନ୍ତା ବିପ୍ଳବର ଇତିହାସରେ ଯେଉଁସବୁ ବାଦଗୁଡ଼ିକ ସମଗ୍ର ବିଶ୍ୱରେ ମୁଣ୍ଡଟେକିଛି, ସେହିସବୁ ବାଦଗୁଡ଼ିକର ଆବେଦନର ନଙର୍ଥକ ଦିଗମାନଙ୍କୁ ଉକ୍ତ ସନ୍ଦର୍ଭରେ "ନେତିବାଦ" ରୂପେ ଗ୍ରହଣ କରାଯାଇଛି। ଅତ୍ୟଧିକ ଆଦର୍ଶବାଦୀ ଭାବଧାରାକୁ ବିରୋଧକରି, ସାହିତ୍ୟ କ୍ଷେତ୍ରରେ, ବାସ୍ତବବାଦୀ ଅନୁଚିଂତାର ପ୍ରତିଷ୍ଠା ପରିପ୍ରେକ୍ଷୀରେ ପ୍ରାକ୍ତନ ରୁଚି, ଆଦର୍ଶ, ମୂଲ୍ୟବୋଧ ଓ ଧର୍ମଧାରଣା ପ୍ରତି ଆଧୁନିକ ସାହିତ୍ୟ ଯେଉଁସବୁ ପ୍ରତିକ୍ରିୟା ପ୍ରକଟିତ କରିଆସିଛି, ତାହା ହିଁ ବସ୍ତୁତଃ ଏ ସନ୍ଦର୍ଭର ଆଲୋଚ୍ୟ ବିଷୟ। ତେବେ ଆମର ଆଲୋଚନା କବିତା ସଂପର୍କୀୟ ହୋଇଥିବାରୁ ସ୍ୱଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ଏଇ ନେତିବୋଧ କିପରି ପ୍ରକାଶ ପାଇଛି ଏଠାରେ ତାହା ହିଁ ବିଚାର୍ଯ୍ୟ।

ପ୍ରାକ୍-ସ୍ୱାଧୀନତା କାଳର ଓଡ଼ିଆ କବିତାରେ ଆମେ ଯେଉଁ ବାସ୍ତବବାଦୀ ଚେତନାର ଚମତ୍କାରିତା ଇତସ୍ତତଃ ଭାବରେ ଲକ୍ଷ୍ୟକରୁ ତାହା ଯଦିଓ ପ୍ରତ୍ୟକ୍ଷ ଭାବେ ନେତିବାଦୀ କାବ୍ୟଚେତନା ନୁହେଁ, ତଥାପି ନେତିବାଦୀ କାବ୍ୟଚେତନାକୁ ଜନ୍ମ ଦେବା ପାଇଁ ଏହା ଏକ ପୃଷ୍ଠଭୂମି ରୂପେ କାର୍ଯ୍ୟ କରିଛି। ନିରପେକ୍ଷ ଭାବରେ ବିଚାର କରି ଦେଖିଲେ, ଏହା ସହଜରେ ଉପଲବ୍ଧ ହେବ ଯେ, ବାସ୍ତବବାଦୀ ଚେତନା ଯୋଗୁ ହିଁ ସାହିତ୍ୟ ପୃଥିବୀକୁ ସର୍ବତୋଭାବେ ସ୍ୱୀକାର କରିପାରିଛି। ମଣିଷ ସହିତ ମଣିଷ ସଂପର୍କର ନିବିଡତା (Human Concern) ତାର ଅଂଧ ଆଦର୍ଶବାଦୀତାକୁ ସ୍ୱତଃ ଊଣା କରିଦେଇଛି।

ପ୍ରଗତିବାଦୀ ଚେତନା; ଯାହା ସର୍ବହରା, ନିପୀଡ଼ିତ ମାନବ ଜାତିକୁ ସ୍ୱୀକାର କରିଛି, ଅନ୍ୟପକ୍ଷରେ ତାହା କାଳକାଳଧରି ରହି ଆସିଥିବା ସାମନ୍ତମାନଙ୍କର ଧର୍ମ ଓ ଈଶ୍ୱର ସଂପର୍କିତ ବିଶ୍ୱାସ ପ୍ରତି ଘୋର ଅଶ୍ରଦ୍ଧ ହୋଇଛି। ପଚାଶ ଷାଠିଏ ଦଶକବେଳକୁ ଯୌଥ ପରିବାର କ୍ରମଶଃ ଭାଙ୍ଗିପଡ଼ିଛି ଓ ମଣିଷ ପ୍ରକୃତ ଅର୍ଥରେ ଏକଲା ହୋଇ ପଡ଼ିଛି। ଫଳରେ ପ୍ରଗତିବାଦୀ ଚେତନା ପରବର୍ତ୍ତୀ ନେତିବାଦୀ ଓ ବ୍ୟକ୍ତିବାଦୀ ଚେତନାର ପୃଷ୍ଟ ପ୍ରେରଣା ରୂପେ ଯଥେଷ୍ଟ ସହାୟକ ହୋଇଛି; ଯାହା ପରଂପରାକୁ ନୁହେଁ, ପୃଥିବୀକୁ, ଧର୍ମକୁ ନୁହେଁ, ମଣିଷର ବାସ୍ତବ ଜୀବନକୁ ଶ୍ରଦ୍ଧାନ୍ୱିତ ସ୍ୱୀକୃତି ଦେବାର ଧାରା ଫିଟାଇପାରିଛି।

ସୁତରାଂ "ନେତିବାଦ" ବୋଲି ଏକ ବିଧିବଦ୍ଧ ବାଦ (Ism) ପ୍ରକୃତରେ ବିଶ୍ୱର ସାମାଜିକ ଚେତନା ଓ କାବ୍ୟାଦର୍ଶ ପରିପ୍ରେକ୍ଷୀରେ ସୃଷ୍ଟି ନ ହୋଇଥିଲେ ହେଁ ଏହି ଚେତନାର ଉତ୍ସ ବିଶ୍ୱର ବହୁ ଭାବଧାରାରେ ରହିଛି। ଯଥା: ମାନବତାବାଦ (Humanism) ପ୍ରକୃତିବାଦ (Naturalism) ମାର୍କସବାଦ (Marxism) ବାସ୍ତବବାଦ (Realism) ଓ ସ୍ଥିତିବାଦ (Existentialism); ଏହିସବୁ ଭାବଧାରା ବିଂଶ ଶତାବ୍ଦୀର ସାହିତ୍ୟାଦର୍ଶକୁ ଯେପରି ପୁଷ୍ଟକରିଛି, ତାହା ଏହି ନେତିବାଦୀ ସ୍ୱରକୁ ବରଂ ଅଧିକ ଗମ୍ଭୀର ଓ ପ୍ରତ୍ୟକ୍ଷ କରିଛି। ଏ ସନ୍ଦର୍ଭର ପ୍ରଥମ ଓ ଦ୍ୱିତୀୟ ପରିଚ୍ଛେଦରେ ନେତିବାଦର ସ୍ୱରୂପ ଆଲୋଚନା ପରି ପ୍ରେକ୍ଷୀରେ ଉଲ୍ଲିଖିତ ଭାବଧାରାର ପ୍ରାସଙ୍ଗିକ ଓ ପ୍ରାମାଣିକ ବ୍ୟାଖ୍ୟା କରାଯାଇଛି ।

ସ୍ୱାଧୀନୋତ୍ତର ଓଡ଼ିଆ କବିତାରେ ଆଧୁନିକତାର ପ୍ରକୃତ ପ୍ରବର୍ତ୍ତକ ହେଉଛନ୍ତି କବି ସଚ୍ଚିଦାନନ୍ଦ ରାଉତରାୟ। ସେ ଏପରି ଜଣେ କବି; ଯାହାଙ୍କ କବିତାରେ ପ୍ରାକ୍ତନ କାବ୍ୟାଦର୍ଶ ସହିତ ଆଧୁନିକ କାବ୍ୟାଦର୍ଶର ସଂଘର୍ଷ ଓ ସମନ୍ୱୟର ରୂପ ଓ ଗତିଧାରା ପ୍ରତ୍ୟକ୍ଷ ଭାବରେ ଶିଳ୍ପାୟିତ ହୋଇଛି। କବି ଶ୍ରୀ ରାଉତରାୟ ଧର୍ମ ଓ ଭଗବାନଙ୍କ ସହିତ ନିଜର ସମ୍ବନ୍ଧ ସ୍ଥାପନ ନ କରି, କରିଛନ୍ତି ବରଂ ଏହି କ୍ଳେଦାକ୍ତ ପୃଥିବୀର ଅଗଣିତ ମଣିଷମାନଙ୍କ ସହିତ। ଭାଗ୍ୟ ଓ ଭଗବାନଙ୍କୁ ଅସ୍ୱୀକାର କରି ମଣିଷକୁ ସ୍ୱୀକାର କରିବାର ଏ ପ୍ରକାର ପ୍ରେମ-ପ୍ରବଣତା ପାଶ୍ଚାତ୍ୟ ସାହିତ୍ୟରେ ଏହାର ବହୁପୂର୍ବରୁ ପରିଲକ୍ଷିତ ହୁଏ । ଟମାସ୍ ହାର୍ଡି (୧୮୪୦-୧୯୨୮)ଙ୍କ ଉପନ୍ୟାସମାନଙ୍କରେ ଭାଗ୍ୟବାଦୀ ଅନୁଚିଂତା ସବୁଠାରୁ ଅଧିକ ପ୍ରାଧାନ୍ୟ ଲାଭ କରିଥିଲେ ହେଁ ତାଙ୍କର ଛୋଟ ଛୋଟ ଗୀତିକବିତାରେ "Spirit of Negation" (ନେତିବାଦୀ ଝଲକ) ଅତ୍ୟନ୍ତ ସମୁଜ୍ଜ୍ୱଳ। ଏ ପ୍ରସଙ୍ଗରେ କବିଙ୍କର "God's funeral"

କବିତାରୁ ଗୋଟିଏ ପଂକ୍ତି ଦୃଷ୍ଟାନ୍ତ ସ୍ୱରୂପ ଉଦ୍ଧାର କରାଯାଇପାରେ:

"And they composed a crowd of whom some were right good, and many nighthe best... Thus dazed and puzzled' twixt the gleam and gloom Mechanically I followed with the test." (୫)

ସନ୍ଦୀହାନ ମଣିଷମାନଙ୍କ ଭିଡ଼ ଭିତରେ ଈଶ୍ୱରଙ୍କ ଶବଦାହର ଦୃଶ୍ୟ "ସଂଶୟଗ୍ରସ୍ତ ଆଧୁନିକ ମଣିଷର ଚେତନା ଭିତରେ ଈଶ୍ୱରହୀନତା ଓ ଈଶ୍ୱର ବିରୋଧୀ ଚିନ୍ତାଧାରା"କୁ ଅତି ଚମତ୍କାର ଭାବରେ ବ୍ୟଂଜିତ କରୁଛି । ଅନ୍ୟ ଲୋକମାନଙ୍କ ଗହଳିରେ କବି ବା କାବ୍ୟନାୟକ ନିଜର ଅବବୋଧଗତ ଭିନ୍ନତା ସତ୍ତ୍ୱେ ଏକ ନୀରବ ଦ୍ରଷ୍ଟା ରୂପେ ଦଣ୍ଡାୟମାନ ହେବାଟା ଆଧୁନିକ ମିଣିଷର ଅସହାୟବୋଧକୁ ମଧ୍ୟ ବ୍ୟକ୍ତ କରୁଛି ।

ଓଡ଼ିଆ ସାହିତ୍ୟରେ ଆଧୁନିକ କାବ୍ୟଚେତନାର ପ୍ରବର୍ତ୍ତକ-କବି ଶ୍ରୀ ରାଉତରାୟଙ୍କ କବିତା ଏକ ଉଚ୍ଚତର ମାନବିକ ଆବେଦନରେ ଭାସ୍ୱର । କାରଣ ଆଜିର ନେତିବାଦୀ କବିଟି ବେଶ୍ ଭଲ ଭାବରେ ହୃଦୟଙ୍ଗମ କରେ ଯେ, ମାନବିକ ସମ୍ବେଦନଶୀଳତା ହିଁ କବିତାର ଭାବ ଓ ଭାଷାକୁ ଅଧିକ ଜୀବନ୍ତ ଓ ଗତିଶୀଳ କରିଥାଏ ।(୬)ମାତ୍ରାଧିକ ଆଦର୍ଶବାଦୀ ଭାବଧାରାକୁ ବିରୋଧ କରି ବାସ୍ତବବାଦୀ ଅନୁଚିଂତାର ପ୍ରତିଷ୍ଠା ଭିତ୍ତିରେ ପ୍ରକୃତ ଜୀବନ ଜିଜ୍ଞାସା ହିଁ ସାଂପ୍ରତିକ ଆଧୁନିକ କବିର ଲକ୍ଷ୍ୟ ।

ଆଧୁନିକ ମଣିଷ ଯେଉଁ ବିଶେଷ ମାନସିକ ତଥା ଆଧ୍ୟାତ୍ମିକ ସଂକଟର ସମ୍ମୁଖୀନ ହୋଇଛି, ତା'ର ପରିବ୍ୟାପ୍ତ ସୂଚନା ଏ ଶତାବ୍ଦୀରେ ଫ୍ରେଡ୍‌ରିକ୍ ନିତ୍‌ସେ (Frederich Nietzsche) ଜାଁପଲ୍ ସାର୍ତ (Jean Paul Sartre) ଓ ସୋରେନ୍ ବିର୍‌କେଗାର୍ଡ (Soren Kierke Gaurd) ପ୍ରମୁଖ ତାଙ୍କ ସାହିତ୍ୟ ଜରିଆରେ ଦେଇଛନ୍ତି । ମଣିଷର ସ୍ୱାତନ୍ତ୍ର୍ୟ ଓ ତଦ୍‌ଜନିତ ବ୍ୟକ୍ତି ସ୍ୱାଧୀନତାକୁ ଏମାନେ ଯେପରି ଭାବରେ ଗୁରୁତ୍ୱ ଦେଇଛନ୍ତି, ତାହା ପ୍ରକୃତରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶାଳ ମଣିଷ ଜାତିର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିପରିଛି ।(୭)

ଦ୍ୱିତୀୟତଃ, ସେ ସମୟରେ ସମାଜର ନାନା ପ୍ରକାର ସାମନ୍ତବାଦୀ ବ୍ୟବସ୍ଥା ଓ ଅଂଧ ଧର୍ମବିଶ୍ୱାସ ଯେପରି ଭାବରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତାକୁ ନଷ୍ଟ କରୁଥିଲା, କାର୍ଲ ମାର୍କସ (Karl Marx)ଙ୍କ ପରି ଚିନ୍ତାନାୟକ ଠାରୁ ଆରମ୍ଭ କରି କାମ୍ୟୁ, କାଫ୍‌କାଙ୍କ ପର୍ଯ୍ୟନ୍ତ ବହୁ ସାହିତ୍ୟିକ ତା' ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସଂଗେ ସଂଗେ ନିଜକୁ ଜଣେ ଜଣେ ନେତିବାଦୀ ଭାବରେ ସାବ୍ୟସ୍ତ କରିଛନ୍ତି । ଏହି ପ୍ରବକ୍ତାମାନଙ୍କ ଦ୍ୱାରା ପୁଷ୍ଟ ନେତିବାଦୀ ଚିନ୍ତାଧାରାକୁ ଉକ୍ତ ପୁସ୍ତକରେ ଅଧିକ ଗୁରୁତ୍ୱ ଦେଇ ବିଚାର କରାଯାଇଛି ।

ଆଧୁନିକ ଓଡ଼ିଆ କବିତାରେ ନେତିବାଦୀ କାବ୍ୟ ଚେତନାର ଉନ୍ମେଷ ଓ ଉତ୍ତରଣ ଉଭୟ ୟୁରୋପୀୟ ଓ ଭାରତୀୟ ସାହିତ୍ୟାଦର୍ଶ ପରିପ୍ରେକ୍ଷୀରେ କିଭଳି ସମ୍ଭବ ହୋଇଛି, ତାହାକୁ ସମୟ କ୍ରମିକ୍ରତା ଭିତ୍ତିରେ ଚିହ୍ନଟ କରିବାର ପ୍ରୟାସ ଯଥା ସମ୍ଭବ ଏଥିରେ କରାଯାଇଛି । ୟୁରୋପୀୟ ସମାଜ ବ୍ୟବସ୍ଥା ଓ ତା'ର ବିବର୍ତ୍ତିତ ଇତିହାସ ଅବଶ୍ୟ ଆମ ଦେଶର ସମାଜ ବ୍ୟବସ୍ଥାଠାରୁ ବିଭିନ୍ନ କାରଣରୁ ପୃଥକ । ଦୁଇ ଦୁଇଟି ବିଶ୍ୱଯୁଦ୍ଧର କରାଳତା ଓ ତା'ର ପ୍ରତ୍ୟକ୍ଷ ପ୍ରଭାବ ୟୁରୋପୀୟ ଭୂଖଣ୍ଡରେ ଯେଉଁ ଆଧ୍ୟାତ୍ମିକ ଓ ମାନସିକ ସଂକଟର କାରଣ ରୂପେ ସେ ଦେଶର ସାହିତ୍ୟିକ ମୂଲ୍ୟବୋଧକୁ ଦୋହଲାଇ ଦେଇଥିଲା, ତାହା ଆମ ଦେଶର ସାମାଜିକ ଚେତନା ଓ ପରିବେଶରେ ଅବଶ୍ୟ ସିଧାସଳଖ ଭାବରେ ବିଚାର୍ଯ୍ୟ ନୁହେଁ ।

ତେବେ ସାଂପ୍ରତିକ ସାହିତ୍ୟ କୌଣସି ନିର୍ଦ୍ଦିଷ୍ଟ ଆଂଚଳିକତାର ସୀମା ସରହଦ ଭିତରେ ଆବଦ୍ଧ ରହିନାହିଁ, ଅଧିକଂତୁ ସମସ୍ତ ଭୌଗଳିକ ବାଧା ବନ୍ଧନ ଅତିକ୍ରମ କରି ଆଧୁନିକ ସାହିତ୍ୟ ଆନ୍ତର୍ଜାତିକ ଭାବଭୂମି ଉପରେ ଏକ ପାରସ୍ପର୍ଯ୍ୟାତ୍ମକ ଚେତନାର ବଳୟ ସୃଷ୍ଟି କରିବାରେ ପ୍ରୟାସୀ ହୋଇଛି । ସେ ଦୃଷ୍ଟିରୁ ୟୁରୋପୀୟ ନେତିବାଦୀ ଚେତନାର ଅପ୍ରତ୍ୟକ୍ଷ ପ୍ରଭାବ କମ୍ ବେଶୀରେ ଆଧୁନିକ ଓଡ଼ିଆ ସାହିତ୍ୟରେ ପରିଲକ୍ଷିତ ହେବା ଆଦୌ ଅସଂଗତ ନୁହେଁ ।

ସାଂପ୍ରତିକ ସମୟରେ ଜଗତିକରଣ (Globalization) ଓ ଉଦାରୀକରଣ (Liberalization) ପ୍ରକ୍ରିୟାରେ ବିଶ୍ୱର ପ୍ରାୟ ସମସ୍ତ ପ୍ରାନ୍ତରେ ମଣିଷର ଜୀବନଧାରା ପ୍ରାୟ ଏକ ପ୍ରକାରର ହୋଇ ସାରିଛି । ସ୍ଥାନୀୟ ସଂସ୍କୃତିମାନଙ୍କର ପ୍ରଭେଦ ସତ୍ତ୍ୱେ ଉପରୋକ୍ତବାଦର ପ୍ରାବଲ୍ୟ ଜରିଆରେ ଦୈନନ୍ଦିନ ଚଳଣିର ବାହ୍ୟରୂପ ପ୍ରାୟତଃ ଏକାଭଳି । ଅର୍ଥନୈତିକ ପରିପ୍ରେକ୍ଷୀରେ ପ୍ରତିଷ୍ଠିତ ପଣ୍ୟ ବସ୍ତୁ ଓ ବ୍ୟବହାର୍ଯ୍ୟ ସାମଗ୍ରୀର ମାନ୍ୟ (Standard) ମଣିଷର ବ୍ୟାବହାରିକ ବାସ୍ତବତାର ନିର୍ଣ୍ଣାୟକ ସାଜିଛି । ତେଣୁ ପ୍ରାଚୀନତା ପରିବର୍ତ୍ତେ ସାଂପ୍ରତିକତା, ମୂଲ୍ୟବୋଧ ପରିବର୍ତ୍ତେ ବର୍ତ୍ତମାନ ସର୍ବସ୍ୱ ବ୍ୟକ୍ତିଗତ ସ୍ୱାର୍ଥାନ୍ୱେଷୀ ଜୀବନକୁ ତଥା ସାହିତ୍ୟକୁ ଦେଶକାଳ ପାତ୍ରର ବିଭେଦ ସତ୍ତ୍ୱେ କବଳିତ ଓ ପ୍ରଭାବିତ କରିଛି ।

ଆଧୁନିକ କବିତାରେ ଆମେ ଯେଉଁ ମୃତ୍ୟୁବୋଧ, ନିଃସଂଗତା ଓ ଏକାକୀତ୍ୱର ଅନୁଭବ, ଆତ୍ମନିର୍ବାସନ, ବିଚ୍ଛିନ୍ନତାବୋଧ ସହିତ ନାନା ପ୍ରକାର ଶଙ୍କା ଓ ଉଦ୍‌ବେଗର ପ୍ରତୀକିତ ଅଭିବ୍ୟକ୍ତି ଲକ୍ଷ୍ୟ କରୁଛୁ, ତାହା ଆପାତ ଦୃଷ୍ଟିରେ ଜୀବନ ବିଦ୍ୱେଷୀ ଓ ବହୁ ନୈରାଶ୍ୟର ଚିତ୍ର ବହନ କରୁଥିଲେ ହେଁ ପ୍ରକୃତ ଜୀବନ-ପ୍ରୀତି

ଯେ ସାଂପ୍ରତିକ କବିର ଲକ୍ଷ୍ୟ, ଏହା ହିଁ ବସ୍ତୁତଃ 'ନେତି' 'ନେତି'ର ଅନୁଭବ ଭିତ୍ତିରେ ଉକ୍ତ ଅଧ୍ୟୟନରେ ପୁଙ୍ଖାନୁପୁଙ୍ଖ ବିଚାର କରାଯାଇଛି । ଅଦମନୀୟ ବ୍ୟବସ୍ଥା ବିରୁଦ୍ଧରେ ଚେତନ ସ୍ତରରେ ସଂଘଟିତ ଉଦ୍‌ବେଳନକୁ ପୁଂଜିକରି ଆଧୁନିକ କବିତାରେ 'ନେତି'ର ଅନୁଭବ କ୍ରମଶଃ ଦାନା ବାଂଧିଛି ।

କେତେକ ସମାଲୋଚକ ମତଦିଅନ୍ତି ଯେ, ଆଧୁନିକ କବିତାର କଳ୍ପନାଶକ୍ତି, ସୌନ୍ଦର୍ଯ୍ୟବୋଧ ଓ ଜୀବନକୁ ଚିହ୍ନିବାର ବଳଶାଳୀ ଅର୍ନ୍ତଦୃଷ୍ଟିର ଅଭାବ ରହିଛି । ସେହି ହେତୁ ଆଧୁନିକ କବିତା ତୁଚ୍ଛା ବୁଦ୍ଧିବାଦ, ନୈରାଶ୍ୟ ଓ ମୃତ୍ୟୁର ନୀଳ ନିର୍ଜନ ଭୟାବହତାର ଚିତ୍ରାଦି ଅଭିବ୍ୟକ୍ତ କରୁଛି । ଏଭଳି ଯୁକ୍ତି ଯେ ଅନେକାଂଶରେ ଭିତ୍ତିହୀନ ଏବଂ ଅଯଥା ଆଦର୍ଶବାଦୀ ସଂକୋଚନଶୀଳ ଦୃଷ୍ଟିଭଂଗୀର ପରିଚାୟକ- ବହୁ ଉଦାହରଣ ଓ ଯୁକ୍ତି ମାଧ୍ୟମରେ ଏଭଳି ମନ୍ତବ୍ୟକୁ 'ଅସଂଗତ' ବୋଲି ପ୍ରମାଣ କରିବାର ଚେଷ୍ଟା କରାଯାଇଛି ।

ଆଧୁନିକ କବିତାର ଭାବଚେତନା କେବେ ଜୀବନବିଦ୍ୱେଷୀ ନୁହେଁ କି ନଙ୍ଗର୍ଥକ ବି ନୁହେଁ; ଯଦିଓ ଆପାତ ଦୃଷ୍ଟିରେ ଆଧୁନିକ କବିତାର ଏକ ନେତିବାଦୀ ଆବେଦନ ରହିଥିଲା ପରି ମନେହୁଏ । ତଥାପି ଏକଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ନେତିବାଦୀ ଚେତନା ସର୍ବଦା, ସବୁକାଳରେ ଏକ ସୁନ୍ଦର ଓ ସଂହତ ଜୀବନ ସଂପର୍କରେ ଅଧିକ ସଚେତନ । ଟିକିଏ ଉଦାର ଦୃଷ୍ଟିଭଂଗୀ ପୋଷଣ କଲେ ଏକଥା ସହଜରେ ବୁଝିହେବ । ଆଧୁନିକ କବି ସ୍ୱର୍ଗର ମୁକ୍ତି ଓ ପରମାର୍ଥ ଅପେକ୍ଷା ଏଇ କ୍ଲେଦାକ୍ତ ପୃଥିବୀର ଦୁଃଖ ଜଂଜାଳପୂର୍ଣ୍ଣ ଜୀବନର ବନ୍ଧନ ପ୍ରତି ଅଧିକ ବଶମ୍ବଦ । ଯିଏ ସର୍ବୋତୋଭାବେ ଜୀବନକୁ ଭଲପାଏ ଓ ନିହାତି ସର୍ତ୍ତହୀନ ଭାବେ ଜୀବନ ପ୍ରତି ଏକାନ୍ତ ଅନୁରକ୍ତ ରହେ, ସେହି ମଣିଷର ଜୀବନ ପ୍ରତି ମାନ୍ୟତା ତଥା ମମତ୍ୱବୋଧ ନିଶ୍ଚୟ ଅଧିକ । ଏହି ଜୀବନପ୍ରିୟତାର ଏକ ଅନ୍ତରଂଗ ଉଦ୍‌ଭାସନ ହେଉଛି ଆଧୁନିକ କବିତା ।(୮) ସ୍ୱାଧୀନୋତ୍ତର ଓଡ଼ିଆ କବିତାରେ ଉଲ୍ଲିଖିତ ଜୀବନ ପ୍ରିୟତାର ଭାବଚେତନାଟି କେତେ ସଫଳଭାବରେ ପ୍ରତୀକିତ ହୋଇଛି, ଏକ ଅନୁଶୀଳନାତ୍ମକ ଅଧ୍ୟୟନ ଜରିଆରେ ତାହାକୁ ଚିହ୍ନଟ କରିବା ଏହି ଗ୍ରନ୍ଥର ଅନ୍ୟତମ ମୌଳିକ ଉଦ୍ଦେଶ୍ୟ ।

ବହୁବାଦ (Ism)ର ନେତିବାଦୀ ଆବେଦନକୁ ଆଧାର କରି ସ୍ୱାଧୀନୋତ୍ତର ଓଡ଼ିଆ କବିତାର ଆତ୍ମିକ ଉତ୍ତରଣ କେତେଦୂର ସଫଳ ହୋଇଛି ଏବଂ ଏଭଳିସଫଳତା ପଶ୍ଚାତରେ ପ୍ରାକ୍ତନ କାବ୍ୟାଦର୍ଶର ପ୍ରକୃତରେ କିଛି ଭୂମିକା ଅଛି କି ନାହିଁ- ତାହା ମଧ୍ୟ ବିଚାର କରିବାର ଯଥେଷ୍ଟ ପ୍ରୟୋଜନୀୟତା ଏ ପ୍ରସଂଗରେ ରହିଛି ।

ମିଥ୍, ପ୍ରତୀକ ଓ ଚିତ୍ରକଳ୍ପ- ଏଇ ତ୍ରିବେଣୀ ସଂଗମରେ ଆଧୁନିକ କବିତାର ରୂପ ବୈଚିତ୍ର୍ୟ ପ୍ରକଟିତ । ସୁତରାଂ ଆଲୋଚ୍ୟ ବିଷୟରେ ଏହି ତ୍ରିବେଣୀ ଧାରାର ସମନ୍ୱିତ ବିଚାର ବିଶ୍ଳେଷଣ ମଧ୍ୟ ଅନ୍ତର୍ଗୁମ୍ଫିତ ହୋଇଛି । କବିତାର ଆଂଗିକ ବିଚାର ଆମର ଲକ୍ଷ୍ୟ ନ ହେଲେ ହେଁ ଶୈଳୀ (style) ଯେହେତୁ ଉଭୟ ଅଂଗ ଓ ଆତ୍ମାର ସମନ୍ୱିତ ରୂପ, ସେ ଦୃଷ୍ଟିରୁ ଉକ୍ତ ରଚନାରେ ଇତସ୍ତତଃ ଆଂଗିକ ବିଚାର ମଧ୍ୟ କରାଯାଇଛି ।

ସ୍ୱାଧୀନୋତ୍ତର ଓଡ଼ିଆ କବିତାର ବିଚାର ଉକ୍ତ ଗ୍ରନ୍ଥରେ ତିନୋଟି ଅଧ୍ୟାୟରେ ଆଲୋଚନା କରାଯାଇଛି । ପ୍ରଥମଟିରେ ପ୍ରାକ୍-ସ୍ୱାଧୀନତା କାଳୀନ ଓଡ଼ିଆ କବିତାରେ ନେତିବାଦୀ ଅନୁଚିଂତାର ଉଦ୍ଭବ ଓ ସଂଚରଣ, ଦ୍ୱିତୀୟରେ ୧୯୬୦-୧୯୮୦ ଏବଂ ତୃତୀୟଟି ଅଶି ଦଶକରୁ ବିଗତ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ନେତିବାଦୀ ସ୍ୱର ସମ୍ବଳିତ କବିତା ଗୁଡ଼ିକର ସମୀକ୍ଷା କରାଯାଇଛି । ଶେଷ ପରିଚ୍ଛେଦରେ ଏକ ବିଂଶର ସ୍ୱର: ଆଗାମୀର ଆହ୍ୱାନ-ଏକ ସଂକ୍ଷିପ୍ତ ବିଶ୍ଳେଷଣ ସଂଯୁକ୍ତ ହୋଇଛି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ପାରଂପରିକ ଚିନ୍ତା ଚେତନାକୁ ନେଇ ଯେଉଁ କବିମାନେ ସ୍ୱାଧୀନୋତ୍ତର ଓଡ଼ିଆ କବିତାରେ ପ୍ରତିଷ୍ଠା ଦାବୀ କରନ୍ତି, ସେମାନଙ୍କର କବିତାବଳୀ ଉକ୍ତ ସନ୍ଦର୍ଭର ବିଚାର ବିଶ୍ଳେଷଣ ପରିସରକୁ ସଚେତନ ଭାବରେ ଅଣା ଯାଇନାହିଁ । କାରଣ ନେତିବାଦ (Philosophy of Negation)କୁ ଯେଉଁ ଲକ୍ଷ୍ୟରେ ଏଠାରେ ବିଚାର ନିମନ୍ତେ ଗ୍ରହଣ କରାଯାଇଛି, ସେସବୁ ପାରମ୍ପରିକ ଚିନ୍ତା ଚେତନା ସମ୍ବଳିତ କବିତା ଓ ତା'ର ଅନୁଶୀଳନ ଗତ ପ୍ରତିପାଦନ ଦୃଷ୍ଟିରୁ କୌଣସି ପ୍ରକାର ସହାୟତା କରିପାରିନଥାଂତା । ଏତଦ୍‌ଭିନ୍ନ ଯେଉଁ କବିଗଣଙ୍କୁ ଉକ୍ତ ସନ୍ଦର୍ଭରେ ବିଚାର କରାଯାଇଛି, ସେମାଙ୍କର ସବୁ କବିତାରେ ମଧ୍ୟ 'ନେତି' 'ନେତି'ର ଉଦ୍‌ଭାସନ ଲକ୍ଷ୍ୟ କରାଯାଏନାହିଁ ।

ନେତିବାଦୀ କାବ୍ୟ ଚେତନା ଭଳି ଏକ ଦାର୍ଶନିକ ତଥା ଅନେକାଂଶରେ ପାଶ୍ଚାତ୍ୟ ଚେତନାକୁ ନିର୍ଦ୍ଦିଷ୍ଟ ଭାବେ ଓଡ଼ିଆ କବିତାରେ ଚିହ୍ନଟ କରିବା ଯଥାର୍ଥରେ ବହୁ ଆୟାସସାଧ୍ୟ । ଏ ବିଷୟରେ ପୂର୍ବରୁ ମଧ୍ୟ କୌଣସି ମାନ ଓ ନମୁନା ଓଡ଼ିଆ ସମାଲୋଚନା ସାହିତ୍ୟରେ ନଥିବାରୁ ଏ ଅଧ୍ୟାୟରେ ଗାଠନିକ ପରିକଳ୍ପନାରେ ତେଣୁ ଅଧିକ ଶ୍ରମସ୍ୱୀକାର କରିବାକୁ ପଡ଼ିଛି । ସେହି ହେତୁ ଆଧୁନିକ ଓଡ଼ିଆ କବିତାରେ ନେତିବାଦୀ କାବ୍ୟ ଚେତନାର ବିଚାର ହୁଏତ ସେତିକି ସ୍ପଷ୍ଟ ବା ପ୍ରତ୍ୟକ୍ଷ ହୋଇ ନଥାଇପାରେ । ତେବେ ନେତିବାଦକୁ ଏକ ଜୀବନବାଦୀ ଓ ଅସ୍ତ୍ୟର୍ଥକ ଦର୍ଶନ ଭାବରେ ପ୍ରମାଣିତ କରିବା ଲାଗି ଯେଉଳି ନିଷ୍ଠା ଓ ଅନୁଭବପୂର୍ଣ୍ଣ ବୈଜ୍ଞାନିକ ଦୃଷ୍ଟିଭଂଗୀ ଲୋଡ଼ା, ସେଥିପାଇଁ ଉକ୍ତ ରଚନାରେ ଅବିରତ ସଚେତନ ତଥା ସତର୍କ ରହିବାକୁ ପଡ଼ିଛି ।

ଏହି ସନ୍ଦର୍ଭଟି ମୁଖ୍ୟତଃ ଏକ ଶୁଦ୍ଧ ଚେତନାଧର୍ମୀ ତଥା ପ୍ରସଙ୍ଗନିଷ୍ଠ ଅଧ୍ୟୟନ । ଉକ୍ତ ଅଧ୍ୟୟନରେ ନେତିବାଦୀ ଚେତନା ଦୃଷ୍ଟିରୁ ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ବ୍ୟାଖ୍ୟା କରାଯାଇଛି । ଏହା ପୁଣି ସେ ଦୃଷ୍ଟିରୁ ଏକ ଅନୁଶୀଳନାତ୍ମକ ଅଧ୍ୟୟନ ହୋଇଥିଲେ ହେଁ ଓଡ଼ିଆ କବିତାର କ୍ରମ ଉତ୍ତରଣ ଭିତ୍ତିକ ଏକ ଐତିହାସିକ ଅଧ୍ୟୟନ ନୁହେଁ । ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧର ଓଡ଼ିଆ କବିତାର ଧାରା ଉକ୍ତ ଗ୍ରନ୍ଥରେ ଆଲୋଚିତ ହୋଇଛି ।

ଅଧ୍ୟୟନରେ ଯଥା ସମ୍ଭବ ପ୍ରମୁଖ କବିମାନଙ୍କର ପ୍ରତିନିଧି ସ୍ଥାନୀୟ କବିତା ଓ କବିତାଗ୍ରନ୍ଥର ବିଶ୍ଳେଷଣ ହୋଇଛି ।

ପରିଶେଷରେ, ଉଲ୍ଲେଖ କରାଯାଇପାରେ ଯେ, ଏପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାବରେ ନେତିବାଦୀ ଚେତନା ଇତସ୍ତତଃ ଯେଉଁଠି ଯେପରି ଆଲୋଚିତ ହୋଇଛି, ସେଠି ସମସ୍ତେ ପ୍ରାୟ ନେତିବାଦକୁ ଏକ ବାମପନ୍ଥୀ ବିଷର୍ଣ୍ଣତାବାଦୀ ଜୀବନ ବିଦ୍ୱେଷୀ ଅନୁଚିଂତା ଭାବରେ ଚିତ୍ରଣ କରିବାକୁ ଚାହିଁଛନ୍ତି । ମାତ୍ର ନେତିବାଦ ପୃଥିବୀର ବହୁ ଦର୍ଶନର ଅଭିନବ ଆବେଦନର ଏକ ସମନ୍ୱିତ ଶକ୍ତିଶାଳୀ ଧାରା; ଯାହା ଯେକୌଣସି ପ୍ରକାର ଅଂଧ ଆଦର୍ଶବାଦ ଓ ନୈତିକତା ଅପେକ୍ଷା ଜୀବନ ତଥା ଜଗତ ପ୍ରତି ଅଧିକ ସଶ୍ରଦ୍ଧ ଓ ସତ୍ୟଶୀଳ ବୋଲି ମୋର ହୃଦ୍‌ବୋଧ ହୁଏ ।

ଆଧୁନିକ ଓଡ଼ିଆ କବିତା ଜୀବନର ନାନା ବିଭଙ୍ଗ ଚିତ୍ର ପ୍ରଦାନ କରିବା ପରିପ୍ରେକ୍ଷୀରେ ଆପାତତଃ ନେତିବାଦୀ ମନେହେଲେ ହେଁ ଜୀବନର ପ୍ରତିଟି ପ୍ରାଣବାନ୍ ଆବେଗ ପ୍ରତି ଅଧିକ ଅନୁରକ୍ତ; ଏହି ଅନୁରକ୍ତିର ସମର୍ଥିତ ବ୍ୟଂଜନା ଆଧୁନିକ କବିତାର ଆତ୍ମାକୁ ବରଂ ବହୁ ଭାବରେ ଜୀବନନିଷ୍ଠ ଓ ଅସ୍ତ୍ୟର୍ଥକ କରିଛି । ଆଲୋଚିତ କାଳର ଓଡ଼ିଆ କବିତାର ଅନୁଶୀଳନାତ୍ମକ ଅଧ୍ୟୟନ ଜରିଆରେ ଉଲ୍ଲିଖିତ ଉପଲବ୍ଧିଗୁଡ଼ିକୁ ପ୍ରତିପାଦନ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରଯତ୍ନ ହୋଇଛି ।

**ସହାୟକ ଗ୍ରନ୍ଥସୂଚୀ:**


୧. ଦାସ, ଦାଶରଥି । ଆଧୁନିକ କାବ୍ୟ ଜିଜ୍ଞାସା: ଚିତ୍ରକଳ୍ପ । ଅଗ୍ରଦୂତ, କଟକ, ୧୯୭୭ ।

୨. (ସଂ) ନନ୍ଦ, ପରୀକ୍ଷିତ । ମୋ ଦୃଷ୍ଟିରେ ସାମ୍ପ୍ରତିକ ସାହିତ୍ୟ । ଜ୍ଞାନମନ୍ଦିର, କଟକ, ୧୯୭୩ ।

୩. ପଟ୍ଟନାୟକ, ପ୍ରସନ୍ନ କୁମାର । ଆଧୁନିକ ଓଡ଼ିଆ କବିତାରେ ଶାସ୍ତ୍ରୀୟ ଚିନ୍ତାଧାରା । ଗ୍ରନ୍ଥ ମନ୍ଦିର, କଟକ, ୧୯୮୪ ।

୪. ମହାନ୍ତି, ଶରତ କୁମାର । ଅସ୍ତିତ୍ୱବାଦର ମର୍ମକଥା । ଅଗ୍ରଦୂତ, କଟକ, ୧୯୭୭ ।

୫. ମହାନ୍ତି, ଶରତ କୁମାର । ଜାଁପଲ୍ ସାର୍ତ । ଅଗ୍ରଦୂତ, କଟକ, ୧୯୭୩ ।

୬. ସାହୁ, ଆଦିକନ୍ଦ । ପଦ୍ୟ ଗୌରବ । ସମଲେଶ୍ୱରୀ ପ୍ରକାଶନୀ, ସମ୍ବଲପୁର, ୧୯୮୪ ।

୭. (ed.) Anshen, Ruth Nanda. Nihilism. London. 1961..

୮. Halsted, John B. Romanticism, Macmillan. 1969.

୯. Kroeber, A. L. Style and Civilization. New york. 1957.

୧୦. Stean, J.P. On Realism. London, 1973.

DOI :https://doi.org/10.5281/zenodo.13924324

ମୂଳ ପ୍ରବନ୍ଧ

# ପରିବର୍ତ୍ତିତ ପୁଞ୍ଜିବାଦ ଓ ବିକଳ୍ପ ପୃଥିବୀ ପ୍ରସଙ୍ଗ : ଉତ୍ତର ଅଶି ଓଡିଆ କବିତାରେ ନବ୍ୟ-ମାର୍କସ୍‌ବାଦୀ ଚେତନା

**ବୈଜୟନ୍ତୀ ନାୟକ**

**ସଂକ୍ଷିପ୍ତସାର :**

ସାମ୍ୟବାଦୀ ଚେତନାର ଆଦ୍ୟ ପ୍ରବକ୍ତା କାର୍ଲମାର୍କସ୍ ଅର୍ଥନୈତିକ କ୍ଷେତ୍ରରେ ସମତା ଆଣି ଏକ ସ୍ୱଚ୍ଛସଂହତ ସମାଜ ନିର୍ମାଣ କରିବା ନିମନ୍ତେ ପରିକଳ୍ପନା କରିଥିଲେ; ତାଙ୍କ ପରିକଳ୍ପିତ ସମାଜରେ ଶ୍ରମିକର ଉପଯୁକ୍ତ ସାମାଜିକ ସମ୍ମାନ ଓ କ୍ଷମତା ରହିଥିଲା। ଆଲୋଚ୍ୟ ମାର୍କସ୍‌ବାଦୀ ଦର୍ଶନର ପ୍ରରୋଚନାରେ ସମାଜରେ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ସ୍ୱରଉତ୍ତୋଳନ ହେଲା, ଯାହାର ଫଳସ୍ୱରୂପ ଏକଛତ୍ରବାଦୀ ରାଜତନ୍ତ୍ର ଶାସନର ପତନ ହେଲା ଏବଂ ସମାଜବାଦୀ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ଲାଭ କଲାମାତ୍ରେ ଅର୍ଥନୈତିକ ଜଗତୀକରଣ ଫଳରେ ବିଶ୍ୱର ପୁଞ୍ଜିବାଦୀ ଅର୍ଥନୀତି ଦ୍ରୁତଗତିରେ ପ୍ରସାରିତ ହେଲା। ବିଶ୍ୱର ପ୍ରତିପତ୍ତିପଉସଂପନ୍ନ ରାଷ୍ଟ୍ର ଗୁଡିକ ବିଶ୍ୱ ବାଣିଜ୍ୟ ସଂଗଠନ(WTO) ମୁଦ୍ରାପାଣ୍ଠି (IMF) ଏବଂ ବିଶ୍ୱବ୍ୟାଙ୍କ(IBRD)ଜରିଆରେ ଅନ୍ୟ ରାଷ୍ଟ୍ରଗୁଡିକରେ ପୁଞ୍ଜି ବିନିଯୋଗ କଲେ ଯାହା କି ପ୍ରକାରନ୍ତରେ ସମଗ୍ର ବିଶ୍ୱର ବଜାରକୁ ନିୟନ୍ତ୍ରିତ କରିବାକୁ ଲାଗିଲା।ମୁଦ୍ରାସ୍ଫୀତି ବଢିବାକୁ ଲାଗିଲା। ବ୍ୟବସାୟରେବିଭିନ୍ନ ନୂତନ ଯନ୍ତ୍ରପାତି ବୈଷୟିକ ଜ୍ଞାନ କୌଶଳର ବ୍ୟବହାର କରାଗଲା ଯାହାଦ୍ୱାରା କର୍ମଚାରୀ ମାନଙ୍କୁ ଛଟେଇ କରାଗଲା, ସମାଜରେ ବେକାରୀ ବୃଦ୍ଧି ପାଇବାକୁ ଲାଗିଲା। ସାମାଜିକ ସଂପତ୍ତିର ସୁଷମ ବିତରଣ ହୋଇପାରିଲା ନାହିଁ ଫଳତଃ ଅତ୍ୟାଚାର ଓ ଶୋଷଣର ଏକ ନୂତନ ରୂପସମାଜରେଉତ୍କଟରୂପ ଧାରଣ କରିବାକୁ ଲାଗିଲା। ସମାଜବାଦୀ ମୂଲ୍ୟବୋଧ କ୍ରମଶଃ କ୍ଷତିଗ୍ରସ୍ତ ହେବାକୁ ଲାଗିଲା।ଏତେବେଳକୁସେମାନଙ୍କ ପାଖରେ ନା ଥିଲେମାର୍କ୍ସ,ଲେନିନ୍ ନାଥିଲେଷ୍ଟାଲିନ୍, ମାଓ-ସେ-ତୁଙ୍ଗ। ପୁଞ୍ଜିବାଦର କାୟାବିସ୍ତାରରୁସୃଷ୍ଟିହୋଇଥିବାଏହି ନୂତନ ଭୟାବହ ସ୍ଥିତି ଜନିତ ସାମାଜିକ ଦୁରାବସ୍ଥାକୁ ଦୂରେଇ ଦେବା ନିମନ୍ତେ ଏକ ନୂତନ ଢାଞ୍ଚାରେ ଯେଉଁ ସମାଜବାଦୀ ଆନ୍ଦୋଳନ ମୁଣ୍ଡ ଟେକିଲା ତାହା ହେଲା ନବ୍ୟ ମାର୍କସ୍‌ବାଦ। ଉକ୍ତ ନବ୍ୟମାର୍କସ୍‌ବାଦୀ ଚେତନାର ଅଧାରରେ ଉତ୍ତରର ଅଶି କାଳର ଓଡିଆ କବି ମାନଙ୍କର କାବ୍ୟ ସ୍ୱରରେ ଯେଉଁ ନୂତନ ଭାବବସ୍ତୁ ପରିଦୃଷ୍ଟ ହୋଇଛି ତାହା ଏଠାରେ ଆଲୋଚନା କରାଯାଇଛି।

ପ୍ରମୁଖ ଶବ୍ଦ: ମାର୍କସବାଦ,ନବ୍ୟମାର୍କସବାଦ, ପରିଭାଷା ଓ ପରିସର, ଉତ୍ତର ଅଶି ଓଡିଆ କବିତାରେ ନବ୍ୟ ମାର୍କସବାଦ।

ବିଂଶ ଶତାବ୍ଦୀର ବିଶ୍ୱରେ ସବୁଠାରୁ ଅଧିକ ପ୍ରଭାବଶାଳୀ ବିଜ୍ଞାନ ସମ୍ମତ ରାଜନୈତିକ ଦର୍ଶନ ହେଉଛି 'ମାର୍କସ୍‌ବାଦ'। ଏହା ଦାର୍ଶନିକ କାର୍ଲମାର୍କସ୍‌ଙ୍କର ରାଜନୈତିକ ମତାଦର୍ଶମାନଙ୍କର ବଳିଷ୍ଠରୂପ। ଶହଶହ ବର୍ଷ ଧରି ରାଜତନ୍ତ୍ର ତଥା ସମକାଳୀନ ପୁଞ୍ଜିବାଦୀ ବ୍ୟବସ୍ଥାର ଶାସନ ତଳେ ଶୋଷଣର ଏକ ସୁଦୃଢ ପରମ୍ପରା ଗଢି ଉଠିଥିଲା।ଏହି ପରିସ୍ଥିତିରେ ସାଧାରଣ ମଣିଷ ପାଖରେ ମଣିଷ ଭଳି ବଞ୍ଚିବାର କୌଣସି ଅଧିକାର ନଥିଲା କି ସୁଯୋଗ। ସ୍ୱେଚ୍ଛାଚାରୀ ଶାସକର ଅତ୍ୟାଚାର,ଦମନ ତଥା

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.13924324
Article No - BPP00227

ଯୋଗାଯୋଗ :
**ଡ. ବୈଜୟନ୍ତୀ ନାୟକ**, ଅଧ୍ୟାପିକା,
ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ, ସାଲେପୁର, କଟକ
**E-Mail ID :** baijayantink@gmail.com
**ORCID ID :** https://orcid.org/0009-0001-9887-8561

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୯.୨୦୨୪ | ୨୫.୯.୨୦୨୪ | ୧.୧୦.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ବୈଜୟନ୍ତୀ ; ୨୦୨୪। ପରିବର୍ତ୍ତିତ ପୁଞ୍ଜିବାଦ ଓ ବିକଳ୍ପ ପୃଥିବୀ ପ୍ରସଙ୍ଗ: ଉତ୍ତର ଅଶି ଓଡିଆ କବିତାରେ ନବ୍ୟ-ମାର୍କସ୍‌ବାଦୀ ଚେତନା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଛ; ପୃଷ୍ଠା :୧୯-୨୪।

ଶୋଷଣ କବଳରୁ ମଣିଷକୁ ମୁକ୍ତ କରିବା ନିମନ୍ତେ ମାର୍କ୍ସବାଦୀ ଦର୍ଶନ ଉକ୍ତ ପୃଷ୍ଠ ଭୂମିରେ ଉନ୍ମେଷ ଲାଭକଲା। ମାର୍କସ୍ ଘୋଷଣା କଲେ ମଣିଷ ଗରିବ ହୋଇ ଜନ୍ମ ହୋଇନାହିଁ କିମ୍ବା ଭାଗ୍ୟ ଓ ଭଗବାନଙ୍କ ନିର୍ଦ୍ଦେଶରେ ମଣିଷର ଜୀବନଚକ୍ର ପରିଚାଳିତ ହୁଏ ନାହିଁ। ସେ ପୁଞ୍ଜିବାଦୀ ଶାସନ ବ୍ୟବସ୍ଥା କିପରି କୋଟି କୋଟି ମଣିଷକୁ ନିଜର ସ୍ୱାର୍ଥ ପାଇଁ ଶୋଷିତ କରିରଖିଛି ତାହାକୁ ସର୍ବ ସମ୍ମୁଖରେ ଉପସ୍ଥାପନ କଲେ। ସମସ୍ତ ଅତ୍ୟାଚାରର ପରିସମାପ୍ତି ନିମନ୍ତେ ପୁଞ୍ଜିବାଦୀ ଶାସକ ବିରୋଧରେ ଗରିବ ଖଟିଖିଆ ମୂଲିଆ ମାନଙ୍କର ବିପ୍ଲବକୁ ପ୍ରାଧାନ୍ୟ ଦେଲେଏବଂ ଉଦାତ୍ତକଣ୍ଠରେ ଆହ୍ୱାନ ଦେଲେ ଯେ ଯେଉଁଦିନ ଶୋଷିତ ଗୋଷ୍ଠୀ ଶୋଷକ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବ ସେହି ଦିନ ହିଁ ସମସ୍ତ ଦମନ ଅତ୍ୟାଚାରର ପରିସମାପ୍ତି ଘଟିବ।

ସେ ବୁର୍ଜୁଆ-ପ୍ରୋଲିଟରିଏଟ୍, ପୁଞ୍ଜିପତି-ସର୍ବହରା, ଶୋଷକ-ଶୋଷିତ ଭେଦରେ ବିଭକ୍ତସ ମାଜରେ ଟଙ୍କା, ଶ୍ରମ, ଈଶ୍ୱର ଓ ପୁଞ୍ଜିକୁ ଅତୀତର ଦର୍ଶନ ଓ ଅଭିଧାନ ପ୍ରଦତ୍ତଉ ଅର୍ଥଠାରୁ ଅଲଗା କରି ଦେଖିବାକୁ ଲାଗିଲେ ଏବଂ ଉକ୍ତ ବିଭେଦତାକୁ ବିପ୍ଲବ ଜରିଆରେ ଭାଙ୍ଗି ସମସ୍ତ ବୈଷମ୍ୟକୁ ହଟାଇ ସମାଜରେ ସାମ୍ୟବାଦ ପ୍ରତିଷ୍ଠା କରିବାକୁ ଅଣ୍ଟାଭିଡିଲେ। ଏହି ତତ୍ତ୍ୱ ଜାତି, ଧର୍ମ ଓ ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ଅଧିକାର ସହିତ ଖାଇବା, ପିଇବା, ରହିବା, ଶିକ୍ଷା ଓ ସ୍ୱାସ୍ଥ୍ୟର କାମନାକଲା ତେଣୁ, ସମଗ୍ର ଜନମାନସକୁ ଆନ୍ଦୋଳିତ କରିବାକୁ ଲାଗିଲା। ସୋଭିଏତ୍ ଋଷିଆରେ ଲେନିନ୍‌ଙ୍କ ନେତୃତ୍ୱରେ ଋଷ୍ ବିପ୍ଲବ ସଂଘଟିତ ହେଲା, ଦକ୍ଷିଣ କୋରିଆ, ପଶ୍ଚିମ ଜର୍ମାନୀ, ଚୀନ୍, ଭିଏତ୍‌ନାମ୍, କ୍ୟୁବା ଆଦି ରାଷ୍ଟ୍ରରେ ମଧ୍ୟ ମାର୍କସ୍‌ବାଦର ଆଧାରରେ ଆନ୍ଦୋଳନ ମୁଣ୍ଡଟେକିଲା ଏବଂଶେଷରେ ସମାଜବାଦୀ ଶାସନବ୍ୟବସ୍ଥା ପ୍ରତିଷ୍ଠା ହେଲା।

ରାଜନୀତିକ ସାମ୍ରାଜ୍ୟବାଦର ପରିସମାପ୍ତିରେ ବିବ୍ରତ ପଶ୍ଚିମର ଜାଗ୍ରତ ନେତୃତ୍ୱ ବିଶ୍ୱଶାସନର ବିକଳ୍ପ ବ୍ୟବସ୍ଥା ଖୋଜିଲା ଏବଂ ଏହି ଖୋଜ୍ ପ୍ରକ୍ରିୟାରେ 'ଆର୍ଥିକ ସାମ୍ରାଜ୍ୟବାଦ' ପ୍ରତିଷ୍ଠାର ଭାବାଦର୍ଶ ସେମାନଙ୍କର ମନ୍ତ୍ର ହେଲା। ବିଦ୍ୟା, ବୁଦ୍ଧି, ବିତ୍ତ ଓ ବ୍ୟାପାର ଏହି ୪ଟି ଆୟୁଧ ମାଧ୍ୟମରେ ସେମାନେ ବିଶ୍ୱର ଅବିଶିଷ୍ଟ ସ୍ୱାଧୀନ ଜନ ସମୁଦାୟମାନଙ୍କୁ ଦାସ ଓ ନିର୍ଭରଶୀଳ କରି ରଖିବା ପାଇଁ ଯେପରି ପଣ କଲେ। ଜର୍ମାନର ଆଦର୍ଶବାଦ, ଇଂଲଣ୍ଡର ଅର୍ଥନୀତି ଏବଂ ଫ୍ରାନ୍ସର ବୈପ୍ଲବିକ ଚିନ୍ତାଧାରା ନେଇ ପରିପୃଷ୍ଟତା ଲାଭ କରିଥିବା ମାର୍କସବାଦ, ହେଗେଲ୍‌ଙ୍କ ଐତିହାସିକ ଦ୍ୱନ୍ଦ୍ୱାତ୍ମକ ଦର୍ଶନକୁ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ(dilecting materialism) ରେ ପରିଣତ କରିଥିଲା ଏବଂ ଫିୟୋରବ୍ୟାକଙ୍କ ବସ୍ତୁବାଦକୁ ହେଗେଲୀୟ ଦ୍ୱନ୍ଦ୍ୱ ସହିତ ସମନ୍ୱିତ କରି ବୈଜ୍ଞାନିକ ବସ୍ତୁବାଦୀ ସିଦ୍ଧାନ୍ତର(Scientific materialism) ଉପସ୍ଥାପନ କରାଯାଇଥିଲା। ତେବେଏକ ବିଂଶ ଶତାବ୍ଦୀବେଳକୁ ବିଶ୍ୱ ବ୍ୟବସ୍ଥାରେ ସମସ୍ୟାରରୂପ ପରିବର୍ତ୍ତିତ ହୋଇଛି। ଉନ୍ନତ ଜ୍ଞାନ କୌଶଳ ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକତା ଫଳରେ ଉତ୍ପାଦନର ସଂଜ୍ଞା ବଦଳିଛି। ବସ୍ତୁପରିବର୍ତ୍ତେ ଅଣବସ୍ତୁ ଉତ୍ପାଦନର ଯୁଗ ଆରମ୍ଭ ହୋଇଛି ଓ ଏହିକ୍ରମରେ ମାର୍କସଙ୍କର ପ୍ରଦର୍ଶିତ ପାରମ୍ପାରିକ ଶ୍ରମିକର ସଂଜ୍ଞା ପରିବର୍ତ୍ତିତ ହୋଇଛି। ସର୍ବହରା ଶ୍ରେଣୀର ତାଲିକାରେ ଅଣବସ୍ତୁ ଶ୍ରମିକମୋଟା ଅଙ୍କରେ ଅର୍ଥବ୍ୟୟ କରି ଡିଗ୍ରୀହାସଲ କରୁଥିବା ଛାତ୍ର ତଥା ବେକାର ଯୁବକକୁ ଅନ୍ତର୍ଭୁକ୍ତ କରାଯାଇ ଯେଉଁସମୂହର ପରିକଳ୍ପନା କରାଯାଇଛି ସେମାନେ ହିଁସାଂପ୍ରତିକ ସାମ୍ରାଜ୍ୟବାଦୀ ବ୍ୟବସ୍ଥା ବିରୁଦ୍ଧରେ ବିପ୍ଳବ କରିବା ପାଇଁ ହୋଇଛନ୍ତି ଉପଯୁକ୍ତ ଶକ୍ତି।

ସମାଜବାଦୀ ରାଷ୍ଟ୍ରସମୂହର ପ୍ରତିଷ୍ଠା ଫଳରେ ପୁଞ୍ଜିବାଦୀ ରାଷ୍ଟ୍ର(capitalist state) ଗୁଡିକର ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ମାନ୍ଦା ଅବସ୍ଥା ସୃଷ୍ଟିହେଲା। ଏହି ଆର୍ଥିକ ମାନ୍ଦାବସ୍ଥାକୁ ଦୂରକରିବା ନିମନ୍ତେ ସମାଜବାଦୀ ରାଷ୍ଟ୍ରର ବଜାରକୁ ଦୃଷ୍ଟିରେ ରଖି ମାର୍କସ୍‌ଙ୍କର ପ୍ରଦର୍ଶିତ ତତ୍ତ୍ୱର ରୂପରେଖକୁ ମଧ୍ୟ ପରିବର୍ତ୍ତନ କରାଗଲା। ମାର୍କସ୍‌ଙ୍କ ପ୍ରଦର୍ଶିତତତ୍ତ୍ୱକୁ ସଂଶୋଧିତ ଓ ପରିମାର୍ଜିତ କରିବା ସହିତ ବାସ୍ତବାୟିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଋଷ୍‌ରେ ଗୋର୍ବାଚୋଭ, ଚାଇନାରେ ଡେଙ୍ଗଜିଆ ଓ ଲିପିଙ୍ଗ ପ୍ରମୁଖ। "ମାର୍କସ୍‌ବାଦର ପୁନଃବିନ୍ୟାସ ଭିତର ଦେଇ ସମାଜବିଜ୍ଞାନୀ ଓ ଆର୍ଥନୀତିଜ୍ଞମାନଙ୍କ ସମେତ ଦାର୍ଶନିକ, କଳାକାର, ଲେଖକମାନେ ବି ସମାଜକୁ ନୂତନ ଭାବରେବ୍ୟାଖ୍ୟା କରିଛନ୍ତି, ଏବଂମାର୍କସ୍‌ବାଦର ସ୍ୱରୂପକୁ ନିତ୍ୟ ନୂତନ କରି ଗଢି ତୋଳିଛନ୍ତି ।" [୨]ଆଲୋଚ୍ୟ ପୃଷ୍ଠଭୂମିରେ ବିଂଶଶତାବ୍ଦୀର ଉତ୍ତରାର୍ଦ୍ଧ ବେଳକୁ ପାରମ୍ପାରିକ ମାର୍କସ୍‌ବାଦୀ ତତ୍ତ୍ୱର ଏକ ସଂଶୋଧିତ ରୂପ ଭାବରେ ନବ୍ୟ ମାର୍କସ୍‌ବାଦୀ ଧାରଣ ଉନ୍ମେଷ ଲାଭକରିଛି । ଏହି ତତ୍ତ୍ୱ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ତତ୍ତ୍ୱକୁ ରୂପ ପ୍ରଦାନ କରିବା ପରିବର୍ତ୍ତେ ପାରମ୍ପରିକ ମାର୍କସ୍‌ବାଦୀ ତତ୍ତ୍ୱକୁ ନିର୍ଭୁଲ ରୂପେ ବ୍ୟାଖ୍ୟା କରିବା ସହିତ ଏହାର ପ୍ରୟୋଗ ଜନିତ ଯେଉଁ ଅସାମର୍ଥ୍ୟ ପ୍ରକାଶ ପାଇଥିଲା ତାହାର ଏକ ପରିବର୍ତ୍ତିତ ତଥା ପରିବର୍ଦ୍ଧିତ ରୂପ ଭାବରେ ସମାଜ ପୃଷ୍ଠ ପଟରେ ଆତ୍ମପ୍ରକାଶ କରିଲା । 'ମାର୍କସ୍‌ବାଦ' ଅର୍ଥନୀତି ତଥା ରାଜନୈତିକ ସ୍ଥିତିକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ବିଭିନ୍ନତ୍ତ୍ୱର ଆଲୋଚନା କରୁଥିଲା ବେଳେ 'ନବ୍ୟ ମାର୍କସ୍‌ବାଦ' ସଂସ୍କୃତି ଓ ପରମ୍ପରା ଉପରେ ମଧ୍ୟ ବିଶେଷଗୁରୁତ୍ୱ ପ୍ରଦାନ କଲା ।

Herbert Marcuseଙ୍କNew left ଆନ୍ଦୋଳନର ସମାଜବାଦୀ ଅବଧାରଣାରୁ ଜନ୍ମିତ ଏହି ରୂପଟି ମାର୍କସ୍‌ବାଦର ବିବିଧ ସୀମାବଦ୍ଧତାକୁ ଆଲୋଚନା ପୂର୍ବକ ଏଥି ସହିତ ମନୋବିଶ୍ଳେଷଣ ପଦ୍ଧତି (Psychoanalysis) ୱେବରିଆନ ସମାଜବାଦ (weberian sociology) ତଥା ସ୍ଥିତିବାଦୀ ଦର୍ଶନ (existentialism)ପ୍ରଭୃତିକୁ ସଂଯୁକ୍ତକରି ଏକ ନୂତନ କଳାତ୍ମକ ସାହିତ୍ୟିକରୂପ ଭାବରେ ଆତ୍ମପ୍ରକାଶ କରିଛି । 'marxist theory developed after Marxs in order to provide a more realistic view of social class structures and dynamics keeping a focus more on society than the economic system alone'[୨]ଅର୍ଥାତ୍ ,ମାର୍କସ୍‌ଙ୍କ ପରବର୍ତ୍ତୀ ସମୟର ସୃଷ୍ଟି ହୋଇଥିବା ନବ୍ୟମାର୍କସ୍‌ବାଦୀ ଧାରଣା ଆର୍ଥନୀତିକ ବ୍ୟବସ୍ଥା ଅପେକ୍ଷା ସମାଜିକ ସ୍ଥିତାବସ୍ଥାକୁ ଗୁରୁତ୍ୱ ପ୍ରଦାନ କରିଛି, ସୁତରାଂ ମାର୍କସ୍‌ବାଦୀ ତ$M$ର ପରବ$M$ୀ ପରିଣତ ଓ ପରିବର୍ତ୍ତିତରୂପ ହେଉଛି ନବ୍ୟ-ମାର୍କସ୍‌ବାଦ । ମାର୍କସ୍‌ବାଦର ଏହା ଏକ ବିବର୍ତ୍ତିତ ରୂପାନ୍ତରଣ ମାତ୍ର । ମୁଖ୍ୟତଃ ମାର୍କସ୍‌ବାଦ ଧନୀ ଦରିଦ୍ର ମଧ୍ୟରେ ଅର୍ଥନୀତିକ ବିଭେଦକୁ ଦୂରକରି ସମତା ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଥିଲା ତେଣୁ ସମାଜର ଉତ୍ଥାନ ନିମନ୍ତେ ଏହି ବିସଙ୍ଗତିକୁ ଦୂରକରିବା ସର୍ବାଗ୍ରେ ଆବଶ୍ୟକୀୟ ବୋଲିମନେ କରୁଥିଲା । ଏଥିପାଇଁ ମାର୍କସ୍‌ବାଦ ମାର୍କସ୍‌ଙ୍କ ପ୍ରଦତ୍ତ ତତ୍ତ୍ୱର ବ୍ୟାଖ୍ୟା ଓ ପ୍ରୟୋଗକୁ ବିଶେଷ ଗୁରୁତ୍ୱ ପ୍ରଦାନ କରୁଥିଲା । ଅନ୍ୟପକ୍ଷରେ ନବ୍ୟ-ମାର୍କସ୍‌ବାଦ ବିବିଧ ଦର୍ଶନ ତଥା ଆଦର୍ଶର ସମନ୍ୱୟରେ ସୃଷ୍ଟ ଏକ ତତ୍ତ୍ୱ ହେଲା ଯାହା ମାର୍କସ୍‌ବାଦକୁ ପ୍ରତ୍ୟାଖାନ କରୁନଥିଲେ ହେଁ ୱେବରଙ୍କର ସମାଜବାଦୀ ତତ୍ତ୍ୱର ଆଧାରରେ ସାମାଜିକ ଉତ୍ପୀଡନ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଥିଲା ।୧୯୨୩ରେ Max Horkheimer ଏବଂ Theodow. Adornoଙ୍କ ଦ୍ୱାରା ପ୍ରତିଷ୍ଠିତ Frankfurt ବିଶ୍ୱବିଦ୍ୟାଳୟର ସମାଜବାଦୀ ଗବେଷଣାତ୍ମକ ଅବଧାରଣାରୁ ଏହାରବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । George Lukas , Karl Korsch, Antonio Gramsci ପ୍ରମୁଖଏହି ନୂତନ ସମାଜବାଦୀ ତତ୍ତ୍ୱର ସମର୍ଥକ ଭାବରେ ଏହାର ଚରମ ଉତ୍କର୍ଷ ପ୍ରାପ୍ତି ପାଇଁ ସହାୟକ ହୋଇଥିଲେ ।

ଉତ୍ତର ଆଧୁନିକ ବିଶ୍ୱରେ ଯେତେବେଳେ ସବୁ ତତ୍ତ୍ୱକୁ ପ୍ରତ୍ୟାଖାନ କରାଗଲା ସେତେବେଳେ ଅର୍ଥନୀତିକ ଆଭିମୁଖ୍ୟର ପ୍ରୟୋଜନକୁ ସାବ୍ୟସ୍ତ କରିବାର ଲକ୍ଷ୍ୟରେ ଏବଂ ଜୀବନକୁ ଉପଲବ୍ଧି କରିବାର ଏକ ଭିନ୍ନ ଦୃଷ୍ଟିଭଙ୍ଗୀଲାଭ କରିବାର ଜିଦ୍‌ରେ ସମସ୍ତ ଔପଚାରିକତା ଭିତରୁ ମୁକ୍ତକରି ଜୀବନକୁ ଏକ ସ୍ୱର୍ଦ୍ଧିତ ଆହ୍ୱାନ ରୂପେ ପ୍ରତିପାଦିତ କରାଗଲା । ଅଲୋଚ୍ୟ ସମୟବେଳକୁ ପୁଞ୍ଜିବାଦର ବିଲୟକୁ କଳନା କରି ସାମ୍ରାଜ୍ୟବାଦୀମାନେ କୂଟନୀତି ପ୍ରୟୋଗକରି ସାମ୍ୟବାଦକୁ ଧ୍ୱଂସ କରିବା ନିମନ୍ତେ ଉଦ୍ୟମ ଚଳାଇଥାନ୍ତି ।ଏତାଦୃଶ ପୃଷ୍ଠଭୂମିରେ ସାମାଜିକ ଅବେଦନକୁ ବିଶେଷ ଗୁରୁତ୍ୱ ପ୍ରଦାନ ପୂର୍ବକ ନବ୍ୟ-ମାର୍କସ୍‌ବାଦ ଭାବରେ ନିରାପଦ ମାର୍ଗଟିଏ ଖୋଜି ପାଇଲେ ସାମ୍ୟବାଦୀମାନେ ।ଯେଉଁଥିରେ ନଥିଲା ମାର୍କସ୍‌ଙ୍କର ଦାର୍ଶନିକତତ୍ତ୍ୱର ତୀକ୍ଷ୍ଣ ଖଡ୍‌ଗଧାର ବରଂ ଉଦାର ମାର୍କସ୍‌ପନ୍ଥୀ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଖୋଜି ପାଇଲେଏମାନେ ।

Oxford English Dictonary ନବ୍ୟ-ମାର୍କସ୍‌ବାଦର ସଂଜ୍ଞା ନିରୁପଣ କରି କହେ - "Relating to the forms of political philosophy which arise form the adoption of marxist thought to accomodate or confort modern issues such as the global economy, the capitalist welfare state and the stability of liberal democracies."[୩]ଅର୍ଥାତ୍, ଆଧୁନିକ ସମାଜରେ ସୃଷ୍ଟ ବିଶ୍ୱ ଅର୍ଥବ୍ୟବସ୍ଥା, ପୁଞ୍ଜିବାଦୀ ଜନମଙ୍ଗଳକାରୀ ରାଷ୍ଟ୍ର ବ୍ୟବସ୍ଥା ତଥା ଉଦାରବାଦୀ ଗଣତନ୍ତ୍ରରେ ସ୍ଥିରତା ଆଣିବା ପ୍ରଭୃତି ବିବିଧ ଘଟଣାକ୍ରମକୁ ସମ୍ମୁଖୀନ ହେବା ପାଇଁ ମାର୍କସ୍‌ବାଦୀ ତତ୍ତ୍ୱରେ କେତେକ ନୂତନ ରାଜନୈତିକ ଦର୍ଶନକୁ ସମ୍ବନ୍ଧିତ କରାଯାଇଥିଲା । ଉକ୍ତ ପରିବର୍ତ୍ତିତ ଧାରଣାରୁ ନବ୍ୟ-ମାର୍କସ୍‌ବାଦର ସୃଷ୍ଟିହୋଇଛି ।

ବସ୍ତୁତଃ ମାର୍କସ୍‌ବାଦର ପରିବର୍ତ୍ତିତ ସଂସ୍କରଣ ହୋଇଥିଲେ ମଧ୍ୟ ଏଥିରେ ଉଦାର ମାର୍କସ୍‌ବାଦର ସ୍ୱର ଅନୁରଣିତ । ୧୯୮୦ ପରବର୍ତ୍ତୀ କାଳରେ ବିଶ୍ୱ ସାହିତ୍ୟରେ ଧାରାଗତ ପରିବର୍ତ୍ତନ ସଂଘଟିତହୋଇଛି । ମାର୍କସବାଦୀମାନେ ସାମ୍ରାଜ୍ୟବାଦୀ ମାନଙ୍କ ଦୌରାତ୍ମ୍ୟରୁ ଆତ୍ମରକ୍ଷା କରିବାକୁ ଯାଇ ପ୍ରୋଲିଟରିଏଟ ଅର୍ଥାତ୍ ସର୍ବହରା ତତ୍ତ୍ୱର ପରିହାର ପୂର୍ବକ ଦଳିତ ତତ୍ତ୍ୱ (subaltern)କୁ ଆପଣେଇ ନେଇଛନ୍ତି ଏବଂ ଦଳିତ ସହିତ ସର୍ବହରାକୁ ସମନ୍ୱିତ କରି ଶୋଷଣରୁ ମୁକ୍ତିର କଥା କହିଛନ୍ତି । ମାର୍କସୀୟ ଦର୍ଶନର ପୃଷ୍ଠ ଭୂମିରେ ନୂତନ କୌଶଳର ପ୍ରୟୋଗରେ ଏହା କେତେବେଳେ ନାରୀବାଦର କଥା କହିଛି ତ କେତେବେଳେ ଦଳିତବାଦର କଥା କହିଛି । ପୁଣି କେତେବେଳେ ସହରୀକରଣ, ଶିଳ୍ପାୟନ ନାଁରେ ବାସହରା ହୋଇ ଜୀବନ ଅତିବାହିତ କରୁଥିବା ବିସ୍ଥାପିତଙ୍କର କରୁଣ କାହାଣୀକୁ ଉପସ୍ଥାପିତ କରିଛି ।ମୋଟ ଉପରେ ମାର୍କସ୍‌ବାଦୀ ଚେତନାକୁ ସୁସଂହତ କରିବା ସହିତ ଗଣମୁଖୀ ଆବେଦନର ଲୋକପ୍ରିୟ କରାଇ ପାରିଛି ନବ୍ୟ-ମାର୍କସବାଦୀ ଚେତନା ।

ମାର୍କସ୍‌ବାଦୀ ସାହିତ୍ୟରେ ପ୍ରତ୍ୟକ୍ଷ ଭାବରେ ଲାଲ୍‌ପତାକା, ଲାଲବାହିନୀ, ଶ୍ରେଣୀ ସଂଘର୍ଷ ଇତ୍ୟାଦି ମାଧ୍ୟମରେ ପୁଞ୍ଜିପତିମାନଙ୍କ ବିରୋଧରେ ସଂଗ୍ରାମର ଆହ୍ୱାନ ଥିଲା, ମାତ୍ର ନବ୍ୟ-ମାର୍କସ୍‌ବାଦୀମାନେ ପ୍ରଚାର ସର୍ବସ୍ୱତାରୁ ନିଜକୁ ଦୂରେଇରଖି ଦଳିତ, ଶୋଷିତ ଓ

ନିଷ୍ପେସିତମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଅତି ଆବେଗ ପ୍ରବଣ ଢଙ୍ଗରେ ପ୍ରକାଶ କଲେ। ଖଟିଖିଆ, ଦିନମଜୁରିଆ, ଅଶିକ୍ଷିତ, ମୂଲିଆ ଓ ଶ୍ରମିକଶ୍ରେଣୀ ପୁଞ୍ଜିପତିମାନଙ୍କର ଅତ୍ୟାଚାର ତଳେ ଯେଉଁ ଭୟାନକ ଯନ୍ତ୍ରଣା ଭିତରେ ଅହରହ ପେଶି ହେଉଥିଲା ସେମାନଙ୍କୁ ସଚେତନ କରାଇ ବିପ୍ଳବ ଜରିଆରେ ମୁକ୍ତିର ମାର୍ଗ ଦେଖାଇଲା ନବ୍ୟ-ମାର୍କସବାଦୀ ସିଦ୍ଧାନ୍ତ। ଏହା ଦଳିତ, ଅବହେଳିତ, ଶୋଷିତ ଓ ସର୍ବହରାର କଥା କହିଲା। ସମାଜରେ ଅନ୍ୟ(other) ଭାବରେ ଅବାଞ୍ଛିତ ଜୀବନ ଅତିବାହିତ କରୁଥିବା ମଣିଷର କଥା ବିକହିଲା।

୧୯୮୦ ପରବର୍ତ୍ତୀ କାଳରେ ବିଶ୍ୱ ସାହିତ୍ୟରେ ପ୍ରମୁଖସ୍ଥାନ ଗ୍ରହଣ କରିଥିବା ଉତ୍ତର ଆଧୁନିକ ଚେତନାରେ ନବ୍ୟ-ମାର୍କସ୍‌ବାଦ ଏକ ଅନ୍ୟତମ ଆନ୍ଦୋଳନ ଭାବେ ପରିଗଣିତ ହେଲା। ସାମ୍ୟବାଦୀ ରାଷ୍ଟ୍ରମାନଙ୍କରୁ ଉଦ୍ଭୁତ ହୋଇଥିଲେ ମଧ୍ୟ ସମଗ୍ର ବିଶ୍ୱର ସାମାଜିକ ତଥା ସାହିତ୍ୟିକ ପରିସର ମଧ୍ୟରେ ଏହା ଏକ ଉଲ୍ଲେଖ ଯୋଗ୍ୟସ୍ଥାନ ଅଧିଗ୍ରହଣ କରିପାରଛି। ଏହି ପରିପ୍ରେକ୍ଷୀରେ ନବ୍ୟ-ମାର୍କସ୍‌ବାଦୀ ଦର୍ଶନର ଆଧାରରେ ଗଣଜୀବନର ଦୁଃଖ ଦୁର୍ଦ୍ଦଶାକୁ ଚିତ୍ରଣ କରିବା ନିମନ୍ତେ ଓଡିଆ ସାହିତ୍ୟରେ ମଧ୍ୟ ତତ୍ପରତା ପରିଦୃଶ୍ୟ ହୋଇଛି। ଆଶୁତୋଷ ପରିଡା, ସଦାଶିବ ଦାସ, ପ୍ରସନ୍ନ କୁମାର ପାଟଶାଣୀ, ଶତ୍ରୁଘ୍ନ ପାଣ୍ଡବ, ସେନାପତି ପ୍ରଦ୍ୟୁମ୍ନ କେଶରୀ, କୁମାର ହସନ୍, ରତ୍ନାକର ରାଉତ, ଅଖିଳ ନାୟକ, ହୁସେନ ରବିଗାନ୍ଧି, ରମେଶ ପତି, ଦୁର୍ଗାପ୍ରସାଦ ପଣ୍ଡା, ନିରାକାର ଦାସ, ପବିତ୍ରମୋହନ ଦାସ, ଜୟନ୍ତୀ ରଥ, ପ୍ରବୀର ମହାନ୍ତି, ସମରେନ୍ଦ୍ର ମହାପାତ୍ର, ସନ୍ତୋଷ ଦେବତା, ମିନତୀ ମିଶ୍ର, ସୁଶାନ୍ତ କୁମାର ଷଡଙ୍ଗୀ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ଅୟସକାନ୍ତ, ସମ୍ମିତରାୟ ପ୍ରମୁଖଙ୍କ ବିବୃନ୍ଦ ଏ ଦିଗରେ ଲେଖନୀ ଚାଳନା ପୂର୍ବକ ଓଡିଆ କବିତାରେ ନବ୍ୟମାର୍କସବାଦୀ ଧାରାକୁ ସମୃଦ୍ଧ କରିଛନ୍ତି।

ଉତ୍ତର ଆଧୁନିକ କାଳରେ ଏହି ନୂତନ ଦର୍ଶନଟି ଦାରିଦ୍ର୍ୟ, ଜାତିଗତ ବୈଷମ୍ୟ, ଧର୍ମଗତ ବିଦ୍ୱେଷ, ଶୋଷଣ, କ୍ଷମତାହୀନତା ଓ ଶିଳ୍ପଗତ ଅଭିବୃଦ୍ଧି ପ୍ରତି ଅହେତୁକ ଆଗ୍ରହ ଜନିତ ସୃଷ୍ଟ ବିବିଧ ସାମାଜିକ ସମସ୍ୟାକୁ ବିଶ୍ଳେଷଣ କରି ସାମାଜିକ ଗଠନ ପ୍ରଣାଳୀରେ ଥିବା ତ୍ରୁଟି-ବିଚ୍ୟୁତି ସବୁକୁ ମୂଳୋତ୍ପାଟନ କରିବା ନିମନ୍ତେ ଚେଷ୍ଟିତ ହେଲା। ଓଡିଆ ସାହିତ୍ୟ ମଧ୍ୟ ଉତ୍ତର ଅଶୀ କାଳରେ ଆଲୋଚ୍ୟ ନୂତନ ଚେତନାକୁ କବିତାର କଳେବର ମଧ୍ୟରେ ସ୍ଥାନ ଦେଇ ଯୁଗୀୟ ଅଭିରୁଚି ସହିତ ସମତାଳରେ ଗତିକଲା। ପୁଞ୍ଜିବାଦକୁ ସମାଜରେ ଘଟୁଥିବା ବିବିଧ ସମସ୍ୟାର ପ୍ରମୁଖ କାରଣ ରୂପେ ଉପସ୍ଥାପନ କରି ସମାଜରୁ ଏହି ପ୍ରଥାକୁ ଉଚ୍ଛେଦ କରିବାକୁ ଆହ୍ୱାନ ଦେଇ କବି କହେ:-

"ସାମ୍ୟବାଦ ଓ ସମାଜବାଦକୁ ସମାଜନୀତିରେ ଭରି
ପୁଞ୍ଜିବାଦର ଉଚ୍ଛେଦ କର ଭ୍ରଷ୍ଟାଚାର କୁମାରି ।"

କାଳରାତି, ଡଃ. ଉପେନ୍ଦ୍ର ପ୍ରସାଦ ନାୟକ
ସମାରୋହ, ପୂଜାବିଶେଷାଙ୍କ ୨୦୦୫

ଉପ ନିବେଶବାଦୀ ପରାଧୀନ ମଣିଷ ଯେଉଁ ନୂତନ ସମାଜର ପରିକଳ୍ପନା କରିଥିଲା ତାହାଥିଲା ସଂତ୍ରାସ, ଧ୍ୱଂସ, ଅନ୍ୟାୟ ଓ ଶୋଷଣ ମୁକ୍ତରାଷ୍ଟ୍ର। ଯେଉଁଠି ଶାନ୍ତି ଓ ସୌହାର୍ଦ୍ଦ ବିରାଜମାନ କରୁଥିବ। ପୁନଶ୍ଚ, ଅବିଶ୍ୱାସ, ଷଡଯନ୍ତ୍ର ପ୍ରଭୃତିର ଦୌରାତ୍ମ୍ୟଥିବ ଏଠାରେ ଅନୁପସ୍ଥିତ। ମାତ୍ର ଉତ୍ତର ଉପନିବେଶ କାଳରେ ସମାଜବାଦୀ ଗଣତନ୍ତ୍ର ପ୍ରତିଷ୍ଠା ହେଲା ସତ କିନ୍ତୁ ତାହାର ସ୍ୱପ୍ନର ରାଷ୍ଟ୍ର ଅପହଞ୍ଚ ହୋଇ ରହିଗଲା। ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ମାତୃଭୂମି ପରିବର୍ତ୍ତେ ସେଦେଖିଲା ହିଂସା ଓ ଛଳନାରେ ଜରାଜୀର୍ଣ୍ଣ ଭାରତ ବର୍ଷ। ଶାସକ ବଦଳିଗଲେ ମାତ୍ର ପୁଞ୍ଜିପତିମାନଙ୍କ ନୂତନ ଆର୍ଥିକନୀତି ବିଶ୍ୱର ସମସ୍ତ ଅଞ୍ଚଳରେ ଆସ୍ଥାନ ଜମେଇ ଦେଲା। ଫଳତଃ ଦେଶୀ ସାମଗ୍ରୀ ଅପେକ୍ଷା ବିଦେଶୀ ସାମଗ୍ରୀ ଓ ସେବାର ଚାହିଦା ବୃଦ୍ଧି ପାଇବାକୁ ଲାଗିଲା।

ସବୁକାଳରେ ଅର୍ଥନୀତିର ମାନଦଣ୍ଡ ଦ୍ୱାରା ସମାଜ ନିୟନ୍ତ୍ରିତ ହୋଇଥାଏ, ଆଲୋଚ୍ୟ କାଳଖଣ୍ଡରେ ଜଗତୀକରଣର ପରବର୍ତ୍ତୀ ବିଶ୍ୱରେ ଉଦାରୀକରଣ ଅର୍ଥନୀତି ଦେଶୀୟ ପୁଞ୍ଜି ଓ ବିଦେଶୀ ପୁଞ୍ଜି ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟିକଲା ଯାହା କି ପ୍ରଚ୍ଛନ୍ନ ଭାବରେ ସମାଜରେ ବିଭେଦ ସୃଷ୍ଟିର ପ୍ରମୁଖ କାରଣ ହେଲା। ଶୋଷଣର ରୂପ ବଦଳିଲା। ବସ୍ତୁର ସ୍ଥାନ ନେଲା ଅଣବସ୍ତୁ। ଏଠି ପୁଞ୍ଜିପତି ଆଉ ବସ୍ତୁ ଶ୍ରମକୁ ଅକ୍ତିଆର କରିବାକୁ ଚାହିଁଲା ନାହିଁ ବରଂ ଅଣବସ୍ତୁ ଶ୍ରମକୁ କରାୟତ୍ତ କରି ବିପୁଳ ସଂପତ୍ତିର ଅଧିକାରୀ ହେଲା। ଯଦିଚ ମଣିଷର ସେବା ପରିବର୍ତ୍ତେ ସେ ମୋଟା ଅଙ୍କରେ ଟଙ୍କା ଦେଉଥିଲା କିନ୍ତୁ ତାର ସମସ୍ତ ପାରିବା ପଣିଆ ଉକ୍ତ ବହୁରାଷ୍ଟ୍ରୀୟ କମ୍ପାନୀ(MNC) ମାନଙ୍କ ନିକଟରେ ବନ୍ଧା ପଡିଲା। ଅତିଷ୍ଠ ସମାଜବାଦୀ କବି ଏତାଦୃଶ ଶୋଷଣରେ ବ୍ୟଥିତ ହୋଇ କହିଲାଛି -

"ଯେତେ ସବୁ ଗାନ୍ଧିବାଦ ସାମ୍ୟବାଦ ଶାନ୍ତିର ସୁଗନ୍ଧ
ହଜିଯାଏ ପୁଞ୍ଜିବାଦର ମହାପ୍ରଳୟରେ
ଅକର୍ମା ମଣିଷଏଠି ଖୋଲୁଥାଏ ଭାଗ୍ୟ
ଜୀଇଁବାର ଜ୍ୱାଳା ସହିନିଏ ନିରୀହ ମଣିଷ
ଅଙ୍ଗେ ନିଭା ଯାତନାର ଅନୁଭବ ଯେତେ
ମିଶିଯାଏ ଧୂଆଁହୋଇ ଆକାଶ ଛାତିରେ।"

ନିସଙ୍ଗ ବିହଙ୍ଗ, ନିଶବ୍ଦ ନୂପୁର, ନରହରି ମିଶ୍ର

ଅତୀତରେ ସେ ଏକଛତ୍ରବାଦ ଶାସନରୁ ମୁକୁଳି ସ୍ୱାଧୀନ ଭାବରେ ସମ୍ମାନର ସହିତ ବଞ୍ଚି ରହିବା ପାଇଁ ଆନ୍ଦୋଳନ କରିଥିଲା ଏବଂ ଉକ୍ତ ଆନ୍ଦୋଳନର ଫଳସ୍ୱରୂପ ସମସ୍ତ ଶୋଷଣର ଅନ୍ତ ଘଟି ସମାଜବାଦର ଜୈତ୍ରକେତନ ଉଡିଥିଲା। ଏହି ନ୍ୟାୟରେ ଦୃଢୋକ୍ତି ପ୍ରକାଶ ପୂର୍ବକ ଉତ୍ତର ଆଧୁନିକ ନବ୍ୟ-ମାର୍କସ୍‌ବାଦୀ କବି ଚେତାଇ ଦିଏ ଯେ ସେ ପ୍ରତିବାଦ କରିପାରେ, ସଂଗ୍ରାମ କରିପାରେ ଏବଂ ସାଂପ୍ରତିକ ସମାଜରେ

ପରିଦୃଷ୍ଟ ହେଉଥିବା ସମସ୍ତ ଅସମତାକୁ ଦୂରେଇ ଦେବା ପାଇଁ ଆନ୍ଦୋଳନ ମଧ୍ୟ କରିପାରେ।

"ମଣିଷ ମୂକ ନୁହଁ
ତା ପାଇଁ ପରିବର୍ତ୍ତନ ଲୋଡ଼ା
ସେ ହେବାକୁ ଚାହେଁ ସ୍ୱାଧୀନ
ତାର ଏ ସଂଗ୍ରାମ ସୂଚନା ଆଣେ
ସୀମାହୀନ ଶୋଷଣର ଅବସାନ।"

ଲାଲଗଡ, ଲୋହିତ ଧୂସର, କୁଳମଣି ଜେନା

ଲୁଣ୍ଠନକାରୀ ଶକ୍ତି ବିବିଧ ଉପାୟରେ ସାଧାରଣ ନିରୀହ ଲୋକମାନଙ୍କର ବିତ୍ତକୁ ଅପହରଣ କରିଚାଲେ। ତାରସଞ୍ଚିତ ଅର୍ଥର ପାହାଡ କ୍ରମବର୍ଦ୍ଧିଷ୍ଣୁ ଥିଲାବେଳେ କାହାର ଦିନକୁ ଦୁଇବେଳା ଖାଇବାକୁ ନ ଥାଏ। କୋଉଠି ନିଜ ଜୀବନକୁ ସଂକଟରେ ପକାଇ ସାଧାରଣ ଲୋକଟା ଏ ଜୀବିକା ନିର୍ବାହ ପାଇଁ ଚିରା ଗାମୁଛା ପାରି ଦେଇଥାଏ ତ କୋଉଠି ପ୍ରତିପତ୍ତି ସଂପନ୍ନ ଲୋକମାନେ ମାନବିକତା ଶୂନ୍ୟ ଭାବରେ ତାର ଅସହାୟତାକୁ ପରିହାସ କରିଥାଏ। ସମାଜର ଏତାଦୃଶ ବୈଷମ୍ୟର ନଗ୍ନଚିତ୍ରକୁ ଲୋକଲୋଚନକୁ ଆଣିବା ସହିତ ମାନବିକ ଅଧିକାରକୁ ସାବ୍ୟସ୍ତକରିବା ନିମନ୍ତେ ଆହ୍ୱାନ ଦେଇ କବି କହେ-

"ଅସମତାର ଅରଣ୍ୟରେ ମାୟା ମିରିଗସମ
କେଉଁ ଆଦିମ ଜୀବନର କଳା ନଦିଶି
ଦିଶିଯାଏ ମଣିଷର ଅଧିକାର କେମିତି
ପୋତି ହୋଇଯାଏ ଥିଲାବାଲାଙ୍କ ତାଳି ମାଡରେ।"

ମାଟିଆ କେଳା, ଶୋଷସନ୍ତକ, ତୁହିନାଂଶୁ ରଥ

କ୍ଷମତାଧର ରାଜନେତାମାନେ ପୁଞ୍ଜିପତିଙ୍କର ବିଶ୍ୱସ୍ତ ଅନୁଗତ। ଦରିଦ୍ର ନିରୀହ ଜନସାଧାରଣ ହେଉଛନ୍ତି ଶ୍ରମ ଦାନକାରୀ ସେବକ।ଏହି ସେବକ ମାନଙ୍କର ଅସହାୟତାକୁ ପ୍ରଦର୍ଶନ କରି ସେମାନେ ପ୍ରତିଷ୍ଠା ଅର୍ଜନ କରନ୍ତି ଏବଂ ଉକ୍ତ ଅସହାୟତାକୁ ଦୂରୀକରଣ କରିବା ନାଁରେ ବିଭିନ୍ନ ଯୋଜନାର ଆଳରେ ରାଜକୋଷ ଲୁଣ୍ଠନ କରନ୍ତି। ଏଥିରେ ମନ୍ତ୍ରୀ, ଯନ୍ତ୍ରୀ, ଅମଲାତନ୍ତ୍ରୀ ସମସ୍ତେ ଭିନ୍ନଭିନ୍ନ ଭାବରେ ଓ ଢଙ୍ଗରେ ଲୁଣ୍ଠନ କରିଚାଲନ୍ତି। ମାତ୍ର ଅର୍ଥର ଉଚିତ ବିନିଯୋଗ ହୁଏ ନାହିଁ କି ଏମାନଙ୍କର ଜୀବନରେ କୌଣସି ଉନ୍ନତି ଆସେ ନାହିଁ। ସମାଜର ଏତାଦୃଶ ବିଧି ବ୍ୟବସ୍ଥାରେ କ୍ଷୁବ୍ଧ କବି ପ୍ରଶ୍ନକରେ –

"ଆମ ଛିଣ୍ଡା ପୋଷାକ
ଭଙ୍ଗା ଝୁମ୍ପୁଡି ଚାଳର
ଫଟୋ ଆଲବମ୍ ପଠେଇ
ଆମ ଫୁଙ୍ଗୁଳା ଦେହ
ହାଣ୍ଡି କଂସାର ପାଠଚକ୍ର
ର୍‍ୟାଲି ସ୍ଲୋଗାନ ବନେଇ
କେତେ ଦିନ ଲୁଟିବ
ଆମ ରାଜ କୋଷ।"

ପ୍ରତିଜ୍ଞା ନନ୍ଦବଂଶ ଧ୍ୱଂସର
ଗୋକର୍ଣ୍ଣିକା,ପୂଜାବିଶେଷାଙ୍କ ୨୦୧୧

ସମାଜନୀତି, ରାଜନୀତି ତଥା ଶାସନ ତନ୍ତ୍ରରେ ଯେଉଁ ସବୁ ଅସଙ୍ଗତ ଲକ୍ଷ୍ୟ କରାଯାଇଛି ସେ ସବୁକୁ ଉତ୍ତର ଆଧୁନିକ ପ୍ରଗତିଶୀଳ କବିତାର କବିତାରେ ପ୍ରତିବାଦ କରିଛି। ସୁବିଧାବାଦୀ ରାଜନୀତିରେ କ୍ଷମତା ଓ ପୁଞ୍ଜିର ସଂଯୋଗର ଯେଉଁଭଳି ଶୋଷଣର ଏକ ବିକୃତ ପରମ୍ପରା ସୃଷ୍ଟି ହୋଇଛି , କବିତାର କବିତାରେ ତାହାକୁ ସମୂଳେ ବିନାଶ କରିବା ପାଇଁ ସଂକଳ୍ପ କରିଛି କରି କହିଛି –

"କବି ମୁଁ ନୁହେଁ ଶୋଷିତ ଏକ
ବିପ୍ଳବ ମୋ ପହିଲା ଭୋକ
ଧ୍ୱଂସ ମୋର ଦ୍ୱିତୀୟ ନିଶା
ଶୋଷଣ ଘରେ ତାଲା
ପକାଇବାକୁ କବିତା ମୋର
ସଂଗ୍ରାମ ଓ ସଂଘାତରେ
ପଥକୁ ବରି ନେଲା ।"

*ଜାରାଶବର ସଙ୍ଗୀତ, ଲୋହିତ ଧୂସର, କୁଳମଣି ଜେନା*

ସମାଜରେ ବୃଦ୍ଧି ପାଉଥିବା, ଧର୍ଷଣ, ଶୋଷଣ, ଅପମିଶ୍ରଣ, ଅପମୃତ୍ୟୁ, ଅନାହାର, ଅନାଚାର, ପିଲାବିକ୍ରୀ, ଦେହ ବିକ୍ରୀ, ଦରବୃଦ୍ଧି, ଶିକ୍ଷକ ଆନ୍ଦୋଳନ, ଟ୍ରେଡ ୟୁନିୟନ୍ ଆନ୍ଦୋଳନ, ଧର୍ମାନ୍ତରୀକରଣ, ନରବଳି, ଅମାନବିକତା ବେକାରୀ ପ୍ରଭୃତି ସାମାଜିକ ସମସ୍ୟାର ସମାଧାନ ନିମନ୍ତେ ଆଶୁ ପ୍ରତିକାର କାମନା କରିବା ସହିତ ଅପାରଗ ଶାସନ ବ୍ୟବସ୍ଥାରେ କ୍ଷୋଭ ପ୍ରକାଶ ହିଁ ଉତ୍ତର ଆଧୁନିକ ନବ୍ୟ-ମାର୍କ୍ସବାଦୀ କବିତାର ମୁଖ୍ୟ ପ୍ରସଙ୍ଗ। ଓଡିଆ କବିତା କ୍ଷେତ୍ରରେ, ଆଶୁତୋଷ ପରିଡାଙ୍କ 'ରକ୍ତବର୍ଣ୍ଣବାଲି', ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ 'ଅଥୟ ସୂର୍ଯ୍ୟ', ମନୋରମା ମହାପାତ୍ରଙ୍କର 'ଝଡ ପରେ ସୂର୍ଯ୍ୟୋଦୟ', ବେଣୁଧର ରାଉତଙ୍କ 'ଏକତାରା ଦୁଇତାରା', ସୀତାକାନ୍ତ ମହାପାତ୍ରଙ୍କର 'କପଟପାଶା', ଜଗନ୍ନାଥ ପ୍ରସାଦ ଦାସଙ୍କର 'ସ୍ଥିରଚିତ୍ର' ପ୍ରଭୃତି କବିତା ସଂକଳନରେ ରାଜନୈତିକ ପାଣିପାଗ ଓ କ୍ଷମତାଧର ମଣିଷର ଅତ୍ୟାଚାର ଇତ୍ୟାଦି ବର୍ଣ୍ଣନାର ଅନେକ ଦୃଷ୍ଟାନ୍ତ ସ୍ଥାନ ପାଇଛି। ଉପରୋକ୍ତ ଅଭିଜ୍ଞ କବିଙ୍କ ସହିତ ବହୁ ନୂତନ କବି ମଧ୍ୟ ଆଲୋଚ୍ୟ ଚେତନାକୁ ନିଜର କବିତାରେ ସଫଳ ରୂପାୟନ କରିଛନ୍ତି।

ମୋଟ୍ ଉପରେ ଜଗତୀକରଣ ବିଶ୍ୱରେ ପୁଞ୍ଜିବାଦକୁ ସୁହାଇଲା ଭଳି ନିର୍ମିତ ହୋଇଥିବା ବଜାର ନୀତିକୁ ଧ୍ୱଂସକରି ଏକ ସମାଜ କୈନ୍ଦ୍ରିକ ନୀତି ପ୍ରଣୟନ କରିବାକୁ ନବ୍ୟ-ମାର୍କସ୍‌ବାଦୀ କବିଗଣ ଦାବି କରନ୍ତି।ସମାଜରେ ପ୍ରଚଳିତ ଭ୍ରଷ୍ଟାଚାରକୁ ଅନ୍ତ କରି ନୂତନ କର୍ମନୀତି, କୃଷି ନୀତିସୃଷ୍ଟି କରିବା ପାଇଁ ସେମାନେ ଆଗ୍ରହ ପ୍ରକଟ କରିବା ସହିତ ଶାନ୍ତି, ସଂହତି ଓ ନିରୁପଦ୍ରବ ସମାଜ ଗଠନ କରିବାକୁ ଆହ୍ୱାନ ଜଣାଇଥାନ୍ତି।

**ସହାୟକ ଗ୍ରନ୍ଥସୂଚୀ :**


୧. ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ, ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ପୃ-୩୨୧, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ, ୧ମ ସଂ ୨୦୧୪

୨. Sociological Teory ,George Ritzer, university of Maryland @1996

୩. www.oxforddictionaries.com/defination/english/neomarxism

DOI : https://doi.org/10.5281/zenodo.13924330

ମୂଳ ପ୍ରବନ୍ଧ

# ମଗ୍ନ ଅନୁଭୂତିର ଶ୍ୟାମଳ ସାରାଂଶ: 'ଭାନୁମତୀର ଦେଶ'

**ମନୋରଞ୍ଜନ ବିଷୋୟୀ**

**ସଂକ୍ଷିପ୍ତସାର:**

ମହାଭାରତୀୟ ସର୍ଜନାଧାରାରେ ସ୍ରଷ୍ଟାଟିଏ ସର୍ବଦା ତପସ୍ୱୀ ଭୂମିକାରେ ଅବତୀର୍ଣ୍ଣ ହୋଇଥାଏ । ନିଖିଳର ବ୍ୟଥା ଓ ବେଦନାକୁ ନୀଳକଣ୍ଠ ସମ ଆତ୍ମସ୍ଥ କରି ସେ ଅମୃତମୟ ବିଶ୍ୱର ସଂରଚନାରେ ଥାଏ ମଗ୍ନ । କେଉଁଠି କାହା ମୁଣ୍ଡରେ ପତରଟିଏ ପଡ଼ିଲେ, ସ୍ରଷ୍ଟା ମୁଣ୍ଡରେ ପଡ଼େ ପଥର । କାହା ଆଖିରୁ ଲୁହ ଝରିଲେ, ସ୍ରଷ୍ଟା ଆଖିରୁ ଲହୁ ଝରେ । ପୃଥିବୀର କୋଣ ଅନୁକୋଣରେ ସେ ସଂଚରିଯାଏ । କାହା ଆଖିରୁ ଲୁହ ପୋଛେ ତ, କାହା ଦୁଃଖରେ ନିଜେ ବିଚଳିତ ହୁଏ । କାଳେ କାଳେ ଏହା ହିଁ ସ୍ରଷ୍ଟାର ନିୟତି । କବି ସଚ୍ଚିଦାନନ୍ଦ ରାଉତରାୟ ସେହି ଧାରାରୁ ବିଚ୍ୟୁତ ନୁହନ୍ତି । ସେ ଜଗତକୁ ଏକ ନିଆରା ଦୃଷ୍ଟି ନେଇ ଅନୁଧ୍ୟାନ କରିଛନ୍ତି । ସୂକ୍ଷ୍ମତନ୍ତ୍ରୀରେ ଯେତେବେଳେ ଆଘାତ ଲାଗିଛି, ସେତେବେଳେ ଜନ୍ମ ନେଇଛି ସର୍ଜନାର ଧାରାଟିଏ । ଲହୁ ଓ ଲୁହର ସମନ୍ୱୟକୁ ନେଇ ଭାବଗର୍ଭରୁ ଶବ୍ଦ ବିଗ୍ରହମାନ ଜନ୍ମ ନେଇଛନ୍ତି ବିଭିନ୍ନ ବାଗରେ, ବିଭିନ୍ନ ରୂପରେ । ଆପଣା ଭିତରେ ଆତ୍ମପ୍ରକାଶ ନିମନ୍ତେ ସେ ହୋଇଉଠିଛନ୍ତି ଉଦ୍‌ବିଗ୍ନ । ତାଙ୍କ ଚତୁଃପାର୍ଶ୍ୱରେ ଘେରି ରହିଥିବା ଚରିତ୍ରମାନଙ୍କର ଚିତ୍ତାକର୍ଷକ ଓ ରହସ୍ୟପୂର୍ଣ୍ଣ ଅନୁଧ୍ୟାନ ସର୍ଜନଶୀଳ ସୃଷ୍ଟିକୁ ପ୍ରେରଣା ପ୍ରଦାନ କରିଅଛି । ପରିଣତି ସ୍ୱରୂପ ଜନ୍ମ ନେଇଛି ଅନନ୍ୟ କଳାସୃଷ୍ଟି 'ଭାନୁମତିର ଦେଶ' ।

**ପ୍ରମୁଖ ଶବ୍ଦ:**

ସମୟ ଓ ସମ୍ଭାବନାର ମିଶ୍ର ଇତିବୃ , ସ୍ୱପ୍ନ ଓ ସ୍ୱପ୍ନ ଭଙ୍ଗ, ଜୀବନାନୁସନ୍ଧାନ, ମାନବିକତାର ଆହ୍ୱାନ, ପୂର୍ବପୁରୁଷଙ୍କ ପ୍ରତି ଅନୁରକ୍ତି, ପରମ୍ପରା ଓ ପ୍ରଗତି, ଜୀବନର ସତ୍ୟତା, ସମୟର ଆହ୍ୱାନ, ପରିବର୍ତ୍ତନ, ସମକାଳ, ସ୍ୱପ୍ନ ଓ ବାସ୍ତବତାର ସଂଘାତ ।

ସ୍ୱପ୍ନ ଓ ବାସ୍ତବତାର ସଂଘାତ ମଧ୍ୟରେ ଜୀବନର ଗତି ପ୍ରତି ସ୍ୱୀକୃତିର ସ୍ୱାକ୍ଷର- 'ଭାନୁମତୀର ଦେଶ' ମହାକବି ସଚ୍ଚି ରାଉତରାୟଙ୍କ ଏହା ହେଉଛି ସ୍ୱୀକାରୋକ୍ତି । କବି ରାଉତରାୟ ଓଡ଼ିଆ ସାହିତ୍ୟର ବିପୁଳ କ୍ଷେତ୍ରକୁ ସ୍ପର୍ଶ କରିଛନ୍ତି । ପ୍ରତ୍ୟେକ ପର୍ଯ୍ୟାୟରେ ସେ ଜୀବନ ଓ ଜଗତ ପ୍ରତି ରହିଛନ୍ତି ଅତ୍ୟନ୍ତ ସ୍ପର୍ଶକାତର । ଓଡ଼ିଆ ସାହିତ୍ୟରେ ସେ ହେଉଛନ୍ତି ଏକମାତ୍ର ସ୍ରଷ୍ଟା, ଯିଏକି ପ୍ରତ୍ୟେକ ପର୍ଯ୍ୟାୟରେ ଆପଣାର ପାରିପାର୍ଶ୍ୱିକ ପରିବର୍ତ୍ତନ ପ୍ରତି ରହିଛନ୍ତି ଅତ୍ୟନ୍ତ ଅନୁରକ୍ତ ଏବଂ ସମୟର ଆହ୍ୱାନରେ ପରିବର୍ତ୍ତନକୁ ଆପଣେଇ ନେବାରେ ସେ କୁତ୍ରାପି କୁଣ୍ଠା ପ୍ରକାଶ କରିନାହାନ୍ତି । ତାଙ୍କର ପ୍ରତ୍ୟେକ କାବ୍ୟ ସଂକଳନରେ ସମକାଳର ପ୍ରତିରୂପ ଯେପରି ସୁସ୍ପଷ୍ଟ, ଠିକ୍ ସେପରି ପୂର୍ବପୁରୁଷଙ୍କ ପ୍ରତି ଥିବା ଅନୁରକ୍ତିର ସ୍ୱର ମଧ୍ୟ ବେଶ୍ ଲକ୍ଷଣୀୟ । ଅନେକ ସମୟରେ ଆଗାମୀର କାଣିଚାଏ ଅଗ୍ନିଶିଖା ପ୍ରତିଭାଦୀପ୍ତ କବିଙ୍କ ଲେଖନୀ ମାଧ୍ୟମରେ ଆତ୍ମପ୍ରକାଶ କରିଥିବା ଲକ୍ଷ୍ୟ କରିହୁଏ । ତେଣୁ କବିଙ୍କୁ 'ତ୍ରିକାଳଦର୍ଶୀ' କୁହାଯିବା ଦୃଷ୍ଟିକୋଣର ସାର୍ଥକତା ସଚ୍ଚି ରାଉତରାୟଙ୍କ କ୍ଷେତ୍ରରେ ବେଶ୍ ଅନୁଭବ କରିହୁଏ । ତାଙ୍କ ଆଦ୍ୟ ସଂକଳନରେ କବି ଲେଖନୀରେ ଫୁଟି ଉଠିଛି-

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

**Quick Response Code:**

**Available online at :** https://pracheenews.com/

**DOI:** https://doi.org/10.5281/zenodo.13924330
Article No - BPP00228

**ଡକ୍ଟର ମନୋରଞ୍ଜନ ବିଷୋୟୀ**
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ
**E-Mail ID :** bisoyee.manoranjan@gmail.Com
**ORCID ID :** https://orcid.org/0009-0006-5926-7617

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧.୮.୨୦୨୪ | ୧୦.୯.୨୦୨୪ | ୨୫.୯.୨୦୨୪ | ୧.୧୦.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବିଷୋୟୀ, ମନୋରଞ୍ଜନ ; ୨୦୨୪ । ମଗ୍ନ ଅନୁଭୂତିର ଶ୍ୟାମଳ ସାରାଂଶ: 'ଭାନୁମତୀର ଦେଶ' । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଛ; ପୃଷ୍ଠା :୨୫-୩୦ ।

"ତୁମେ ଯେ ବଂଧୁ ଅଂତରତମ
ଜୀବନ ମରଣ ତୁମରି ଦାନ
ଜୀବନ-ପଥେ ତୁମରି ସାଥେ
ନିତ୍ୟ ଯେ ଦେଖା ମୋର ।"

(ଅଭିସାର, ଆଦ୍ୟ ରଚନା, ସଚ୍ଚିରାଉତରାୟ ଗ୍ରନ୍ଥାବଳୀ, ପ୍ରଥମ ଖଣ୍ଡ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୨୦୦୧, ପୃ. ୨୧)

କବି ଆପଣାର ସୃଷ୍ଟି ବିଭୋରତାରେ ମଗ୍ନ ମନେ ହେଲାବେଳେ, ସ୍ୱଳ୍ପକାଳ ମଧ୍ୟରେ ବିଳାସୀ ଲେଖନୀ ଆଗ୍ନେୟବାଣୀ ଶୁଣାଇ କହିଛି-

"ଚୂରି ଜଡ଼ିଭୂତ ଶୃଙ୍ଖଳ କାରା ।
ଆଣ ଆଲୋକର ଐତିହ୍ୟ ଧାରା ।
ତୁଟୁ ହେ ଦୈନ୍ୟ ଅବସାଦ ଜରା
ବିକଶୁ ପରାଣ କଳିକା ।
ସେ ଯେ ଏକାକିନୀ ଅଭିସାରିକା ।"

(ବୃହତ୍‌ର ଆହ୍ୱାନ, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ.୫୫)

କବି କଣ୍ଠରେ ତନ୍ମୟ ଓ ତାଣ୍ଡବର ସମନ୍ୱୟ । ମହାଭାରତୀୟ ପରମ୍ପରାର ମଗ୍ନ ନିରାଜନା ମଧ୍ୟରେ କଣ୍ଠରେ ଧ୍ୱନିତ ହୁଏ-

"ଅରୂପରେ ତୁମେ ରୂପର ଭଂଗିମା, ଅସୀମରେ ସୀମାରେଖା
ପୁରାତନ ମଧ୍ୟେ ଚିର ଯେ ନୂତନ, ଅଦେଖାରେ ତୁମେ ଦେଖା ।
ଅପୂର୍ଣ୍ଣରେ ତୁମେ ପୂର୍ଣ୍ଣର ବିକାଶ, ଅବ୍ୟକ୍ତରେ ତୁମେ ଭାଷା
ପ୍ରତିକର୍ମେ ତୁମେ ଗୋପନ କାରଣ, ନିଖିଳ-ପରାଣ ଆଶା ।"

(ପାଥେୟ-୧୩, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ.୧୪୧)

ସ୍ରଷ୍ଟା 'ପୂର୍ଣ୍ଣିମା' କାବ୍ୟନାଟିକାରେ କହନ୍ତି- "ପ୍ରତ୍ୟେକ ମନୁଷ୍ୟର ଦୁଇଟା ଦିଗ । ଗୋଟାଏ ଆଡୁ ସେ ନିଜର ପ୍ରୟୋଜନ (utility) ଦ୍ୱାରା ସୀମାବଦ୍ଧ- ନିଜର 'ଦରକାର'ର ସୀମା ଭିତରେ ବନ୍ଦୀ । ଅନ୍ୟଆଡୁ ସେ ନିଜର କ୍ଷୁଦ୍ରତ୍ୱର ନାଗଫାଶ ଉନ୍ମୋଚନ କରି ଅସୀମ ପ୍ରାଣସ୍ରୋତରେ ଭାସମାନ-ମୁକ୍ତ, ଅବାଧ ଏବଂ ସ୍ୱାଧୀନ... ।" (ପୂର୍ଣ୍ଣିମା, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ଆଭାସ, ପୃ. ୧୬୯) ବାସ୍ତବିକ୍ ଦୁଇ ପରସ୍ପର ବିରୋଧାତ୍ମକ ବିନ୍ଦୁରେ ଦହକୁଥାଏ ସ୍ରଷ୍ଟା । କିଏ ତାକୁ ବ୍ୟକ୍ତି ବିଶ୍ୱ / ବିଶ୍ୱ ବ୍ୟକ୍ତି ଭାବରେ ବୁଝେ; କିଏ ତାକୁ ସସୀମ-ଅସୀମ ରୂପରେ ଅନୁଭବ କରେ । ସମୟେ ସମୟେ ଏହା ସବୁକାଳ, ସବୁ ମଣିଷ, ସବୁ ଦୁଃଖ, ସବୁ ଆନନ୍ଦର ସମନ୍ୱୟ ରୂପେ ପ୍ରକଟିତ ହୁଏ । କବି ରାଉତରାୟ ସେହିପରି ଜଣେ କବି । ଆଶ୍ଚର୍ଯ୍ୟ ଚକିତ ହୁଏ ରାଉତରାୟ ପ୍ରେମୀ ପାଠକଟିଏ । 'ବାଜିରାଉତ'ର-

"ନୁହେଁ ବଂଧୁ, ନୁହେଁ ଏହା ଚିତା,
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା ।"

(ବାଜିରାଉତ-ଏକ, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ.୨୫୯)

'ଅଭିଯାନ'ରେ ନବଯୁଗ ସାହିତ୍ୟ ସଂସଦର କମ୍ରେଡ୍‌ମାନଙ୍କୁ ନିଜର କାବ୍ୟକୃତି ସମର୍ପଣ କରି ଭୂମିକାରେ ସ୍ୱୀକାର କରେ- "ଲେଖକ ମାର୍କସ୍ -ପ୍ରବର୍ତ୍ତିତ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର କେତେକ ମୌଳିକ ସିଦ୍ଧାନ୍ତ ମୋଟାମୋଟି ଭାବରେ ସମର୍ଥନ କରେ - ଯଦିଚ ଭଗବାନଙ୍କର ମଙ୍ଗଳମୟ ସୃଜନୀଶକ୍ତିରେ ସେ ଗଭୀର ଭାବରେ ବିଶ୍ୱାସ କରେ ଏବଂ ଦଳ, ଗୋଷ୍ଠୀ, ରାଜନୀତି ଓ ଧର୍ମର ଊର୍ଦ୍ଧ୍ୱରେ ସେଇ ମହାନ୍ ଚିତ୍ ଶକ୍ତିର ପରିପୂର୍ଣ୍ଣ ବିକାଶ ଉପଲବ୍ଧ କରିବା ଜୀବନର ଲକ୍ଷ୍ୟ ବୋଲି ମନେ କରେ ।" (ଅଭିଯାନ, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ଭୂମିକା, ପୃ. ୩୦୫) ରାଉତରାୟଙ୍କ କାବ୍ୟ ଅଭିଯାନ ପରମ୍ପରା ଓ ପ୍ରଗତିର ଏକ ମଧୁର ମିଶ୍ରଣ । ତେଣୁ 'ପଲ୍ଲିଶ୍ରୀ', 'ରକ୍ତ ଶିଖା', 'ହସଂତ' ଓ 'ଅଭିଜ୍ଞାନ'ର ପଥ ଦେଇ ଗଦ୍ୟକାବ୍ୟ 'ଭାନୁମତୀର ଦେଶ' ପାଖରେ ପହଞ୍ଚିଲା ବେଳକୁ ସ୍ରଷ୍ଟା ଆପଣାର କାବ୍ୟାଦର୍ଶ ନିରୂପଣରେ ଅଧିକ ସମର୍ଥ ମନେ ହୋଇଛନ୍ତି । ଏକ ବ୍ୟାପକ ପରିସରରେ ଗଦ୍ୟଧର୍ମୀ ଏକମୁଖିନତା ଆଧାରରେ ସେ ଜୀବନର ସତ୍ୟତା ଓ ସମୟର ଆହ୍ୱାନକୁ ଶବ୍ଦରୂପ ପ୍ରଦାନ କରିଛନ୍ତି । ସ୍ୱୀକାର କରିଛନ୍ତି- 'ତରଂଗ' ଓ 'ବିନତା' ଦୁଇ ପ୍ରତୀକ ଚରିତ୍ର, ଆଧୁନିକ ଯୁଗର ସଂଶୟ, ସ୍ୱବିରୋଧ ମଧ୍ୟରେ ଜୀବନ ପ୍ରତି ଅଂଗୀକାର ହିଁ ସେମାନଙ୍କର ସତ୍ୟପାଠ । (ଭାନୁମତୀର ଦେଶ, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ସୂଚନା, ପୃ.୬୦୮)

'ଭାନୁମତୀର ଦେଶ' - ଯଥାର୍ଥରେ ଓଡ଼ିଆ କାବ୍ୟ କାନନରେ ଏକ ଅଭିନବ ପରିକଳ୍ପନା । କାବ୍ୟର ଅଗ୍ରଗତି ସହ ପାଠକ ଏଠାରେ ସ୍ରଷ୍ଟାଙ୍କ କୁହେଳିକାମୟ କଳାପାଟବରେ ତଲ୍ଲୀନ ହୁଏ । ଏକ ନୂଆ ଚରିତ୍ର, ଏକ ନୂଆ ଘଟଣା, ଏକ ନୂଆ ପରିବେଶ ମଧ୍ୟରେ ସଂଚରଣ କଲାବେଳେ ହଠାତ୍ ପାଠକ ପହଞ୍ଚିଯାଏ ଅତିପରିଚିତ ଇଲାକାରେ । ଏ ଇଲାକା ତାର ନିତ୍ୟ ପ୍ରତ୍ୟହର ଚରାଭୂଇଁ; ପୁଣି ଏହା ଅନେକ ସମୟରେ ଅଦ୍ଭୁତ ଐଶ୍ୱର୍ଯ୍ୟର ବିଭୂତିର ବିଭୂଷିତ ଏକ ଭୂସ୍ୱର୍ଗ । କବି କଣ୍ଠରେ-

"ଓଟର ବଙ୍କା କୁଜ ପରି
ଏହି ସବୁ ଘୁମଂତ ପାହାଡ଼,
ଯେମିତି ଗୋଟାଏ ଗୋଟାଏ
ମସ୍ତବଡ଼ ପିଲିସଜ ।

ତା ଉପରେ ସକାଳ ଆଉ ସଂଜ ବେଳେ
ସୂର୍ଯ୍ୟ- ଦୀପ ଜଳେ ।
ଆଉ ଏଇ ଯେଉଁ ଦିଗ- ଶେଷର ତାଳ ଗଛ,
ଭାନୁମତୀର ତୀରେ ତୀରେ ଫଳଭରା ଖଜୁରୀର
ବିସ୍ତର୍ଣ ପାହାଚ
ସେ ସବୁ ଯେମିତି ଗୋଟିଏ ଗୋଟିଏ ବତୀ-ଖୁଂବ
କାରଣ ତା'ରି ଉପରେ ତ ପୂର୍ଣ୍ଣିମାର ସୁବର୍ଣ ଆରଂଭ,
ଚଂଦ୍ରାବତୀ ଜଳେ ।"

(ଭାନୁମତୀର ଦେଶ, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ.୬୧୧)

ଏ ପରିବେଶରେ ନାୟିକା ବିନତାର କଠିନ ରକ୍ତଚଳନ ମନ ସୁବାସିତ ହୁଏ, ଦେହରେ ସୃଷ୍ଟିହୁଏ ଅପୂର୍ବ ବେପଥୁ । ଲୁହା, କଂକ୍ରିଟ ଓ ସିମେଣ୍ଟ ଆବଷ୍ଟନୀରେ ଜୀବନ ଅତିବାହିତ କରିଥିବା ବିନତା ମୌନ ହୋଇ ବିନା ପ୍ରତିବାଦରେ ସ୍ୱୀକାର କରିଛି ଭାନୁମତୀ ଦେଶର ରକ୍ତ କରବୀ । ମନରେ ଲାଗିଛି ସ୍ୱପ୍ନର ସୁନାକାଠି । ଆଧୁନିକତାର ସ୍ପର୍ଶରେ ପରମ୍ପରାର ମୁଗ୍ଧ ଜୀବନାନୁସନ୍ଧାନର ଅମିୟ ପ୍ରତିଲିପି ଆଜି ମ୍ଳାନ । ତେଣୁ ସ୍ରଷ୍ଟା ବିନତାର ମା'ଙ୍କ ସ୍ୱୀକାରୋକ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି-

"ସୁନା ଫରୁଆ ଭିତରେ ସେ ଯେଉଁ
ବାରହାତ ବାଳର କାହାଣୀ
ଜେଜେମାଙ୍କ ମୁହଁରୁ ଶୁଣି ଶୁଣି
ଆମେ ବଡ଼ ହୋଇଚୁଁ,
ସେ ସବୁ କ୍ରମେ ଭୁଲି ଗଲାଣି ।
ସେଇ କାଚ କରତ କଥା- ପୁଣି ଯେଉଁ ମାଲ୍ୟାଣୀ
ନିତି ନିତି ଫୁଲ ବିକି ବୁଲେ
ସେ ସବୁ କଥା ଭୁଲି ଗଲେଣି
ଆଜି କାଲିକା ପିଲେ ।"

(ଭାନୁମତୀର ଦେଶ, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ. ୬୧୫)

କବି କଣ୍ଠରେ ପରମ୍ପରାର ସ୍ତବ । ତେଣୁ ତରଙ୍ଗ ମାଧ୍ୟମରେ କବି ପରମ୍ପରା ଓ ପରିବର୍ତ୍ତନ ମଧ୍ୟରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱକୁ ପ୍ରକାଶ କରିବାକୁ ଯାଇ କହିଛନ୍ତି-

"ଆଗୋ ମୃଗ ବଧୂ !
ହେ ମୋର ବଳାକା !
ନୁହଁ ମୁଁ ନୁହଁ ବାଟବଣା
ଏକଲା ପଥଚାରୀ,
ନୁହଁ ମୁଁ ଶିକାରୀ ।
ଧନୁ ମୋର ଶିଥିଳିତ ଶମୀ-ତରୁ କୁଂଜେ
ବଂଶୀ ମୋର ଖୋଜେ ନିଜ ସ୍ୱର ।
ଏଇ ବନର ମୁଁ କବି
ଏଇ ଦେଶରେ ମୋର ଘର !
ଏ ଯେଉଁ ରକ୍ତ-କରବୀ, ଆଉ
କୃଷ୍ଣଚୂଡ଼ାର ଦେଶ,
ଭାନୁମତୀର ମୁହାଣ ପାରେ
ସରହଦ ଯା' ଶେଷ ।" (ଭାନୁମତୀର ଦେଶ, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ. ୬୧୮)

ପାଠକର କାବ୍ୟଯାତ୍ରାରେ ସଂଯୋଜକ ଚରିତ୍ର ମାଧ୍ୟମରେ ନାୟକ ନାୟିକାଙ୍କ ଅନ୍ତଦ୍ୱନ୍ଦ୍ୱର ରୂପକୁ ସ୍ପଷ୍ଟ କରିଛନ୍ତି ସ୍ରଷ୍ଟା । ଏଇ ଧାରାରେ ଏଠାରେ ପାଠକ ଭେଟେ କେତକୀକୁ । କେତକୀର ଚିଠି ମାଧ୍ୟମରେ ସ୍ରଷ୍ଟା ଗଦ୍ୟକାବ୍ୟର ଦୁଇ ମୁଖ୍ୟ ଚରିତ୍ରର ବିଶେଷତ୍ୱକୁ ବିଶ୍ଳେଷଣ କରିବା ଦିଗରେ ହୋଇଛନ୍ତି ସଫଳ । ଏକବିଂଶର ଭାରତୀୟ ଅନ୍ୱେଷାରେ ନବଭାରତର ନିର୍ମାଣ ନାମରେ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି; ସ୍ୱାଧୀନତାର ଆଦ୍ୟ ଉଷା କାଳରେ ତାହାହିଁ ଥିଲା ତତ୍କାଳୀନ ଭାରତୀୟ ଜନମାନସର ସ୍ୱପ୍ନ ଓ ସଂକଳ୍ପ । ଭାରତର ସ୍ୱାଧୀନତା ଥିଲା ମାଟି ନୁହେଁ ମଣିଷର ମୁକ୍ତି ନିମନ୍ତେ ଅଭିପ୍ରେତ । ସ୍ୱରାଜ୍ୟ ପରିକଳ୍ପନା ଭିତରେ ରାମରାଜ୍ୟ ପ୍ରତିଷ୍ଠା କରି ଏଠାରେ ମାନବ କଲ୍ୟାଣର ମନ୍ତ୍ରରେ ଅଭିଷିକ୍ତ ହୋଇଥିଲା ଭାରତବାସୀ । ଅବଶ୍ୟ ସାଂପ୍ରଦାୟିକ ହିଂସା ଓ ଭାରତର ଅଂଗଛେଦନ ଭିତରେ ଏ କଳ୍ପନା ମ୍ଳାନ ଭଜିଥିଲା । କିନ୍ତୁ ପଲ୍ଲୀପ୍ରାଣର ସରଳ ଅଭିବ୍ୟକ୍ତି ତଥାପି ବି ମହାମାନବିକତାର ମନ୍ତ୍ରରୁ ବିଚ୍ୟୁତ ହୋଇନଥିଲା । କବି ରାଉତରାୟଙ୍କ ସୃଷ୍ଟିରେ ଏହି ମାନସିକତାର ପ୍ରତିଫଳନ ସୁସ୍ପଷ୍ଟ । ପରାଧୀନତାର ବନ୍ଧନରୁ ମୁକ୍ତ ଏ ସମୟର ବାସ୍ତବତା ତରଂଗର ମାନସିକତା ଭିତରେ ସ୍ରଷ୍ଟା ସ୍ପଷ୍ଟ ପ୍ରତିଫଳିତ କରିଛନ୍ତି । କେତକୀ ତେଣୁ ତା'ର ଚିଠିର ପ୍ରାରମ୍ଭରେ ଉଲ୍ଲେଖ କରିଛି-

"×× ତମ ମାମୁଂକ ପାଖେ ରହୁଚ,
ଆଉ କ'ଣ ଅର୍ଥନୀତି ନା କୋଉଥିରେ
ଏମ୍.ଏ ପଢୁଚ ।
ତରୁ ଭାଇ ଆଉ ପଢ଼ିବେ ନାଇ ।
ସେ ଗାଁରେ ଏକ କୃଷି-ଫାରମ କରିବେ ।

କୁକୁଡ଼ା ଚାଷ, ମହୁ ଚାଷ
ଏଂଡ଼ିପୋକ ଚାଷ
ଏମିତି କେତେ ରକମର ଚାଷ କଥା ସେ
କହୁଥିଲେ ।"

(ଭାନୁମତୀର ଦେଶ- କେତକୀର ଚିଠି, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ. ୬୩୭)

କବି କରେ କ'ଣ ? ସେ ପ୍ରଚାରକ ନୁହେଁ, ନୁହେଁ ମଧ ଧର୍ମଯାଜକ । ପୁଣି ସଂସ୍କାରକ, ମହାନାୟକ ହେବାର ସୌଭାଗ୍ୟ ଲାଭ କରିବା ସହଜସାଧ ନୁହେଁ । କିନ୍ତୁ ତା' ଆଖିର ଆଇନାରେ ଜୀବନର ଜଳଛବି ଯେ ପ୍ରତିବିମ୍ବିତ ହୁଏ, ଏଥିରେ ସନ୍ଦେହ ନାହିଁ । ଦିନେ 'ଅଗ୍ନି ମିଳେ ପୁରୋହିତଂ' ଧ୍ୱନି ମଧ୍ୟରେ ଜଗତର କଲ୍ୟାଣ ଉଦ୍ଦେଶ୍ୟ ନେଇ ଯେଉଁ ମାନବଟିଏ ଧରାବନ୍ଧା ଜୀବନଧାରା ମଧ୍ୟରୁ ଆପଣାକୁ ମୁକ୍ତ କରି ସନାତନ ବାଣୀ ଶୁଣାଇଥିଲା, ତାହାର ଉତ୍ତର ପୁରୁଷ ଏଯାବତ୍ ଏହି ଧାରାରୁ ବିଚ୍ୟୁତ ହୋଇନାହାନ୍ତି । ଶତାବ୍ଦୀ ଶତାବ୍ଦୀ ଅତିକ୍ରମ କଲାପରେ ମଧ ସମାଜ କଲ୍ୟାଣ ହିଁ ହୋଇଛି ସବୁ ଜ୍ଞାନ, ସବୁ ବିଜ୍ଞାନ, ସବୁ ସନ୍ଧାନ, ସବୁ ସୃଜନର ଆଦ୍ୟବିନ୍ଦୁ । ମାନବିକତାର ଆହ୍ୱାନରେ ବିପୁଳ ମଧ୍ୟରେ ଆତ୍ମଲୀନ ହୁଏ ଏକକ । ଏହି ସମାଜ ଓ ମାନବ କଲ୍ୟାଣର ଦୃଷ୍ଟିଭଙ୍ଗୀ ମଧ୍ୟରେ ତରଂଗ ଜୀବନର ଏକ ମୋଲାୟମ ଆହ୍ୱାନକୁ ଉପେକ୍ଷା କରିଛି । ସେ ବୁଝିଛି ଭାନୁମତୀ ଚରାର ସୌନ୍ଦର୍ଯ୍ୟ କିଛି ସମୟ ପାଇଁ ଉଚ୍ଚ ଆକାଂକ୍ଷା ଓ ସହରୀ ସଭ୍ୟତା କୋଳରେ ଆତ୍ମସମର୍ପଣ କରିଥିବା ମଣିଷକୁ ପ୍ରଲୁବ୍ଧ କରିପାରେ, କିନ୍ତୁ ସର୍ବଦା ନୁହେଁ । ତେଣୁ ତରଂଗ ପ୍ରତି ଅନୁରକ୍ତ ରହିଥିବା ଏବଂ ଭାନୁମତୀର ଦେଶକୁ ଆତ୍ମଭରି ଉପଭୋଗ କରିବା ସତ୍ତ୍ୱେ ବିନତା ଗାଁର ସାଧବବୋହୂ ଓ ତେଲୁଣି ପୋକ ଦେଖିଲେ ଶିଡେଇ ଉଠେ, କଂକଡ଼ା ବିଛା ତାକୁ ଆତଙ୍କିତ କରେ; ଭଂଗା ପାଚେରୀ, ଶିଉଳି ଲଗା କୂଅ, ଚଉରା ତଳ ମନରେ ଭରିଦିଏ ଅସୁସ୍ଥତା, ଖଂଜାରେ କାଳୀ ଗାଈର ଗୋବର ସହ୍ୟ କରିହୁଏ ନାହିଁ । ସେ ସ୍ୱୀକାର କରେ–

"ତା'ପରେ କହିଲା, ଭଲ ପାଏ ।
ଖୁବ୍ ଭଲ ପାଏ ।
ଭ୍ରାମ୍ୟମାଣ ମୁସାଫିର୍ ଯେମିତି
ଭଲ ପାଏ
ତା ତଂବୁର ଚତୁର୍ଦ୍ଦିଗ
ପରିମଂଡଳକୁ ।
କିଂତୁ ସେ କଣ ବଂଦୀ ହବାକୁ ଚାହେଁ
ସେଇଠି ?
ସହର ମୋର
ପ୍ରାତ୍ୟହିକ ଜୀବନର ଘର,
କର୍ମ-ଚଂଚଳ, ଦୈନଂଦିନର
ଲୀଳା-ଭୂମି
ଗ୍ରାମ ମୋର ଛୁଟିର ତୀର୍ଥ ।
ଏଇ ମୋର ଚିଂତା-କୋଣ ।"

(ଭାନୁମତୀର ଦେଶ-ଝଡ଼ରେ କୃଷ୍ଣଚୂଡ଼ା, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ. ୬୨୫)

ତେଣୁ ତ ଭାନୁମତୀ ଦେଶର ରକ୍ତ କରବୀ ସାଇତା ହୁଏ କବିତା ଖାତାରେ, ଶୁଷ୍କ କୃଷ୍ଣଚୂଡ଼ା ଜୁଡ଼ାରେ ଖୋସି ଆନନ୍ଦ ଖୋଜି ହୁଏ । ଅନ୍ୟପକ୍ଷରେ କେତକୀ ସ୍ୱୀକାର କରିଛି- ଛୋଟ ପରିସର ଭିତରେ, ସରଳ ଜୀବନଧାରାରେ ଏଠି ମିଳେ ଶାନ୍ତି । ଭାନୁମତୀର ଦେଶର ଯୁବକ ଆମ୍ବଗଛର ମହୁଫେଣା, ଶଂଖ ବିଲେଇ, ଗୋବରୀ ଗାଈର କସରା ବାଛୁରୀ ଛୁଆକୁ ନେଇ ତରଂଗ ସ୍ୱପ୍ନ ଦେଖେ ଏକ ମୁକ୍ତ ଜୀବନର; ମୁଣ୍ଡ ବିକିଥିବା ଚାକିରିଆ ମାଷ୍ଟର, କିରାଣୀ ଠାରୁ ଭଲ ଜୀବନ ନିର୍ବାହ କରିବା ପାଇଁ । ଭାଲୁକୁଣି, ଖୁଦୁରୁକୁଣି, ଦଶହରାର ପସରା ଭିତରେ ଅସ୍ତସୂର୍ଯ୍ୟର କବି ଫେରାଇ ଦିଏ ଫୁଲଫୁଟିବାର ଉତ୍ସବରୁ ଆସିଥିବା ନିମନ୍ତ୍ରଣ । ଆତ୍ମଖୋଲା ହସ ଭିତରେ ହଜିବା ଉପକ୍ରମ ମାଧ୍ୟମରେ ଜୀବନର ଏକ ମଧୁର ଅନ୍ୱେଷଣ ଆରମ୍ଭ କରେ ।

'ଭାନୁମତୀର ଦେଶ' କେବଳ ଅଂଗାଭବରଣ ନୁହେଁ ଆତ୍ମାନୁସନ୍ଧାନ କ୍ଷେତ୍ରରେ ମଧ ଓଡ଼ିଆ ସାହିତ୍ୟରେ ଆଣିଛି ଅଭିନବ ପରିବର୍ତ୍ତନ । ପ୍ରତୀକାତ୍ମକ ଭାବରେ ଏହାର ରୂପଚିତ୍ର ଆଙ୍କିବାକୁ ଯାଇ କବି କହନ୍ତି–

"ପୁଣି ମହାବଳ ବାଘର ହୁଂକାର
ତରଂଗ ଓ ବିନତା ଆଖିରେ ଭାସି ଉଠିଲା
ଏକ ପୀତ ମାର୍ବେଲ ରଂଗର ବାଘ
ଚମଡ଼ାରେ ତାର ତୀର ଧନୁକର ଦାଗ ।
ଆଖିରେ ତାର ଚର୍ବି ପରି ସ୍ନିଗ୍ଧ ନିଦ
ତରଳି ଆସୁଥିଲା ଏକ
ବନ୍ୟ ହିଂସାର ଉତ୍ତାପରେ ।
ପ୍ରତି ଲୋମରେ ତାର କ୍ରୋଧ ।
ସେ ଯେମିତି ଲାଂଜ ପିଟୁଥିଲା,
ନଖ ଘଷୁଥିଲା
ପିଛା କରୁଥିଲା ।"

(ଭାନୁମତୀର ଦେଶ- ଝଡ଼ରେ କୃଷ୍ଣଚୂଡ଼ା, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ. ୬୩୧-୩୨)

ବାସ୍ତବିକ କବି ସଚ୍ଚିଦାନନ୍ଦ ହେଉଛନ୍ତି ଜଣେ ସାର୍ଥକ ଭୂମିପୁତ୍ର । ଭୂମା ଦିଗରେ ନିବଦ୍ଧ ତାଙ୍କ ଦୃଷ୍ଟି ସମୟର ଧାରାରେ ନିତ୍ୟ ପରିବର୍ତ୍ତନଶୀଳ ଚେତନାକୁ ପରଖିଛି । ବିଶ୍ୱବକ୍ଷରେ ସଂଘଠିତ ସମସ୍ତ ଘଟଣାରାଜି ତାଙ୍କୁ କରିଛି ସଚେତନ । ପରମ୍ପରା ପ୍ରତି ଗଭୀର ଅନୁରାଗ ଓ ପରିବର୍ତ୍ତନ ପ୍ରତି ରହିଥିବା ତରଳ ଆବେଗ- ତାଙ୍କୁ ଏକ ସମୟ ସଚେତନ କଳାକାରର ଅଗ୍ରଣୀ ପଥଚାରୀ ରୂପେ ପରିଚିତି ପ୍ରଦାନ କରିଛି । ଗୋଟିଏ ଦିଗରେ ଚିରନ୍ତନର ଆବାହନୀ ତାଙ୍କ କଳାକୁ କାଳୋତୀର୍ଣ୍ଣ କଲାବେଳେ, ଅନ୍ୟ ଦିଗରେ ନୂତନତାର ସିଂଜନୀ କବିଙ୍କୁ କରିଛି- ଆବେଗ ପ୍ଲାବିତ । ପରମ୍ପରା ଓ ପରିବର୍ତ୍ତନର କେନ୍ଦ୍ରବିନ୍ଦୁରେ କବି ଓ ତାଙ୍କ ସମକାଳର ତରୁଣ ଯେଉଁ ସମସ୍ୟାର ସମ୍ମୁଖିନ ହୋଇଛି, ତା'ର ଏକ ସାର୍ଥକ ରୂପଚିତ୍ର ଉପସ୍ଥାପନ କରିଛି 'ଭାନୁମତୀର ଦେଶ' । ନାଟକୀୟ ଶୈଳୀରେ ପାଠକ ଆଗରେ ଠିଆ ହୋଇଛନ୍ତି ନବଯୁଗର ସୂତ୍ରଧର ତରଂଗ ଓ ବିନତା । ନବ୍ୟ ଶିକ୍ଷିତ ତରୁଣ ଗୋଷ୍ଠୀର ଏ ଦୁଇ ସୂତ୍ରଧର ତତ୍କାଳୀନ ସାମାଜିକ ବାସ୍ତବତାର ପ୍ରତୀକାତ୍ମକ ଅଭିବ୍ୟକ୍ତିକୁ ଏଠାରେ ଉପସ୍ଥାପିତ କରିଛନ୍ତି । ସହରୀ ସଭ୍ୟତାର ଫମ୍ପା ଆଟୋପ ଭିତରେ ବଢ଼ିଥିବା ବିନତା ବଂଚେ ଏକ ଭିନ୍ନ ପୃଥିବୀରେ । ଗ୍ରାମଫୋନ୍‌ର କାନଫଟା ଚିତ୍କାର, ଟ୍ରାଫିକ୍ ଭିଡ଼ ଓ ବିପଣୀ ସଭ୍ୟତାର କୋଳାହଳ ସହ ପେଟ୍ରୋଲ ଓ ଆଲକାତାରା ଗଂଧରେ ବିବ୍ରତ ବିନତା ପ୍ରକୃତିର ବିଭୋର ଇଲାକାରେ ଭୁଲେ ପଛ ତାରିଖର ଇତିବୃତ୍ତ । ତରଂଗ ସହ ଏଠି ମନେହୁଏ ସ୍ୱପ୍ନର ସୁନାକାଠି ଲାଗି ନିଦ୍ରାରେ ସେ ଅଭିଭୂତ । ଅନ୍ୟପକ୍ଷରେ ତରଂଗ ସ୍ୱପ୍ନ ଦେଖେ ଉଡ଼ିଯିବା, ଭାସିଯିବାର ମଧୁର କଳରୋଳ । ଆକସ୍ମିକ ଭାବରେ ପଶ୍ଚିମ ମୌସୁମୀର ସ୍ପର୍ଶ ଛାଡ଼ିଯାଇଛି ଏକ ନୂତନ ଅର୍ଥ । କୋଟି କୋଟି ନରନାରୀଙ୍କ ମଧ୍ୟରେ ମାତ୍ର ଦୁଇଜଣ ଏକ ବିଶେଷ ସ୍ଥାନ ଓ ସମୟର ସଂଜ୍ଞା ଭିତରେ ସମନ୍ୱିତ ହୋଇଛନ୍ତି । କିନ୍ତୁ ଦୁହିଁଙ୍କ ଭିତରେ ଯୋଜନ ଯୋଜନର ଦୂରତା । ତରଂଗ ଘୃଣା କରେ ଇଟା, କଂକ୍ରିଟ୍‌ର ଧୂସର ଜଗତକୁ । ବିନତା ପାଇଁ ଗ୍ରାମ ଛୁଟିର ବିଳାସ, ଛୁଟିର ତୀର୍ଥ । ସହର ହେଉଛି ଜୀବନର ଲୀଳାଭୂମି, କର୍ମତତ୍ପର ଜୀବନର ଭିଡ଼- 'ଶଂଖନୀଡ' । ଉଭୟ କିନ୍ତୁ ଭାନୁମତୀର ଚରାର ପ୍ରକୃତିର ଲୀଳାଖେଳାରେ ଆତ୍ମମଗ୍ନ । ଝଡ଼ବର୍ଷା ମିଟେଇ ଦେଇଛି ଉଭୟଙ୍କ ଭିତରେ ଥିବା ଦୂରତ୍ୱ । ବନ୍ୟହିଂସାର ଉତ୍ତାପରେ ମହାବଳର ହୁଂକାରରେ, ଭୟାର୍ତ୍ତ ଠେକୁଆର କାକୁସ୍ଥତା ଭିତରେ ଆତ୍ମପ୍ରକାଶ କରିଛି ଏକ ସାପ । ଭୟାର୍ତ୍ତ ଠେକୁଆର ପଛେ ପଛେ ଶିକାରଲୋଭୀ ମଣିଚୂଡ଼ ଉଭୟଙ୍କୁ କରିଛି ଏକାକାର । ବିନତା ପାଲଟିଛି ପ୍ରଦୀପ ଓ ତରଂଗ ଝଡ଼ । କଳା ରାତିର ହ୍ରଦ ଫୁଲି ଉଠିଛି । ଥମିଯାଇଛି ଝଡ଼ । ଭାନୁମତୀର କାହାଣୀର ଏହା ହେଉଛି ଶୀର୍ଷବିନ୍ଦୁ । ତରଂଗ ଓ ବିନତାର ମୁଗ୍ଧ ମୁହୂର୍ତ୍ତର ଇତିବୃତ୍ତ ଭିତରେ ଉଭୟେ ଫେରିଛନ୍ତି କାଟକାନ୍ଥର ଦୁଇପଟକୁ । ତରଂଗ ସ୍ୱୀକାର କରିଛି ଲବଂଗ ଦ୍ୱୀପର ଏ କନ୍ୟା ନିମିଷକର ତୃଷା ମେଣ୍ଟାଇବା ପାଇଁ ହୁଏତ ଅଟକି ଯାଇଥିଲା ଅସ୍ତ ସିନ୍ଧୁର ମାଟି ପାଖରେ । କିନ୍ତୁ ଜୀବନର ଦୀର୍ଘ ଯାତ୍ରାପଥରେ ଏହା ସବୁକିଛି ନୁହେଁ; ଏକ ସ୍ମରଣୀୟ ମୁହୂର୍ତ୍ତ ମାତ୍ର । କର୍ମମୟ ରଥର ରକ୍ତ ଧ୍ୱଜା ଫୁଲଗଛର କଣ୍ଟାରେ ଲାଖି ରହିବା ସମ୍ଭବ ନୁହେଁ । ତେଣୁ ଜୀବନର ଗତିପଥ ହୋଇଛି ଭିନ୍ନ । କାକ ଜ୍ୟୋସ୍ନା ପାଲଟିଛି ଅତୀତର ଇତିବୃତ୍ତ । ଲଂଡ଼ନ, କାଏରୋର ଆହ୍ୱାନ ଭିତରେ ନୂଆ ଜୀବନର ଠିକଣା ଖୋଜା ଚାଲିଛି । କବି ଶବ୍ଦରେ ବଖାଣିଛନ୍ତି-

"ନିଭିଗଲାଣି ଭାରତର ସୀମା-
ନୂଆ ଅଜଣା ସମୁଦ୍ରର ନୂତନ ଦ୍ରାଘିମା
ଭିତର ଦେଇ ଚାଲିଚି-
ଦୂରରେ ଏକ ଅସ୍ପଷ୍ଟ ବତୀଘରର ଚିହ୍ନ
ପରିଚୟହୀନ ।
ସବୁ ନୂଆ; ସବୁ ଅଜଣା ।
ତାରି ଭିତରେ କିଂତୁ ଖୋଜି ପାଇଚି
ମୋର ନୂତନ ଜୀବନର ଠିକଣା ।"

(ଭାନୁମତୀର ଦେଶ, କାକ-ଜ୍ୟୋସ୍ନା, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ. ୬୫୬-୫୭)

'ଭାନୁମତୀର ଦେଶ' କଳାର୍ଚ୍ଚନା ଧାରାରେ ଏକ ଅନନ୍ୟ ଉପସ୍ଥାପନା । ଭାରତୀୟ ଚେତନାରେ ବିଂଶ ଶତାବ୍ଦୀର ପଞ୍ଚମ ଦଶକ ଯେଉଁ ସ୍ୱପ୍ନ ଓ ଦୀର୍ଘଶ୍ୱାସର ସମନ୍ୱୟ ଭିତରେ ନବଭାରତର ଇସ୍ତାହାର ବାଢ଼ିଥିଲା- ତା'ର ଏକ ପ୍ରତୀକାତ୍ମକ ରୂପଚିତ୍ର ଏଠାରେ ଲକ୍ଷ୍ୟ କରିହୁଏ । କବି ସଚ୍ଚି ରାଉତରାୟ ତରଂଗ ଓ ବିନତାର ମାନସିକ ବିଶ୍ଳେଷଣ ମଧ୍ୟରେ ଯୁଗଧର୍ମର ପ୍ରତିଚ୍ଛବିକୁ ଏଠାରେ ପ୍ରତିବିମ୍ବିତ କରିଛନ୍ତି । ବିଷୟକଳ୍ପନା, ଶବ୍ଦ ବିନ୍ୟାସ ଓ ଚରିତ୍ର ଚିନ୍ତନରେ କବିଙ୍କ କୁଶଳତା ଅତୁଳନୀୟ । ଗଡ଼ଜାତର ଅନାମଧେୟ ବାଳକ ତାଙ୍କ ଲେଖନୀରେ ପାଲଟେ ବିଦ୍ରୋହର ଅଗ୍ରଦୂତ । କବି ରାଉତରାୟ ସବୁବେଳେ ଏପରି ଅନନ୍ୟ । କେବେ ଇତିହାସର ବିଷଣ୍ଣ ବେଳାଭୂମିକୁ ସାଉଁଟି ଆଣି ସେ ଜାଗୃତିର ପ୍ରତୀକ ଭାବରେ ତାଙ୍କ କାବ୍ୟରେ ଠିଆ କରାନ୍ତି ଅସମାପ୍ତ କାରୁଣ୍ୟର ଅଭିସାରକା ନନ୍ଦିକା ପୁଣି କେତେବେଳେ ପ୍ରତିମା ନାୟକ ତ ଅନ୍ୟବେଳେ 'ରାଜଜେମା' । ଏପରି ସଚ୍ଚି ରାଉତରାୟଙ୍କ

କଳାପାଟବତା ଭିତରେ ସବୁ ଅଦୃଶ୍ୟ ହୁଏ ଦୃଶ୍ୟ, ସବୁ ଅବ୍ୟକ୍ତ ହୁଏ ବ୍ୟକ୍ତ, ସବୁ ଅରୂପ ହୁଏ ରୂପବନ୍ତ । ଏପରି ଏକ ସମୟ ଓ ସମ୍ଭାବନାର ମିଶ୍ର ଇତିବୃତ୍ତକୁ ନେଇ ଜନ୍ମ ନେଇଛି 'ଭାନୁମତୀର ଦେଶ' । ଏଠି ବାସ୍ତବ ଓ କଳ୍ପନା, ସତ୍ୟ ଓ ସମ୍ଭାବନା, ବିଚ୍ଛେଦ ଓ ସମନ୍ୱୟ ପେଣ୍ଟାଫେଣ୍ଟି ହୋଇ ନିର୍ମାଣ କରିଛନ୍ତି ଏକ ସାରସ୍ୱତ ହର୍ମ୍ୟ । ତେଣୁ କବି ଦୃଷ୍ଟିରେ-

"ଭୁଲ କରେ କାକ ।  
ଭୁଲ କରେ ଚକ୍ରବାକ ।  
ତଥାପି ସେ ଭୁଲରେ ଅଛି ଯାଦୁ  
ସେଇ ମଧୁର କ୍ଷଣିକ ମିଥ୍ୟାରେଇ  
ଜୀବନ ଭରି ବଂଚିବାର ସ୍ୱାଦୁ ।"

(ଭାନୁମତୀର ଦେଶ, କାକ-ଜ୍ୟୋସ୍ନା,  
ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ. ୭୫୭)

ଏ ସୃଷ୍ଟି ମହାକାଳକୁ ଦେଇଛି ଆହ୍ୱାନ, କବିତାର ବିଷୟ ସର୍ବକାଳକୁ କରିଛି ଆଚ୍ଛାଦିତ । କାବ୍ୟ ବିନ୍ୟାସ କାଳକାଳ ଧରି କଳାଜଗତରେ ମହାଦ୍ୟୁତିରେ ହୋଇଛି ଦେଦୀପ୍ୟମାନ । ଯଥାର୍ଥରେ ଏହା କାଳବକ୍ଷରେ ଏକ ସର୍ବକାଳୀନ ଅନନ୍ୟ ଅଭିବ୍ୟକ୍ତିର ଚୂଡ଼ାନ୍ତ ପରିପ୍ରକାଶ । 'ଭାନୁମତୀର ଦେଶ' ଉତ୍ତର ସ୍ୱାଧୀନ ମହାଭାରତୀୟ ଅଭିବ୍ୟକ୍ତିକୁ ସାର୍ଥକ ରୂପେ କରିଛି ପ୍ରତିଫଳିତ । ସ୍ୱପ୍ନ ଓ ସ୍ୱପ୍ନ ଭଂଗର ଦ୍ୱିବିଧ ଧାରାରେ ଏହା ହୋଇଛି ଅଭିଷିକ୍ତ । ତରୁଣ ପ୍ରାଣର ଆହ୍ୱାନ ସହ ବାସ୍ତବିକତାର ନିର୍ଲିପ୍ତ ପ୍ରଲେପ ମଧ୍ୟରେ ଗତାନୁଗତିକ ପ୍ରେମ ଓ ପ୍ରଣୟର ମୁଗ୍ଧ ପରିସରରୁ ମୁକ୍ତ ହୋଇ, ଏହା ପାଠକକୁ ଦେଇଛି ଅଭିନବ ଅନୁଭୂତି । ବାସ୍ତବିକ୍ ଭାବ ଓ ରୂପ- ଏ ଉଭୟ ଏହି କଳା ସୃଷ୍ଟିକୁ ପ୍ରଦାନ କରିଛି କାଳୋତୀର୍ଣ୍ଣ ରୂପ ।

❖ ❖ ❖

DOI :https://doi.org/10.5281/zenodo.13924333 ମୂଳ ପ୍ରବନ୍ଧ

# ମାନବିକତାର ପୂଜାରୀ : ରୋହିତର ଡାଏରୀ

**ଶାଶ୍ୱତ ପାତ୍ର**

**ସଂକ୍ଷିପ୍ତସାର:**

ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଏକ ବୈପ୍ଳବିକ ସ୍ୱର। ତାଙ୍କର ପ୍ରତିଟି ପ୍ରବନ୍ଧ ସମାଜକୁ ସୁଧାରିବା ନିମନ୍ତେ ଯେମିତି ପ୍ରଚେଷ୍ଟାରତ। ଡାଏରୀ ଶୈଳୀରେ ଆତ୍ମାନୁଭୂତି୍ ମୂଳକ ଲେଖା ଗୁଡିକ ଯେପରି ପ୍ରବନ୍ଧ ଆକାରରେ ପ୍ରକାଶ କରିଛନ୍ତି ତାହା ଓଡ଼ିଆ ସାହିତ୍ୟ ଜଗତରେ ବିରଳ। 'ରୋହିତର ଡାଏରୀ' ଚବିଶି ଖଣ୍ଡରେ ପ୍ରକାଶିତ ହୋଇଥିଲେ ବି ପ୍ରତିଟି ଖଣ୍ଡ ସ୍ୱକୀୟ ଉପସ୍ଥାପନାରେ ସ୍ୱତନ୍ତ୍ର। ବିଷୟଚୟନ ମଣିଷ ଉପରେ ଏହାର ପ୍ରଭାବ ଆଦିକୁ ଚିତ୍ତରଞ୍ଜନ ଯେପରି ଭାବରେ ଦେଖାଇଛନ୍ତି ତାହାର ତୁଳନା ନାହିଁ। 'ରୋହିତର ଡାଏରୀ' ଜଣେ ପୁରୋହିତ ଭାବେ ମାନବିକତାକୁ କିପରି ପୁନଶ୍ଚ ପ୍ରତିଟି ହୃଦୟରେ ଜାଗ୍ରତ କରାଇ ପାରୁଛି ତାହା ଏହି ପୁସ୍ତକ ଅଧ୍ୟୟନ ମାତ୍ରକେ ପାଠକମାନେ ସ୍ପଷ୍ଟ ଅନୁଭବ କରିପାରିବେ।

**ପ୍ରମୁଖ ଶବ୍ଦ :** *ରୋହିତ, ଉଦବୋଧନ ମନ୍ତ୍ର, ଅଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ, ଡାଏରୀ, ଆତ୍ମସଂଯମ, ଆତ୍ମଚିନ୍ତନ।*

ଚିତ୍ତରଞ୍ଜନ ଦାସ ଜଣେ ପ୍ରାବନ୍ଧିକ ଭାବରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟକୁ ଯେପରି ଋଦ୍ଧିମନ୍ତ କରିଛନ୍ତି ତାହା ଉତ୍ତରପିଢ଼ି ପାଇଁ ଏକ ଦିଗବାରେଣୀ ସଦୃଶ। ଶ୍ରୀଯୁକ୍ତ ଦାସ ଯେଉଁ ପ୍ରବନ୍ଧ ରଚନା କରୁଥିଲେ ସେଥିରେ ଥିଲା ତାଙ୍କର ନିଜସ୍ୱ ମୌଳିକ ଅନୁଭୂତି। ପ୍ରତିଟି ପ୍ରବନ୍ଧ ତାଙ୍କର ବ୍ୟକ୍ତିନିଷ୍ଠ। ଯାହା ଲେଖକ ଅଙ୍ଗେ ନିଭାଇଥାଏ, ତାହାକୁ ହିଁ ଯେତେବେଳେ ସୃଜନକଳାରେ ପରିବେଷଣ କରେ ତାହା ପାଠକକୁ ଅଧିକ ଆକର୍ଷିତ କରେ ସାହିତ୍ୟ ପଠନ ନିମନ୍ତେ। ସେ ଦୃଷ୍ଟିରୁ ଚିତ୍ତରଞ୍ଜନ ନିଜର ରକ୍ତ ନିଗାଡି ଦେଇ ଯେଉଁ ପ୍ରବନ୍ଧ ସୃଷ୍ଟି କରିଛନ୍ତି ତାହା ପାଠକକୁ କିପରି ଆକର୍ଷିତ କରି ଆଜିଯାଏ ରଖିଛି ତାହା ଉଲ୍ଲେଖ କରିବାର କୌଣସି ଆବଶ୍ୟକତା ନାହିଁ।

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ରାଧାନାଥଙ୍କ ଠାରୁ ଆରମ୍ଭ ହୋଇ ମଧୁସୂଦନ ରାଓ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋପବନ୍ଧୁ ଦାସ, ଗୋବିନ୍ଦ ତ୍ରିପାଠୀ, ରତ୍ନାକର ପତି, ବିପିନବିହାରୀ ରାୟ ପ୍ରମୁଖଙ୍କ ଦ୍ୱାରା ବିକାଶ ଲାଭ କରି ଚିତ୍ତରଞ୍ଜନ ଦାସଙ୍କ ମାଧ୍ୟମରେ ଯେପରି ନୂତନ ସ୍ୱାଦ ଦେବା ସହ ପାଠକର ଅନ୍ତରକୁ ଭେଦ କରିପାରିଛି ତାହା ସର୍ବତ୍ର ଅନୁଭୂତ। ଚିତ୍ତରଞ୍ଜନ ପ୍ରବନ୍ଧର ଗଢ଼ଣ କୌଶଳରେ ବାରମ୍ବାର ପରୀକ୍ଷା ନିରୀକ୍ଷା କରିଛନ୍ତି। ଯେହେତୁ ସେ ବିଦେଶରେ ଅନେକ ସ୍ଥାନ ଭ୍ରମଣ କରିଛନ୍ତି ଏବଂ ବିଭିନ୍ନ ଭାଷାଭାଷୀର ବ୍ୟକ୍ତିତ୍ୱଙ୍କ ସହ ସମୟ ବିତାଇଛନ୍ତି। ସେ ଦୃଷ୍ଟିରୁ ସେ ନିଜର ଚେତନାକୁ ବିଶ୍ୱମୁଖୀ କରାଇ ପାରିଛନ୍ତି। ଲଣ୍ଡନ, ଜର୍ମାନୀ ପ୍ରଭୃତି ସ୍ଥାନ ଭ୍ରମଣ ବେଳେ ସେ ନିଜକୁ ଛାତ୍ରଟିଏ କରି ଦେଇଛନ୍ତି। ବେଳେବେଳେ ନିଜକୁ ଗବେଷକର ଭୂମିକାରେ ଅବତୀର୍ଣ୍ଣ କରାଇ ଯେଉଁ ଅନୁଭୂତି ଅର୍ଜନ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
|---|---|
| | DOI: https://doi.org/10.5281/zenodo.13924333 Article No - BPP00229 |

**ଯୋଗାଯୋଗ :**
**ଶାଶ୍ୱତ ପାତ୍ର,** ଓଡ଼ିଆ ଅଧ୍ୟାପକ,
ଶାନ୍ତିଲତା ମହାବିଦ୍ୟାଳୟ, ଉଇଟିକିରି, ବାଲେଶ୍ୱର
**E-Mail ID:** patrashaswata63@gmail.com
**ORCID ID:** https://orcid.org/0009-0003-7373-3504

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୯.୨୦୨୪ | ୨୫.୯.୨୦୨୪ | ୧.୧୦.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପାତ୍ର, ଶାଶ୍ୱତ; ୨୦୨୪। ମାନବିକତାର ପୂଜାରୀ : ରୋହିତର ଡାଏରୀ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଛ, ପୃଷ୍ଠା :୩୧-୩୪।

କରିଛନ୍ତି ତାହାକୁ ପ୍ରବନ୍ଧରେ ଲିପିବଦ୍ଧ କରିଦେଇଛନ୍ତି। କୌଣସି ଲେଖା ଅତି କଳ୍ପନାରେ ପାଠକର ମସ୍ତିଷ୍କକୁ ଭାରାକ୍ରାନ୍ତ କରେ ନାହିଁ। ପ୍ରତିଟି ପ୍ରବନ୍ଧ ବା ପୁସ୍ତକ ଯେଉଁ ରସ ଛଳଛଳ ଶବ୍ଦରେ ହୋଇଛି ପରିପୃଷ୍ଟ ତାହା ପାଠକକୁ ସହଜେ ବିମୁଖ କରେ ନାହିଁ। ଯେତେ ବି ସୃଷ୍ଟି ତାଙ୍କର ଓଡ଼ିଆ ସାହିତ୍ୟରେ ରହିଛି ସବୁଥିରେ ନୂତନ ପ୍ରୟୋଗକୁ ସାମ୍ନା କରାଯାଇପାରେ। ଏ ସମସ୍ତ ଲକ୍ଷଣ ଆମେ ତାଙ୍କର ଚବିଶି ଖଣ୍ଡରେ ପ୍ରକାଶିତ "ରୋହିତର ଡାଏରୀ" ପୁସ୍ତକରେ ଦେଖିବାକୁ ପାଇବା।

"ରୋହିତର ଡାଏରୀ" ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସଙ୍କ ଓଡ଼ିଆ ସାହିତ୍ୟକୁ ଏକ ପ୍ରଶଂସନୀୟ ଅବଦାନ। ରୋହିତ ପରି ନିଜକୁ ଭ୍ରମଣ କରାଇ ଜୀବନର ଅନୁଭୂତି ସାଉଁଟି ସେସବୁକୁ ଗୁନ୍ଥି ମାଳା କରି ଓଡ଼ିଆ ସାହିତ୍ୟର ଗଳାରେ କରିଛନ୍ତି ବିମଣ୍ଡିତ। ଏହି ପୁସ୍ତକର ପ୍ରତିଟି ଧାଡିରେ ଜୀବନର ଯେଉଁ ଅନୁଭୂତି ରହିଛି ତାହା ପ୍ରତିଟି ସାଧାରଣ ମଣିଷର। କେତେବେଳେ ଜଣେ ମଣିଷର ହସଲୁହର କଥାକୁ ଉଲ୍ଲେଖ କରିଛନ୍ତି ତ ପୁଣି କେତେବେଳେ ହସଖୁସିରେ ଜୀବନର ଯେଉଁପରି ସମସ୍ୟା ଗୁଡିକ ଆସୁଛି ତାହାକୁ ସୁଚିହ୍ନିତ ଭାବେ ଉପସ୍ଥାପନା କରି ଦେଇଛନ୍ତି। "ରୋହିତର ଡାଏରୀ" ପୁସ୍ତକର ନାମକରଣ ପଛର କାରଣ ଦର୍ଶାଇ ପ୍ରାବନ୍ଧିକ ଲେଖିଛନ୍ତି- "ରୋହିତ" ଶବ୍ଦଟି ସୂର୍ଯ୍ୟର ସମବାଚୀ। "ଐତରେୟ ବ୍ରାହ୍ମଣ"ରେ ରୋହିତର ଉପାଖ୍ୟାନ ଅଛି। ଦେବତା ପାଖରେ କରିଥିବା ଏକ ଶପଥ ଅନୁସାରେ ରୋହିତର ବାପା ରୋହିତକୁ ବଳି ଦେବାକୁ ବାଧ୍ୟ ହେଉଥିଲେ। କିନ୍ତୁ ଅମାନିଆ ରୋହିତ ଘର ଛାଡି ପଳାଇଲା। ସ୍ୱୟଂ ଇନ୍ଦ୍ର ବ୍ରାହ୍ମଣରେ ବେଶ ଧରି ତାକୁ 'ଚରୈବତି' ମନ୍ତ୍ର ଦ୍ୱାରା ବର୍ଷ ବର୍ଷ ଧରି କେବଳ ଚାଲିବାକୁ ହିଁ ଉଦ୍‌ବୁଦ୍ଧ କରି ରଖିଥିଲେ ଓ ତାକୁ ଘରକୁ ଫେରିଯିବାରୁ ନିବର୍ତ୍ତାଇ ରଖିଥିଲେ। 'ପ୍ରତିଦିନ ବିଚରଣ କରି ମଧ୍ୟ ଏହି ସୂର୍ଯ୍ୟ ଯେପରି ପରିଶ୍ରାନ୍ତ ହୋଇପଡୁ ନାହିଁ, ତୁ ମଧ୍ୟ ସେମିତି ଅପରିଶ୍ରାନ୍ତ ଭାବରେ ଚାଲିବାରେ ଲାଗିଥା'- ଏହି ଉଦବୋଧନ ମନ୍ତ୍ର ରୋହିତକୁ ସତତ ଆଗେଇ ନେଇ ଯାଉଥିଲା। ଏହି ଚରୈବତି ମନ୍ତ୍ର ଭାରତରେ ଲେଖା ହୋଇଛି। କିନ୍ତୁ ଯଥାର୍ଥ ସାହିତ୍ୟ ପରି ଏହା ହେଉଛି ସବୁ ଯୁଗରେ ସବୁ ମଣିଷର ମନ୍ତ୍ର। ଆପଣା ଦତ୍ତଭୂମିର ସୀମାଗୁଡାକ ଭିତରେ ରହି ବଳି ପଡିବାକୁ ଯିଏ ଅସ୍ୱୀକାର କରିବ, ତାକୁ ଚରୈବତିର ମନ୍ତ୍ରଦୀକ୍ଷା କରିବାକୁ ହେବ, ତାକୁ ରୋହିତ ପରି ଆପଣାର ଅନ୍ତଯାତ୍ରାରେ ବାହାରି ଯିବାକୁ ହବ। ସେଥିଲାଗି ଇଏ ମୋ ଡାଏରୀ ନୁହେଁ, ଇଏ ହେଉଛି ମୋତେ ନିମିତ୍ତ କରି ମୋ ଭିତରେ ବିଚରଣ କରୁଥିବା ରୋହିତର ଏହାରୀ। ରୋହିତର ବାଟ ଚାଲିବା ବନ୍ଦ ହେବ କି ନାହିଁ କି ଏହି ଡାଏରୀ ଲେଖିବା ମଧ୍ୟ ବନ୍ଦ ହେବ ନାହିଁ।"

ଚିତ୍ତରଞ୍ଜନ ମଣିଷର ମନକୁ ହିଁ ପ୍ରଥମେ ପ୍ରାଧାନ୍ୟ ଦେଇ ଜୀବନର ଜୟଜୟକାର ଗାନ କରିଛନ୍ତି। ପ୍ରତିଟି ପ୍ରବନ୍ଧ ଯେହେତୁ ବ୍ୟକ୍ତିନିଷ୍ଠ କଳାରେ ହୋଇଛି ପ୍ରକାଶିତ ସେଥିପାଇଁ ପ୍ରତିଟି ଧାଡିରେ ଆମେ ସ୍ୱଷ୍ଟ ଲକ୍ଷ୍ୟ କରିପାରିବା ମାନବୀୟତାର ସ୍ରୋତ। ମଣିଷପଣିଆ ବ୍ୟତୀତ ପୃଥିବୀର ଗତି ଯେ ଅସମ୍ଭବ ତାହା ପ୍ରାବନ୍ଧିକ ନିଜକୁ ସୂର୍ଯ୍ୟସମ ଗତି କରାଇ ଦର୍ଶାଇ ଦେବାକୁ ଚାହିଁଛନ୍ତି। ଯେଉଁଠି ସେ ଲକ୍ଷ୍ୟ କରିଛନ୍ତି ଜୀବନଟା ବହୁବର୍ଣ୍ଣୀ ବୋଲି ସେଠାରେ ସେ ସାମାନ୍ୟ ଧ୍ୟାନସ୍ଥ ହୋଇ ମଣିଷପଣିଆର ରୂପରେଖକୁ ଉନ୍ମୋଚନ କରିଦେବା ପାଇଁ ଚେଷ୍ଟା କରିଛନ୍ତି।

୧୯୮୪ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ "ରୋହିତର ଡାଏରୀ" ପୁସ୍ତକର ପ୍ରଥମ ଭାଗ ପ୍ରକାଶ ଲାଭ କଲାବେଳକୁ ପ୍ରାବନ୍ଧିକ ଚିତ୍ତରଞ୍ଜନ ଓଡ଼ିଆ ସାହିତ୍ୟରେ ବେଶ ପରିଚିତି ହାସଲ କରି ସାରିଥିଲେ। ସାଧାରଣତଃ ତାଙ୍କର ପ୍ରବନ୍ଧ ଗୁଡ଼ିକ ଦାର୍ଶନିକ ଚିନ୍ତାଧାରା ତଥା ଦାର୍ଶନିକ ଉକ୍ତ ପ୍ରତିଉକ୍ତିରେ ହୋଇଥାଏ ଋଦ୍ଧିମନ୍ତ। ଏହି ରୋହିତର ଡାଏରୀ ପ୍ରଥମେ ଲେଖା ଆରମ୍ଭ ହୋଇଥିଲା ୧୯୪୨ ମସିହା ନଭେମ୍ବର ମାସ ୭ତାରିଖ ଦିନ।

ଚିତ୍ତରଞ୍ଜନ ଦାସ ପ୍ରତିଦିନ ଡାଏରୀ ଲେଖିବାକୁ ପସନ୍ଦ କରୁଥିଲେ। ଏହାର ଅର୍ଥ ନୁହେଁ ଅନାବନା ବିଷୟ, ଯାହା ସମାଜ ପାଇଁ ଅଦରକାରୀ ତାହାକୁ ସେ ନିଜ ଡାଏରୀରୁ ବାଦ ଦେଉଥିଲେ। ଏହି "ରୋହିତର ଡାଏରୀ"ର ପ୍ରଥମ ଭାଗର ମୁଖବନ୍ଧରେ ସେ ସ୍ୱଷ୍ଟ ଉଲ୍ଲେଖ କରିଛନ୍ତି- "ଏହି ଡାଏରୀ ଆତ୍ମଜୀବନୀ ନୁହେଁ, ଏହା କେବଳ ଦିନଦିନର ବିଚାର ଓ ଭାବନା ନୁହେଁ। ଏଗୁଡିକ ହେଉଛି ଅନୁଭୂତି, ଅନ୍ତର୍ଯାତ୍ରାର ଅନୁଭୂତି। ତେଣୁ ଏହାର ଭାଷା ବୁଦ୍ଧିର ଭାଷା ନୁହେଁ, ଏହା ଅନୁଭୂତିର ଭାଷା। ଆପଣାର ନିଗୂଢ଼ତମ ବିକାଶ ବେଦନା ଗୁଡିକ ଶବ୍ଦ ଦେଇ ପ୍ରକାଶ କରିବା ଲାଗି ଏ ଯୁଗରେ ଭାଷାର ଶବ୍ଦ ଭଣ୍ଡାର ଆଦୌ ପର୍ଯ୍ୟାପ୍ତ ନୁହେଁ। କାରଣ ଅନ୍ତରଙ୍ଗତମ ଆତ୍ମସମୀକ୍ଷା ଓ ଅନ୍ତରଙ୍ଗତମ ଆତ୍ମ ଅବଲୋକନ ଲାଗି role-playing ର ଏହି ପୋଷକୀ ଯୁଗରେ ଆମକୁ ପର୍ଯ୍ୟାପ୍ତ ଅବସର ହିଁ ମିଳୁ ନାହିଁ ।"

ପ୍ରାବନ୍ଧିକ ଚିତ୍ତରଞ୍ଜନ ପୃଥିବୀର ଅନେକ ରାଷ୍ଟ୍ର ଭ୍ରମଣ କରିବା ବେଳେ ଦେଖିଛନ୍ତି ସେଠାକାର ଜୀବନ ଶୈଳୀ, ସେଠାକାର ବ୍ୟକ୍ତିବିଶେଷଙ୍କ ମାନସିକତାର ପରିପ୍ରକାଶ। କେତେବେଳେ ରାଜନୈତିକ ପାଣିପାକରେ ନିଜକୁ ଭେଟି ତାହାର ସଫଳ ପ୍ରୟୋଗ କରିଛନ୍ତି ନିଜ ଭାଷାରେ। ପୁନଶ୍ଚ ଆତ୍ମଜୀବନୀ ମୂଳକ ଏହି "ରୋହିତର ଡାଏରୀ"ରେ ସେ ଶିକ୍ଷା ସମ୍ବନ୍ଧରେ ପ୍ରଦାନ କରିଛନ୍ତି ଅନେକ ଚିନ୍ତାଶୀଳ ପ୍ରସଙ୍ଗ। ଆଉ ଏକ କଥା ଉଲ୍ଲେଖ ନ କଲେ ଏହି ଆଲୋଚନାଟି ଅସଂପୂର୍ଣ୍ଣ ମନେ ହେବ। ତାହା ହେଉଛି ତାଙ୍କ ନିଜର ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ। ଶିଶୁ ଅବସ୍ଥାରେ ମଣିଷକୁ ଯେପରି ଗଢ଼ା

ଯାଇଥାଏ ତାହା ଯେ ଚିରସ୍ଥାୟୀ ହୋଇ ରହିପାରେ ତାହାକୁ ବିଶ୍ୱାସ କରୁ ନ ଥିଲେ ଚିତ୍ତରଞ୍ଜନ। ସମସ୍ତେ ଜାଣନ୍ତି ପ୍ରାଥମିକ ଜୀବନରେ ସେ କିପରି ଈଶ୍ୱରାନୁରକ୍ତ ଥିଲେ ପରବର୍ତ୍ତୀ ସମୟରେ ତାହା ନାସ୍ତିକତାକୁ ପ୍ରବେଶ କରିଛି। ଏ ସଂପର୍କରେ ସୁନ୍ଦର ଭାବେ ସେ ୧୯୪୩ ମସିହା ଅପ୍ରେଲ ମାସ ୨୦ତାରିଖ ଦିନ ସେ ଲେଖିଥିବା ଦିନଲିପିରୁ ଜାଣିବାକୁ ମିଳେ– "ପିଲାଦିନେ ଖୁବ ଈଶ୍ୱରଭକ୍ତ ଥିଲି। ତାପରେ ନାସ୍ତିକ ହେଲି। ମନେଅଛି, ପିଲାଦିନେ ମୋର ଧର୍ମଭାବ ଓ ଈଶ୍ୱର ଭକ୍ତି ଦେଖି ଘରେ ସମସ୍ତେ ମୋତେ ବାବାଜୀ ହୋଇଯିବାକୁ କହୁଥିଲେ। ଏପରିକି ଖୋର୍ଦ୍ଧାର ଜଣେ ବାବାଜୀ ମୋତେ ଚେଲା କରିନେବାକୁ ନାନାପ୍ରକାର ଦଶାଭୟ ପ୍ରଭୃତି ଦେଖାଇବାରୁ ଥରେ ଘରଲୋକ ସେଥିରେ ପ୍ରାୟ ରାଜି ମଧ୍ୟ ହୋଇଯାଇଥିଲେ। ସିଏ ଗୋଟିଏ ପ୍ରକାର ସ୍ରୋତ ଥିଲା। ଆଜି ସେହି ସ୍ରୋତ ଶୁଖିଯାଇଛି। ହୁଏତ ସେହି ସ୍ରୋତ ଅନ୍ୟ ଆଡକୁ ଗତି କରିଛି। ମୋ ଜୀବନରେ କେତେଟା ଘଟଣା ଘଟିଥିଲା, ଯାହାଦ୍ୱାରା କି ମୁଁ ନାସ୍ତିକ ହୋଇପଡିଥିଲି। ସବୁ ପ୍ରକାର ଦେବତାଙ୍କୁ ହୃଦୟର ବଡ଼ ଆସନରୁ ହଟାଇଦେଇ ନିଜର ବ୍ୟକ୍ତିତ୍ୱ ବଳରେ, ନିର୍ଭୀକ ମନରେ, ଆପଣାର ଦୃଷ୍ଟିକୋଣ ଓ ଜ୍ଞାନ ପରିସରର ସାହାଯ୍ୟରେ ହିଁ ମୁଁ ଏହି ସଂସାର ଯାତ୍ରା ନିର୍ବାହ କରିବାର ମୀମାଂସା କରିଥିଲି।"

ଜଣେ ଲେଖକର ଜୀବନ ଉତ୍ସର୍ଗୀକୃତ ହୋଇଥାଏ ସମାଜ ପ୍ରତି। ଯେମିତି ଜଣେ ସମାଜସେବୀ କିମ୍ବା ଜଣେ ରାଜନୈତିକ ବ୍ୟକ୍ତି ସମାଜକୁ ନିଜର କର୍ମଦ୍ୱାରା ସୁଧାରିବାକୁ ଚେଷ୍ଟା କରେ, ଠିକ ସେମିତି ଜଣେ ଲେଖକର କାର୍ଯ୍ୟ ମଧ୍ୟ ସେହିପରି। ପ୍ରାବନ୍ଧିକ ଚିତ୍ତରଞ୍ଜନ ଏହି "ରୋହିତର ଡାଏରୀ" ରେ ଜଣେ ଶିକ୍ଷକର ଭୂମିକା ନେଇ ମାନବବାଦର ପ୍ରଚାର କରି ବସିଛନ୍ତି।

ଏମିତି ଅଯଥା ପ୍ରସଙ୍ଗ ଉପସ୍ଥାପନା କରି ସେ ପାଠକଙ୍କୁ ଭାରାକ୍ରାନ୍ତ କରିନାହାନ୍ତି ବରଂ ସେହି ଶବ୍ଦ ଓ ଭାଷାରେ ସେ ସଚେତନ ସୃଷ୍ଟି କରି ମଣିଷ ମନରେ ସ୍ନେହ, ପ୍ରେମ ଆଦିର ଉଦ୍ରେକ କରିବାକୁ ଚେଷ୍ଟା କରିଛନ୍ତି। କେତେବେଳେ ରାଜନୈତିକ ପ୍ରସଙ୍ଗକୁ ନିଜ ଚିନ୍ତାଧାରା ଦ୍ୱାରା ଡାଏରୀରେ ଅନ୍ତର୍ଭୁକ୍ତ କରିଛନ୍ତି ତ ପୁଣି କେତେବେଳେ ମହାପୁରୁଷଙ୍କ ସୂଚନା ଦେଇ ପାଠକମାନଙ୍କୁ ସୂଚାଇ ଦେବାକୁ ଚାହାନ୍ତି ଜୀବନର ମୂଲ୍ୟ ସଂପର୍କରେ। ଏହି "ରୋହିତର ଡାଏରୀ"କୁ ପାଠ କଲାବେଳେ ଆମେ କଣ ଚିତ୍ତରଂଜନଙ୍କୁ ଜଣେ ଡାଏରୀ ଲେଖକ ବା ଆତ୍ମଜୀବନୀ ଲେଖକ ଭାବେ ଗ୍ରହଣ କରିବା, ନା ପ୍ରାବନ୍ଧିକ ଭାବେ ମୂଲ୍ୟାଙ୍କନ କରିବା ? ଏହି ପ୍ରବନ୍ଧର ଲେଖକ ଭାବେ ମୋର ହୃଦବୋଧ ହୁଏ ଚିତ୍ତରଞ୍ଜନ ଥିଲେ ଜଣେ ସମାଜ ସଂସ୍କାରକ। "ରୋହିତର ଡାଏରୀ" ପୁସ୍ତକକୁ ପଢ଼ିବା ବେଳେ ଏହି ବାକ୍ୟଟିକୁ ଭୁଲିଯିବା ଉଚିତ ମନେ ହେବ ନାହିଁ। ଯଦି ଆମେ ୧୯୪୩ ମସିହା ଜୁଲାଇ ୨ତାରିଖ ଦିନର ଡାଏରୀ ପୃଷ୍ଠାକୁ ଦେଖିବା ସେଥିରେ ଓଡିଆଜାତି ପାଇଁ ଯେଉଁ ସନ୍ଦେଶ ପ୍ରଦାନ କରିଛନ୍ତି ତାହାକୁ ସ୍ପଷ୍ଟ ଅନୁଭବ କରିପାରିବା।

ଚିତ୍ତରଞ୍ଜନ ଦାସ ଅନେକ ସମୟରେ ବିଦ୍ରୋହୀ ହୋଇ ଉଠିଛନ୍ତି। ଯେତେବେଳେ ତାଙ୍କ ମନକୁ କୌଣସି ବିଷୟ ଆନ୍ଦୋଳିତ କରିଛି ସେତେବେଳେ ସିଏ ତାହାକୁ ନିର୍ଭୀକ ଚିତ୍ତରେ ଉପସ୍ଥାପନା କରିଛନ୍ତି। ସବୁଠାରୁ ବଡ଼କଥା ହେଲା କୌଣସି ଲେଖାକୁ ସେ ଡରି ଯାଇ ଲୁଚି ଯାଇନାହାନ୍ତି ବରଂ ପ୍ରକାଶ କରି ଦୁନିଆ ସାମ୍ନାରେ ପ୍ରମାଣିତ କରିଦେବାକୁ ଚାହିଁଛନ୍ତି ମଣିଷ ପଣିଆର ତଣ୍ଟି ଚିପିଦେଲେ ତାହା ମୃତ୍ୟୁ ଲଭେ ନା ବରଂ ନିଜକୁ ସେତିକି ବିପ୍ଲବୀ କରି ନ ତୋଳିଲେ ଅଥବା ନିଜ ପାଇଁ ନିଜେ ସ୍ୱର ଉତ୍ତୋଳନ ନ କଲେ ଏ ଦୁନିଆ ଉନ୍ନତି ବଦଳରେ ଅବକ୍ଷୟମୁଖୀ ହେବ। ସେଥିପାଇଁ ତ ଅନେକ ସମୟରେ ଜେଲକୁ ଯାଇଛନ୍ତି। କାରାବାସ ବରଣ କରିଛନ୍ତି। ଏହାର ସ୍ପଷ୍ଟ ଉଦାହରଣ ଆମେ "ରୋହିତର ଡାଏରୀ"ର କେତୋଟି ପୃଷ୍ଠାରେ ପ୍ରତ୍ୟକ୍ଷ କରିପାରିବା।

ମଣିଷ କଳ୍ପନାକୁ ନେଇ ବଞ୍ଚେନା, ବାସ୍ତବତାକୁ ନେଇ ବଞ୍ଚେ। ବାସ୍ତବତାକୁ ନେଇ ଚାଲିବା ବେଳେ ଦୁଃଖ କଷ୍ଟକୁ ସାମ୍ନା କରିବାକୁ ହୁଏ। ପ୍ରାବନ୍ଧିକ ଗୋଟେ ସ୍ଥାନରେ ଲେଖିଛନ୍ତି– "ମୁଁ ମଣିଷ, ମୋର ରାସ୍ତା ଆଦୌ ସିଧା ନୁହେଁ। ଖାଲ, ଢ଼ିପ ଓ ଉତ୍ଥାନ୍ନ, ପତନ ଦେଇ ମୋତେ ବାଟ ଚାଲିବାକୁ ହେବ। ଜୀବନରେ ଯିଏ କେବେହେଲେ ଭୁଲ କରେନା ସେ ମଣିଷ ନୁହେଁ। ମାତ୍ର ଭୁଲ କରି ମଧ୍ୟ ସେହି ଭୁଲକୁ ଠିକ୍ କରିନେବାର ଶକ୍ତି ଯାହାର ଥାଏ ସେ ହିଁ ହେଉଛି ପ୍ରକୃତ ମଣିଷ। ..... ମୋର କାର୍ଯ୍ୟ ମୁଁ କରି ଯାଉଥିବି। ମୁଁ ମୋର କର୍ତ୍ତବ୍ୟ କରିବି କାହାରିକୁ ଦେଖି ହସିବି ନାହିଁ, କାହାର ଉପହାସ୍ୟକୁ ବି ଅପେକ୍ଷା କରିବି ନାହିଁ। ପୃଥିବୀର ଭୀରୁ ମନ ମୋତେ କୌଣସି ଭୟ ଦେଖାଇ ପାରିବ ନାହିଁ ।" ଚିତ୍ତରଞ୍ଜନ ଏହି ଧାଡି କେତୋଟିର ମାନବସମାଜ ପ୍ରତି ସୂଚାଇଦେବାକୁ ଚାହିଁଛନ୍ତି ଯଦି କେହି ଦିଗଭ୍ରଷ୍ଟ ହେଉଛନ୍ତି ତେବେ ତାହାର ସମାଧାନ ପଛଘୁଞ୍ଚା ନୁହେଁ ବରଂ ଆତ୍ମସଂଯମ ଓ ଆତ୍ମଚିନ୍ତନ। ଯଦି ମନୁଷ୍ୟ ଉଚିତ ପଥରେ ଥାଏ ତେବେ ତାକୁ ପୃଥିବୀର କୌଣସି ଶକ୍ତି ପରାସ୍ତ କରିପାରିବି ନାହିଁ ବୋଲି ପ୍ରାବନ୍ଧିକଙ୍କ ମତ।

ମାନବିକତାର ପ୍ରଚାର ପାଇଁ ଲେଖକଟିଏ ଉଦ୍ୟମ କରେ ନିଶ୍ଚୟ। ପ୍ରାବନ୍ଧିକମାନେ ଏ କ୍ଷେତ୍ରରେ ଅଧିକ ସଚେତନ। ପ୍ରାବନ୍ଧିକ ଚିତ୍ତରଞ୍ଜନ ଯେଉଁ ଯେଉଁ ଦୃଷ୍ଟିକୋଣରୁ ନିଜ ପ୍ରବନ୍ଧର ପୃଷ୍ଠାକୁ ମହିମାମଣ୍ଡିତ କରିଛନ୍ତି ଏବଂ ତାହା ପାଠକର ହୃଦୟକୁ ଅଧିକ ଆଲୋଡିତ କରିଛି ତାହାର ଏକମାତ୍ର କାରଣ ଭାବେ ଆମେ ଲକ୍ଷ୍ୟ କରିପାରିବା ମଣିଷ ସମାଜ ପ୍ରତି ତାଙ୍କର ସଂସ୍କାରମୁଖୀ ମାନସିକତାକୁ।

"ରୋହିତର ଡାଏରୀ" ଚିତ୍ତରଞ୍ଜନଙ୍କ ଦୈନନ୍ଦିନ ଦିନଲିପି ନୁହେଁ। ଯେଉଁ ଯେଉଁ ଘଟଣା ତାଙ୍କ ହୃଦୟକୁ ଅଲୋଡିତ କରିଛି ତାହାକୁ ହିଁ ସ୍ୱଚିନ୍ତନ ମାଧ୍ୟମରେ ସେ ପ୍ରକାଶ କରିଛନ୍ତି। ପ୍ରତିଦିନର ବ୍ୟକ୍ତିଗତ ଅସହାୟତାକୁ ପାଠକ ସାମ୍ନାରେ ଥୋଇ ପାଠକଙ୍କୁ ବିଚଳିତ କରାଇ ନାହାନ୍ତି ବା ଓଡ଼ିଆ ସାହିତ୍ୟ ଜଗତକୁ ଭାରାକ୍ରାନ୍ତ କରିନାହାନ୍ତି। ଯେଉଁ ଦୃଷ୍ଟିକୋଣରୁ ଜଣେ ବ୍ୟକ୍ତି ଆତ୍ମସଚେତନ ହୋଇପାରିବ ଏବଂ ନିଜକୁ ପରିବର୍ତ୍ତନର ସ୍ରୋତରେ ସାମିଲ କରି ମାନବିକତାର ଜୟଗାନ କରିପାରିବ ତାହାର ସ୍ପଷ୍ଟ ଉଲ୍ଲେଖ ଏହି ପୁସ୍ତକରେ ଶ୍ରୀଯୁକ୍ତ ଦାସ ସୂଚନା ଦେଇଛନ୍ତି।

ଚବିଶି ଖଣ୍ଡରେ ପ୍ରକାଶିତ ଏହି "ରୋହିତର ଡାଏରୀ" ମାନବିକତାର ପ୍ରଚାରରେ ନେଇଛନ୍ତି ପ୍ରମୁଖ ଭୂମିକା। ଯେଉଁମାନେ ଧ୍ୟାନସ୍ତ ଚିତ୍ତରେ ଏହି ପୁସ୍ତକ ଗୁଡିକୁ ଅଧ୍ୟୟନ କରିବେ ତାଙ୍କର ପରିବର୍ତ୍ତନ ସେ ନିଜେ ହିଁ ଅନୁଭବ କରିବେ ଏହା ନିଃସନ୍ଦେହ।" ରୋହିତର ଡାଏରୀ ମାନବିକତାର ପୂଜାରୀ ପରି ସତ୍ୟ, ଶାନ୍ତି, ସ୍ନେହ, ପ୍ରେମର ଆବାହନ କରି ଏକ ବିକଶିତ ମାନବ ସମାଜ ସୃଷ୍ଟି କରିବାରେ ନେଇପାରିଛି ପ୍ରମୁଖ ଭୂମିକା, ତାହା ବିସ୍ତୃତ ଭାବେ କହିବାର କୌଣସି ଆବଶ୍ୟକତା ନାହିଁ। ଏହାର ପ୍ରତିଟି ଖଣ୍ଡ ହେଉଛି ତାହାର ଏକ ଏକ ଜ୍ୱଳନ୍ତ ଉଦାହରଣ।

**ପ୍ରାନ୍ତଟୀକା :**


୧) ଦାସ, ଚିତ୍ତରଞ୍ଜନ - ରୋହିତର ଡାଏରୀ, ପ୍ରଥମ ପ୍ରକାଶ, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୮୪

୨) ଦାସ, ଚିତ୍ତରଞ୍ଜନ- ମିତ୍ରସ୍ୟ ଚକ୍ଷୁସା, ୧ମ, ୨ୟ,୩ୟ, ପ୍ରତିକ ପ୍ରକାଶିନୀ, ଜିଜିପି କଲୋନୀ, ଭୁବନେଶ୍ୱର

୩) ମେହେର, ମଣୀନ୍ଦ୍ର- ଚିନ୍ତାନାୟକ ଚିତ୍ତରଞ୍ଜନ, ପଥିକ ପ୍ରକାଶିନୀ, ଜିଜିପି କଲୋନୀ, ଭୁବନେଶ୍ୱର, ୨୦୨୨

୪) କବି, ଅସିତ- ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ, ଗ୍ରନ୍ଥ ମନ୍ଦିର, ବିନୋଦବିହାରୀ, କଟକ


❖ ❖ ❖

DOI :https://doi.org/10.5281/zenodo.13924343 ମୂଳ ପ୍ରବନ୍ଧ

# 'ଆଦିଭୂମି' ଉପନ୍ୟାସରେ ଆଦିବାସୀୟ ମିଥ୍‌ର ବିଶ୍ୱସନ

**ସଂଜିତା ମିଶ୍ର**

**ସକ୍ଷିପ୍ତସାର :**

ଆଦିଭୂମି ଉପନ୍ୟାସରେ ସୁଲେଖିକା ପ୍ରତିଭା ରାୟ ଆଦିବାସୀୟ ମିଥ୍ ଗୁଡିକ ପ୍ରତି ଏକାନ୍ତ ବିଶ୍ୱସ୍ତ ଭାବ ପ୍ରକଟନ କରିଛନ୍ତି।ବଣ୍ଡା ଜନଜାତିରେ ପ୍ରଚଳିତ ପୁରାତତ୍ତ୍ୱୀୟ କାହାଣୀଗୁଡିକୁ ଆଲୋଚ୍ୟ ଉପନ୍ୟାସର ଗଢଣରେ ବ୍ୟବହାର କରାଯାଇଛି। ଉପନ୍ୟାସର ପ୍ରଥମଭାଗରେ ସର୍ବାଧିକ ମିଥ୍ ର ବ୍ୟବହାର କରାଯାଇଥିବାରୁ ସମଗ୍ର ଉପନ୍ୟାସଟିକୁ ଗୋଟିଏ ବୃକ୍ଷ ରୂପେ ପରିକଳ୍ପନା କରାଯାଇ ଏହି ଅଂଶଟିକୁ ବୃକ୍ଷର ଚେର ସ୍ୱରୂପ ମନେକରାଯାଇଛି।ବୃକ୍ଷର ମୂଳ ସମ ଏହି ମିଥ୍ ଗୁଡିକ ହେଉଛନ୍ତି ବଣ୍ଡା ଜନଜାତିର ଚେର। ତେଣୁ ଲେଖିକା କୌଣସି ମିଥ୍ ପର୍ଯ୍ୟବସିତ ବିଶ୍ୱାସକୁ ଭାଙ୍ଗି ପାରିନାହାନ୍ତି। ଯେଉଁ ଲେଖିକା ମହାଭାରତ ଓ ରାମାୟଣ ପରି ମହାକାବ୍ୟରେ ନାରୀଜାତି ପ୍ରତି ହୋଇଥିବା ଅନ୍ୟାୟାଚରଣ ଆଧାରିତ ମିଥ୍ କୁ ଭାଙ୍ଗି ନୂତନ ଦିଗନ୍ତ ଉନ୍ମୋଚିତ କରିଥିଲେ, ସେ ଜଣେ ବଣ୍ଡାରମଣୀଙ୍କୁ ଶାଢୀ ଖଣ୍ଡିଏ ପିନ୍ଧାଇବା ପାଇଁ ଏତେ ପୃଷ୍ଠା ବ୍ୟୟ କଲେ କାହିଁକି ? କାହିଁକି ଆଦିବାରୀକୁ ସେ ଅଗ୍ରଣୀ କରିନପାରି ଅସହାୟ କରି ଗଢିତୋଳିଲେ ? ଏସବୁ ପ୍ରଶ୍ନର ସମାଧାନ ନିମନ୍ତେ ଏହି ନିବନ୍ଧଟି ନିଶ୍ଚୟ ସହାୟକ ହେବ।

**ମୁଖ୍ୟଶବ୍ଦ :**

ପ୍ରମୁଖ ଶବ୍ଦାବଳୀ-ଆଦିବାସୀୟ ମିଥ୍, ବିଶ୍ୱସନ, ବୁଣ୍ଡି ମହାଦେଇ, ପାଟଖଣ୍ଡା, ସଲପରସ, ସାଫୁ, ଘୁସି

ଓଡ଼ିଆ ଆଦିବାସୀ ଉପନ୍ୟାସ ସାହିତ୍ୟର ବିକାଶଧାରାରେ ପ୍ରତିଭା ରାୟଙ୍କ ଲିଖିତ 'ଆଦିଭୂମି' ଉପନ୍ୟାସର ସ୍ଥାନ ସ୍ୱତନ୍ତ୍ର । କାରଣ ଆଠଶହ ଦଶ ପୃଷ୍ଠା ସମ୍ବଳିତ ଏହି ମେଗା ଉପନ୍ୟାସଟି ବାସ୍ତବରେ ସଂଖ୍ୟାର ନିର୍ଦ୍ଦିଷ୍ଟ ବନ୍ଧନ ଅତିକ୍ରମି ବିସ୍ତୃତ ତଥା ଅନନ୍ତ ଓ ଅସୀମ ହୋଇପାରିଛି । ଭୂମି ତଥା ଭୂମି ସଂଲଗ୍ନ ମଣିଷମାନଙ୍କୁ ନେଇ ଲେଖିକା ଉପନ୍ୟାସଟି ରଚନା କରିଛନ୍ତି । ସେହି ଭୂମି ପୁଣି ସମଗ୍ର ବିଶ୍ୱ, କୌଣସି ମହାଦେଶ ବା ଦେଶ ବା ରାଜ୍ୟ ନୁହେଁ । ଓଡ଼ିଶା ଓ ଆନ୍ଧ୍ର ରାଜ୍ୟ ସୀମାରେ ଅବସ୍ଥିତ ମାଛକୁଣ୍ଡ ନଦୀର ଉତ୍ତର-ପଶ୍ଚିମ ଦିଗବର୍ତ୍ତୀ 'ବଣ୍ଡା'ପାହାଡ଼ରେ 'ବଣ୍ଡା' ନାମକ ନିର୍ଦ୍ଦିଷ୍ଟ ଜନଜାତିର ଅଧିବାସୀମାନଙ୍କର କାହାଣୀକୁ ନେଇ ଏହି ଉପନ୍ୟାସଟି ରଚିତ। ୨୦୧୧ ମସିହାର ଜନଗଣନା ଅନୁଯାୟୀ ଉପରବଣ୍ଡାମାନଙ୍କର ସଂଖ୍ୟା ଥିଲା ୬,୭୦୦ । ଉଭୟ ତଳବଣ୍ଡା ଓ ଉପରବଣ୍ଡାମାନଙ୍କର ମିଶ୍ରିତ ସଂଖ୍ୟା ହେବ ୧୨,୨୩୧ । ଆଲୋଚ୍ୟ ଉପନ୍ୟାସର ପ୍ରଥମ ପ୍ରକାଶ କାଳ ହେଉଛି ୧୯୯୩ ମସିହା । ଅତଏବ ଏଠାରେ ୧୯୯୧ର ଜନଗଣନା ବର୍ଷକୁ ଧରାଗଲେ ବଣ୍ଡାମାନଙ୍କର ସଂଖ୍ୟା ଥିଲା ୭,୩୧୫ । ମାତ୍ର ଆଠ ହଜାରରୁ କମ୍ ଜନସଂଖ୍ୟା ବିଶିଷ୍ଟ ତଥା ମାଲକାନାଗିରି ଜିଲ୍ଲାର ଗୋଟିଏ ପର୍ବତର ଉପର ଭାଗରେ ସ୍ଥିତ ୩୨ ଗୋଟି ଗାଁରେ ବସତି ସ୍ଥାପନ କରୁଥିବା ଅଧିବାସୀମାନଙ୍କୁ ନେଇ ରଚିତ ଉପନ୍ୟାସଟିକୁ ଅନନ୍ତ ଓ ଅସୀମ ମନେ କରାଯିବାର କାରଣ ହେଉଛି ସୁଲେଖିକା ପ୍ରତିଭା ରାୟଙ୍କର ସୂକ୍ଷ୍ମାତିସୂକ୍ଷ୍ମ ଦୃଷ୍ଟିଭଙ୍ଗୀ ଓ ବିଷୟ ବିଭାଜନ କୌଶଳ। ନିର୍ଦ୍ଦିଷ୍ଟ ଭୂମିର ଅଧିବାସୀମାନଙ୍କୁ ନେଇ ଉପନ୍ୟାସଟି ରଚିତ ହୋଇଥିଲେ ହେଁ ଅଧ୍ୟାୟର ନାମକରଣ ଦିଗଗଣଙ୍କୁ ନେଇ କରାଯାଇଛି । ଏହି ଅନନ୍ତ କଥାକାଶଟିକୁ ସୁଲେଖିକା ପ୍ରତିଭା ପଶ୍ଚିମ, ପୂର୍ବ, ଦକ୍ଷିଣ ଓ ଉତ୍ତର ଏହି କ୍ରମରେ ଚତୁର୍ଭାଗରେ

ଯୋଗାଯୋଗ :
**ଡକ୍ଟର ସଂଜିତା ମିଶ୍ର, ବିଭାଗ ମୁଖ୍ୟ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ-୧
**E-Mail ID:** sanjitamishra75@gmail.com
**ORCID ID:** https://orcid.org/0009-0009-1749-8996

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୯.୨୦୨୪ | ୨୫.୯.୨୦୨୪ | ୧.୧୦.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମିଶ୍ର, ସଂଜିତା, ୨୦୨୪। 'ଆଦିଭୂମି' ଉପନ୍ୟାସରେ ଆଦିବାସୀୟ ମିଥ୍‌ର ବିଶ୍ୱସନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଛ, ପୃଷ୍ଠା :୩୫-୫୦।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.13924343
Article No - BPP00230

ବିଭକ୍ତ କରିବା ପରେ 'ଅନନ୍ତର' ଶୀର୍ଷକରେ ଅନ୍ତିମ ଅଧ୍ୟାୟଟିଏ ସଂଯୁକ୍ତ କରିଛନ୍ତି । ଯେଉଁ ଅନ୍ତିମ ଅଧ୍ୟାୟଟି ଆଦିଭୂମିର ଅନ୍ତଃହୀନ ସ୍ଥିତିର ସୂଚନା ଦେବା ସଙ୍ଗେ ସଙ୍ଗେ ଆଲୋଚ୍ୟ ଗଦ୍ୟ ମହାକାବ୍ୟର ପରିସୀମାକୁ ମଧ୍ୟ ପରିବର୍ଦ୍ଧିତ କରିପାରିଛି।

ବାସ୍ତବରେ କଥାଶିଳ୍ପୟିତ୍ରୀ ପ୍ରତିଭା ରାୟ ଆପଣାର ପ୍ରତିଭାମୟୀ କୃତି ମାଧ୍ୟମରେ ପାଠକମାନଙ୍କୁ ଭୂମିରୁ ଭୂମା ପର୍ଯ୍ୟନ୍ତ, ଅସତ୍‌ରୁ ସତ୍ ପର୍ଯ୍ୟନ୍ତ, ଅଜ୍ଞାନ ଅନ୍ଧକାରର ଘନତମିସା ମଧ୍ୟରୁ ଜ୍ଞାନାଲୋକର ଉଜ୍ଜ୍ୱଳ ମଣ୍ଡଳ ପର୍ଯ୍ୟନ୍ତ ପରିଚାଳିତ କରିପାରିବାର ସାମର୍ଥ୍ୟ ରଖିଥାନ୍ତି। 'ଆଦିଭୂମି' ଉପନ୍ୟାସର ଅନ୍ତରାଳରେ ରହିଛି ୧୯୮୫ ମସିହାରୁ ୧୯୯୩ ମସିହା ପର୍ଯ୍ୟନ୍ତ ଦୀର୍ଘ ଆଠ ବର୍ଷ ଧରି 'ବଣ୍ଡା ଜନଜାତିର ଅପରାଧ ପ୍ରବଣତା ଉପରେ ଶିକ୍ଷାର ପ୍ରଭାବ' ପ୍ରସଙ୍ଗ ପର୍ଯ୍ୟବସିତ ଲେଖିକାଙ୍କର ପ୍ରତ୍ୟକ୍ଷ ପରିଦର୍ଶନଧର୍ମୀ ଗବେଷଣାଲବ୍ଧ ଜ୍ଞାନର ଉପାଦାନ । କିନ୍ତୁ ଏହି ଉପନ୍ୟାସଟି ଲେଖିକାଙ୍କର ଗବେଷଣାଧର୍ମୀ ଅନୁସନ୍ଧିତ୍ସୁ ଦୃଷ୍ଟିଭଙ୍ଗୀର ଗୈରିକ ଗାଥା ନୁହେଁ ବରଂ ଅନୁପମ ହୃଦୟବତ୍ତାର ଅନାବିଳ ଆଲେଖିକା । ଲେଖିକା ସ୍ଥୁଳ ଦୃଷ୍ଟିରେ ସିନା ବଣପାହାଡ଼ଘେରା ପ୍ରକୃତି କୋଳରେ ପ୍ରବୃତ୍ତି ପରିଚାଳିତ ବଣ୍ଡାମାନଙ୍କର ଜୀବନଯାପନ ଶୈଳୀକୁ ଅବଲୋକନ କରୁଥିଲେ ହେଲେ ଅନ୍ତର୍ମନରେ ସେହି ଶିକ୍ଷାଲୋକ ରହିତ ଆଦିମ ଜନଜାତିର ମଣିଷମାନଙ୍କ ସହ ଆନ୍ତରିକ ଭାବବନ୍ଧନରେ ଏଭଳି ଅନୁବନ୍ଧିତ ହୋଇଯାଇଥିଲେ ଯେ ସେମାନଙ୍କର ଅତୀତର ଗହ୍ୱର ମଧ୍ୟକୁ ପ୍ରବେଶ କରି ଯେତିକି ଯେତିକି ଉତ୍ସକୁ ସ୍ପର୍ଶ କରୁଥିଲେ, ସାଂପ୍ରତିକ ଜୀବନଚର୍ଯ୍ୟା ତଥା ସଭ୍ୟତାର ଆଲୋକ ପ୍ରଦାନ ନାମରେ ସେମାନଙ୍କର ଜର୍ଜରିତ ସ୍ଥିତିକୁ ସେତିକି ସେତିକି ହୃଦୟଙ୍ଗମ କରିପାରୁଥିଲେ । 'ଆଦିଭୂମି' ଉପନ୍ୟାସ ଲେଖିକାଙ୍କର ସେହି ଚିତ୍ତ ସଂଘର୍ଷର ସତ୍ୟଶୀଳ ପରିପ୍ରକାଶ । ଉପନ୍ୟାସଟି ଶାବ୍ଦିକ ବିଭବ ଦୃଷ୍ଟିରୁ ଯେତିକି ଶବଳ, କଥା ଉପକଥା-ପୁରାକଥା-ଗାଥାଦିର ସମ୍ମିଶ୍ରଣରେ ତତୋଧିକ ସମ୍ପ୍ରସାରିତ।

ଆଲୋଚ୍ୟ ଉପନ୍ୟାସରେ ଲେଖିକା ଯେଉଁ ଆଦିବାସୀୟ ମିଥ୍‌ଗୁଡ଼ିକ ବ୍ୟବହାର କରିଛନ୍ତି ତାହା ଏକାନ୍ତ ସୁନିର୍ବାଚିତ। 'ଯାଜ୍ଞସେନୀ' ଓ 'ମହାମୋହ' ଉପନ୍ୟାସଦ୍ୱୟରେ ଲେଖିକା ଯେପରି ମିଥ୍‌କୁ ଭାଙ୍ଗି ନବୀନ ଦିଗନ୍ତର ଉନ୍ମୋଚନ କରିଛନ୍ତି, 'ଆଦିଭୂମି' ଉପନ୍ୟାସରେ ସେପରି କରିନାହାନ୍ତି । ବରଂ ମିଥ୍ ପ୍ରତି ଅତ୍ୟନ୍ତ ବିଶ୍ୱସ୍ତ ରହିଛନ୍ତି । ପ୍ରତ୍ୟେକ ମିଥ୍ ସହ ଏହି ଜନଜାତିର ଲୋକବିଶ୍ୱାସ, ରୀତିନୀତି, ପରମ୍ପରା, ଚାଲିଚଳଣି ଆଦିକୁ ସଂଯୋଜିତ କରି ସେମାନଙ୍କ ପ୍ରତି ଏକାନ୍ତ ଶ୍ରଦ୍ଧାଶୀଳ ମନୋଭାବ ବ୍ୟକ୍ତ କରିଛନ୍ତି । ବଣ୍ଡା ରମଣୀମାନେ ଉଲଗ୍ନ ବେଶା ଓ ମୁଣ୍ଡିତ କେଶା ହେବାର ମିଥ୍‌ଟିକୁ ଭାଙ୍ଗି ସେମାନଙ୍କୁ ଆଭରଣ ଅର୍ଥାତ ସୂତାଲୁଗାର ବେଢ଼ଣଟିଏ ଦେବା ନିମନ୍ତେ ଲେଖିକା ପୃଷ୍ଠା ପରେ ପୃଷ୍ଠା ବ୍ୟୟ କରିବା ପରେ ମଧ୍ୟ ମିଥ୍‌ର ଲକ୍ଷ୍ମଣରେଖା ଅତିକ୍ରମଣ ଯେ ସେମାନଙ୍କ ନିମନ୍ତେ ହାନୀକାରକ ଏହି ଉପସଂହାରରେ ପହଞ୍ଚିଛନ୍ତି । ପ୍ରତିଭା ରାୟଙ୍କ ପରି ଜଣେ ନାରୀବାଦୀ ଲେଖିକା ଆଦିବାରୀ ନାମ୍ନୀ ବଣ୍ଡା ରମଣୀଟା ଲୁଗା ଖଣ୍ଡେ ପିନ୍ଧିଲା ବୋଲି ଯାବତୀୟ ଦୁର୍ଦ୍ଦଶା ଭୋଗ କରିବା କଥାଟା ଉଲ୍ଲେଖ କରିବା ପ୍ରସଙ୍ଗରେ ଅନେକ ସମାଲୋଚକ ନାସିକା କୁଞ୍ଚନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଗବେଷକ ଡକ୍ଟର ଶରତ କୁମାର ଜେନାଙ୍କ ମତାମତ ଗ୍ରହଣ କରିବା ପ୍ରାସଙ୍ଗିକ ମନେହୁଏ । ତାଙ୍କ ମତାନୁସାରେ, "In Yajnaseni and Mahamoha the women are self-asserative, Draupadi and Ahalya are portrayed of trnsgressors of the mythic space codified the Mahabharat, the Ramayan and Hindu Ideology and Principles in general. In Adibhumi on the other, Ray represents a somewhat reductive indentity of the Bonda women. She claims knowledge of indig-enous view points of the myths she has collected during her stay at the Bonda hills in the 1980s and 1990s.".[୧] । ପ୍ରତିଭା ରାୟ ମହୋଦୟାଙ୍କ ସହ ୨୦୧୪ ମସିହା ଏପ୍ରିଲ ମାସ ୧୯ ତାରିଖରେ ଗୋଟିଏ ସାକ୍ଷାତକାର ପ୍ରଦାନ ଅବସରରେ ୧୯୮୦ ରୁ ୧୯୯୦ ମସିହା ମଧ୍ୟରେ ଲେଖିକା ବଣ୍ଡା ମିଥ୍‌ଗୁଡ଼ିକ ସଂଗ୍ରହ କରିଥିବା ପ୍ରସଙ୍ଗ ଗବେଷକ ଡକ୍ଟର ଜେନା ଉଲ୍ଲେଖ କରିଛନ୍ତି । କିନ୍ତୁ 'ଆଦିଭୂମି' ଉପନ୍ୟାସର ପୃଷ୍ଠଭୂମି ଅନୁଯାୟୀ ୧୯୮୫ ମସିହା, ଜୁନ ମାସ ଆଠ ତାରିଖରେ ବଣ୍ଡା ପାହାଡ଼ରେ ଲେଖିକା ପ୍ରଥମେ ପଦାର୍ପଣ କରିଥିଲେ । ମୋର ବିନୀତ ମତ ହେଉଛି ଯେ, ଆଠବର୍ଷର ଗବେଷଣା ମଧ୍ୟରେ ଲେଖିକା ବିଭିନ୍ନ ନୃତତ୍ତ୍ୱବିଦ୍‌ମାନେ ସଂଗ୍ରହ କରିଥିବା ମିଥିକାଲ୍ କାହାଣୀଗୁଡ଼ିକ ସେହି ଜନଜାତିର ଲୋକମାନେ କେତେ ବିଶ୍ୱସ୍ତ ଭାବେ ପାଳନ କରି ଆସୁଛନ୍ତି ତାହା ଅନୁଭବ କରିଛନ୍ତି। ତେଣୁ ସେ ଅନୁଭବଲବ୍ଧ ଜ୍ଞାନ ବା ବାଡ଼ି ବାଇଗଣକୁ ପୋଥି ବାଇଗଣରେ ରୂପାନ୍ତରିତ କରିବା ନିମନ୍ତେ ଇଚ୍ଛା କରିନାହାନ୍ତି।

ବଣ୍ଡା ଜନଜାତିର ମିଥ୍ ସଂଗ୍ରାହକର ଶ୍ରେୟ ବିଶିଷ୍ଟ ନୃତତ୍ତ୍ୱବିଦ୍ ଭେରିୟର ଏଲଓ୍ୱିନ୍‌ଙ୍କୁ ଅର୍ପଣ କରିବା ଉଚିତ ହେବ । ଅବଶ୍ୟ ଏଲ୍‌ଓ୍ୱିନ୍‌ଙ୍କ ପୂର୍ବରୁ ଏ. ମେ ବଣ୍ଡାମାନଙ୍କ ଉପରେ ଗୋଟିଏ ବିବରଣୀ ପ୍ରସ୍ତୁତ କରିଥିଲେ ଯାହା 'Notes on the Bhondas of Jaypur' ଶୀର୍ଷକରେ 'The Indian Antiquary' ଗ୍ରନ୍ଥର ଦ୍ୱିତୀୟ ଭାଗରେ ୧୮୭୩ ମସିହାରେ ପ୍ରକାଶିତ ହୋଇଥିଲା। ୧୮୭୩ ମସିହାରୁ ୧୯୪୫ ମସିହା ମଧ୍ୟରେ ଯେଉଁ ନୃବିଜ୍ଞାନୀ ତଥା ଗବେଷକଗଣ ବଣ୍ଡାମାନଙ୍କ ରୀତିନୀତି ସମ୍ପର୍କରେ ଅବଗତ କରାଇଥିଲେ ସେମାନେ ହେଉଛନ୍ତି ଜେ.ସି. ମୋଲୋନି, ଇ.ଥୁଷ୍ଟନ, ଆର୍.ସି.ଏସ୍. ବେଲ୍, ଡକ୍ଟର ସି.ଭୋନ ଫ୍ୟୁରର - ହେମେନ୍‌ଡ୍ରୋଫ୍ ଓ ଏସ୍.ସି. ରାୟ ପ୍ରମୁଖ। ଏମାନଙ୍କ ମଧ୍ୟରୁ ହେମେନ୍‌ଡ୍ରୋଫ୍ ହେଉଛନ୍ତି ପ୍ରଥମ ନୃବିଜ୍ଞାନୀ ଯିଏ ବଣ୍ଡାମାନଙ୍କର ନୃବଂଶ ବିଜ୍ଞାନର ପରିଚୟ ପ୍ରଦାନ କରିଥିଲେ।[୨] ଆଦିଭୂମିର ଲେଖିକା ବଣ୍ଡା ମିଥ୍‌ଗୁଡ଼ିକର ଆଦି ସଂଗ୍ରାହକ ନୁହଁନ୍ତି । ବଣ୍ଡା ମିଥ୍‌ଗୁଡ଼ିକର ଆଦି ସଂଗ୍ରାହକ ହେଉଛନ୍ତି ଭେରିୟର୍ ଏଲଓ୍ୱିନ୍। ତାଙ୍କ ରଚିତ 'Bonda Highlander' ଓ 'Tribal Myths of Orissa' ର ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗରେ ସ୍ଥାନିତ ଆଦିବାସୀୟ ମିଥ୍‌ଗୁଡ଼ିକର ପ୍ରୟୋଗ ଆଦିଭୂମି ଉପନ୍ୟାସର ବଳୟ ମଧ୍ୟରେ ପରିଦୃଶ୍ୟ

ହୁଏ । ସୁଲେଖିକା ପ୍ରତିଭା ହେଉଛନ୍ତି ପ୍ରଥମ ଔପନ୍ୟାସିକା ଯିଏ କେବଳ ବଣ୍ଡା ଜନଜାତି ନୁହେଁ ବରଂ ସେମାନଙ୍କର ଆଦି ମିଥ୍ ପରିଚାଳିତ ରୀତିନୀତି, ପରମ୍ପରା, ବିଶ୍ୱାସ, ଧାର୍ମିକ କର୍ମକାଣ୍ଡ ଆଦିକୁ ନେଇ ବିଶାଳ କଥାକାବ୍ୟ ରଚନା କରିଛନ୍ତି । ଯେଉଁ କଥାକାବ୍ୟଟି ମଧ୍ୟରେ କ୍ରାନ୍ତିଦର୍ଶିନୀ ପ୍ରତିଭା ଆପଣାକୁ ସେହି ଆଦିମିଥ୍‌ର ଆଦିମ ବଳୟ ମଧ୍ୟରେ ଆବଦ୍ଧ କରିବା ନିମନ୍ତେ ଚାହିଁଛନ୍ତି । ସମାଲୋଚନାର କଷଟିରେ କିନ୍ତୁ ଲେଖିକାଙ୍କର ଏହି ଆଦିମିଥୀୟ ଅଙ୍ଗୀକାରବଦ୍ଧ ମନୋଭାବ ବାରବାର ପ୍ରଶ୍ନବାଣ ସୃଷ୍ଟି କରିଛି । ଗବେଷକ ଶ୍ରୀଯୁକ୍ତ ଶରତ କୁମାର ଜେନାଙ୍କ ମତାନୁଯାୟୀ, "Hence for Ray the tribal myths are passive, fixed in a nostalgic past, devoid of regenerative power. The non-tribal 'myths' generated by upper caste attitudes, are explicated and explored as enabling and empowering for women of higher social orders. There is an inherent contradiction in this intellectual investment of Ray as she seems to deny the findings of her own research while she lived with the Bonda community. She does not accept the scope of replay of tribal myths for empowerment and libertion as she distanes herself from them in 'Adibhumi".[୩]

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହେଲା ଯେ ଆଲୋଚ୍ୟ ଉପନ୍ୟାସରେ ଆଦିବାସୀୟ ମିଥ୍‌ଗୁଡ଼ିକ ସକ୍ରିୟ ନୁହଁନ୍ତି । ସେଗୁଡ଼ିକର ପୁନର୍ନିର୍ମାଣ ନିମନ୍ତେ ଲେଖିକା ଅନିଚ୍ଛୁକ। ଲେଖିକା ଏହି ମିଥ୍‌ଗୁଡ଼ିକ ପ୍ରତି ଏତେ ବଶମ୍ବଦ ହେବାର କାରଣ ସମ୍ପର୍କରେ ଆଲୋଚନା କରିବା ଏହି ପ୍ରବନ୍ଧର ପ୍ରମୁଖ ଆଭିମୁଖ୍ୟ । ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚ୍ୟ ଉପନ୍ୟାସରେ ବ୍ୟବହୃତ ମିଥ୍‌ରାଜିର ସୂଚନା ପ୍ରଦାନ କରାଯିବ। ପରିଚ୍ଛେଦ ଅନୁଯାୟୀ କେଉଁ ମିଥ୍‌ର ବ୍ୟବହାର କେଉଁ ଉଦ୍ଦେଶ୍ୟରେ କରାଯାଇଛି ତାହା ନିମ୍ନରେ ପ୍ରଦାନ କରାଗଲା।

## ୨

ଆଲୋଚ୍ୟ ଉପନ୍ୟାସର ପ୍ରଥମ ପରିଚ୍ଛେଦର ନାମ ପଶ୍ଚିମ। ଏଥିରେ ସର୍ବମୋଟ ଅଠେଇଶଗୋଟି ଅଧ୍ୟାୟ ରହିଛି । ସମଗ୍ର ଉପନ୍ୟାସ ମଧ୍ୟରେ ଏହି ପଶ୍ଚିମ ଭାଗରେ ହିଁ ସର୍ବାଧିକ ମିଥର ବ୍ୟବହାର କରାଯାଇଛି । ତେଣୁ ଏହି ଭାଗଟିକୁ ଆମେ ଆଦିଭୂମି ଉପନ୍ୟାସର ଭିତ୍ତି ରୂପେ ଗ୍ରହଣ କରିପାରିବା । ସମଗ୍ର କଥାକାବ୍ୟଟିକୁ ଯଦି ଗୋଟିଏ ବୃକ୍ଷ ରୂପେ ତୁଳନା କରାଯାଏ ତେବେ ସେହି ବୃକ୍ଷର ଚେରଗୁଡ଼ିକ ଏହି ଅଧ୍ୟାୟରେ ବ୍ୟବହୃତ ହୋଇଥିବା ମିଥମାନଙ୍କ ମଧ୍ୟରେ ହିଁ ସଂଗୋପିତ ରହିଛି। ନିମ୍ନ ସାରଣୀରେ ଆଲୋଚ୍ୟ ଭାଗରେ ସ୍ଥିତ ବଣ୍ଡା ଆଦିବାସୀୟ ମିଥଗୁଡ଼ିକ ଯେଉଁ ପରିପ୍ରେକ୍ଷୀରେ ବ୍ୟବହୃତ ହୋଇଛି ତା'ର ସୂଚନାତ୍ମକ ନିର୍ଦ୍ଦେଶ ପ୍ରଦାନ କରାଗଲା।

**ସାରଣୀ-୧**

| କ୍ର.ନଂ | ବଣ୍ଡା ଜନଜାତିରେ ପ୍ରଚଳିତ ମିଥ୍ | ଚାରିତ୍ରିକ ତଥା ସାଂସ୍କୃତିକ ବୈଶିଷ୍ଟ୍ୟ ସହ ମିଥ୍‌ର ସମ୍ପର୍କ ଓ ଅନ୍ୟାନ୍ୟ | ଅଧ୍ୟାୟ/ ପୃଷ୍ଠା ସଂଖ୍ୟା |
|---|---|---|---|
| ୧. | ବୁଣ୍ଡି ମହାଦେଈଙ୍କ କାହାଣୀ | ବଣ୍ଡାମାନେ ସନ୍ଦେହୀ, ପ୍ରତିହିଂସା ପରାୟଣ ଓ କ୍ଷମାହୀନ ହେବାର କାରଣ | ୧ମ ଅଧ୍ୟାୟ / ପୃଷ୍ଠା ୨୯ରୁ ୩୪ |
| ୨. | ପୃଥିବୀ, ଚନ୍ଦ୍ର, ସୂର୍ଯ୍ୟ ଓ ତାରାଦିଙ୍କର ସୃଷ୍ଟି | ଅନ୍ଧାରର ଜଳମୟ ଆବର୍ତ୍ତ ଭିତରୁ ବ୍ରହ୍ମାଣ୍ଡର ଉତ୍ପତ୍ତି | ୨ୟ ଅଧ୍ୟାୟ / ପୃ. ୩୫ ଓ ୩୬ |
| ୩. | ସନ୍ତାନ ଜନ୍ମ, ସନ୍ତାନ ହରାଇବାର | ବଣ୍ଡାମାନେ ମାତୃଜାତିକୁ ସର୍ବାଧିକ ଶ୍ରଦ୍ଧା ଓ | |
| | ଦୁଃଖ, ଲୁହର ଉତ୍ପତ୍ତି, | ସମ୍ମାନ ଅର୍ପଣ କରିବାର କାରଣ | |
| | ଗୃହ ତଥା ଗ୍ରାମ ଭିଆଣ | | ୨ୟ ଅଧ୍ୟାୟ / ପୃ. ୩୬ ରୁ ୩୯ |
| ୪. | ସଲପ ଗଛ ସହ ବଣ୍ଡା | ସଲପ ଗଛ ନବଜାତି ବଣ୍ଡ ଶିଶୁଦ୍ୱୟଙ୍କର | |
| | ଜନଜାତିର ଫୁଲନାଡ଼ି ସମ୍ପର୍କ | ଜୀବନ ରକ୍ଷା କରିବା କାହାଣୀ | ୩ୟ ଅଧ୍ୟାୟ ପୃ. ୪୪ ଓ ୪୫ |
| ୫. | ପଦୁମ ଗଦ୍‌ବାର କଥା | ବଣ୍ଡାମାନେ ଆପଣାକୁ ଗଦ୍‌ବାମାନଙ୍କର ସାନଭାଇ ମନେ କରିବାର କାରଣ। | ୩ୟ ଅଧ୍ୟାୟ ପୃ. ୪୭ |
| ୬. | ପାଟଖଣ୍ଡା ଓ ଦାମୁଲ୍‌ଦେଈଙ୍କ କଥା | ପାଟଖଣ୍ଡା ପୂଜା ପ୍ରଥାର କାରଣ। | ୩ୟ ଅଧ୍ୟାୟ / ପୃ. ୪୮ ରୁ ୫୦ |
| ୭ | ଚିଲପକ୍ଷୀ ଦୁଇଜଣ ବଣ୍ଡା ଶିଶୁଙ୍କର ପୁରୁଷାଙ୍ଗ ଝାମ୍ପି ନେବା କଥା | ବଣ୍ଡା ପୁରୁଷମାନେ ତିନିବର୍ଷର ଶିଶୁ ଅବସ୍ଥାରୁ ଘୁସି (ଲେଙ୍ଗୁଟି) ପିନ୍ଧିବାର କାରଣ। | ୪ର୍ଥ ଅଧ୍ୟାୟ / ପୃ. ୬୦ ଓ ୬୧ |
| ୮. | ସୀତା ଠାକୁରାଣୀ ବଣ୍ଡା ରମଣୀମାନଙ୍କୁ ଅଭିଶାପ ଦେବା କଥା | ବଣ୍ଡା ରମଣୀମାନେ ଉଲଗ୍ନା ଓ ମୁଣ୍ଡିତା କେଶା ହେବାର କାରଣ | ୫ମ ଅଧ୍ୟାୟ ପୃ. ୬୯ |

| | | | |
|---|---|---|---|
| ୯. | ଶ୍ୱଶୁର ସହ ନବବଧୂର ଶାରୀରିକ ସମ୍ପର୍କ କଥା | ବଣ୍ଡା ଜନଜାତିରେ ସାନବୟସର ପୁରୁଷ ବୟସ୍କା ନାରୀକୁ ବିବାହ କରିବାର କାରଣ। | ୧୩ ତମ ଅଧ୍ୟାୟ ପୃ. ୧୧୨ ଓ ୧୧୩ |
| ୧୦ | ଜହ୍ନର କ୍ଷୟବୃଦ୍ଧିର ରହସ୍ୟ | ବଣ୍ଡାମାନେ ଋଣ କରି ଶୁଝି ନ ପାରିବାର କାରଣ | ୧୭ତମ ଅଧ୍ୟାୟ ପୃ. ୧୪୦ ଓ ୧୪୧ |
| ୧୧. | ଦାନ୍ତିପଡ଼ା ଗ୍ରାମର ଉତ୍ପତ୍ତି କଥା | ମାଣ୍ଡଧରା ଜନଜାତିର ସୃଷ୍ଟି | ୨୧ ତମ ଅଧ୍ୟାୟ ପୃ. ୧୫୫ |

ପ୍ରଥମଭାଗରେ ଉପରୋକ୍ତ ଏକାଦଶଗୋଟି ମିଥ୍‌ର ବ୍ୟବହାର କରାଯାଇଛି। ପ୍ରତ୍ୟେକ ମିଥ କିପରି ବଣ୍ଡା ଜନଜାତିର ଜୀବନ ଧାରାକୁ ନିୟନ୍ତ୍ରିତ କରୁଛି ତାହା ଲେଖିକା ସ୍ପଷ୍ଟ ରୂପେ ସୂଚିତ କରିଛନ୍ତି । ଏହି ଏକାଦଶଗୋଟି ମିଥ୍ ମଧ୍ୟରୁ ପ୍ରଥମ ମିଥ୍‌କୁ ଆମେ ଐତିହାସିକ ମିଥ୍ ରୂପେ ଗ୍ରହଣ କରିପାରିବା । ବୁଣ୍ଡି ମହାଦେଈଙ୍କ କାହାଣୀଟି ଏଲୱିନ୍‌ଙ୍କ ପୁସ୍ତକ ମଧ୍ୟରେ ଦେଖିବାକୁ ମିଳେ ନାହିଁ। କାହାଣୀଟିର ସଂଗ୍ରାହକ ସମ୍ଭବତଃ ସ୍ୱୟଂ ଲେଖିକା । କାରଣ ନାଗାବଂଶର ଜନୈକା ରାଣୀ ଆପଣାର ପ୍ରାଣରକ୍ଷା ନିମନ୍ତେ ବଣ୍ଡା ପାହାଡ଼ରେ ଆଶ୍ରୟ ନେଇଥିବା କାହାଣୀଟି ବଣ୍ଡା ସମାଜରେ ପ୍ରଚଳିତ ଅଛି । 'ବଣ୍ଡା ଇତିହାସ' ବହିର ପ୍ରଣେତା ଶ୍ରୀଯୁକ୍ତ ଲକ୍ଷ୍ମଣ ମାନଦୋରାଙ୍କ ମତାନୁଯାୟୀ, "ବହୁବର୍ଷ ପୂର୍ବେ ନାଗାଲାଣ୍ଡରେ ଜଣେ ସ୍ୱାର୍ଥପର ରାଜା ରାଜତ୍ୱ କରୁଥିଲେ। ସେ ପ୍ରଜାମାନଙ୍କୁ ଭଲ ଭାବେ ଦେଖୁନଥିଲେ। ନିଜର ସ୍ୱାର୍ଥ ନିମନ୍ତେ ପ୍ରଜାମାନଙ୍କ ଉପରେ ବହୁ ଅତ୍ୟାଚାର କରୁଥିଲେ। ରାଜାଙ୍କର ଏପରି ଶାସନରେ ପ୍ରଜାମାନେ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ବିଦ୍ରୋହୀ ପ୍ରଜାମାନେ ରାଜାଙ୍କୁ ଧରି ହତ୍ୟା କରିଥିଲେ । ରାଣୀ ପ୍ରାଣଭୟରେ ବିଶ୍ୱସ୍ତ କେତେକ ଦାସଦାସୀଙ୍କୁ ଘେନି ଗୁପ୍ତରେ ପଳାୟନ କରିଥିଲେ। ସେମାନଙ୍କ ହାତରେ ନିଜର ପ୍ରାଣରକ୍ଷା ନିମନ୍ତେ ଅସ୍ତ୍ରଶସ୍ତ୍ର ମଧ୍ୟ ଥିଲା । ବହୁ ବଣପାହାଡ଼ ପର୍ବତ ଜଙ୍ଗଲ ଅତିକ୍ରମ ପରେ ସେମାନେ ସୁଦୂର ଆନ୍ଧ୍ର-ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ନନ୍ଦପୁରରେ ପହଞ୍ଚିଲେ । ସେଠାରେ ବର୍ଷ କେତେ ରହି ମୁଦୁଲିପଡ଼ା ବନାନୀ ମଧ୍ୟରେ ଗୁପ୍ତ ହୋଇ ରହିଥିଲେ। ତେଣୁ ବଣ୍ଡାମାନେ ନାଗାମାନଙ୍କର ବଂଶଧର ହୋଇଥିବାରୁ ଏମାନେ ମଧ୍ୟ ନଗ୍ନ ଅବସ୍ଥାରେ ରହିବାର ଦେଖାଯାଉଅଛି । ନାଗାମାନେ ଭାରି ରାଗି ଓ ହିଂସ୍ର।"[୪] ଗ୍ରନ୍ଥାକାର ଶ୍ରୀ ଲକ୍ଷ୍ମଣ ମାନଦୋରା କିନ୍ତୁ ଏହି ମତଟିକୁ ଅଗ୍ରାହ୍ୟ କରନ୍ତି । ତାଙ୍କ ମତରେ ବଣ୍ଡାମାନଙ୍କ ସହ ନାଗାମାନଙ୍କର କୌଣସି ସମ୍ପର୍କ ସ୍ଥାପନ ଏକାନ୍ତ ଅହେତୁକ। କାରଣ ତ୍ରେତୟା ଯୁଗରୁ ବଣ୍ଡାମାନଙ୍କର ଅସ୍ତିତ୍ୱ ରହିଛି । ସୀତା ଠାକୁରାଣୀଙ୍କ ଅଭିଶାପ ହେତୁ ବଣ୍ଡା ରମଣୀମାନେ ଉଲଗ୍ନ ହୋଇଥା'ନ୍ତି।

'କୋରାପୁଟର ଆଦିବାସୀ ଲୋକସଂସ୍କୃତି' ଗ୍ରନ୍ଥର ଲେଖକ ଡକ୍ଟର ରାଜେନ୍ଦ୍ର ପାଢ଼ୀ ପାଟଖଣ୍ଡା ପୂଜା ସମ୍ପର୍କରେ ସୂଚନା ଦେବାକୁ ଯାଇ ଯେଉଁ ଦ୍ୱିତୀୟ ମିଥିକ କାହାଣୀଟି ଲେଖନ୍ତି ସେଥିରେ ଜଣେ ଯୋଦ୍ଧା ବଣ୍ଡା ରମଣୀଙ୍କ ସମ୍ପର୍କରେ ସୂଚନା ରହିଛି। କାହାଣୀଟି ଏହିପରି "ମୋଗଲ ଶାସକଙ୍କ ରାଜତ୍ୱ କାଳରେ ମୋଗଲ ସୈନ୍ୟବାହିନୀ ବଣ୍ଡା ଅଞ୍ଚଳକୁ ଦଖଲ କରିବା ପାଇଁ ଆକ୍ରମଣ କରିଥିଲେ । ଦୁର୍ଦ୍ଧର୍ଷ ବଣ୍ଡାମାନେ ଉତ୍ତ୍ୟକ୍ତ ହୋଇ ମୋଗଲ ସେନାଙ୍କ ବିରୁଦ୍ଧରେ ଯୁଦ୍ଧ କଲେ । ବଣ୍ଡା ସେନାବାହିନୀର ନେତୃତ୍ୱ ନେଇଥିଲେ ଜଣେ ବଣ୍ଡା ରମଣୀ। ନିଜ ଜାତିକୁ ବଞ୍ଚାଇବା ପାଇଁ ସେ ଅଧିନାୟିକା ହିସାବରେ ପ୍ରାଣମୂର୍ଚ୍ଛା ଲଢ଼ି ଶେଷରେ ମୋଗଲ ସେନାଙ୍କ ଖଣ୍ଡାଚୋଟରେ ହେଲେ ଭୂପତିତା ।"[୫] ତାଙ୍କ ବୀରତ୍ୱର ସ୍ମାରକୀ ସ୍ୱରୂପ ବଣ୍ଡାମାନେ ସେହି ଖଣ୍ଡାଟିକୁ ପୂଜା କରିବାର ଧାର୍ମିକ ପରମ୍ପରା ରକ୍ଷା କରି ଆସିଛନ୍ତି। ଉପରୋକ୍ତ ଦୁଇଟି କାହାଣୀରେ କୌଣସି ସାମଞ୍ଜସ୍ୟ ନାହିଁ। ତେବେ ଜଣେ ଦୁର୍ଦ୍ଧର୍ଷ ରମଣୀ ବଣ୍ଡା ପାହାଡ଼ରେ ଶାସିକା ରୂପେ ଅବତୀର୍ଣ୍ଣ ହେବା କଥାଟି ସତ୍ୟ। ସୁଲେଖିକା ପ୍ରତିଭା ଯେଉଁ କାହାଣୀଟିକୁ ଆଲୋଚ୍ୟ ଉପନ୍ୟାସର ପ୍ରାରମ୍ଭରେ ବ୍ୟବହାର କରିଚନ୍ତି । ଲେଖିକାଙ୍କର ବର୍ଣ୍ଣନାନୁଯାୟୀ "ଜନ୍ମଠୁ ନୁହେଁ, ମୃତ୍ୟୁଠୁ ବଣ୍ଡା ପାହାଡ଼ର ଇତିହାସ ମିଳିଯାଏ । ମୃତ୍ୟୁଠୁ ଯେମିତି ଆରମ୍ଭ ହେଉଛି ବଣ୍ଡା ଜାତିର କଥାନୀ (କାହାଣୀ)। ନିତିଦିନିଆ ମରଣର ଖେଳ ଭିତରେ ସେ ଇତିହାସ ଗଢ଼ିଆସିଛି ଏ ଯାଏ । ଚକ୍ରକୋଟ ରାଜାଙ୍କର ମୃତ୍ୟୁ ହେବାର କେତେ ଯୁଗ ବିତିଗଲାଣି, ତା'ର ହିସାବ କିଏ ରଖିଛି ? ବସ୍ତରର ରାଜଧାନୀ ଚକ୍ରକୋଟର ରାଜା ମହାପ୍ରତାପୀ ବୀର ଓ ପ୍ରଜାପାଳକ । ତାଙ୍କର ପାଟରାଣୀ ବୁଣ୍ଡି ମହାଦେଈ । ଶତ୍ରୁର ଲୋଭିଲା ଦୃଷ୍ଟି ଖାଲି ଚକ୍ରକୋଟ ରାଜ୍ୟର ଧନ, ସମ୍ପତ୍ତି ଉପରେ ନୁହେଁ, ବୁଣ୍ଡି ମହାଦେଈଙ୍କ ରୂପଯୌବନ ଉପରେ । ବୁଣ୍ଡି ମହାଦେଈଙ୍କ କୋଳରେ ବାଳୁତ ପୁତ୍ର - ଚକ୍ରକୋଟ ରାଜ୍ୟର ଭାବୀ ରାଜା । ତା' ଉପରେ ମଧ୍ୟ ଶତ୍ରୁର ଶ୍ୟେନ ଦୃଷ୍ଟି।"[୬] ଲେଖିକାଙ୍କର ସୂଚନାନୁଯାୟୀ ଚକ୍ରକୋଟର ପଚିଶ ବର୍ଷୀୟା ରାଣୀ ବୁଣ୍ଡି ମହାଦେଈ ଦଶବର୍ଷର ବାଳୁତ ପିଲା ସହ ଚାରିଜଣ ଯୋଦ୍ଧାଙ୍କୁ ନେଇ ରାତି ରାତି ନଅର ଛାଡ଼ି ବହୁ ଦୁର୍ଗମପଥ ଅତିକ୍ରମ କରିବା ପରେ ଏହି ବଣ୍ଡା ପାହାଡ଼ରେ ଆତ୍ମଗୋପନ କରିଥିଲେ । ଏହି ବୁଣ୍ଡି ମହାଦେଈଙ୍କ ସହ ଯେଉଁ ଚାରିଜଣ ରାଜକର୍ମଚାରୀ ଆସିଥିଲେ ସେମାନଙ୍କୁ ନେଇ ବଣ୍ଡାରାଜ୍ୟରେ ଚାରିଟି ବିଭାଗ ରହିଲା। ଯଥା - ନାୟକ (ମୁଖିଆ), ସୀସା (ପୂଜାରୀ), କିର୍ସାନୀ (ସମ୍ମୁଖ ଯୋଦ୍ଧା) ଓ ଧାଙ୍ଗ୍ରା ମାଝୀ (ବେହେରା)। ବଣ୍ଡାମାନେ ଅବିଶ୍ୱାସୀ, ହିଂସ୍ର। ସହରୀ ମଣିଷ ବା ଅଣବଣ୍ଡାମାନଙ୍କୁ ଦେଖିଲେ ସେମାନେ ଆକ୍ରମଣାତ୍ମକ ଆଚରଣ କରିବା ପଶ୍ଚାତ୍‌ରେଏହି ଐତିହାସିକ ମିଥ୍‌ଟି କ୍ରିୟାଶୀଳ। ଶ୍ରୀ ଲକ୍ଷ୍ମଣ ମାନଦୋରା ଏହି କାହାଣୀଟିକୁ ଅଗ୍ରାହ୍ୟ କରିବା ସହ କାରଣ ନିର୍ଣ୍ଣୟ କରି କହିଛନ୍ତି ଯେ, ନାଗାଲାଣ୍ଡର ଅଧିବାସୀମାନଙ୍କ ସହ ଓଡ଼ିଶାର ବଣ୍ଡାମାନଙ୍କର କୌଣସି ଭାଷାଗତ ସାମଞ୍ଜସ୍ୟ ନାହିଁ । ପୁନଶ୍ଚ ତାଙ୍କର ମତ ହେଉଛି ଯେ ନାଗାମାନେ

ହେଉଛନ୍ତି ଆଦିବାସୀ ଗିରିଜନ । ତେଣୁ ସେହି ଆତ୍ମବିଶ୍ୱାସୀ ପ୍ରଜାକୁଳ କେବେ ହେଲେ ମଧ ତାଙ୍କର କୌଣସି ରାଜାଙ୍କର ବିରୁଦ୍ଧାଚରଣ କରିନଥିବେ । ଏମିତି ବିଭିନ୍ନ କାରଣ ଦର୍ଶାଇ ଗବେଷକ ମାନ୍‌ଦୋରା ଏହି କାହାଣୀଟିକୁ ଅସତ୍ୟ ବିଚାର କରିଛନ୍ତି।

ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ପ୍ରତିଭା ରାୟ ବସ୍ତରର ରାଜଧାନୀ ଚକ୍ରକୋଟ ରାଜ୍ୟ ସଂପର୍କରେ ଉଲ୍ଲେଖ କରିଛନ୍ତି। 'Tribal Roots of Hinduism' ଗ୍ରନ୍ଥରେ ଶିବ କୁମାର ତିଓ୍ୱାରୀ ଚିନ୍ଦିକା ନାଗ ନାମକ ଗୋଟିଏ ରାଜବଂଶର ସୂଚନା ଦିଅନ୍ତି ଯେଉଁମାନେ ୧୦୨୩ ଖ୍ରୀଷ୍ଟାବ୍ଦରୁ ୧୩୨୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ବସ୍ତର, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାଦିକୁ ନେଇ ଗଠିତ ଚକ୍ରକୋଟ ମଣ୍ଡଳରେ ରାଜ୍ୟଶାସନ ପରୁଥିଲେ । ଏହି ରାଜବଂଶର ରାଜାମାନେ ପଡ଼ୋଶୀରାଜ୍ୟମାନଙ୍କ ସହ ନିରନ୍ତର ସଂଗ୍ରାମରତ ଥିଲେ। ତେଣୁ ପ୍ରତିଭା ରାୟ ଯେଉଁ ଚକ୍ରକୋଟ ମଣ୍ଡଳର ନାଗ ରାଜବଂଶ ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି, ସେମାନଙ୍କ ସହ ନାଗାଲାଣ୍ଡ୍‌ର ନାଗା ଜନଜାତିଙ୍କର କୌଣସି ସମ୍ପର୍କ ନାହିଁ।

ବଣ୍ଡାମାନେ ତ୍ରେତୟା ଯୁଗର ଅଧିବାସୀ ହୋଇଥାଇପାରନ୍ତି କିନ୍ତୁ ସେମାନଙ୍କର ସନ୍ଦେହୀ ଓ ହିଂସାତ୍ମକ ପ୍ରକୃତି ସହ ଉପରୋକ୍ତ ଐତିହାସିକ ମିଥ୍‌ଟିର ସଂଯୋଗ ଏକାନ୍ତ ଯୁକ୍ତିଯୁକ୍ତ ମନେ ହୋଇଥାଏ।

'ସାରଣୀ-୧'ରେ ସ୍ଥାନିତ ଏକାଦଶଗୋଟି ମିଥ୍‌କୁ ଆଲୋଚନାର ସୁବିଧା ନିମନ୍ତେ ନିମ୍ନ ମତେ ବିଭାଜିତ କରାଯାଇପାରେ। ଯଥା-

**ସୃଷ୍ଟି ସମ୍ପର୍କିତ ମିଥ୍ -** ପୃଥିବୀ, ଚନ୍ଦ୍ର, ସୂର୍ଯ୍ୟ ଓ ତାରାଦିର ଉତ୍ପତ୍ତି, ଗାଁର ଉତ୍ପତ୍ତି, ଏହି ପର୍ଯ୍ୟାୟଭୁକ୍ତ କରାଯାଇପାରିବ।

ବ୍ରହ୍ମାଣ୍ଡର ଉତ୍ପତ୍ତିକୁ ନେଇ ଲେଖିକା ଯେଉଁ ମିଥଟି ପ୍ରଦାନ କରିଛନ୍ତି ତାହା ଏହିପରି। "ପୃଥ୍ୱୀ କେମିତି ସୃଷ୍ଟି ହେଲା, ସେ କଥା ଭଗବାଁକୁ ଜଣା। ତେବେ ପୃଥ୍ୱୀ ସୃଷ୍ଟି କାଳରେ ତୁବୁ (ମାଟି) ନ ଥିଲା, ବିରେ (ପଥର) ନ ଥିଲା, ଚାରିଆଡ଼େ ଲହଡ଼ି ଭାଙ୍ଗୁଥିଲା ଡାକ୍ (ପାଣି) । ବ୍ରହ୍ମାଣ୍ଡଟା ଥିଲା ଗୋଟିଏ ବିରାଟ ଫାରା (ପୋଖରୀ) । ଗୋଟିଏ ବାରିହା (ବଣଶୂକର) ସେହି ଜଳରେ ରହୁଥିଲା । ତା'ର ଶୁଣ୍ଢରେ ପାଣି ଭିତରୁ ତୁବୁକ ଉଠାଇ ଆଣି ବିଞ୍ଚି ଦେଲା ଉପରକୁ । ଯୋଉଠି ଯୋଉଠି ମାଟି ପଡ଼ିଲା, ସେଠି ପୃଥ୍ୱୀ ହୋଇଗଲା । ମାଟି ନ ପଡ଼ିବା ଥାନରେ ରହିଲା ନଦୀ, ପାରାଖ (ନାଳ) ଝୋଲା (ଝରଣା)। ବାରିହା ମାଟି ଉପରେ ଗୋଡ଼ ରଖି ଆକାଶକୁ କୁଦା ମାରିଲା। ମାତ୍ର ସେଠି ନ ଥିଲେ ସିଙ୍ଗିଆର୍‌କେ (ଚନ୍ଦ୍ରସୂର୍ଯ୍ୟ)। ଯେମିତି ସାରା ସଂସାରଟା ପଶ୍ଚିମ ଦିଗ - ଖାଲି ଅନ୍ଧାର । ବାରିହା ତଳମୁହାଁ ହୋଇ ଡେଇଁ ପଡ଼ିଲା ସଳପ ଗଛ ବାହୁଙ୍ଗା ଉପରକୁ । ଗୋଟିଏ ତାଜା ସଳପ ବାହୁଙ୍ଗା କାଟି ଛୋଟ ଛୋଟ ଦୁଇ ଖଣ୍ଡ ଫିଙ୍ଗି ଦେଲା ଆକାଶକୁ । ଆକାଶରେ ଲଟକି ପଡ଼ିଲେ ସେ ଦିଖଣ୍ଡ ଚନ୍ଦ୍ର ସୂର୍ଯ୍ୟ ହୋଇ । ସଳପ କନ୍ଦା ଉପରକୁ ଫିଙ୍ଗି ଦେଲା ବାରିହା। ସଳପ ଫୁଲ ସବୁ ବିଞ୍ଚି ହୋଇ ଆକାଶରେ ତାରା ଫୁଟିଗଲେ ।[୭]

***ମିଶ୍ର : 'ଆଦିଭୂମି' ଉପନ୍ୟାସରେ ଆଦିବାସୀୟ ମିଥ୍‌ର ବିଶ୍ୱସନ***

ବଣ୍ଡା ଜନଜାତିରେ ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର ଓ ତାରାଦିଙ୍କର ଉତ୍ପତ୍ତିକି ନେଇ ପ୍ରଚଳିତ ଥିବା ଏହି ମିଥ୍‌ଟି ସମ୍ପର୍କରେ ଏଲଓ୍ୱିନ୍ 'Bonda Highlanders' ଗ୍ରନ୍ଥରେ ସୂଚନା ପ୍ରଦାନ କରି କୁହନ୍ତି, 'At first there was nothing but water. A boar tived in it. It broght earth up on its tusks and scattered it over the water and the world was formed. Then the boar went up into the sky, but it got nothing there. It came down and made the sun and moon by cutting branches of the sago palm into bits and throwing them up into the air. It threw the sago pith up and it turned into the stars." [୮]

ପୂର୍ବରୁ ଏଲଓ୍ୱିନ୍‌ଙ୍କ ଦ୍ୱାରା ସଂଗୃହୀତ ଉତ୍ପତ୍ତି ସମ୍ବନ୍ଧୀୟ ମିଥ୍‌ଟିକୁ ଲେଖିକା 'ଆଦିଭୂମି' କାଥାକାବ୍ୟରେ ସ୍ଥାନିତ କରି ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଏହି ଉତ୍ପତ୍ତିମୂଳକ ମିଥ ସହ ବାରଜଙ୍ଗର ଦେଶର ଉତ୍ପତ୍ତି, ପଦ୍ମୁମ ଗଦ୍‌ବାର କଥା ତଥା ଦାନ୍ତିପଡ଼ା ଗ୍ରାମର ଉତ୍ପତ୍ତି ଆଦି ମିଥିକାଲ୍ କାହାଣୀଗୁଡ଼ିକୁ ମଧ ଏକତ୍ର କରାଯାଇପାରିବ। ସଳପଗଛ ସହ ବଣ୍ଡାମାନଙ୍କର ସଂପର୍କକୁ ଲେଖିକା ଫୁଲନାଡ଼ିର ସଂପର୍କ ରୂପେ ଗ୍ରହଣ କରିଛନ୍ତି । ସଳପ ଗଛ କିପରି ନବଜାତ ବଣ୍ଡା ଶିଶୁ ଦ୍ୱୟଙ୍କର ଜୀବନ ରକ୍ଷା କରିଥିଲା ସେହି କାହାଣୀଟି ନୃବିଜ୍ଞାନୀ ଏଲ୍‌ଓ୍ୱିନ୍ ମଧ ତାଙ୍କ ରଚିତ Bonda Highlander ପୁସ୍ତକର ଅଗ୍ରଭାଗରେ ସ୍ଥାନିତ କରିଛନ୍ତି । ସଳପଗଛ ରସ ଦେଇ ଯେଉଁ ଭାଇଭଉଣୀ ଦିହିଁଙ୍କି ବଞ୍ଚାଇ ରଖିଥିଲା, ସେମାନେ ସ୍ୱାମୀ ସ୍ତ୍ରୀ ହୋଇ ଘର ସଂସାର କଲେ । ତାଙ୍କରି ବାରପୁଅ ଓ ବାରଝିଅ । ସେମାନଙ୍କ ମଧ୍ୟରୁ ବଡ଼ଭାଇର ନାମ ନାଙ୍ଗ୍‌ଲି ବଣ୍ଡା । ଏହି ବାରଭାଇ ବାରଖଣ୍ଡ ଗାଁରେ ଘରସଂସାର ବାନ୍ଧି ରହିଲେ ବୋଲି ମୂଳ ବଣ୍ଡା ଦେଶର ଅନ୍ୟନାମ 'ବାର ଜଙ୍ଗର୍ ଦେଶ' । ସେହି ବାରଭାଇଙ୍କଠାରୁ ବାରଟି ଜନଜାତି ସୃଷ୍ଟି ହୋଇଥିବାର ସୂଚନା ପ୍ରଦାନ କରି ଏଲ୍‌ଓ୍ୱିନ୍ ମଧ କହନ୍ତି, "The twelve sons were the fathers of the twelve tribes - Bando, Gadba, Kond, Parenga, Didayai, Jheria, Pengu - the rest we do not remember. The eldest of them was Nanagali Banda."[୯]

ପୁନଶ୍ଚ ଗଦ୍‌ବା ଜନଜାତିରେ ଗୋଟିଏ ମିଥିକାଲ କାହାଣୀ ରହିଛି, ଯେଉଁ କାହାଣୀ ଅନୁଯାୟୀ ବଣ୍ଡାମାନେ ହେଉଛନ୍ତି ଗଦ୍‌ବାମାନଙ୍କର ସାନଭାଇ । ଲେଖିକା ଆଦିଭୂମି ଲେଖିବା ସମୟରେ ଯେପରି ଆଦିମାତାର ଭୂମିକାରେ ଅବତୀର୍ଣ୍ଣ ହୋଇ ଆବିଷ୍ଟ ହୋଇପଡ଼ିଛନ୍ତି ତାହା ଅବଶ୍ୟ ଅନୁଭବ୍ୟ । କାଳ କାଳ ଧରି ଯେଉଁ ରେମୋ ନାମ୍ନୀ ପ୍ରକୃତ ମଣିଷମାନଙ୍କୁ ଆମ ପରି ତଥାକଥିତ ଶିକ୍ଷାନ୍ଧ ମଣିଷମାନେ ଅସଭ୍ୟ, ମ୍ଳେଛ, ଅପରିଚ୍ଛନ୍ନ, ହିଂସ୍ର, ଅଶୌଚସମ୍ପନ୍ନ

ତଥା ବର୍ଣ୍ୟ ମନେ କରି ଆସୁଥିଲେ, ଏହି ମିଥ୍‌କାଲ୍ କାହାଣୀ ରାଜିର ଭିତ୍ତିକୁ ଆଧାର କରି ଲେଖିକା ସେମାନଙ୍କ ମଧ୍ୟରେ କୁଳରକ୍ଷାର ଆତୁର ଆର୍ତ୍ତି ଅବଲୋକନ କରିଛନ୍ତି । ତେଣୁ ଉପନ୍ୟାସର ନାୟକ ସୋମା ମୁଦୁଲି 'ବାର ଜଙ୍ଗର୍‌ଦେଶ୍'ର ଅଧିବାସୀମାନଙ୍କ ମଧ୍ୟରେ ଫାଟ ହୋଇବାରୁ ବଂଶ ବୁଡ଼ିଯିବାର ଦୁଃଖରେ ମ୍ରିୟମାଣ ହୋଇପଡ଼ନ୍ତି । ସଳପ ଗଛର ମାଲିକାନାକୁ ନେଇ ବଣ୍ଡା ଓ ଗଦବାମାନଙ୍କ ମଧ୍ୟରେ କଳହ ଉପୁଜିବା ଏବଂ ସେହି କଳହକୁ ନେଇ ରକ୍ତପାତ, ହଣାମରା ଆଦି ଘଟଣା । ବାର ଜଙ୍ଗର ଦେଶ୍‌ରେ ଘଟି ଆସୁଥିଲା । ନୃବିଜ୍ଞାନୀ ଏଲ୍‌ୱିନ୍ Bonda Highlander ଗ୍ରନ୍ଥର ଅଷ୍ଟମ ଅଧ୍ୟାୟ ଅର୍ଥାତ The Problem of Maldjustment ରେ ଏ ସମ୍ପର୍କରେ ଆଲୋଚନା କରିବା ସହ କେତୋଟି ସତ୍ୟ ଘଟଣାର ଅବତାରଣା କରିଛନ୍ତି। ସୁଲେଖିକା ଶ୍ରୀମତୀ ରାୟ ଏପରି ରକ୍ତପାତାଦି ସତ୍ୟ ଘଟଣାକୁ ନେଇ ରୋମାଞ୍ଚକର କାହାଣୀଟିଏ ଅନାୟସରେ ଗଢ଼ି ପାରିଥାନ୍ତେ । କିନ୍ତୁ ସେ ସେପରି କରିନାହାନ୍ତି । ବରଂ ସୋମା ମୁଦୁଲି ବଣ୍ଡା ଦେଶରେ ଜଣେ ତୀର ଖାଇ ମରିଗଲେ କିପରି ମୁଣ୍ଡ କୋଡ଼ି କାନ୍ଦେ ତାହାର ବର୍ଣ୍ଣନା ଦେବାକୁ ଯାଇ ଲେଖିଛନ୍ତି, "ସୋମା ମୁଦୁଲି ଜୁଳୁଜୁଳୁ କରି ସବୁ ଦେଖେ – ବଣ୍ଡା ଦେଶ୍‌ରେ ଜଣେ କେହି ତୀର ଖାଇ ମଲେ ସୋମା ମୁଦୁଲି ପାଟଖଣ୍ଡା ମହାପ୍ରୁ ପାଖରେ ମୁଣ୍ଡ କୋଡ଼ି କାନ୍ଦେ – କହେ, ମହାପ୍ରୁ ସତେ କ'ଣ ବଣ୍ଡା ଜାତିର ବନ୍‌ଶୋ ବୁଡ଼ିଯିବ ?' ଧରତନୀ ଛାତିରୁ ଲୋପ ପାଇଯିବ ? ବଣ୍ଡା ବୋଲି ଗୋଟିଏ ଆଦିମ ଜାତି – ଯିଏ ନିଜକୁ କହେ ରେମୋ ! (ମଣିଷ)। ମରି ମରି ବଣ୍ଡା ପାହାଡ଼ର ବତିଶ ଖଣ୍ଡି ଗାଁରେ ଆଉ ଅଛନ୍ତି ପାଂଚହଜାର ସରିକି ମଣିଷ – ସତେ କ'ଣ ବଣ୍ଡା ପାହାଡ଼ରେ ଦିନେ ମଣିଷର କାନ୍ତାର ପଡ଼ିବ – ମଣିଷ ଦିନେ ପାହାଡ଼ ପଡ଼ିବ ଏକ୍‌ବାର ଠାଁକୁ । ପଦ୍ମ ଗଦବାର ଛଅପୁଅର ବଂଶ ବୁଡ଼ିଯିବ ।"[୧୦]

ଏହିପରି ପୃଷ୍ଠଭୂମିଟିଏ ଗଢ଼ି ଦିସାରୀଙ୍କ ମୁଖରେ ଏଲ୍‌ୱିନ୍ ଚିହ୍ନାପୁଟ ଗଦ୍‌ବାମାନଙ୍କ ନିକଟରୁ ସଂଗ୍ରହ କରିଥିବା ମିଥ୍‌ଟିକୁ ଖଞ୍ଜି ଦେଇଛନ୍ତି ଲେଖିକା। ମିଥ୍‌ର ମୂଳ ରୂପରେ ଲେଖିକା କୌଣସି ବିଶେଷ ପରିବର୍ତ୍ତନ ଆଣିନାହାନ୍ତି । ପଦୁମ ଗଦ୍‌ବାର ଛଅ ପୁଅ । ସବା ସାନପୁଅ ଜନ୍ମ ହେବା ପରେ ଲାହି କଟା ସାରି, ଭାରିଯାର ଫୁଲକୁ ନେଇ ବାଲିଜଙ୍ଗଲର ଗୋଟିଏ ପଥର ତଳେ ପୋତି ଦେଇ ଆସିଲା । ସେହି ଫୁଲରୁ ଜନମିଲେ ପୁଅଟିଏ ଆଉ ଝିଅଟିଏ । ସେମାନେ ପଥରରୁ ରସ ଚାଟି ଚାଟି ବଞ୍ଚି ରହିଥିଲେ । ଦିନେ ଉଭୟ ମାତାପିତା ଜଙ୍ଗଲରେ ବୁଲୁ ବୁଲୁ ଆପଣାର ପିଲା ଦୁଇଜଣଙ୍କୁ ଚିହ୍ନି ପାରିଲେ । ସେମାନେ ବଣରେ ବୁଲୁଥିଲେ ବୋଲି ତାଙ୍କୁ ଶ୍ରଦ୍ଧାରେ ବଣ୍ଡା ଡାକିଲେ । ତେଣୁ ବଣ୍ଡାମାନେ ହେଲେ ଗଦ୍‌ବାଙ୍କର ସାନଭାଇ। ଡିଡ଼ାୟୀ, କନ୍ଧ, ଝରିଆ, ପାରେଙ୍ଗା, ଦୋରା, ହୋଲାର, ପେଙ୍ଗୁ, ଦିଲେରି, ମାରିଆ ଓ ବଣ୍ଡା ସମସ୍ତେ ଗୋଟିଏ ପର୍ବତରେ ବାସ କଲେ ।

ଆଲୋଚ୍ୟ ଉପନ୍ୟାସରେ ମିଥ୍‌ଗୁଡ଼ିକ ଅପରିବର୍ତ୍ତିତ ରଖିବା ସହ ଲେଖିକା ସେଗୁଡ଼ିକୁ ପ୍ରମାଦମୁକ୍ତ କରିବାର ପ୍ରୟାସ କରିଛନ୍ତି । କାରଣ ବଣ୍ଡାମାନଙ୍କର ବିଶ୍ୱାସ ଅନୁଯାୟୀ ବଣ୍ଡାମାନେ ବଡ଼ । ତାଙ୍କ ପରେ ଅନ୍ୟ ଏଗାରଟି ଜନଜାତି । ଅପରପକ୍ଷେ ଗଦ୍‌ବାମାନଙ୍କର ମିଥ୍ ଅନୁଯାୟୀ ସୋମନେ ହେଉଛନ୍ତି ବଡ଼ । ଲେଖିକା ଏହି ଦ୍ୱନ୍ଦ୍ୱ ଦୂର କରିଦେଇଛନ୍ତି । ବାର ଜଙ୍ଗ୍‌ର ଦେଶ୍‌ର ଉତ୍ପତ୍ତି ସୂଚକ ମିଥ୍‌ରେ କେବଳ ସ୍ଥାନର ନାମୋଲ୍ଲେଖ କରି ପଦ୍ମ ଗଦ୍‌ବା ମିଥ୍‌ରେ ବାରଗୋଟି ଜନଜାତିର ସୂଚନା ପ୍ରଦାନ କରିଛନ୍ତି । ଏହି 'ବାର୍ ଜଙ୍ଗ୍‌ର ଦେଶ୍'ର ବଂଶାବଳର ପରିଚୟ ନିମ୍ନ ସାରଣୀରେ ପ୍ରଦତ୍ତ।

**ସାରଣୀ – ୨**

| କ୍ର.ସଂ. | 'ବଣ୍ଡା ଇତିହାସ'ରେ ଗ୍ରାମର ନାମ | 'ଆଦିଭୂମି'ରେ ଗ୍ରାମର ନାମ | ନାମ ସଂଜ୍ଞା | କୁଟୁମ୍ବ |
|---|---|---|---|---|
| ୧. | ମୁଦୁଲି ପାଡ଼ା | ମୁଦୁଲିପଡ଼ା | ମୁଦୁଲି | ସାରା ହେଁ |
| ୨. | କିର୍ସାନୀ ପାଡ଼ା | କିର୍ସାନୀପଡ଼ା | କିର୍ସାନି | ଘୁସୁ |
| ୩. | ବଡ଼ବେଲ | – | ବଡ଼ନାୟକ | ଉଲଙ୍ଗେ (ବଡ଼ନେ) |
| ୪. | ଡୁମରିପାଡ଼ା | – | ଦୋରା | ଘୁସୁଙ୍ଗ (ଗିସାନେ) |
| ୫. | ପିଣ୍ଡାଡାଙ୍ଗର | ପିନାଜଂଗର | ମୁଦୁଲି | ସାରାଗେ |
| ୬. | ଗୋପୁରପାଡ଼ା | ଗୋଖୁରୁପଡ଼ା | କିର୍ସାନି | ଅମଣ୍ଡିଲେ |
| ୭. | ବଡ଼ପାଡ଼ା | ବଡ଼ପଡ଼ା | ବଡ଼ନାଇକ୍ | ଗୁଣ୍ଡ୍ରନେ |
| ୮. | ଚାଲାନ ପାଡ଼ା | ଚାଲଣପଡ଼ା | ଚାଲାନ | (ଗୋ'ରେ) |
| ୯. | କିଚପାଡ଼ା | କିଚାପଡ଼ା | କିର୍ସାନି | ମୁଃନୋ ଘୁସୁବେ |
| ୧୦ | ବଣ୍ଡାପାଡ଼ା | ବଣ୍ଡାପଡ଼ା | ଦୋରା | ଉମ୍ପୁଗିଲେ |
| ୧୧. | ଗୋଇଗୁଡ଼ା | – | ଶିଷା | ଇସିମରେସ୍ |
| ୧୨ | ତୁଲାଗୁରୁମ | ତୁଲାଗୁରୁମ୍ | କିର୍ସାନି | ପଇଗୁଣ୍ଡ୍ରେନ୍ |

ଯେଉଁ ତିନୋଟି ଗ୍ରାମର ନାମ ଆଦିଭୂମିରେ ସ୍ଥାନିତ ହୋଇନି ସେଠାରେ ଲେଖିକା ରାସଗୁଡ଼ା, ପଡ଼େଇଗୁଡ଼ା ଓ ବାଣ୍ଡିଗୁଡ଼ା ନାମ ତିନୋଟି ଉଲ୍ଲେଖ କରିଛନ୍ତି । ଲେଖିକା ପ୍ରତ୍ୟକ୍ଷ ଗବେଷଣାଲବ୍ଧ ତଥ୍ୟ ଆହରଣ କରି ଏହି ଗ୍ରାମଗୁଡ଼ିକର ନାମୋଲ୍ଲେଖ କରିଥିବାରୁ ଏହାକୁ ଗ୍ରହଣ କରାଯାଇପାରିବ । ତେବେ ଆଲୋଚ୍ୟ ପ୍ରବନ୍ଧର ଲକ୍ଷ୍ୟ ହେଉଛି ଯେଉଁ ଆଦିବାସୀୟ ମିଥ୍‌ଗୁଡ଼ିକର ସଂସ୍ଥାପନ ଏକାନ୍ତ ଜରୁରୀ ଲେଖିକା ତା'ର ଉପଯୁକ୍ତ ପ୍ରୟୋଗ କରିଛନ୍ତି ।

ଆଲୋଚ୍ୟ ଉତ୍ପତ୍ତି ସୂଚକ ମିଥ୍ ମଧ୍ୟରେ ଦାନ୍ତିପଡ଼ା ଗ୍ରାମର ତଥା ମାଣ୍ଧରା ଜନଜାତିର ସୃଷ୍ଟି କାହାଣୀଟିକୁ ମଧ୍ୟ ପରିସରଭୁକ୍ତ କରାଯାଇପାରିବ । ଉପନ୍ୟାସର ଏକୋଇଶତମ ଅଧ୍ୟାୟରେ ଏହି ମିଥ୍‌କ କାହାଣୀଟି ରହିଛି । ସୀତାଦେବୀଙ୍କ ଅଭିଶାପ ହେତୁ ବଣ୍ଡା ପାହାଡ଼ରେ ଘାସଟିଏ କଅଁଳିଲା ନାହିଁ । ଏହି ଘୋର ଦୁର୍ଦ୍ଦିନରେ ବଣ୍ଡାମାନେ ଖାଦ୍ୟ ଅନ୍ୱେଷଣରେ ଆସି ଦାତିମ୍ ପଦର ଗାଁରେ ଭେଣ୍ଡାଟିଏ ସୁନାର ଈଷଥିବା ନଙ୍ଗଳରେ ରୁପାର ଜୁଆଁଳୀ ଯୋଚି ଗୋଟିଏ ପଟେ ବାଘ, ଗୋଟିଏ ପଟେ ବଳଦ ଯୋଚିଛି । ବରତ୍ ବା ଦଉଡ଼ି ହେଉଛି ଗୋଟିଏ ବୁ-ବୁ ଅର୍ଥାତ୍ ସାପ । ତାର ଚାଷ ପ୍ରଣାଳୀ ଏତେ ଅଦ୍ଭୁତ ଯେ ନଙ୍ଗଳ ସିଅର ଶିରାରେ ଶିରାରେ ଛାଁ ଛାଁ ଗଛ କଅଁଳି ଉଠୁଛି । ବଣ୍ଡାମାନେ ସେହି ଅଦ୍ଭୁତକର୍ମା କୃଷକଙ୍କୁ ମହାପ୍ରଭୁ ବିଚାର କରି, ତାଙ୍କୁ ପ୍ରଣାମ କରି ନିଜ ଭୂମିକୁ ପାଛୋଟି ଆଣିଲେ ଓ ନେହୁରା ହୋଇ କହିଲି ଯେ, "ତୁଇ ମହାପ୍ରୁ ମାଣଧରି ବିହନ ମାପି ଦେଲେ ବଣ୍ଡାର ନଣ୍ଡାଭୂଇଁରେ କୁଶ କଅଁଳିବ, ଚାଷ ଭଲ ହେବ ।"[୧୧] ସେହିଦିନଠାରୁ ସେହି ବ୍ୟକ୍ତିଜଣକ ମାଣଧରା ରୂପେ ପରିଚିତ ହେଲେ । ପ୍ରତିବର୍ଷ ମାଘ ମାସ ପହିଲି ପାଳି ସୋମବାର ଦିନ ପାଟଖଣ୍ଡା ପୂଜା ବେଳେ ଏହି ମାଣଧରା ଜାତିର ଜଣେ ପ୍ରତିନିଧି ମାଣରେ ବିହନ ମାପ କରି ସମସ୍ତଙ୍କୁ ତଉଲି କରି ଦେଇଥାଏ । ମଙ୍ଗଳା ମାନ୍ଦ୍ରା ଏହି ମାଣ୍ଧରା ଜାତିର ପ୍ରତିନିଧି ଥିଲା । ମାଣଧରାମାନଙ୍କର ମାରଧର କମ୍ । ମିଜାଜ୍ ଟିକିଏ ଥଣ୍ଡା । ବାଘବିନ୍ଧୁକୁ ସଳପ ମଦ ମୁନ୍ଦେ ନିମନ୍ତେ ଜୋର କରିବାରୁ ବାଘବିନ୍ଧୁ ତାକୁ ତୀର ବିନ୍ଧି ମାରିଦେଲା । ମଙ୍ଗଳା ମାନ୍ଦ୍ରାର ଭାରିଯା ଜଙ୍ଗଲ ଉପରେ ବାହୁନି ବାହୁନି କାନ୍ଦିବାକୁ ଲାଗିଲା । ସେହି କ୍ରନ୍ଦନର କରୁଣ ଅନୁରଣନ ମଧ୍ୟରେ ଲେଖିକା ଏହି ଉତ୍ପତ୍ତି ସୂଚକ ମିଥ୍‌ଟି ଉଲ୍ଲେଖ କରିଛନ୍ତି ।

ଉପରୋକ୍ତ ଚାରିଗୋଟି ମିଥ୍ ବ୍ୟତୀତ ଆଲୋଚ୍ୟ ପର୍ଯ୍ୟାୟର ଅବଶିଷ୍ଟ ମିଥ୍‌ଗୁଡ଼ିକ ବଣ୍ଡାମାନଙ୍କର ଚରିତ୍ରଗତ ଧାର୍ମିକ ଆଚରଣ ଓ ଆଭରଣଗତ ବୈଶିଷ୍ଟ୍ୟ ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇପଡ଼ିଛନ୍ତି ।

### ଚାରିତ୍ରିକ ବୈଶିଷ୍ଟ୍ୟ ସହ ସଂଯୋଜିତ ମିଥ୍

- ବୁଣ୍ଡି ମହାଦେଇଙ୍କର ଐତିହାସିକ କାହାଣୀଟିକୁ ବଣ୍ଡାମାନେ ସନ୍ଦେହୀ ଓ ହିଂସ୍ର ହେବାର ପ୍ରକୃତି ସହ ସଂଯୋଜିତ କରାଯାଇଛି ।
- ମାତୃଜାତିକୁ ସର୍ବାଧିକ ଶ୍ରଦ୍ଧା ଓ ସମ୍ମାନ ଅର୍ପଣ କରିବାର କାରଣ

### ଧାର୍ମିକ ତଥା ଅନ୍ୟାନ୍ୟ ସାମାଜିକ ଆଚରଣ ବିଧି ଓ ଆଭରଣଗତ ବୈଶିଷ୍ଟ୍ୟ ସହ ସଂଯୋଜିତ ମିଥ

- ପାଟଖଣ୍ଡା ମହାପ୍ରଭୁଙ୍କୁ ପୂଜା କରିବାର କାରଣାଶ୍ରିତ ମିଥ୍
- ସଳପ ଗଛକୁ ଆପଣାର ମନେ କରିବାର କାରଣ
- ସାନ ବୟସର ପୁରୁଷ ବୟସ୍କାନାରୀଙ୍କୁ ବିବାହ କରିବାର ସାମାଜିକ ଆଚରଣ ବିଧି
- ବଣ୍ଡାମାନେ ଋଣ କରି ସର୍ବସ୍ୱାନ୍ତ ହେବାର କାରଣ
- ବଣ୍ଡା ପୁରୁଷମାନେ ଘୁସି ପିନ୍ଧିବାର କାରଣ
- ବଣ୍ଡା ରମଣୀମାନେ ଉଲଗ୍ନ ହେବାର କାରଣ

### ପାଟଖଣ୍ଡା ମହାପ୍ରଭୁଙ୍କୁ ପୂଜା କରିବାର କାରଣାଶ୍ରିତ ମିଥ୍ :

ପାଟଖଣ୍ଡା ମହାପ୍ରଭୁଙ୍କ ପୂଜାବିଧାନ ସମ୍ପର୍କରେ ଲେଖିକା ଆଲୋଚ୍ୟ ଉପନ୍ୟାସର ତୃତୀୟ ଅଧ୍ୟାୟରେ ଯେଉଁ ସୂଚନା ପ୍ରଦାନ କରିଛନ୍ତି, ତାର କିଞ୍ଚିତ ରୂପ ଏଠାରେ ପ୍ରଦାନ କରାଯିବା ପ୍ରାସଙ୍ଗିକ ମନେ ହୁଏ ।

ମୁଦୁଲିପଡ଼ାର ଗୋଟିଏ ମୁଣ୍ଡିଆ ଉପରେ ଅତି ପ୍ରାଚୀନ ବରଗଛଟିଏ ଅଛି । ଶହ ଶହ ବରଓହଳ ଥିବା ସେହି ବରଗଛର କୋରଡ଼ ମଧ୍ୟରେ ରହିଛି ତିନିଫୁଟ ଲମ୍ବର ଗୋଟିଏ ଖଣ୍ଡା । ଯାହାର ନାମ ପାଟଖଣ୍ଡା । ସେ ହେଉଛନ୍ତି ଏହି ଆଦିଭୂମିର ରାଜା । ଏହି ପ୍ରସଙ୍ଗରେ ଦାମୁଲ ଦେଇ ମିଥ୍‌ଟିକୁ ଲେଖିକା ଗ୍ରହଣ କରିଛନ୍ତି । ଏହି ମିଥ୍‌ଟି ମଧ୍ୟ ଏଲ୍‌ୱିନ୍‌ଙ୍କ ବିରଚିତ Bonda Highlander ଗ୍ରନ୍ଥର Man And The Immortal ଅଧ୍ୟାୟସ୍ଥିତ The Sword in the Banyan ର କାହାଣୀ ସହ ସାମ୍ୟ ରଖିଥାଏ ।

ନନ୍ଦପୁର ରାଜ୍ୟରେ ଦାମୁଲ ଦେଇ ତାଙ୍କ ଭାଇ ପାଟଖଣ୍ଡାଙ୍କ ସହ ରହୁଥିଲେ । ଦିନେ ମହାପ୍ରୁ ଶିକାର କରିବାକୁ ଯାଇଥାନ୍ତି । ଦାମୁଲ ଦେଇ ଅଗଣାରେ ବସି ସୁଆଁ କାଟୁଥାନ୍ତି । ଗ୍ରୀଷ୍ମ ଋତୁ । ଅତ୍ୟଧିକ ଗରମ ଲାଗିବାରୁ ସେ ପିନ୍ଧିଥିବା ବସ୍ତ୍ର ଓ ମାଳା ମାନ ଓହ୍ଲାଇ ଦେଇ କର୍ମରତ ଥାଆନ୍ତି । ମହାପ୍ରଭୁ ଫେରିଆସି ଅଳ୍ପ ଦୂରରୁ ଦେଖି ପାରିଲେ ଯେ ଭଉଣୀ ଉଲଗ୍ନ ଅବସ୍ଥାରେ ବସିଛି । ଭଉଣୀକୁ ପ୍ରକୃତିସ୍ଥ କରିବା

ପାଇଁ ସେ ତୀରଟିଏ ବିନ୍ଧିଲେ, ଯେଉଁ ତୀରଟି ଭଉଣୀକୁ କେବଳ ଛୁଇଁଯିବ କିନ୍ତୁ ଫୁଟିବ ନାହିଁ। ତୀର ଛୁଆଁରେ ଉଲଗ୍ନା ଦାମୁଲଦେଇ ବଡ଼ଭାଇଙ୍କୁ ସମ୍ମୁଖରେ ଦେଖି ଚମକି ପଡ଼ି ମାଟି ତଳେ ପଶିଗଲେ । ତେବେ ଭୂଗର୍ଭସ୍ଥା ହେବା ସମୟରେ ତାଙ୍କର କୁଟୁଣା ଓ ଝାଡୁଖଣ୍ଡକ ହାତରେ ଧରିଥିଲେ ମଧ୍ୟ ନିବସ୍ତ୍ରା ଥିଲେ । ସେ ଭୂଗର୍ଭସ୍ଥା ହେବା ସମୟରେ ତାଙ୍କର ଚୁଟି କେରାକ ମହାପ୍ରଭୁ ଧରି ଦେଇଥିଲେ । ଫଳରେ ସେ ଲଣ୍ଡିତ ମସ୍ତକା ଓ ଉଲଗ୍ନା ଶରୀରା ହୋଇ ବଣ୍ଡା ପର୍ବତରେ ସ୍ଥିତ ସୀତାକୁଣ୍ଡର ପାଣି ମଧ୍ୟରେ ଲୁଚି କରି ରହିଲେ। ଦାମୁଲ ଦେଇ ଯେଉଁ ଗାଁରେ ମାଟି ଉପରକୁ ଆସି ଝାଡୁ ଧରି ଭାଇକୁ ପ୍ରହାର କରିବେ ବୋଲି ଠିଆ ହେଲେ ସେହି ଗାଁର ନାମ ଗୁମା । ସେହି ଗୁମା ଗାଁରେ ଯେଉଁ ଝରଣା ବହୁଛି, ତାରି ତୀରରେ ଗୋଟିଏ ପଥର ଉପରେ ଝାଡୁ ଓ କଟୁଣାର ଚିହ୍ନ ରହିଛି । ମହାପ୍ରଭୁ କ୍ରୋଧରେ ଭଉଣୀର ବାଳକେରାକ ଛାଟି ଦେବାରୁ ତାହା ପରିଘାସ ହୋଇ ପାହାଡ଼ସାରା ମାଡ଼ିଗଲା । ଭଉଣୀ ଦାମୁଲ ଦେଇ ଲଜ୍ଜାରେ ପଥର ପାଲଟିଗଲେ । ଭଉଣୀ ପଥର ପାଲଟି ଯିବା ପରେ ମହାପ୍ରୁ ମୁଦୁଲିପଡ଼ାସ୍ଥିତ ବରଗଛର କେରାଡ଼କୁ ଆପଣାର ଆଶ୍ରୟସ୍ଥଳ ରୂପେ ଗ୍ରହଣ କରିଥିଲେ।

ପାର୍ଶ୍ବରେ ଥିବା ଚିତ୍ରଟିକୁ ଏଲ୍‌ୱିନ୍‌ଙ୍କ ପୁସ୍ତକରୁ ଗ୍ରହଣ କରାଯାଇଛି ।

## ସଳପଗଛକୁ ଆପଣାର ମନେ କରିବାର କାରଣ :



ଉପନ୍ୟାସର ଚତୁର୍ଥ ଅଧ୍ୟାୟରେ ବଣ୍ଡାମାନଙ୍କ ସହ ସଳପଗଛର ସଂପର୍କର ନିବିଡ଼ତ୍ୱ ପ୍ରତିପାଦିତ କରିବାକୁ ଯାଇ ଲେଖିକା କୁହନ୍ତି, × × × ସବୁ ବଣ୍ଡା ପିଲା (ପୁଅ) ଜନମ ହେଲେ ତାଙ୍କ ନାଁରେ ସଳପ ଚାରାଟିଏ ରୋପିବା ବଣ୍ଡାମୁଲକର ପ୍ରଥା । ସଳପ ଗଛ ୟଙ୍ଗ୍ (ମାଆ)ଠୁ ବଡ଼ - ୟଙ୍ଗଠୁ ଦରକାରୀ । ବଣ୍ଡା ପିଲା ୟଂଗ୍ ଛାତିରୁ କ୍ଷୀର ଖାଏ ଖୁବ ବେଶୀରେ ଚାରି ଛ'ମାସ - ସଳପ ରସ (ସାପୁଂ) ଖାଏ - ପିଏ... ଜୀବନ ଥିବା ତକ । କିଏ ବଡ଼ ? ମା କ୍ଷୀର ନା ସାପୁଂ ? ମା' ନ ଥାଇ ବଣ୍ଡା ପାହାଡ଼ରେ ବଣ୍ଡା ପିଲା ଅଛନ୍ତି - ସଳପ ଗଛ ନଥାଇ ବଣ୍ଡା ପାହଡ଼ରେ ଜଣେ ବଣ୍ଡା ପିଲା ନାହିଁ।

× × ×

ବଣ୍ଡା ପାହାଡ଼ର ଦୁର୍ଗମ, ଦୁର୍ଦ୍ଧାନ୍ତ, ଦୁଃସହ ଜୀବନ ଯାତ୍ରାପଥରେ ସାପୁଂ ନିଶାଟା ଘା' ଉପରେ ଯେମିତି ଗୋଟାଏ ଶୀତଳ ପଲସ୍ତି (ମଲମ)"[୧୨]

ସଳପରସର ଉତ୍ପତ୍ତିକୁ ନେଇ ବଣ୍ଡା ଜନଜାତି ମଧ୍ୟରେ ଯେଉଁ ମିଥିକାଲ କାହାଣୀଟି ରହିଛି ଏଲୱିନ ତତ୍ ସଂପର୍କରେ Bonda Highlander ପୁସ୍ତକର ଉପକ୍ରମରେ ତଥା Tribals Myths of Odisha ଗ୍ରନ୍ଥର ଏକାଦଶ ଅଧ୍ୟାୟରେ ପ୍ରଦାନ କରିଛନ୍ତି । 'ଆଦିଭୂମି' ଉପନ୍ୟାସରେ ଲେଖିକା ସଳପ ରସ ସହ ବଣ୍ଡା ଜନଜାତିର ଫୁଲନାଡ଼ି ସଂପର୍କ ବିଷୟରେ ସୂଚିତ କରି ତୃତୀୟ ଅଧ୍ୟାୟରେ ସେହି ସୁନ୍ଦର କାହାଣୀଟି ଉଲ୍ଲେଖ କରିଛନ୍ତି । ଧରିତ୍ରୀ ମାଆ କୋଳରେ ଜନ୍ମିଥିବା ପ୍ରଥମ ପୁରୁଷ ଓ ପ୍ରଥମ ନାରୀ ସ୍ୱାମୀ - ସ୍ତ୍ରୀ ହେବା ପରେ ଗର୍ଭବତୀ ସ୍ତ୍ରୀଟି ଗୋଟିଏ ପୁତ୍ର ସନ୍ତାନ ଓ ଗୋଟିଏ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଲା । ସ୍ତ୍ରୀଟି ପ୍ରସବ କରୁଥିବା ସମୟରେ କାହୁଁ ଆସି ହରିଣଟିଏ ଦେଖାଦେଲା । ପୁରୁଷଟି ହରିଣ ମାଂସ ପ୍ରଲୋଭନରେ ଧନୁ ଧରି ତାକୁ ଅନୁସରଣ କଲା । ସ୍ତ୍ରୀଟି ଦୀର୍ଘ ସମୟ ଧରି ସ୍ୱାମୀର ବାଟ ଚାହିଁ ବସି ରହିଲା । ଶେଷରେ ପିଲା ଦୁହିଁଙ୍କି ସଳପ ଗଛର ଛାଇରେ ଶୁଆଇ ଦେଇ ସ୍ୱାମୀର ସନ୍ଧାନରେ ବାହାରିଲା । କିଛି ଦୂର ଯିବା ପରେ ଦେଖିଲା ତା'ର ସ୍ୱାମୀ ହରିଣକୁ ମାରିବା ପରେ ମାଂସ ଭୋଜନ କରୁଛି । ଭୋକିଲା ପୋଖତୀ ନାରୀଟି ସ୍ୱାମୀ ପାଖରେ ବସି ହରିଣ ମାଂସ ଖାଉ ଖାଉ ଆପଣାର ନବଜାତ ଶିଶୁ ଦୁହିଁଙ୍କ କଥା ପାସୋରି ଦେଲା । କଅଁଳା ଶିଶୁ ଦୁଇଟି ଭୋକରେ ରହା ଧରି କାନ୍ଦିଲେ । ସେତେବେଳ ସଳପ ଗଛରୁ ରସ ଝରୁ ନ ଥିଲା । ତେଣୁ ସଳପ ଗଛର ଚେର ମାଟି ତଳେ ତଳେ ସମୁଦ୍ର ଯାଏ ଲମ୍ବିଗଲା ଓ ସମୁଦ୍ର ଦେବତାଙ୍କର ସେବା ଶୁଶ୍ରୂଷା କରି ବରଦାନ ସ୍ୱରୂପ ତାଙ୍କ ଚେର ସାହାଯ୍ୟରେ ଅସରନ୍ତି ପାଣି ଆଣିଲା। ଯେଉଁ ପାଣି ସଳପରସରେ ପରିଣତ ହୋଇ ଶାଖା ପ୍ରଶାଖା ଦେଇ ଦୁଇ ଭୋକିଲା ଶିଶୁଙ୍କ ମୁଖରେ ଥପ୍ ଥପ୍ ହୋଇ ଝରିପଡ଼ିଲା । ଏହି ମିଥିଟିକୁ ମୂଲ୍ୟ ପ୍ରଦାନ କରି ବଣ୍ଡା ଜନଜାତି ସଳପ ବୃକ୍ଷକୁ ଆପଣାର ମନେ କରିଥାଏ।

## ସାନ ବୟସର ପୁରୁଷ ବୟସ୍କା ନାରୀକୁ ବିବାହ କରିବାର ସାମାଜିକ ଆଚରଣ ବିଧି :

ବଣ୍ଡା ଜନଜାତିରେ ବିବାହ ବୟସଗତ ତାରତମ୍ୟକୁ ନେଇ ସମ୍ପୂର୍ଣ୍ଣ ନୂତନ ପରମ୍ପରା ପରିଦୃଶ୍ୟ ହୋଇଯାଇଥାଏ । ବଣ୍ଡା ବାଳକଟିଏ ତେର-ଚଉଦ ବର୍ଷ ବୟସରେ ପଦାର୍ପଣ କଲେ ସେ ଡୋକ୍‌ରା ଅର୍ଥାତ

ବୁଢ଼ା ହୋଇଯାଏ । ତାକୁ କନିଆ ମିଳନ୍ତି ନାହିଁ। ଗବେଷକ ଡଃ କିଶୋର ଚନ୍ଦ୍ର ଦାସଙ୍କ ମତାନୁଯାୟୀ, "ସାଧାରଣତଃ ଆଠ ବର୍ଷର ବଣ୍ଡା ପୁଅଠାରୁ ପ୍ରାୟ ୧୦/୧୨ ବର୍ଷ ଅଧିକ ବୟସ୍କା କନ୍ୟାକୁ ନିର୍ବାଚିତ କରାଯାଏ । ବର୍ତ୍ତମାନ ପ୍ରଶ୍ନ ଉଠେ, ଏତେ ଛୋଟପୁଅକୁ ବାହା ହୋଇ ବଣ୍ଡା ଯୁବତୀ ପାଏ କ'ଣ ? ନିକଟ ଭବିଷ୍ୟତରେ ମଧ୍ୟ ଶାରୀରିକ ସୁଖ ତ ପାଇବାର ପ୍ରଶ୍ନ ଉଠେ ନାହିଁ । ବରଂ ସେ ଛୋଟପୁଅଟିକୁ ମଣିଷ କରି ଗଢ଼ିବାର ଗୁରୁଦାୟିତ୍ୱ ବରଣ କରିବାକୁ ପଡ଼େ । ତଥାପି ଏହିପରି ପ୍ରଥା କେଉଁ ଅନାଦି କାଳରୁ ଚଳି ଆସୁଚି ଏବଂ ଆଜି ମଧ୍ୟ ସେମାନଙ୍କ ସମାଜରେ ଏହି ପ୍ରଥାକୁ ସମ୍ମାନ ଦିଆଯାଉଛି । ସେଥିପାଇଁ ବଣ୍ଡା ସମାଜରେ ନାରୀର ଏତେ ପ୍ରାଧାନ୍ୟ, ଏତେ ଗୁରୁତ୍ୱ।"[୧୩] ଏଲଓ୍ୱିନ ଏପରି ବିବାହ ପଶ୍ଚାତରେ ଥିବା କାରଣ ସଂପର୍କରେ ସବିଶେଷ ଆଲୋଚନା କରିଛନ୍ତି । ୧୫୦ ଜଣ ବିବାହିତା ରମଣୀଙ୍କୁ ପଚାରି ସେ ଦେଖିଲେ ଯେ ୩୬ ଜଣ ତାଙ୍କଠାରୁ ଅଧିକ ବୟସର ଯୁବକଙ୍କୁ ବାହା ହୋଇଥିବା ବେଳେ, ପନ୍ଦର ଜଣ ସମବୟସ୍କଙ୍କୁ ବିବାହ କରିଛନ୍ତି । ଅବଶିଷ୍ଟ ୯୯ ଜଣ ସେମାନଙ୍କ ବୟସଠାରୁ ଯଥେଷ୍ଟ ସାନ କିଶୋରମାନଙ୍କୁ ବିବାହ କରିଛନ୍ତି । କେତେକ ସମାଜତତ୍ତ୍ୱଜ୍ଞ ଏହି ବିବାହ ପଶ୍ଚାତରେ ଆର୍ଥନୀତିକ କାରଣ କ୍ରିୟାଶୀଳ ହୋଇଥାଏ ବୋଲି ମତବ୍ୟକ୍ତ କରିଥାଆନ୍ତି। କାରଣ ପ୍ରାପ୍ତ ଯୌବନା ନାରୀଟି ପରିବାରର ମେରୁଦଣ୍ଡ ରୂପେ ଦଣ୍ଡାୟମାନା ରହି ସମଗ୍ର ସଂସାରର ପରିଚାଳନା ଭାର ନିର୍ବାହ କରିଥାଏ । କିନ୍ତୁ ନୃବିଜ୍ଞାନୀ ଏଲଓ୍ୱିନ ଶରୀରତତ୍ତ୍ୱ ଦୃଷ୍ଟିରୁ ଏହି ପ୍ରଥାଟିକୁ ବିଶ୍ଳେଷଣ କରିବାକୁ ଯାଇ କୁହନ୍ତି "There seems to be a real dread of the act of defloration; the Bondos are among the few tribesmen that recognise the existance of hymen; if a gril cries out with pain, she will be ashamed; it is better therefore to begin with the timid and gentle penetrations of boys.[୧୪] ତେବେ ସୁଲେଖିକା ପ୍ରତିଭା ଉପନ୍ୟାସ ପୃଷ୍ଠାରେ ଏତାଦୃଶ କୌଣସି ଶାରୀରିକ କିମ୍ବା ଆର୍ଥନୀତିକ କାରଣରାଜିର ଉପସ୍ଥାପନ ନ କରି ଏଲଓ୍ୱିନ୍ ଆଲୋଚ୍ୟ ପ୍ରସଙ୍ଗରେ ଉପସ୍ଥାପନ କରିଥିବା ହାସ୍ୟୋଦ୍ଦୀପକ ଲଘୁକଥାଟିକୁ ଗ୍ରହଣ କରିଛନ୍ତି । ଯେଉଁ କଥାଟି କେବେଳ ବଣ୍ଡା ଜନଜାତି ନୁହେଁ ମଧ୍ୟ ଭାରତର ଏକାଧିକ ଜନଜାତିମାନଙ୍କ ମଧ୍ୟରେ ସଂଜୀବିତ ରହିଛି । ସେହି କାହାଣୀ ଅନୁଯାୟୀ ଏକଦା ବାପଘରୁ ନବବଧୂକୁ ଆଣିବା ନିମନ୍ତେ ଶ୍ୱଶୁର ଯାଇଥା'ନ୍ତି । ଶ୍ୱଶୁର ଓ ବୋହୂ ଦୁହେଁ ଚାଲି ଚାଲି ଜଙ୍ଗଲ ପଥ ଅତିକ୍ରମି ଆସୁ ଆସୁ ବାଟରେ ଗୋଟିଏ ପାହାଡ଼ ଉପରେ ମହାପ୍ରଭୁଙ୍କର ବେଦୀ ଦେଖିଲେ । ତାହା ଦେଖି ଶ୍ୱଶୁର କହିଲେ ଯେ, ତୁ ମହାପ୍ରଭୁଙ୍କୁ ଢେର୍ ପିଲାଛୁଆ ମାଗ୍ । ମୁଁ ଯାଉଛି ଜଙ୍ଗଲରୁ କାଠ ଆଣିବି । ଆଜି ରାତିକ ନିଆ ଜାଳି ଏଇଠି ରହି, ସକାଳ ହେଲେ ବାଟ ଚାଲିବା । ତୁ ଝରଣାରେ ଗାଧୋଇ ପାଧୋଇ ମହାପ୍ରଭୁଙ୍କୁ ବର ମାଗେ । ବୋହୂଟି ସରଳ ମନରେ ଶ୍ୱଶୁରଙ୍କ କଥା ମାନି ମହାପ୍ରଭୁଙ୍କୁ ବରଭିକ୍ଷା କଲା । ଶ୍ୱଶୁର ମନ ଭିତରେ କିନ୍ତୁ ବୋହୂକୁ ଭୋଗ କରିବାର ଇଚ୍ଛା ଜାଗ୍ରତ ହୋଇ ସାରିଥାଏ । ତେଣୁ ସେ ମହାପ୍ରଭୁଙ୍କ ପଛ ପଟେ ଲୁଚି ରହି ସ୍ୱର ବଦଳାଇ କହିଲା, "ତୁ ତୋ ଶ୍ୱଶୁରକୁ ଦେହ ସଅଁପି ଦେ । ତୋର ଢେର୍ ପିଲାଛୁଆ ହେବେ।"

ଏହି ଘଟଣା ପରେ ଜଙ୍ଗଲ ମଝିରେ ଘାସଫୁଲର ରୁଗ୍‌ରୁଗ୍ ବାସ୍ନା ଓ ପରିଘାସର ଗୁଣୁଗୁଣୁ ଶବଦ ମଧ୍ୟରେ ବୋହୂଟି ଶ୍ୱଶୁର ପାଖରେ ଆପଣାକୁ ସଅଁପି ଦେଲା । ତା' ପରଦିନ ଶ୍ୱଶୁର ବୋହୂ ଘରକୁ ଫେରିଲେ । ରାତିରେ ବୋହୂଟି ପୁଅକୁ କହିଲା ଯେ କାଲି ରାତିରେ ଶ୍ୱଶୁରଙ୍କୁ ଦେହ ସଅଁପି ଦେବା ବେଳେ ଯେଉଁ ଘାସର ଶବ୍ଦ ମନକୁ ମତୁଆଲା କରୁଥିଲା, ସେ ଶବଦ ତୋ ଶରଧାରେ ନାହିଁ । ସେହିଦିନଠାରୁ ବଣ୍ଡା ପୁରୁଷ ଅଣ୍ଟାରେ ଘାଘୁଡ଼ି ବାନ୍ଧେ କାରଣ ଦେହ ସୁଖ କାଳରେ ତାର ପତ୍ନୀ ପିରି ଘାସର ଗୁଣୁଗୁଣୁ ଶବ୍ଦ ଶୁଣିବା ପାଇଁ ଚାହେଁ। ପୁନଶ୍ଚ ସେହିଦିନଠାରୁ ସେମାନେ ବୁଝିପାରିଲେ ଯେ ପୁରୁଷ ନାବାଳକ ଥିବା ସମୟରେ ସତ୍ ଥାଏ । ଯୁବାବସ୍ଥା ପ୍ରାପ୍ତ ହେଲେ ଅସତ୍ ହୋଇଯାଏ । ତେଣୁ ଆଠରୁ ଦଶବର୍ଷ ବୟସର ପୁରୁଷକୁ ପୂର୍ଣ୍ଣ ଯୌବନା ବଣ୍ଡାରମଣୀ ବିବାହ କରିଥାଏ।

**ବଣ୍ଡାମାନେ ଋଣ ଶୁଝି ନ ପାରିବାର କାରଣ :**

ସାହୁକାର ନିକଟରୁ ଋଣ ନେଇ ସର୍ବସ୍ୱାନ୍ତ ହେବା, ପିଢ଼ି ପରେ ପିଢ଼ି ଗୋତି ଶ୍ରମିକ ରୂପେ କାମ କରି ଋଣ ଶୁଝିବାର ଘୃଣିତ ଶୋଷଣବିଧିକୁ ନେଇ ବହୁସଂଖ୍ୟାରେ ଆଦିବାସୀୟ ଉପନ୍ୟାସ ରଚିତ । ଏଲଓ୍ୱିନଙ୍କ ରଚିତ Bonda Highlander ଗ୍ରନ୍ଥର ଷଷ୍ଠ ଅଧ୍ୟାୟ Man and the Immortals ରେ ଏହି କାହାଣୀଟି ରହିଛି । କିନ୍ତୁ ଏଲଓ୍ୱିନ କେବଳ ଚନ୍ଦ୍ରଗ୍ରହଣର କାରଣ ସଂପର୍କରେ ସୂଚିତ କରି କାହାଣୀଟି କହିଥିବା ବେଳେ ସୁଲେଖିକା ପ୍ରତିଭା ବଣ୍ଡାମାନଙ୍କର ଋଣ ଶୁଝି ନ ପାରିବାର କାରଣ ସହ ଏହି ମିଥ୍‌ଟିକୁ ଯୋଡ଼ି ଦେଇଛନ୍ତି । ଏହି ପ୍ରସଙ୍ଗରେ ଏଲଓ୍ୱିନଙ୍କର ମତୋଦ୍ଧାର ଏକାନ୍ତ ପ୍ରୟୋଜନ ମନେ ହୁଏ। "But all these stories are obvious borrwoings and it is evident that they have been adopted unaltered; there has been no attempt to relate them with the main conceptions of Bondo Mythology.

The Moon, the Scorpion and the Bear were cooking, each of his own hearth, under a tree. When the food was ready, they picked leaves for cups, but the moon had no bamboo pins for hers and had to borrow some from the bear. Next time, again she

had no pins and now she took some from the scorption, By and by the Bear demanded its pins back, but the Moon had not any and bear seized her and she turned black. Then the Scorpion seized her and she turned red." ପ୍ରତିଭା ରାୟ ମହୋଦୟା ଏହି କାହାଣୀଟିକୁ ଉଲ୍ଲେଖ କରିବା ସହ ବଣ୍ଡାମାନଙ୍କର ଆର୍ଥନୀତିକ ସ୍ଥିତିକୁ ଏକତ୍ର କରି ବଣ୍ଡା ଥରେ ଜମି, ସଲପ ଗଛ, ଆମ୍ବ ବୁରେଇ ବନ୍ଧା ଦେଲେ ଆଉ ମୁକୁଳେଇ ପାରେନା । ସେହିପରି ପିଲାଟୋକୀଙ୍କୁ ମଧ୍ୟ ଗୋଡିରେ ଦେଇ ଦେଲେ ଆଉ ମୁକୁଳେଇ ପାରେନା କହିଛନ୍ତି । ପ୍ରତିଟି ଆଦିବାସୀୟ ମିଥ୍‌କୁ ଏକାନ୍ତ ବିଶ୍ୱାସନୀୟ ପ୍ରତିସ୍ଥାପନ କ୍ଷେତ୍ରରେ ସୁଲେଖିକା ପ୍ରତିଭା ଅସାଧାରଣ କଳା ନୈପୁଣ୍ୟ ପ୍ରଦାନ କରିଛନ୍ତି ।

**ବଣ୍ଡା ପୁରୁଷମାନେ ଘୁସି ପିନ୍ଧିବାର କାରଣ :**

ବଣ୍ଡା ପୁରୁଷମାନଙ୍କ ପୋଷାକ ପରିଚ୍ଛେଦ ସଂପର୍କରେ ସୂଚନା ପ୍ରଦାନ କରିବାକୁ ଯାଇ ଏଲୱିନ କୁହନ୍ତି, Men and boys wear the simplest possible loin-cloth, a mere scrap of which is often attached to the waist cord in front, passed between the legs and hung over the cord at the back. The flap may hand down or be tucked into the cord at one side."[୧୬] ବାସ୍ତବରେ ବଣ୍ଡା ପୁରୁଷ ଏପରିକି ଛୋଟ ପିଲାଟିଏ ମଧ୍ୟ ସଂପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ରହି ନ ଥାଏ । ଏପରି ଘୁସି ପିନ୍ଧିବା ପଶ୍ଚାତ୍‌ରେ ଯେଉଁ କାହାଣୀଟି ଏଲୱିନ୍‌ଙ୍କ ଦ୍ୱାରା ସଂଗୃହୀତ ଔପନ୍ୟାସିକା ତାହାର ବିନିଯୋଗ କରିଛନ୍ତି । ଆହରଣ ଓ ସମୀକରଣଗତ ଏହି କୌଶଳକୁ ଲକ୍ଷ୍ୟ କରାଯାଇପାରେ । ଉପନ୍ୟାସର ନାୟକ ସୋମା ମୁଦୁଲିକୁ ଯେତେବେଳ ଅଣ୍ଟାରେ ଅଣ୍ଟାସୂତା ଭିଡ଼ି, ତା'ପରେ ତା' ମା' ଘୁସି ପିନ୍ଧାଇ ଦେଲା ସେତେବେଳେ ତାକୁ ବଡ଼ ଅଖଞ୍ଜ ଲାଗିଲା । ସେ ଘୁସିକୁ ଟାଣି ଟାଣି ବାହାର କରିଦେଲା । ସୋମାର ମାଆ ତିନିବର୍ଷର ଶିଶୁକୁ କୋଳରେ ପୂରାଇ କାହାଣୀ କହିଲା " ବହୁଦିନ ଆଗର କଥାନୀ । ଦୁଇଟି ସାନ ପିଲା (ପୁଅ) ଥିଲେ । ଜଣଙ୍କର ନାଆ ବଟି ମୁଦୁଲି, ଆରଟିର ନାଁ ବଟି ସିସା । ବଡ଼ ସାଙ୍ଗ । ସାଙ୍ଗ ହୋଇ ଖେଳନ୍ତି । ତାଙ୍କର ସାନ ସାନ ବୁଟିକ୍‌ମ୍ବ (ପୁରୁଷାଙ୍ଗ) ଦୁଇଟି ଅରନ୍ଧା ସିଲି (ମାଂସ) ପରି ଲାଲ ଗୁଲୁଗୁଲୁ । ୟଂଗ୍ ଘୁସି ପିନ୍ଧେଇ ଦେଲେ ଖୋଲି ଫୋପାଡ଼ି ଦିଅନ୍ତି । ଲଙ୍ଗଳା ପିଲାଦିଟା ବଣେ ବଣେ ଡେଉଁଥାନ୍ତି ।

ଦିନେ ଚିଲଟିଏ ଉପରୁ ଝାମ୍ପ ମାରିଲା । ମାଉଁସ ଭାବି ବଟି ମୁଦୁଲି, ବଟି ସିସା ବୋଲି ପିଲାଦିହିଁଙ୍କ 'ବୁଟିକମ୍ବ' ଦୁଇଟିକୁ ଥଣ୍ଟରେ ଧରି ଉଡ଼ିଗଲା ଆକାଶକୁ । ପିଲା ଦୁଇଟି କାନ୍ଦି କାନ୍ଦି ୟଂଗ୍ ପାଖକୁ ଧାଇଁଲେ । ସାନ ସାନ ଗୋଡ଼ ସନ୍ଧିରେ ବୁଟିକ୍‌ମ୍ବ ନାହିଁ ।"[୧୭]

ଅତଏବ ଏହି ଆଦିକଥାଟିକୁ ମାନି ବଣ୍ଡା ପୁରୁଷମାନେ ତିନିବର୍ଷ ବୟସରୁ ଘୁସି ପିନ୍ଧିଥାଆନ୍ତି ।

**ବଣ୍ଡା ରମଣୀମାନେ ଉଲଗ୍ନା ଓ ମୁଣ୍ଡିତ କେଶା ରହିବାର କାରଣ :**

ବଣ୍ଡା ରମଣୀମାନେ ଉଲଗ୍ନା ଓ ମୁଣ୍ଡିତ କେଶା ରହିବାର କାରଣ ସଂପର୍କରେ ସୀତା ଠାକୁରାଣୀଙ୍କ ଅଭିଶାପ ପ୍ରସଙ୍ଗ ନେଇ 'ଆଦିଭୂମି' ଉପନ୍ୟାସରେ ଲେଖିକା ଯେଉଁ ଆଦିବାସୀୟ ମିଥ୍‌ଟି ଗ୍ରହଣ କରିଚନ୍ତି, ତାହା 'ବଣ୍ଡା ଇତିହାସ' 'ବଣ୍ଡା', ବଣ୍ଡା ଓ ପରଜା ଜନଜାତିର ଜୀବନଧାରା', 'କୋରାପୁଟର ଆଦିବାସୀ ଲୋକ ସଂସ୍କୃତି' ଆଦି ପ୍ରତ୍ୟେକ ଗ୍ରନ୍ଥରେ ପରିଦୃଶ୍ୟ ହୁଏ । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ବନବାସରେ ଆସି ରହୁଥିବା ସମୟରେ ମୁଦୁଲି ପାହାଡ଼ରେ କେତୋଟି ଦିନ ଅବସ୍ଥାନ କରିଥିଲେ । ବଣ୍ଡା ଜନଜାତିର ମତାନୁସାରେ ମୁଦୁଲିପାହାଡ଼ର ନିମ୍ନ ଦେଶରେ ଯେଉଁ ଝରଣାଟି ବୋହି ଯାଉଛି ତାର ନାମ 'କପରସୁଆଁ' । ସେହି ଝରଣାରେ ଛୋଟ ଗଡ଼ିଆଟିଏ ମଧ୍ୟ ରହିଛି । ସେହି ଗଡ଼ିଆକୁ କପରସୁଆଁ କୁହାଯାଏ । ସେହ ସୁଆଁର ଜଳକୁ ସୀତା ଠାକୁରାଣୀ ବ୍ୟବହାର କରୁଥିଲେ । ତେଣୁ ସେହି କପରସୁଆଁର ଅନ୍ୟ ନାମ ହେଉଛି ସୀତାକୁଣ୍ଡ । ଏକଦା ସୀତା ଦେବୀ ସେହି କୁଣ୍ଡରେ ସ୍ନାନ କରୁଥିବା ସମୟରେ ବଣ୍ଡା ରମଣୀମାନେ ତାଙ୍କୁ ଦେଖି ହସିଦେଇଥିଲେ । ମାତା ସୀତା କ୍ରୋଧାନ୍ୱିତା ହୋଇ ଅଭିଶାପ ଦେଇ କହିଲେ, "ମାଇପି ହେଇ ମାଇପି ଦିହ ଦେଖି ହସିଲ । ତମକୁ ଜଗତ ହସିବ । କଳିକାଳେ ତମେ ଉଲଙ୍ଗ ରହିବ । ମୁଣ୍ଡରେ ବି ବାଲ୍ ରଖିବନି । ମୁଣ୍ଡରି (ଲାଣ୍ଡି ହୋଇ) ବୁଲିବ, ମୁଣ୍ଡରୁ ଗୋଇଠି ବିବାବ୍ ଖୋଲା । ଯଦି ବାଳ ଗଜୁରେଇବ, ଯଦି ଦିହ ଢାଙ୍କିବ, ତେବେ ବଣ୍ଡା ପର୍ବତମାଳାରେ ଏ ମୁଣ୍ଡରୁ ସେ ମୁଣ୍ଡ କୁଶ କଅଁଳିବନି । ବଣ୍ଡା ଜାତିର ବଂଶୋ ବୁଡ଼ିଯିବ ।"[୧୮] ଏହି ଅଭିଶାପ ବାଣୀରେ ମର୍ମାହତ ହୋଇ ସେହି ବଣ୍ଡା ରମଣୀମାନେ କାନ୍ଦିବାକୁ ଆରମ୍ଭ କଲେ । ଦୟାମୟୀ ଦେବୀ ଆପଣାର ଲୁଗାଧଡ଼ିରୁ ସୂତାଟିଏ ବାହାର କରି ତାଙ୍କ ହସ୍ତରେ ପ୍ରଦାନ କରି କହିଲେ ଯେ କଳିଯୁଗରେ ସେମାନେ ନାହିଠାରୁ ତଳକୁ, ଜଂଘଠୁ ଉପରକୁ ଏତିକି ଓସାରରେ ଖଦିରେ ଲାଜ ଘୋଡ଼େଇବେ । ଏହି ଆଦିବାସୀୟ ପୌରାଣିକ ଲୋକକଥାଟିକୁ ମାନି ବଣ୍ଡା ରମଣୀମାନେ ହାତବୁଣା ଅଣଓସାରିଆ ରିଙ୍ଗା ପରିଧାନ କରିଥାନ୍ତି । ମୁଣ୍ଡରି ହୁଅନ୍ତି କିନ୍ତୁ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗି ମାଳିରେ ନିଜ ଶରୀର ତଥଶ ମସ୍ତକକୁ ଆବୃତ୍ତ କରି ରଖନ୍ତି ।

ସୀତା ଠାକୁରାଣୀ ବଣ୍ଡା ପାହାଡ଼ରେ ପାଦ ଦେବା ପ୍ରସଙ୍ଗଟି ଇତିହାସ ଦୃଷ୍ଟିରୁ ଅବାନ୍ତର ନୁହେଁ । କାରଣ ଐତିହାସିକ ସତ୍ୟ ନାରାୟଣ

ରାଜଗୁରୁଙ୍କର ମତାନୁସାରେ "ସେହି ଅଞ୍ଚଳଟି ପ୍ରାଚୀନ ଦଣ୍ଡକାରଣ୍ୟର ଏକ ଅଂଶ ହୋଇଥିଲା ଏବଂ ଗୋଦାବରୀ ଓ ସେଥିର ଶାଖାନଦୀଗୁଡ଼ିକ ତଟବର୍ତ୍ତୀ ମହାରଣ୍ୟ (ମହାକାନ୍ତାର) ନାମରେ ପରିଚିତ ହୋଇଥିଲା ।"[୧୯] ଏହି ମିଥ୍‌ଟିକୁ ଲେଖିକା ଉପନ୍ୟାସର ଅୟନ ମଧ୍ୟରେ ଅତିକ୍ରମଣ କରିବା ସମୟରେ ବଣ୍ଡା ରମଣୀଟିଏ ଭୋଗ କରିଥିବା ଦ୍ୱନ୍ଦ୍ୱର ବର୍ଣ୍ଣନା ପୃଷ୍ଠା ପରେ ପୃଷ୍ଠା କରି ଚାଲିଛନ୍ତି । ପୁନଶ୍ଚ ରେବତୀ ପାଠ ପଢ଼ିବାରୁ ପାରିବାରିକ ଦୁର୍ଦ୍ଦଶାପାତ ସମ ବଣ୍ଡା ରମଣୀଟଏ ବସ୍ତ୍ର ପରିଧାନ କରିବା ହେତୁ ଅଶେଷ ଦୁର୍ଦ୍ଦଶା ଭୋଗ କରିବା ସମ କେତୋଟି ଘଟଣା ମଧ୍ୟ ଯୋଡ଼ି ଦେଇଛନ୍ତି। ପ୍ରତିଭା ରାୟଙ୍କ ପରି ଜଣେ ମୁକ୍ତିକାମୀ ଲେଖିକା ଏହି ଆଦିବାସୀୟ ମିଥ୍‌ଟିକୁ ନ ଭାଙ୍ଗି, କାହିଁକି ପୁରୁଣାବିଶ୍ୱାସ ନିକଟରେ ଅବନତ ହେଲେ ତାହାର କାରଣ ଆଲୋଚ୍ୟ ନିବନ୍ଧରେ ଅନ୍ତିମ ଭାଗରେ ପ୍ରଦାନ କରାଯାଇଛି।

'ଆଦିଭୂମି'ର ପ୍ରଥମ ଭାଗ ଅର୍ଥାତ ପଶ୍ଚିମ ପର୍ଯ୍ୟାୟରେ ସ୍ଥାନିତ ସମସ୍ତ ମିଥ୍‌ର ପର୍ଯ୍ୟାଲୋଚନା ଏଠାରେ ସମାପ୍ତ ହେଲା। ଦ୍ୱିତୀୟ ସାରଣୀରେ ଉପନ୍ୟାସର ଦ୍ୱିତୀୟ ଭାଗ ଅର୍ଥାତ 'ପୂର୍ବ' ପର୍ଯ୍ୟାୟରେ ସ୍ଥାନିତ ଆଦିବାସୀୟ ମିଥ୍‌ର ସୂଚନା ଗ୍ରହଣ କରିବା।

**ସାରଣୀ - ୨**

| କ୍ର.ସଂ. | ବଣ୍ଡା ଜନଜାତିର ପ୍ରଚଳିତ ମିଥ୍ | ଚାରିତ୍ରିକ ତଥା ସାଂସ୍କୃତିକ ବୈଶିଷ୍ଟ୍ୟ ସହ ମିଥ୍‌ର ସଂପର୍କ ଓ ଅନ୍ୟାନ୍ୟ | ଅଧ୍ୟାୟ / ପୃଷ୍ଠ ସଂଖ୍ୟା |
|---|---|---|---|
| ୧. | ବଣ୍ଡା ଜନଜାତିଟା ତିନି ଫାଙ୍କ ହେବାର କାରଣ | ବଣ୍ଡା ଗଦ୍‌ବା ଓ ଡିନାୟୀ ଜନଜାତିର ଉତ୍ପତ୍ତି ସମ୍ବନ୍ଧୀୟ କଥା | ୩୨ ତମ ଅଧ୍ୟାୟ ପୃ. ୨୧୭/୨୧୮ |

ପୂର୍ବ ପର୍ଯ୍ୟାୟରେ ମଧ୍ୟ ଏତାଦୃଶ ଉତ୍ପତ୍ତି ସମ୍ବନ୍ଧୀୟ ମିଥ୍ ସମ୍ପର୍କରେ ରହିଛି । ଆଲୋଚ୍ୟ ଭାଗରେ ଏକମାତ୍ର ଆଦିବାସୀୟ ମିଥ୍ ରହିଛି । ଏହା ପ୍ରକୃତରେ ଡିଡାୟୀ ଜନଜାତି ଲୋକମାନେ ମାନି ଥାଆନ୍ତି । ପୂର୍ବେ ପୃଥିବୀ ଜଳମଗ୍ନ ଥିବା ସମୟରେ ଆକାଶରୁ ପୁଅଟିଏ ଝିଅଟିଏ ଖସିପଡ଼ିଲେ। ମହାପ୍ରୁ ସେହି ଭାଇଭଉଣୀଙ୍କ ନିମନ୍ତେ ପୃଥ୍ୱୀ, ବଣ, ପାହାଡ଼, ସବୁ ସୃଜି ଦେଲେ । ଦିନେ ସେମାନେ ଘଞ୍ଚ ଅରଣ୍ୟ ଭିତରେ ଦୁଇଟି ବିପରୀତ ଦିଗାଭିମୁଖୀ ହୋଇ ହଜିଗଲେ । ବହୁ ବର୍ଷ ପରେ ସେମାନଙ୍କର ଭେଟ ହେଲା । ସେମାନେ ଭାଇଭଉଣୀ ବୋଲି ବିସ୍ମୃତ ହୋଇଯାଇଥିଲେ । ପରସ୍ପରକୁ ଶରଧା କଲେ । ସେମାନଙ୍କର ମିଳନରୁ ଢେର ପିଲାଛୁଆ ଜନ୍ମ ନେଲେ । ବଡ଼ ଭାଇର ନାମ ବଣ୍ଡା, ତା ତାଳ ଭାଇ ଗଦ୍‌ବା ଓ ତା ତଳକୁ ଡିଡାୟୀ । କେଉଁ ପ୍ରାଚୀନ କାଳରୁ ପୂର୍ବଘାଟ ପାହାଡ଼ର ତଳ-ଉପର - ମଝିରେ ଥାକ ଥାକ ଗାଁରେ ଏମାନେ ଜୀବନ କାଟୁଛନ୍ତି । ତେବେ ବଣ୍ଡା ଓ ଡିଡାୟୀମାନଙ୍କ ମଧ୍ୟରେ ଅହି ନକୁଳ ସଂପର୍କ । ବାରଜଙ୍ଗର୍ ଦେଶରେ ଆଣ୍ଡ୍ରାହାଲ ଓ ବଡ଼ବେଲ ଆଦି ଗାଁ ଯୋଗୁଁ ଅରାଜକତା ଦେଖା ଦେଇଥାଏ।

ପରବର୍ତ୍ତୀ ସାରଣୀରେ ଆଲୋଚ୍ୟ ଉପନ୍ୟାସର ଦକ୍ଷିଣ ଭାଗରେ ସ୍ଥାନିତ ଦୁଇଗୋଟି ଆଦିବାସୀୟ ମିଥ ସଂପର୍କରେ ସାମାନ୍ୟତମ ଧାରଣା ଗ୍ରହଣ କରିବା।

**ସାରଣୀ - ୩**

| କ୍ର.ସଂ. | ବଣ୍ଡା ଜନଜାତିର ପ୍ରଚଳିତ ମିଥ୍ | ଚାରିତ୍ରିକ ତଥା ସାଂସ୍କୃତିକ ବୈଶିଷ୍ଟ୍ୟ ସହ ମିଥ୍‌ର ସଂପର୍କ ଓ ଅନ୍ୟାନ୍ୟ | ଅଧ୍ୟାୟ / ପୃଷ୍ଠା ସଂଖ୍ୟା |
|---|---|---|---|
| ୧. | ସେଟି ସିସାର କାହାଣୀ। | ବଣ୍ଡାମାନେ ଦେବତାମାନଙ୍କୁ ଭୟ କରିବାର କାରଣ | ୫୩ ତମ/ପୃ. ୩୩୪ ରୁ ୩୩୬ |
| ୨. | ବୁବୁ (ସାପ)ର ସୃଷ୍ଟି କଥା | ସାପ ବଣ୍ଡାମାନଙ୍କର ପ୍ରିୟ ଖାଦ୍ୟ | ୬୦ ତମ/ ପୃ. ୩୮୧ ଓ ୩୮୨ |

ଉପରୋକ୍ତ ସାରଣୀରଯେଉଁ କାହାଣୀଟି ପ୍ରସଙ୍ଗରେ ସୂଚନା ରହିଛି ତା'ର ମୂଳ ଉତ୍ସ ମଧ୍ୟ ଏଲୱିନ୍‌ଙ୍କ ଗ୍ରନ୍ଥରେ ଲିପିବଦ୍ଧ। କିନ୍ତୁ ଏଲ୍‌ୱିନ୍ ଆଦିବାସୀୟ ମିଥ୍‌ର ଉପସ୍ଥାପନ କରିବାକୁ ଯାଇ କୁହନ୍ତି, "Those were the days of peace and happiness for mankind, before religion was invented, before priesta and shamans came in, before ghosts and demons and demigods were made to humble and discipline mankind. The origin of the demigods is explained by the Bondas in two very significant legends which I must quote in full.[୨୦] ଏହି ପ୍ରସଙ୍ଗ ଉଲ୍ଲେଖ କରିବା ପରେ

ଏଲ୍‌ୱିନ୍ ଯେଉଁ ଦୁଇଟି କିମ୍ବଦନ୍ତୀ ଆଧାରିତ କାହାଣୀ ଉଲ୍ଲେଖ କରିଛନ୍ତି, ତନ୍ମଧ୍ୟରୁ ପ୍ରତିଭା ରାୟ ମହୋଦୟା ପ୍ରଥମ କାହାଣୀଟିକୁ ଗ୍ରହଣ କରିଛନ୍ତି । କାହାଣୀଟିକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସମୀକରଣ କ୍ଷେତ୍ରରେ ସ୍ୱୀୟ ପ୍ରତିଭା ପ୍ରଦର୍ଶିତ କରି ବଣ୍ଡାମାନେ ଦୈବ ଭୀତି କାରଣରୁ ଅଧିକରୁ ଅଧିକ ମଦ୍ୟପ, ଭୟାର୍ତ୍ତ, ଆଳସ୍ୟ ପରାୟଣ ଓ ବଦଖର୍ଚ୍ଚୀ ହୋଇ ପଡ଼ିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ସୁଲେଖିକା ବଣ୍ଡାମୁଲକରେ ଦେଖା ଯାଉଥିବା ବିକାଶମୂଳକ ଦ୍ୱନ୍ଦ୍ୱ ପ୍ରସଙ୍ଗରେ ଏହି କାହାଣୀଟିର ସଂଯୋଜନା କରିଛନ୍ତି । ବଣ୍ଡାମାନେ ସରକାରଙ୍କ ଦ୍ୱାରା ଆନୀତ ବିଭିନ୍ନ କୃଷିଯୋଜନାନ୍ତର୍ଗତ ସାର, ବିହନ ପ୍ରଭୃତି ନେଇ ନିଜ ନିଜ ଶସ୍ୟ କ୍ଷେତ୍ରରେ ପ୍ରୟୋଗ କରିବା ନିମନ୍ତେ ଭୟ କରୁଥିଲେ । କାରଣ ସେମାନଙ୍କ ଭାବନା ଥିଲା ଯେ ଏପରି କର୍ମ ଦ୍ୱାର ବୁର୍‌ସୁଙ୍ଗ ଦେବତା ଅର୍ଥାତ ଧରତନୀ ମାଆ କ୍ରୋଧାନ୍ୱିତା ହେବେ । ଏହିପରି ଆଦିମବିଶ୍ୱାସକୁ ସୁଦୃଢ଼ କରିଥିବା ମୂଳ କାହାଣୀଟିର ଉଲ୍ଲେଖନ ଏକାନ୍ତ ପ୍ରୟୋଜନ ହୋଇଥିବାରୁ ଲେଖିକା ଏତାଦୃଶ କାହାଣୀର ସୁବିନିଯୋଗ କରିଛନ୍ତି ।

ମୃତ୍ୟୁକୁ ନେଇ ବଣ୍ଡା ଜନଜାତିର ଭାବନା ସଂପର୍କରେ ଉଲ୍ଲେଖ କରିବାକୁ ଯାଇ ଲେଖିକା Bonda Highlander ଗ୍ରନ୍ଥର ସପ୍ତମ ପରିଚ୍ଛେଦ Festivity in Black ଅନ୍ତର୍ଗତ ମିଥିକାଲ୍ କାହାଣୀଟିକୁ ଗ୍ରହଣ କରିଛନ୍ତି । ପୂର୍ବରୁ ମଣିଷ ଅମର ଥିଲା । ତେଣୁ ମହାପ୍ରଭୁ ବିଚାର କଲେ ଯେ ବର୍ଦ୍ଧିତ ଜନସଂଖ୍ୟା ହାରରେ ଅଙ୍କୁଶ ଲଗାଇବା ପାଇଁ ହେଲେ ମରଣ ଦେବତାଙ୍କୁ ଆଦେଶ ଦେବାକୁ ପଡ଼ିବ । ଗୋଇଗିକୋ ଦେବତା ଅର୍ଥାତ ମରଣ ଦେବତା ମହାପ୍ରୁଙ୍କ ଆଦେଶରେ ପ୍ରଥମେ ଜଣେ ଦୂତ ଓ ପରେ ବ୍ୟାଘ୍ରକୁ ପ୍ରେରଣ କଲେ ମଧ୍ୟ ବଣ୍ଡାମାନେ ସେମାନଙ୍କୁ ତୀର ବିଦ୍ଧକରିଦେଲେ । ମରଣଦେବତାଙ୍କ ପରାଜୟ ଦେଖି ମହାପ୍ରୁ ତାଙ୍କ ପତ୍ନୀଙ୍କର ଲମ୍ବ କେଶଟିଏ ଟାଣି ଆଣି, ତାକୁ ଜୀବନ୍ୟାସ ଦେବା ପାଇଁ ମାଆକୁ କହିଲେ । ମାଆ ଜୀବନ୍ୟାସ ଦେବାରୁ ସେହି କେଶଟି ବିରାଟ ସର୍ପରେ ପରିଣତ ହୋଇ ସର୍ବ ପ୍ରଥମେ ବଣ୍ଡା ମୁଲକର ଗୋଟିଏ ଶିଶୁକୁ ଆଘାତ ଦେଲା । ଶିଶୁଟିର ମୃତ୍ୟୁରେ ବଣ୍ଡା ଜନନୀ ସେହି ସର୍ପଟିକୁ ପିଟି ପିଟି ମାରିଦେଲା ଓ କହିଲା "ତୁ ମୋ ପିଲାକୁ ଖାଇଲୁ । ମୁଁ ତୋତେ ଖାଇବି । ସେହିଦିନଠାରୁ ବଣ୍ଡା ମଣିଷମାନେ ମରଣକୁଭୟ କରିବା ସହ ସର୍ପକୁ ପ୍ରଧାନ ଖାଦ୍ୟ ରୂପେ ଗ୍ରହଣ କଲେ ।"

ଏହି କାହାଣୀଟି ଏଲ୍‌ୱିନ୍ ଆଣ୍ଡ୍ରାହାଲ ଗାଁରୁ ସଂଗ୍ରହ କରିଥିଲେ । ବିଦୁଷୀ ଲେଖିକା ଆଦିବାସୀୟ ମିଥ୍ ସହ ଖାଦ୍ୟ ପରମ୍ପରାରକୁ ସଂଯୁକ୍ତ କରିବା ସହ, ବଣ୍ଡା ମୁଲକରେ ଶିଶୁ ମୃତ୍ୟୁ ହାର ଅଧିକ ଏହି ପ୍ରସଙ୍ଗ ଉଲ୍ଲେଖ କରି ଲଳିତ ଉପମା ରଚି କହିଛନ୍ତି, "ପିଲାମଡ଼କ ସତକୁ ସତ ବଣ୍ଡା ପାହାଡ଼ରେ ବେଶି । ଫସଲ ମଡ଼କଠୁ ଅଧିକ । ମଣିଷ ଛୁଆ ଏଠି ଉଲିସା (ଆମ୍ବଉଳ) ଭଳି । ଝଡ଼ିବେ ବେଶି, ଜୀଇବେ କମ୍ । ଛୁଆଟାଏ ଜୀଇ ବଂଚି ରୋମୋ ହୋଇ, ଡୋକ୍‌ରା ହୋଇ ମରିବା ଭାଗ୍ୟର କଥା ।"[୨୧]

ଅତଏବ ସୁଲେଖିକା ପ୍ରତିଭାଙ୍କର ବିଶେଷତ୍ୱ ହେଉଛି ଯେ ସେ ପ୍ରତିଟି ସଂଗୃହୀତ ମିଥିକାଲ୍ କାହାଣୀକୁ ବଣ୍ଡା ଜନଜାତିର ରୀତିନୀତି, ବିଶ୍ୱାସ, ପ୍ରଥା ଏପରିକି ସାମ୍ପ୍ରତିକ ସ୍ଥିତି ସହ ଅପୂର୍ବ ସଂଯୋଜନା କରି ମିଥ୍‌ଗୁଡ଼ିକର ବିଶ୍ୱସନ ଅଭିବୃଦ୍ଧିରେ ସହାୟକ ହୋଇଛନ୍ତି । ଉପନ୍ୟାସର ଅନ୍ତିମ ପର୍ଯ୍ୟାୟ ଅର୍ଥାତ୍ 'ଉତ୍ତର' ଭାଗରେ ସ୍ଥାନିତ ମିଥଗୁଡ଼ିକର ସୂଚନା ସାରଣୀ-୪ରେ ପ୍ରଦାନ କରାଯାଇଛି ।

ସାରଣୀ - ୪


| କ୍ର.ନଂ | | | ଅଧ୍ୟାୟ / ପୃଷ୍ଠା ସଂଖ୍ୟା |
|---|---|---|---|
| ୧. | ବଣ୍ଡା ରମଣରମଣୀମାନେ ସ୍ୱପ୍ନ ଦେଖିବାର କାରଣ - | ଗୁରାଙ୍ଗପୋଇ ଦେବତାଙ୍କର ବରଦାନ | ୭୫ତମ ଅଧ୍ୟାୟ ପୃ.୪୭୯ |
| ୨. | ଚାଷ କରି ଧାନ ଉତ୍ପାଦନ କରିବାର କାରଣ | ଧାନଗଛ ସହ ପରିଚୟ ସ୍ଥାପନର କାହାଣୀ । | ୯୯ତମ ଅଧ୍ୟାୟ |
| ୩. | ମୂଷାମାନେ ବଣ୍ଡାମାନଙ୍କର ଶତ୍ରୁ ହେଲେ କିପରି | ମୂଷାର କଥାରେ ବଣ୍ଡା ଦମ୍ପତ୍ତି ପୁତ୍ର ହତ୍ୟା କରିବାର କାହାଣୀ | ୯୯ତମ ଅଧ୍ୟାୟ |
| ୪. | ଧୁଙ୍ଗିଆ ଟାଣି ନିଶାସକ୍ତ ହେବାର କାରଣ | ଧୁଙ୍ଗିଆ ଗଛର ଉତ୍ପତ୍ତି | ୯୯ତମ ଅଧ୍ୟାୟ |
| ୫. | ମୃତ୍ୟୁ ପରବର୍ତ୍ତୀ ଜୀବନରେ ବିଶ୍ୱାସ | ଧରମ୍ ପାଣି ଓ ପାପା ପାଣି କାହାଣୀ | ୧୦୭ତମ ଅଧ୍ୟାୟ |

ଉପରୋକ୍ତ ସାରଣୀରେ ସ୍ଥାନିତ ପାଞ୍ଚଗୋଟି କାହାଣୀକୁ ଲକ୍ଷ୍ୟ କଲେ ଆମେ ବୁଝି ପାରିବା ଯେ ତିନୋଟି କାହାଣୀ ବଣ୍ଡା ଜନଜାତିର ଖାଦ୍ୟାଭ୍ୟାସ ସହ ସଂପୃକ୍ତ ଥିବା ବେଳେ ଗୋଟିଏ କାହାଣୀ ବଣ୍ଡାମାନଙ୍କର ମନସ୍ତାତ୍ତ୍ୱିକ ବିଚାର ଓ ଆଉ ଗୋଟିଏ କାହାଣୀ ପାରତ୍ରିକ ଜୀବନବୋଧର ବିଚାର ପ୍ରଦାନ କରିଥାଏ।

ଗୁରାଙ୍ଗପୋଇ ଜଣେ ଉପଦେବତା ଯିଏ କି ସନାତନ ହିନ୍ଦୁଧର୍ମରେ ଥିବା କାମଦେବଙ୍କ ଭୂମିକା ନିର୍ବାହ କରିଥାଆନ୍ତି । ଯୁବକ ଯୁବତୀଙ୍କର ସ୍ୱପ୍ନରେ ଆସି ତାଙ୍କୁ ସୃଷ୍ଟି ଲୀଳା ଶିକ୍ଷା ଦେଇଥା'ନ୍ତି । ମହାପ୍ରୁ ନିଜ ଶରୀରର ମଳିରୁ ଦୁଇଟି ମଣିଷ ମୂର୍ତ୍ତି ତିଆରି କରିଥିଲେ । ସେହି ପୁରୁଷ ଓ ନାରୀ ମୂର୍ତ୍ତି ଦ୍ୱୟ ହେଉଛନ୍ତି ଗୁରାଙ୍ଗପୋଇ।

ଉପନ୍ୟାସର ୯୯ତମ ଅଧ୍ୟାୟରେ ଧାନଗଛର ସୃଷ୍ଟି, ମୂଷାକୁ ଖାଦ୍ୟ ରୂପେ ଗ୍ରହଣ କରିବାର କାରଣ ଓ ଧୁଙ୍ଗିଆ ଗଛର ଉତ୍ପତ୍ତି ତିନୋଟି କାହାଣୀ ରହିଛି। ଏଲ୍‌ୱିନ୍‌ଙ୍କ ରଚିତ Tribal Myths of Orissa ଖାଦ୍ୟ ଓ ମାଦକଦ୍ରବ୍ୟ ସୃଷ୍ଟି ସମ୍ବନ୍ଧୀୟ କାହାଣୀକୁ ଲେଖିକା ଗ୍ରହଣ କରିଛନ୍ତି । ତତ୍ ସହିତ ମୂଷାକୁ ଖାଦ୍ୟ ରୂପେ ଗ୍ରହଣ କରିବାର କାରଣଟି ମଧ୍ୟ ସଂଯୁକ୍ତ କରିଛନ୍ତି।

ଚାରିଗୋଟି ସାରଣୀ ମଧ୍ୟରେ ସର୍ବମୋଟ ୧୯ ଗୋଟି ଆଦିବାସୀୟ ମିଥ୍ ରହିଛି । ଏହି ଉଣେଇଶଗୋଟି ମିଥ୍ ବ୍ୟତୀତ ଆଉ କେତୋଟି ମିଥ ମଧ୍ୟ 'ଆଦିଭୂମି' ଉପନ୍ୟାସର ବିସ୍ତୃତ ଅୟନ ମଧ୍ୟରେ ଥାଇପାରେ । ତେବେ ମୋର ବିନମ୍ର ମତ ହେଉଛି ଯେ ଲେଖିକା ପ୍ରତ୍ୟେକଟି ମିଥ୍‌କୁ ସେମାନଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ତଥା ଧାର୍ମିକ ଓ ସାଂସ୍କୃତିକ ଆଚରଣ ସହ ସଂଯୁକ୍ତ କରିଛନ୍ତି ।




ପାର୍ଶ୍ୱସ୍ଥ ଚିତ୍ରଟିରେ ଯେଉଁ ବୃକ୍ଷଟିର ଚିତ୍ର ରହିଛି ତାହା ରୂପକାତ୍ମକ । ବୃକ୍ଷର ପ୍ରଥମ ଭାଗ ହେଉଛି ଆଦିଭୂମି ଉପନ୍ୟାସର ପଶ୍ଚିମ ଭାଗ । ଯେଉଁ ଅଂଶରେ ସର୍ବାଧିକ ଏକାଦଶ ଗୋଟି ମିଥ୍ ରହିଛି । ପଶ୍ଚିମଭାଗକୁ ତେଣୁ ଆଦିଭୂମି ଉପନ୍ୟାସର ଆଦିମୂଳ ରୂପେ ଗ୍ରହଣ କରାଯାଇଛି । ଦ୍ୱିତୀୟ ଓ ତୃତୀୟ ଭାଗ ଅର୍ଥାତ୍ ପୂର୍ବ ଓ ଦକ୍ଷିଣକୁ ଯଥାକ୍ରମେ ଗଛର ଗଣ୍ଡି କୁହାଯାଇପାରିବ । ଯେଉଁ ଅଂଶଟି ମୂଳରୁ ରସ ଗ୍ରହଣ କରି ଉର୍ଦ୍ଧ୍ୱାୟିତ ହୋଇଛି। ଏହି ଦୁଇଟି ଭାଗରେ ଯଥାକ୍ରମେ ୮୨ ଓ ୧୦୧ ଗୋଟି ପୃଷ୍ଠାଥିବା ବେଳେ ଚତୁର୍ଥ ଭାଗରେ ରହିଛି ପତ୍ରପୁଷ୍ପ ବିମଣ୍ଡିତ ସର୍ବାଧିକ ବିସ୍ତୃତାଂଶ। ଏହାପରେ ଲେଖିକା 'ଅନନ୍ତର' ଶୀର୍ଷକରେ ଗୋଟିଏ ପଞ୍ଚମଭାଗ ପରିକଳ୍ପନା କରିଛନ୍ତି ଯେଉଁଥିରେ ୧୧୮ ତମ ଅଧ୍ୟାୟ ଅର୍ଥାତ ଏକମାତ୍ର ଅଧ୍ୟାୟ ରହିଛି । ଯେଉଁଠି ଲେଖିକା ବଣ୍ଡା ରାଜା ସୋମା ମୁଦୁଲିର ମୃତ୍ୟୁ ଓ ବଣ୍ଡା ପରାଜ ସୋମା ସୀସାର ମୃତ୍ୟୁ ପରେ ରୋମୋ ସୋମା ଜନ୍ମ ନେବା ପ୍ରସଙ୍ଗ ସୂଚନା ଦେଇଛନ୍ତି । ରାଜନୀତିର କୂଟ ଚକ୍ରାନ୍ତ ରେମୋ ଅର୍ଥାତ ମଣିଷ କି ମଣିଷପଣିଆକୁ ମାରିପାରିବ ନାହିଁ । ତେଣୁ ଲେଖିକା ମୃତ୍ୟୁରେ ନୁହେଁ ଜନ୍ମରେ ଉପନ୍ୟାସଟିକୁ ଶେଷ କରିଛନ୍ତି । ଔପନ୍ୟାସିକାଙ୍କର ଆନ୍ତରିକ ଅନୁଭବ ହେଉଛି ଯେ ନିଜକୁ 'ରେମୋ' ନାମରେ ପରିଚିତ କରୁଥିବା ବଣ୍ଡା ଜନଜାତି ସେମାନଙ୍କର ଉତ୍ସ ସହ ସଂଯୁକ୍ତ ହୋଇ ରହିଲେ ହିଁ ନିଜର ଅସ୍ତିତ୍ୱ ବଜାୟ ରଖିପାରିବେ।

ଆଦିବାସୀୟ ମିଥ୍‌ର ବିଶ୍ୱସ୍ତ ପ୍ରୟୋଗ ଆଲୋଚ୍ୟ ଉପନ୍ୟାସର ପ୍ରମୁଖ ଦିଗ । ଉପନ୍ୟାସର ପ୍ରଥମ ଭାଗରେ ପ୍ରଦତ୍ତ ଏକମାତ୍ର ମିଥ୍ ରୂପୀ ନିଷେଧାଜ୍ଞାର ଲକ୍ଷ୍ମଣ ରେଖାତିକ୍ରମଣ କିପରି ବଣ୍ଡାରମଣୀମାନଙ୍କ ପ୍ରତି କଷ୍ଟଦାୟକ ହୋଇଛି, ତାହା ଉଲ୍ଲେଖ କରିବା ଲେଖିକାଙ୍କର ଦୂରଦୃଷ୍ଟିର ଅଭାବ ବା ଭୀରୁତ୍ୱ ନୁହେଁ । ବରଂ ସଭ୍ୟତା ନାମରେ ବଣମୁଲକରେ ଯେଉଁ ଶ୍ୱେନ ଦୃଷ୍ଟିପାତ ଘଟେ ତାହା ଯେ ହାନୀକାରକ ଏହା ଲେଖିକା ହୃଦୟଙ୍ଗମ କରିଛନ୍ତି । ତେଣୁ ସେମାନେ ନିଜ ବିଶ୍ୱାସର ପରିଧି ମଧ୍ୟରେ ଅକ୍ଷୁର୍ଣ୍ଣ ଜୀବନ ବଞ୍ଚନ୍ତୁ ଏହି ଆଶା ପୋଷଣ କରିଛନ୍ତି । ଗୋଟିଏ ମିଥ୍‌ର ଅତିକ୍ରମଣ ନିମନ୍ତେ ଲେଖିକା କିପରି ସ୍ୱୀୟ ବର୍ଣ୍ଣନାଚାତୁରୀ ପ୍ରଦର୍ଶନ କରିଛନ୍ତି, ତତ୍ ସମ୍ବନ୍ଧୀୟ ବିଚାର ନିମ୍ନରେ ପ୍ରଦାନ କରାଗଲା ।

ଉପନ୍ୟାସର ପ୍ରଥମ ଭାଗ ଅନ୍ତର୍ଗତ ପଞ୍ଚମ ଅଧ୍ୟାୟରେ ସୀତା ଠାକୁରାଣୀଙ୍କ ଅଭିଶାପ ହେତୁ ବଣ୍ଡା ରମଣୀ ଉଲଗ୍ନା ରହିବା ମିଥଟି ପ୍ରଦାନ କରାଗଲା । ଦକ୍ଷିଣଭାଗର ପ୍ରଥମ ଅଧ୍ୟାୟ ଅର୍ଥାତ ତେପନତମ ଅଧ୍ୟାୟରେ ବଣ୍ଡା ଉନ୍ନୟନ ପ୍ରକଳ୍ପର ଅଷ୍ଟମ ଅଧିକାରୀ ଶ୍ରୀ ସୀତାନାଥ ସାହୁ ଖଇରପୁଟ ବ୍ଲକ ଅଫିସରେ ଅବସ୍ଥାନ କରୁଥିବାର ସୂଚନା ରହିଛି। ତାଙ୍କ ପୂର୍ବରୁ ଏହିପରି ରାଜଧାନୀରୁ ଆସିଥିବା ସାତଜଣ ଅଧିକାରୀ ବଣ୍ଡା ପର୍ବତରେ ପାଦ ନ ଦେଇ ଲେଉଟି ଯାଇଛନ୍ତି। ସୀତାନାଥ କିନ୍ତୁ ମଣିଷରୂପୀ ସେହି ପଶୁମାନଙ୍କୁ ଦେଖିବା ପାଇଁ ଚାହାନ୍ତି । ଦୃଢ଼ ସଂକଳ୍ପବଦ୍ଧ ସୀତାନାଥ ପରିଶେଷରେ ବଣ୍ଡା ରାଜ୍ୟରେ ପଦାର୍ପଣ କରିଛନ୍ତି । ଉପନ୍ୟାସର ଅଠାବନତମ ଅଧ୍ୟାୟରେ ସୀତାନାଥ ସବୁ ଗାଁର ନାଇକ, ମୁଦୁଲିପଡ଼ାର ଦିସାରି ସୋମା ମୁଦୁଲି, ପ୍ରୋଜେକ୍ଟ ଅଫିସର ସମସ୍ତଙ୍କୁ ଏକତ୍ର କରି ଗୋଟିଏ ସଭା ଡାକିଲେ । ଯେଉଁ ସଭାରେ ଯୋଡ଼ ହସ୍ତରେ କହିଲେ, "ମୁଁ ମୋର ବଣ୍ଡୁଣୀ ଭଉଣୀମାନଙ୍କୁ

ଶାଢ଼ୀ ପିନ୍ଧାଇବି । ସରଦାର ଦଶଖଣ୍ଡ ଶାଢ଼ୀ ଦେଇଛନ୍ତି, ଆଉରି ଦେବେ । ଶାଢ଼ୀ ପିନ୍ଧିଲେ ଦେହରେ ମାଇକାକର ଲାଗିବନି, ମଳିଧୂଳି ଲାଗିବନି ।"[୨୨]

ସୀତାନାଥବାବୁ ଶାଢ଼ୀ ପରିଧାନର ଉପକାରିତା ବିଷୟରେ ଆଉ କିଛି କହିବା ପୂର୍ବରୁ ସୋମା ମୁଦୁଲି ବଙ୍କୁଲି ବାଡ଼ି ହଲେଇ ହଲେଇ ନାଚି ନାଚି ଚିତ୍କାର କରି କହିଲା ଯେ ଶାଢ଼ୀ ପିନ୍ଧିଲେ ବଣ୍ଡା ମୁଲକରେ କୁଶ କଅଁଳିବନି । ଏଇଠୁ ଆରମ୍ଭ ହୋଇଛି ମିଥ୍ ହନନର ପ୍ରଥମ ପ୍ରହାର । ସେଦିନ ସଭାରେ ସୀତାନାଥ ବିଫଳ ହେବା ପରେ ଗାଁ ଗାଁ ରେ ପ୍ରଚାର କରନ୍ତି ଯେ ପ୍ରୋଜେକ୍ଟ ଅଫିସରେ ବିଭିନ୍ନ କାମ ଅଛି । ବଣ୍ଡୁଣୀମାନେ ଆସି କାମ କଲେ ମାସିକ ଦୁଇ ଶହ ଟଙ୍କା ପାଇବେ । ପରବର୍ତ୍ତୀ ଅଧ୍ୟାୟରେ ଆଦିବାରୀ ଟୋକୀ, ସୋମ୍‌ବାରୀ ଟୋକୀ ଓ ମଂଗ୍‌ଲି ଟୋକୀ ସଞ୍ଜ ସଞ୍ଜ ଲିଡରବାବୁଙ୍କ କାର୍ଯ୍ୟାଳୟକୁ ଯାଇଛନ୍ତି । ମାତ୍ର ସତର ଅଠର ବର୍ଷର ତିନି ଯୁବତୀ ପ୍ରୋଜେକ୍ଟରେ କାମ କରି ଅର୍ଥ ଉପାର୍ଜନ ନିମନ୍ତେ ଇଚ୍ଛା ପ୍ରକାଶ କରିଛନ୍ତି । ଲିଡର ବାବୁ ସର୍ତ୍ତ ରଖିଛନ୍ତି ପ୍ରୋକ୍ଟେର କାମ କରିବାକୁ ହେଲେ ଲମ୍ବା ଶାଢ଼ୀ ପିନ୍ଧିବାକୁ ହେବ । ମଙ୍ଗ୍‌ଲି ବାରଣ କରି କହିଛି, "ନାଇଁ ଲିଡର ବାବୁ, ଆମର ଚାକ୍‌ରି ନଇଲେ ନାଇଁ, ଆମେ ଶାଢ଼ୀ ନ ପିନ୍ଧୁ, ବାଲ ନ ରଖୁ ।" ସୀତାନାଥ ଗମ୍ଭୀର ବଦନରେ କହିଲେ ମତେ ତ କାଲି ରାତିରେ ସୀତା ଠାକୁରାଣୀ ସ୍ୱପ୍ନରେ ଆସି କହିଛନ୍ତ, "ବଣ୍ଡୁଣୀଙ୍କୁ ଶାଢ଼ୀ ପିନ୍ଧିବାକୁ କହ । ନଇଲେ ସଭ୍ୟଲୋକଙ୍କ ସଙ୍ଗେ ମିଶି ପାରିବନି ।" ଆଦିବାରୀ ତିନି ଯୁବତୀଙ୍କ ମଧ୍ୟରୁ ସବୁଠାରୁ ନରମ, କଅଁଳ ସ୍ୱରରେ ପଚାରିଛି ଏହା କ'ଣ ସତ ? ଲିଡରବାବୁଙ୍କ ମୁହଁରୁ ଦୁଇଥର ସତ ଶବ୍ଦ ଉଚ୍ଚାରିତ ହେବା ପରେ ଶାଢ଼ୀ ପିନ୍ଧିବା ପାଇଁ ସମ୍ମତି ପ୍ରଦାନ କରିଚନ୍ତି । କିନ୍ତୁ ସେଦିନ ଆଦିବାରୀ ଶାଢ଼ୀ ପିନ୍ଧିନି । ପଞ୍ଚାୟତର ରାୟକୁ ଅପେକ୍ଷା କରିଛି । ପଞ୍ଚାୟତରେ ବାଘବିନ୍ଧୁର ପ୍ରସ୍ତାବ ଅନୁସାରୀ ବଣ୍ଡୁଣୀ ସାନ ବେଳେ ଲୁଗା ପିନ୍ଧିବା ଓ କେଶ ରଖିବା ନିମନ୍ତେ ପ୍ରସ୍ତାବ ଦିଆଗଲା । ବିଭାଘର ଠିକ୍ ହେବା ପରେ ଅର୍ଥାତ ବାହାଘର ଖଡୁ ପିନ୍ଧିଲେ ସେ ଶାଢ଼ୀ ଛାଡ଼ି ରିଙ୍ଗା ପିନ୍ଧିବ ଓ ମୁଣ୍ଡରି ହୋଇ ଲୁବାୟା ପିନ୍ଧିବ ଏହି ସିଦ୍ଧାନ୍ତ ଗ୍ରହଣ କରାଗଲା ।

ବାସ୍ତବରେ ଏହି ମିଥକାଲ କାହାଣୀର ଅତିକ୍ରମଣ ପର୍ବ ଆରମ୍ଭ ହୋଇଛି ଉତ୍ତର ପର୍ଯ୍ୟାୟରେ । ଏକଷଠି ତମ ଅଧ୍ୟାୟରେ ଆଦିବାରୀ ଶାଢ଼ୀ ପିନ୍ଧିବାର ଦୃଶ୍ୟ ବର୍ଣ୍ଣିତ । ତାପରେ ସୋମ୍‌ବାରୀ ଓ ମଙ୍ଗଳୀ ମଧ୍ୟ ଶାଢ଼ୀ ପିନ୍ଧିଛନ୍ତି । ଆଦିବାରୀର ଫଟୋ ଖବର କାଗଜରେ ବାହାରିଚି । ଅଠସ୍ତରୀ ତମ ଅଧ୍ୟାୟରେ ଲେଖିକା ଅତ୍ୟନ୍ତ କରୁଣ ଦୃଶ୍ୟଟିଏ ଉପସ୍ଥାପନ କରି ଲେଖନ୍ତି, "ତ୍ରାକୋଣ୍ଡାର ସୂର୍ଯ୍ୟବୁଡ଼ା ପାହାଡ଼ କେନା ଭିତରୁ ମଲା ତାରାଟିଏ ନିସ୍ତେଜ ହୋଇ ଲଟକି ପଡ଼ିଲା । ସେଇ ପାହାଡ଼ର ଢାଲୁରେ ଗୋରୁ ଡଙ୍ଗର ପାଦ ଦେଶରେ ପଡ଼ିଲା ଗୋଟିଏ ମଲା ମଣିଷ ଛୁଆ - ଦିଶୁଥିଲା ଆଉ ଗୋଟେ ମଲା ତାରା ଭଳି । ଚେଁଟେଁଇ, କୁମ୍ଭାଟୁଆ, ଗୁଣ୍ଡୁରୀ, କାପ୍ତା, ବଣକୁକୁଡ଼ା, ମୟୂର, ରାମ୍ଫି (ବଣି), ଶିଗା (କାଉ), ଓରଲେ (ଶୁଆ) ମିଶାମିଶି ପକ୍ଷୀଙ୍କ ରାବରେ ଖଣ୍ଡମଣ୍ଡଳ ଉଚ୍ଛୁଳି ପଡୁଥିଲା । ମାତ୍ର ଛୁଆଟାର ଶବ୍ଦ ଶୁଭୁ ନ ଥିଲା । କାହା ଛୁଆ ? କେମିତି ମଲା ? ବଣ୍ଡା ପାହାଡ଼ରେ ଜନମଛୁଆର ତର୍ଣ୍ଣିଚିପା ମରଣ ଏଇ ପ୍ରଥମ - ପ୍ରକୃତିର ଆଉ ଏକ ନିୟମ କିଏ ଭାଙ୍ଗିଲା - କିଏ ?" ଏହି ଘଟଣା ପରେ ଆଦିବାରୀ ଓ ଗୁଲିଂବାବୁ ଦିହେଁ ବଣ୍ଡା ମୁଲକରୁ ଅଦୃଶ୍ୟ ହୋଇଗଲେ । କୁମାରୀ ମାତୃତ୍ୱ ଲାଭ କରିଥିଲା ଆଦିବାରୀ । ଦ୍ୱିତୀୟ ଶାଢ଼ୀ ପିନ୍ଧା ଝିଅ ସୋମ୍‌ବାରୀ ମଧ୍ୟ ସଭ୍ୟ ଜଗତଠାରୁ ଭିନ୍ନେ ହୋଇଗଲା । ତୃତୀୟ ଶାଢ଼ୀ ପିନ୍ଧା ଝିଅ ମଙ୍ଗ୍‌ଲୀ ମଧ୍ୟ ମଝି ଦରିଆରେ ଭାସୁଥିଲା ।

ସୁଲେଖିକା ପ୍ରତିଭା ଧାନଗଛର ଉତ୍ପତ୍ତି ମିଥ୍‌ଟିର ଭିନ୍ନ ବ୍ୟାଖ୍ୟା ପ୍ରାଦନ କରିଛନ୍ତି । ତାଙ୍କ ମତରେ ବଣ୍ଡା ମାଆ ଯେଉଁଦିନ ନିଜ ଭିତରେ ସନ୍ତାନର ଅବସ୍ଥିତି ଅନୁଭବ କଲା ସେଦିନ ଝୋଲା ପାଣିରେ ଛାତିରୁ ମାଳି ଛିଣ୍ଡେଇ ଥିଲା । ସେହି ମାଳିରୁ ଜନ୍ମ ନେଇଥିଲା ପୃଥିବୀର ପ୍ରଥମ ଶସ୍ୟ କେଣ୍ଡା ଧାନ; ଧାନରୁ ଜନ୍ମିଲା କିଆଙ୍ଗ (ଭାତ) । ମାତ୍ର ସେହି ମାତୃଜାତିର ଅନ୍ୟତମ ପ୍ରତିନିଧି ଆଦିବାରୀ ମୁଠାଏ ଭାତ ପାଇଁ ଖଦି ପିନ୍ଧି ନିଜର ଅସ୍ତିତ୍ୱ ହରାଇଲା । ବଣ୍ଡୁଣୀ ଯେତେଦିନ ପର୍ଯ୍ୟନ୍ତ ହାତବୁଣା ରିଙ୍ଗା ଓ ହାତବୁଣା ମାଳିରେ ନିଜର ଲଜ୍ୟା ନିବାରଣ କରୁଥିଲା ସେତେଦିନ ପର୍ଯ୍ୟନ୍ତ କେହି ତା'ର ଲାଜ ବୁଡ଼େଇବାକୁ ସାହସ କରୁନଥିଲେ । ଯେଉଁଦିନ ଆପଣାର ଲଜ୍ୟା ନିବାରଣ ପାଇଁ ବାହାର ଲୋକଙ୍କୁ ଆଶ୍ରା କଲା, ସେଇଦିନଠାରୁ ବଣ୍ଡୁଣୀର ବୁନିଆଦି ବୁଡ଼ିଗଲା ।

ଅତଏବ ଲେଖିକାଙ୍କର ଆପଣାର ଅନୁଭବ ହେଉଛି ଯେ ବର୍ଷ ବର୍ଷର ସରକାରୀ ଉଦ୍ୟମ, କୋଟିକୋଟି ସରକାରୀ ଅର୍ଥ, ମନ୍ତ୍ରୀ ଅଧିକାରୀମାନଙ୍କର ପୁନଃ ପୁନଃ ଗସ୍ତ ବଣ୍ଡା ଦେଶକୁ କଛି ଦେଇପାରିନି । ଉଭୟ ଯଙ୍ଗ ଜାତି ଓ ରେମୋ ବଂଶଧର କେବଳ ନିର୍ଯ୍ୟାତନା ସହି ଆସିଛନ୍ତି । ପ୍ରତିଭା ରାୟ ବୁଣ୍ଡୁଣୀମାନଙ୍କୁ ଅଗ୍ରଗାମୀ ନ କରିପାରିବା ତାଙ୍କ ଭୀରୁପଣର ବା ରକ୍ଷଣଶୀଳ ମାନସିକତା ନୁହେଁ ବରଂ ସତ୍ୟନିଷ୍ଠ ସାହସିକ ଉଚ୍ଚାରଣ । ରାଜନୀତି, ପ୍ରଶାସନ, ସମାଜସେବାଦି ବିଫଳତାକୁ ସେ ପ୍ରତ୍ୟକ୍ଷ କରିଛନ୍ତି । ତେଣୁ ଅନନ୍ତର ପର୍ଯ୍ୟାୟଟିଏ ସୃଜି ଦେଇ ସେ ମଣିଷ ତଥା ମଣିଷପଣିଆରେ ସଂଜୀବନ ନିମନ୍ତେ ବାର୍ତ୍ତା ପ୍ରଦାନ କରିଛନ୍ତି ।

"The Role of Myth in Life ପ୍ରବନ୍ଧରେ ଆଦିମ ଜନଜାତିର ମିଥ ସଂପର୍କରେ ସୂଚନା ପ୍ରଦାନ କରି କୁହାଯାଇଛି, "Myth as it

exists in a savage community, that is, in its living primitive form, is not merely a story told but a reality tired. It is not of the nature of fiction, such as we read today in a novel, but it is a living reality, believed to have once happended in primeval times, and continuing ever since to influence the world and human destinies." ୨୩

ଏହି କାରଣରୁ ଆଦିଭୂମି ଉପନ୍ୟାସରେ ଲେଖିକା ସମସ୍ତ ଆଦିବାସୀୟ ମିଥ ପ୍ରତି ଏକାନ୍ତ ବିଶ୍ୱସ୍ତ ଭାବ ପ୍ରକାଶ କରିଛନ୍ତି । ମିଥଗୁଡ଼ିକ ମାନବ ସଭ୍ୟତା ନିର୍ମାଣରେ ପ୍ରମୁଖ ଉପାଦାନ ରୂପେ ଗୃହୀତ ହୋଇଥାଆନ୍ତି । ଏହା କେବଳ ବୌଦ୍ଧିକ ବ୍ୟାଖ୍ୟା କି କଳ୍ପନାର ସୁବ୍ୟବସ୍ଥିତ ରୂପାୟନ ନୁହେଁ ବରଂ ଆଦିମ ବିଶ୍ୱାସ ତଥା ନୈତିକ ଜ୍ଞାନର ମୂଳାଧାର ହେଉଛି ଏହି କାହାଣୀ । ଏହା ମଣିଷର ବିଶ୍ୱାସକୁ ପରିବର୍ଦ୍ଧିତ, ପରିମାର୍ଜିତ ଓ ପରିପ୍ରକାଶ କରିବାରେ ସହାୟକ ହୋଇଥାଏ । ନୈତିକ ମୂଲ୍ୟବୋଧ ନିମନ୍ତେ ସୁରକ୍ଷାପ୍ରଦ ହେବା ସହ ଏଗୁଡ଼ିକ କର୍ମକାଣ୍ଡକୁ ସୁଦୃଢ଼ କରି ମଣିଷ ନିମନ୍ତେ ଗୋଟିଏ ପ୍ରକୃତ ଜୀବନଧର୍ମୀ ମାର୍ଗଦର୍ଶିକା ପ୍ରସ୍ତୁତ କରିଥାଏ ।

**ପ୍ରାନ୍ତଟୀକା :**

୧. Colonial Modernity, Formation of the Nation. State and tribal identity : Loaclizing the identity of Bonda Women in Prativa Ray's Adibhumi - Sarat Kumar Jena - P - 125.

୨. It remained for Dr. C. Von Fiirer - Haimendrof to win the honour of being the discoverer, in an ethnographic sense of the Bonda. (Bonda Highlander - Verrier Elwin (Preface).

୩. Colonial Modernity, Formation of the Nation. State and tribal identity : Loaclizing the identity of Bonda Women in Prativa Ray's Adibhumi - Sarat Kumar Jena - P - 125.

୪. ବଣ୍ଡା ଇତିହାସ ପୃ.-୨୯

୫. କୋରାପୁଟର ଆଦିବାସୀ ଲୋକସଂସ୍କୃତି - ପୃ.୫୮

୬. ଆଦିଭୂମି - ପୃ.୩୦

୭. ଆଦିଭୂମି ପୃ. ୩୫ ଓ ୩୬

୮. Bonda Highlander ପୃ.୧୪

୯. Bonda Highlander ପୃ.୩

୧୦. ଆଦିଭୂମି ପୃ. ୪୬

୧୧. ଆଦିଭୂମି ପୃ. ୧୫୫

୧୨. ଆଦିଭୂମି ପୃ. ୬୬

୧୩. ବଣ୍ଡା ଓ ପରଜା ଜନଜାତିର ଜୀବନଧାରା - ଡଃ କିଶୋର ଚନ୍ଦ୍ର ଦାସ ପୃ. ୭୧

୧୪. Bonda Highlander ପୃ. ୧୧୬

୧୫. Bonda Highlander, P-B9/140

୧୬. Ibid P - 15

୧୭. ଆଦିଭୂମି ପୃ. - ୬୦

୧୮. ଆଦିଭୂମି ପୃ. - ୭୦

୧୯. ରାଜଗୁରୁ ଡ. ସତ୍ୟନାରାୟଣ - କଳିଙ୍ଗରେ ଆଦିବାସୀ ସଂସ୍କୃତିର କ୍ରମବିକାଶ - କୋଣାର୍କ - ୯୧ ତମ ସଂଖ୍ୟା ଡିସେମ୍ବର - ୯୩ ପୃ. ୩, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର

୨୦. Bonda Highlander ପୃ. ୧୫୧

୨୧. ଆଦିଭୂମି ପୃ. ୩୮୨

୨୨. ଆଦିଭୂମି ପୃ. ୩୬୮

୨୩. ଆଦିଭୂମି ପୃ. ୪୪୧

୨୪. Myth in Primitive Psychology - Bronislaw Malinowski

**ସହାୟକ ଗ୍ରନ୍ଥସୂଚୀ :**

୧. Gendered ways of Transnational un-belonging from a comparative litere. Edited by Indrani Mukherjee, Java Singh.

୨. ଆଦିଭୂମି - ପ୍ରତିଭା ରାୟ, ପଞ୍ଚମ ସଂସ୍କରଣ - ୨୦୧୯, ଆଦ୍ୟା ପ୍ରକାଶନୀ, ୨୭ ଗଜପତି ନଗର

୩. Myth in Primitive Psychology - Bronislaw Malinowshki - http://rcin/.org.pl

୪. Tribal Myths of Orissa - Part 1 / Part 2) Verrier Elwin - Oxford University Press, First Published - 1954.

୫. Bonda Highlander - Verrier Elwin - Published by Gyana Publishing House - 2018.

୬. ବଣ୍ଡା ଓ ପରଜା ଜନଜାତିର ଜୀବନଧାରା – ଡଃ କିଶୋର ଚନ୍ଦ୍ର ଦାସ, ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଇଭେଟ ଲିମିଟେଡ – ପ୍ରଥମ ପ୍ରକାଶନ ୨୦୧୩।

୭. କୋରାପୁଟର ଆଦିବାସୀ ଲୋକସଂସ୍କୃତି – ଡକ୍ଟର ରାଜେନ୍ଦ୍ର ପାଢ଼ୀ – ସୁବର୍ଣ୍ଣ ଶ୍ରୀ ପ୍ରକାଶନୀ – ପ୍ରଥମ ସଂସ୍କରଣ – ୨୦୦୯।

୮. ବଣ୍ଡା ଇତିହାସ – ପ୍ରଣେତା – ଶ୍ରୀ ଲକ୍ଷ୍ମଣ ମାନଦୋରା – ଜଗତ୍‌ଜନନୀ ଅଫ୍‌ସେଟ ପ୍ରିଣ୍ଟର୍ସ, ଜୟପୁର ।

୯. ପାହାଡ଼ର ଆଲୋକ – ଶ୍ରୀ ଭାଗିରଥୀ ପାତ୍ର – ପ୍ରକାକ – ମୟୂରଚନ୍ଦ୍ରିକା ସାହିତ୍ୟ ସଂସଦ – ପ୍ରଥମ ସଂସ୍କରଣ – ୧୯୯୭।

୧୦. ବଣ୍ଡା – ଭାଗୀରଥି ନେପାକ, କଳିଙ୍ଗ ଷ୍ଟୁଡେଣ୍ଟସ୍ ଷ୍ଟୋର୍ – ପ୍ରଥମ ସଂସ୍କରଣ – ୨୦୦୧।

୧୧. ନୃତାତ୍ତ୍ୱିକ ଓ ସମାଜ ତାତ୍ତ୍ୱିକ ପ୍ରବନ୍ଧାବଳୀ – ଶ୍ରୀ ଚିତ୍ରସେନ ପଶାୟତ, ପ୍ରକାଶକ – ଓଡ଼ିଆ ଗବେଷଣା ପରିଷଦ – ପ୍ରଥମ ପ୍ରକାଶ – ୧୯୯୯

୧୨. ଆଦିବାସୀ ନାଚ ଓ ଗୀତ – ରଂଜନ ପ୍ରଧାନ, ପ୍ରକାଶକ – କ୍ରିଏଟିଭ ଓଡ଼ିଶା, ପ୍ରଥମ ମୁଦ୍ରଣ – ୨୦୧୨।

୧୩. ଜୟପୁର – କବି ଶେଖର ଚିନ୍ତାମଣି ମହାନ୍ତି – ପ୍ରକାଶକ ଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରଥମ ପ୍ରକାଶ – ୧୯୯୬।

୧୪. ନୃବର୍ଣ୍ଣନ – ଡକ୍ଟର ମନମୋହନ ମହାପାତ୍ର – ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ଓ ପ୍ରକାଶନ ସଂସ୍ଥା – ୧୯୭୪।


❖ ❖ ❖

DOI :https://doi.org/10.5281/zenodo.13924347 ମୂଳ ପ୍ରବନ୍ଧ

# ଜୀବନର ଆଶ୍ୱାସନା ଓ ଅନ୍ତରର ନୀରବତା ଦିହକର କଥା

## (ରାସେଶ୍ୱରୀ ମିଶ୍ରଙ୍କ ଆତ୍ମଜୀବନୀ "ଦିହକର କଥା")

ପରୀକ୍ଷିତ ଭୋଇ

**ସଂକ୍ଷିପ୍ତସାର:**

ଓଡ଼ିଆ ଆତ୍ମଜୀବନୀ ଲେଖିକା ଭାବରେ ଏକବିଂଶ ଶତାବ୍ଦୀରେ ଯୋଡ଼ି ହୋଇଛନ୍ତି ରାସେଶ୍ୱରୀ ମିଶ୍ର। ତାଙ୍କର ଆତ୍ମଜୀବନୀ ପାରିବାରିକ ହୋଇଥିଲେ ବି ତତ୍‌କାଳୀନ ଅନେକ ଘଟଣାର ଏକ ସମାହାର। ଘର-ଚାରିକାନ୍ଥ ଭିତରେ ଯେ ବହୁ ଘଟଣା ରହିଛି, ତାହା ଆତ୍ମଜୀବନୀରୁ ସ୍ପଷ୍ଟ ଜଣାପଡେ। ତାଙ୍କର ଅଠାଅଶୀ ବର୍ଷ ବୟସରେ ସେ ଏଭଳି ପୁସ୍ତକର ରଚନା ନିଶ୍ଚୟ ପ୍ରଶଂସାର ବିଷୟ। ଏହା ପୁସ୍ତକାରରେ ପ୍ରକାଶ ପାଏ ୨୦୧୯ ମସିହରେ। ପୁସ୍ତକରେ ଦୀର୍ଘ ୯୦ ବର୍ଷର ଇତିହାସ ରହିଛି। ଘରକରଣା, ଶିକ୍ଷା, ସମ୍ମାନ ଓ ତତ୍‌କାଳୀନ ପରିବେଶର ଏକ ଧାରଣା। ବଲାଙ୍ଗିର ଇତିହାସ କ୍ଷଣେ କ୍ଷଣେ ପରିଲକ୍ଷିତ ହୁଏ। ଘର, ପରିବାର ତଥା ସମ୍ପର୍କ ଯେତେ ଦୃଢ ରହିବ ସେତେ ସମାଜ, ରାଷ୍ଟ୍ର ଓ ବିଶ୍ୱର କଲ୍ୟାଣ ହେବ। ସେଥିପାଇଁ କୁହନ୍ତି "Life blood of a people's not too dear a piece to secure Justic for their progery. ଲେଖିକାଙ୍କ ଲେଖାରୁ ପ୍ରମାଣିତ ଜଣେ ନାରୀର ମମତ୍ୱ ଓ କର୍ତ୍ତବ୍ୟପରାୟଣ ଦାୟିତ୍ୱବୋଧ। ତାଙ୍କର ପୁଅଠାରୁ ଝିଅଙ୍କ ପର୍ଯ୍ୟନ୍ତ ସମସ୍ତେ ଭିନ୍ନଭିନ୍ନ କ୍ଷେତ୍ରରେ ନାମ କରିଛନ୍ତି। ଏସବୁ କେବଳ ଜଣେ ନାରୀ ଉପରେ ନିର୍ଭର କରେ। ଏତିକି ଦିନ ପର୍ଯ୍ୟନ୍ତ ସମାଜ ସେବା, ରାଜନୀତି, ଇତିହାସ, ବିଜ୍ଞାନ, ସାହିତ୍ୟ ଓ ଶିକ୍ଷା ଇତ୍ୟାଦି ବିଷୟ ଆଧାରିତ ଆତ୍ମଜୀବନୀ ଦେଖିବାକୁ ମିଳୁଥିଲା। ପ୍ରଥମକରି ସେସବୁରୁ ଦୂରେଇ ରହିଥିବା ତଥା ରୋଷେଇ ଓ ଚାରିକାନ୍ଥ ଭିତରେ ଥିବା କଥା ଲେଖିଲା। ରାସେଶ୍ୱରୀ ମିଶ୍ର 'ଦିହକର କଥା'ରେ ଲେଖିବାକୁ ସତ୍ ସାହସ ସହ ଆଗକୁ ବଢିଛନ୍ତି।

**ମୁଖ୍ୟଶବ୍ଦ :**

ଘରକରଣା, ଅହଂଭାବ, ଅର୍ଜନ, ଗାଁସାରା, ଆତ୍ମସ୍ମୃତ, ଆତ୍ମ ପରିକ୍ଷଣ, ମନ୍ତୁରା, ଧର୍‌ସା, ଗୁନିଆ, କଳାସି, ଆବୁଡ଼ାଖାବୁଡ଼ା, ଅଣ୍ଡିରା, ଔଷଧମୁଣା, ଭୂତଘଉଡ଼ା, ବଏଲା, ସୁରତା, ଏକାନ୍ନବର୍ତ୍ତୀ

## ଉପକ୍ରମ :

ଆତ୍ମଜୀବନୀ ହେଉଛି ଏକ ସମୟଖଣ୍ଡର ଇତିହାସ। ଲେଖକର ଅନୁଭୂତି, ସଫଳ ଓ ବିଫଳର ବିବରଣୀ ତଥା ଦୁଃଖସୁଖର ସ୍ମୃତିଲିପି। ଲେଖକ ବ୍ୟକ୍ତି କଥା କହୁକହୁ ତତ୍‌କାଳୀନ ସମୟର ଅନେକ ଘଟଣା ପରିବେଶକୁ ଆଙ୍କି ଦେଇଥାଏ। ତା' ଭିତରୁ ବାରିହୋଇଯାଏ ସାମାଜିକ, ସାଂସ୍କୃତିକ ଓ ଅର୍ଥନୀତି ଅବସ୍ଥା, ଏହା ମଣିଷର ପ୍ରବୃତ୍ତି। ତା'ର ନିଜ କଥାକୁ ଅନ୍ୟକୁ ଶୁଣାଇଲେ ଆତ୍ମତୃପ୍ତି ଅନୁଭବ କରେ। ସେଥିରେ ମୁଁ, ମୋର, ମୋତେ ଇତ୍ୟାଦି ନିଜ ଅହଂଭାବ ପରିଲକ୍ଷିତ ହୋଇଥାଏ। 'ଅଙ୍ଗେ ଯାହା ନିଭାଇଛି' ଆତ୍ମଜୀବନୀ ପୁସ୍ତକରେ କାଳିନ୍ଦୀଚରଣ ପାଣିଗ୍ରାହୀ କୁହନ୍ତି "ପୁଣି ସତ ହେଉ କି ମିଛ ହେଉ, ଆତ୍ମଜୀବନୀ ବୋଇଲେ ଆରମ୍ଭରୁ ଶେଷଯାକେ ଖାଲି ମୁଁ, ମୋର,

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.13924347
Article No - BPP00231

**ଯୋଗାଯୋଗ :**
**ପରୀକ୍ଷିତ ଭୋଇ**, ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଅମୃତ ବିହାର, ସମ୍ବଲପୁର -୦୪
**E-Mail ID:** Gmail-parikhitabhoi@gmail.com
**ORCID ID:** https://orcid.org/0009-0004-6261-6019

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୮.୨୦୨୪ | ୧୭.୯.୨୦୨୪ | ୨୫.୯.୨୦୨୪ | ୧.୧୦.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଭୋଇ, ପରୀକ୍ଷିତ; ୨୦୨୪ ।ଜୀବନର ଆଶ୍ୱାସନା ଓ ଅନ୍ତରର ନୀରବତା ଦିହକର କଥା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଛ , ପୃଷ୍ଠା : ୫୧-୫୬।

ମୋତେ। ବହୁ ଘଟଣା ଓ ଚରିତ୍ର ସୃଷ୍ଟି ଭିତରେ କେଉଁ ଲେଖକର ଲେଖା ଅବା ଏହି ମୁଁ, ମୋର, ମୋତେରୁ ବିମୁକ୍ତ କି?[୧] ସେ ଯାହାହେଉ ସଫଳ ଆତ୍ମଜୀବନୀ ନିର୍ଭର କରେ ଲେଖକର ଦୋଷ-ଗୁଣ ତଥା ଅନ୍ଧକାର ଓ ଆଲୁଅ ଉପରେ, ଭିନ୍ନ ଅର୍ଥରେ କହିଲେ ଆତ୍ମଜୀବନୀ ଲେଖିବା ହେଉଛି ଆତ୍ମ ପରିକ୍ଷଣ କରିବା। ଉକ୍ତ ବ୍ୟକ୍ତି ସମାଜର କୌଣସି ଦିଗରେ ପ୍ରତିଷ୍ଠା ଅର୍ଜନ କରିଥିଲେ ଆତ୍ମଜୀବନୀଟି ସଫଳ ହେବାରେ ସାହାଯ୍ୟ କରିଥାଏ। ସେଥିପାଇଁ ଉପସ୍ଥାପନା ଶୈଳୀ ମଧ୍ୟ ଉତ୍ତର ଦାୟି ହୋଇରୁହେ ଏବଂ ନୂତନ ଜୀବନ ସନ୍ଧାନ କରେ ଆତ୍ମଜୀବନୀକାର।

ତଥ୍ୟ ଦେଇ ତଥ୍ୟର ଉଜ୍ଜ୍ୱଳିତ ପ୍ରକାଶ ପାଇପାରିଲେ ତାହା ଉପାଦେୟ ଆତ୍ମଜୀବୀନୀ ହୋଇଥାଏ। ଏଯାବତ୍ ଭାରତବର୍ଷ ତଥା ଓଡ଼ିଶାରେ ବହୁ କମ୍ ଆତ୍ମଜୀବନୀ ସଫଳ ଓ ଶିକ୍ଷାପ୍ରଦ ହୋଇପାରିଛି। "If autobiography in one sense history then one can turn that around and say that history is also autobiography, and in a double scene the makers of history, or these through when history is made, could find in their autobiographies, the history of their time achieved in action and speech; and the writers of history organise the vents of which they write according to and out of their own private necessities and the state of their own selves."[୨]

ମଣିଷ ପ୍ରବୃତ୍ତି, ଶୁଣିବା ଓ ଶୁଣାଇବାରୁ ହିଁ ଆତ୍ମଜୀବନୀର ସୃଷ୍ଟି। ପ୍ରାଚୀନ କାଳରେ ଅତୀତ କଥାକୁ କହି ଲେଖକମାନେ ନିଜର ପରିଚୟ ପ୍ରଦାନରୁ ଆଧୁନିକ ଆତ୍ମଜୀବନୀର ବିଶାଳତା ପରିପ୍ରକାଶ ପାଇଛି। ଲେଖକମାନଙ୍କର ସେଇ ପ୍ରକାରର ଲେଖାଟିକୁ କବି ଟିପ୍‌ପଣୀ ମଧ୍ୟ କୁହାଯାଇଥିଲା। ବଙ୍ଗଳାର ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଲିଖିତ 'ଜୀବନ ଚରିତ' କୁ ଫକୀରମୋହନ ସେନାପତି ଓଡ଼ିଆରେ ଅନୁବାଦ କରିବା ପରେ ତାଙ୍କ ଦ୍ୱାରା ରଚିତ ହୁଏ 'ଆତ୍ମ ଚରିତ' ସଫଳ ଓ ବିଫଳ ଏବଂ ପୂର୍ଣାଙ୍ଗ ଓ ଅପୂର୍ଣ୍ଣାଙ୍ଗ ରୀତିରେ। ସେଠାରୁ ଏଯାବତ୍ ଓଡ଼ିଆ ଆତ୍ମଜୀବନୀ ସୃଷ୍ଟି ହୋଇଚାଲିଛି ନୀରବଚ୍ଛିନ୍ନ ଭାବରେ। ଓଡ଼ିଆ ସାହିତ୍ୟରେ ଆତ୍ମଜୀବନୀର ଶୁଭଶଙ୍ଖ ବଜାଇଥିଲେ ଫକୀର ମୋହନ ସେନାପତି । ଏହା ପୂର୍ବରୁ ପ୍ରାଚୀନ କାଳରେ କବିମାନେ କାବ୍ୟ କବିତା ମାନଙ୍କରେ ନିଜର ପରିଚୟ ଦେଉଥିଲେ ମଧ୍ୟ ଏହାକୁ ଆତ୍ମଜୀବନୀ କହିପାରିବା ନାହିଁ । ସ୍ୱାଧୀନତା ପୂର୍ବରୁ ପୁସ୍ତାକାରରେ ପ୍ରକାଶ ପାଇଥିବା ଆତ୍ମଜୀବନୀ ମଧ୍ୟରୁ ଫକୀର ମୋହନଙ୍କ 'ଆତ୍ମଚରିତ', ଚିନ୍ତାମଣି ମହାନ୍ତିଙ୍କ 'ଜୀବନ ପଞ୍ଜିକା' ଓ ଗୋବିନ୍ଦ ମିଶ୍ରଙ୍କ 'ଜାତୀୟ ଜୀବନର ଆତ୍ମବିକାଶ' ଲୋକଲୋଚନକୁ ଆସେ । ଏତଦ୍ ବ୍ୟତୀତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ 'ପ୍ରହାରଜ ପରିକ୍ରମା', ଶଶୀଭୂଷଣ ରାୟ, ଲକ୍ଷ୍ମୀକାନ୍ତ ମହାପାତ୍ର, ରାଧାନାଥ ରାୟ, ଗଙ୍ଗାଧର ମେହେରଙ୍କ ଗ୍ରନ୍ଥଗୁଡ଼ିକରେ ଆତ୍ମଜୀବନୀର ଆଭାସ ପାଇଥାଉ । ସେଥିରୁ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱକୁ ଜାଣିବା ଓ ପରୀକ୍ଷା କରିବାକୁ ପାଠକଙ୍କୁ ସୁଯୋଗ ମିଳେ ।

ଚିନ୍ତାମଣି ମହାନ୍ତି, ଗୋବିନ୍ଦ ମିଶ୍ରଙ୍କ ପରେ ପରେ ଅନେକ ଓଡ଼ିଆ ଆତ୍ମଜୀବନୀ ପ୍ରକାଶ ପାଇଛି। ଏହା ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ ମୁଖୀନତା ହେଲା। ଅନେକ ଆତ୍ମଜୀବନୀ ସୃଷ୍ଟି ହେବା ଫଳରେ ବିଷୟ ମଧ୍ୟ ଭିନ୍ନତି ଦେଖାଗଲା। ଶିକ୍ଷା, ସାହିତ୍ୟ, ରାଜନୀତି, ଦର୍ଶନ, ବିଜ୍ଞାନ, ମନସ୍ତତ୍ତ୍ୱ ସର୍ବୋପରି ସାମାଜିକ ଆତ୍ମଜୀବନୀ ଇତ୍ୟାଦି ବିଷୟରେ ଅନୁଭୂତି ଓ ତିତୀକ୍ଷା ସିଧାସଳଖ ପାଠକ ପାଇପାରିଲେ। ଏହା ବ୍ୟତୀତ ନାରୀ ଆତ୍ମଜୀବନୀ ଲେଖିକାଙ୍କ ଆତ୍ମଜୀବନୀରେ ମଧ୍ୟ ଫୁଟିଉଠିଛି ସରସ, ସୁନ୍ଦର ଓ ଘର ଘରିକାଣ୍ଡର ଅକୁହା ବେଦନା। କେତେକ ଚିଠିପତ୍ର ଓ ଆତ୍ମସ୍ମୃତି ଭାବରେ ବି ରହିଛି। ଏମାନଙ୍କ ମଧ୍ୟରେ ଉଲ୍ଲେଖନୀୟ କେତେକ ନାରୀ ଲେଖିକା ହେଉଛନ୍ତି କୁନ୍ତଳା କୁମାରୀ ସାବତ, ରମାଦେବୀ ଚୌଧୁରୀ, ସାରଳାଦେବୀ, ରାଧାଦେବୀ, ସୀତାଦେବୀ ଖାଡ଼ଙ୍ଗା ଆଦି । ଏତଦ୍‌ବ୍ୟତୀତ ପ୍ରତିଭା ଶତପଥୀ, ପ୍ରତିଭା ରାୟ, ସୁଲୋଚନା ଦାସ, ମନୋରମା ଦାସ, ସଂଘମିତ୍ରା ମିଶ୍ର ଆଦି ଲେଖିକାଙ୍କ ଜୀବନୀ ଓ ଆତ୍ମଜୀବନୀ ଏକବିଂଶ ଶତାବ୍ଦୀରେ ବେଶ୍ ପ୍ରତିଷ୍ଠା ଅର୍ଜନ କରିଛି । "In otherwords, he must be able to forget himself at the sametime remember himself- a thing firtle paradoxical but an essential feature of autobiograhy all the same. It is this peculiar nature of this form of art which makes it unique among all forms of literary art."[୩]

ଗୋଟିଏ ବିଶାଳ ପରିବାର ଗଢ଼ିବା ଓ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ବର୍ତ୍ତମାନ ସମୟର ଲୋକମାନଙ୍କ ପାଇଁ ଏକ ଶିକ୍ଷା। ଏକାନ୍ନବର୍ତ୍ତୀ ପରିବାର ଭିତରେ ସହନଶୀଳତା, ବିଶ୍ୱ ମମତ୍ୱବୋଧ ପରିଲକ୍ଷିତ ହୋଇଥାଏ। ଠାଏଠାଏ ଦେଖାଯାଏ ଦରିଦ୍ରତା କିନ୍ତୁ ଦରିଦ୍ରତା ତାଙ୍କୁ କୌଣସି ବାଟ ବନ୍ଦ କରିପାରିନାହିଁ। ବୁଦ୍ଧି, ଜ୍ଞାନ-କୌଶଳ ବଳରେ ଧନ, ସମ୍ପତ୍ତି ଓ ଶିକ୍ଷା ଅର୍ଜନ କରିପାରିଛନ୍ତି। ଆତ୍ମଜୀବନୀକୁ ବିଷୟ ଦୃଷ୍ଟିରୁ ସାଧାରଣ ଲୋକଙ୍କ ଆତ୍ମଜୀବନୀ ଶ୍ରେଣୀରେ ପର୍ଯ୍ୟାୟଭୁକ୍ତ କରିପାରିବା। କାରଣ ତାଙ୍କ ଜୀବନରେ ସୀମିତ ଚରିତ୍ରଙ୍କ ଆଗମନ ହୋଇଛି ଏବଂ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥା ଦ୍ୱାରା ଜଡିତ ନୁହନ୍ତି। ତା' ସହିତ କୁଣିଆ-ମଇତ୍ରଙ୍କ ବୋଝ ବୋହି ଚୁଲିମୁଣ୍ଡରେ ତାଙ୍କ ଜୀବନର ରଙ୍ଗ ଧୂଆଁ କଳା ହୋଇଛି, କିନ୍ତୁ ଧୂଆଁ କଳାରେ ରହି ଘନ କୁହୁଡ଼ି ଦୁଃଖକୁ ଦୂରେଇ

ଦେଇଛନ୍ତି ଏବଂ ଗୋଟିଏ ସୁସ୍ଥ ଓ ସୁନ୍ଦର ପରିବାର ଗଢ଼ିବାରେ ସକ୍ଷମ ହୋଇଛନ୍ତି। ଆଜିକୁ ପ୍ରାୟ ନବେବର୍ଷ ତଳେ ଚତୁର୍ଥ ଶ୍ରେଣୀ ପଢି ଦକ୍ଷ ପରିବାର ଚଳନା ଓ ସମୟ ମିଳିଲେ ରାଧାନାଥ ରାୟ ଓ ଗଙ୍ଗାଧରଙ୍କ କବିତା ଆବୃତ୍ତି କରିବା ଲେଖିକାଙ୍କୁ ସାହିତ୍ୟ ରଚନା ଆଡ଼କୁ ଟାଣିନେଇଛି। ରାସେଶ୍ୱରୀ ମିଶ୍ରଙ୍କ ସ୍ୱାମୀ ହରିହର ମିଶ୍ରଙ୍କ ଆତ୍ମଜୀବନୀ 'ସ୍ମୃତି ତ ନୁହେଁ କଦାପି ଫିଙ୍ଗିବାର' ଯଦି ପ୍ରଥମ ଭାଗ ହୁଏ ଦ୍ୱିତୀୟ ଭାଗ ହେବ 'ଦିହକର କଥା'। ଏହାପୂର୍ବରୁ ସେ କେବଳ କେତୋଟି କବିତା ଲେଖିଥିଲେ ଏବଂ ତାଙ୍କର କେତେଗୁଡ଼ିଏ କବିତା ରେଡ଼ିଓ ଷ୍ଟେସନରୁ ପ୍ରଚାର ହୋଇ ବହୁ ପ୍ରଶଂସିତ ହୋଇଥିଲେ। ସେ ନିଜ ପରିବାର ପାଇଁ ସତ ଚେଷ୍ଟା କରି ସଫଳ ଓ ଜଣେ ସୁଗୃହିଣୀ ନାରୀର କର୍ତ୍ତବ୍ୟ ପାଳନ କରିଛନ୍ତି।

ସ୍ନେହ, ମମତ୍ୱବୋଧ ଓ ସହାନୁଭୂତି ଅଭାବରେ ଜଣେ ଲୋକ କେବେ ବି ବିଶାଳ ପରିବାର ଓ ତା'ର ରକ୍ଷଣାବେକ୍ଷଣା କରିବା ସମ୍ଭବ ନୁହେଁ। କେବଳ ତାଙ୍କର ପରିବାର ନୁହେଁ, ସେ ଯେତେବେଳେ ସ୍ୱାମୀ ହରିହର ମିଶ୍ରଙ୍କ ସହିତ ଗାଁ' ଛାଡି ବଲାଙ୍ଗିରକୁ ଆସି ରୁହନ୍ତି, ସେତେବେଳେ ଗାଁ' ର ଅନେକ ପିଲାଙ୍କୁ ବଲାଙ୍ଗିରକୁ ଆଣି ପାଠ ପଢ଼ାଇ ମଣିଷ କରିଛନ୍ତି। କାରଣ ସେତେବେଳେ ଗାଁମାନଙ୍କରେ ସ୍କୁଲ ନଥିଲା ଏବଂ ସୁବିଧା ନଥିଲା। ମଣିଷ କୌଣସି ଆସନ ପାଇଲେ କିମ୍ବା ପ୍ରଚୁର ସମ୍ପତ୍ତି ରଖିଥିଲେ କେବଳ ଲୋକଙ୍କ ସେବା କରିହବ। ଏହି ଧାରଣା ଆଦୌ ଗ୍ରହଣୀୟ ନୁହେଁ। ସେସବୁ ପାଇଁ ସେବା, ତ୍ୟାଗ ଏବଂ ମନୋବଳ ଦରକାର, ତାହା ଲେଖିକାଙ୍କ 'ଦିହକର କଥା'ରେ ସ୍ପଷ୍ଟ ପ୍ରମାଣିତ। ଗୋଟିଏ ପରିବାରରେ ଆବଦ୍ଧ ରହି ମନଖୁସି ଅନୁଭବ ଏବଂ ଜୀବନକୁ ଜାଣିବାରେ ବହୁତ କମ ଲୋକଙ୍କ ପାଖରେ ଥାଏ। ପ୍ରକୃତରେ ତାହା ହିଁ ଜଣେ କାରିଗରୀର କଳାତ୍ମକ ରୂପ।

ଲେଖିକାଙ୍କ ଅଜାଣତରେ ପ୍ରକାଶ ପାଇଛି ଅନେକ ସାମାଜିକ ଚଳିଚଳଣି। କେବଳ ଲେଖିଛନ୍ତି ଏକ ସ୍ମୃତିଚାରଣ ଉଦ୍ଦେଶ୍ୟରେ। କିନ୍ତୁ ତାହା ତତ୍‌କାଳୀନ ସମୟର ମାନବୀୟ ମୂଲ୍ୟବୋଧ, ଶାସନ ଓ ଶିକ୍ଷାର କେତୋଟି ଝଲକ ରହିଛି। ବେଳେବେଳେ ଲେଖିକା ଲେଖନିଚଳନା ସମୟରେ ବହୁ ଭାବାବେଗ ହୋଇଉଠିଛନ୍ତି। ଦୀର୍ଘ ସତୁରୀ ବର୍ଷ ଦେଇ ଘଟଣା ସହିତ ଆଜିର ଘଟଣା ଏକ ତୁଳନାତ୍ମକ ବିଚାରଧାରାରେ ଆତ୍ମଜୀବନୀ କଳେବର ପୁଷ୍ଟ। ସେ ଜାଣିପାରିଛନ୍ତି ବିଜ୍ଞାନର ଦ୍ରୁତ ପ୍ରଗତିକୁ। ଦେଶ ସ୍ୱାଧୀନ ଓ ପରାଧୀନତାର ବିଭେଦତା ତାଙ୍କ ମନ ଭିତରେ ଥିଲେ ହେଁ, ତାହାକୁ ସ୍ପଷ୍ଟ ସୂଚାଇ ପାରିନାହାନ୍ତି। ତାହା କେବଳ କେତୋଟି ଘଟଣାରେ ଜଣାପଡୁଛି। ନାରୀମାନଙ୍କ ସ୍ୱାଧୀନତା ଏପର୍ଯ୍ୟନ୍ତ ଭାରତ ବର୍ଷରେ ସମ୍ଭବ ହୋଇପାରିନାହିଁ। ତଥାପି ବୁଦ୍ଧିମତୀ ଲେଖିକା ତାଙ୍କ ଝିଅମାନଙ୍କୁ ପାଠପଢାରେ ଅବହେଳା କରିନାହାନ୍ତି । ଗୋଟିଏ ଶିକ୍ଷକ ପରିବାର ହିସାବରେ କର୍ତ୍ତବ୍ୟ କରିଛନ୍ତି ଏବଂ ତାଙ୍କର ପୁଅଝିଅ ସମସ୍ତଙ୍କୁ ସୁଶିକ୍ଷିତ କରାଇଛନ୍ତି। ଅର୍ଥନୀତିର ଚାପରେ ବନ୍ଦୀ ହୋଇଥିଲେ ବି ଟଙ୍କା ଅର୍ଜନ କରିବାର ମୋହ ସ୍ପର୍ଶ କରିପାରିନାହିଁ । ସେ ଚତୁର୍ଥ ଶ୍ରେଣୀଠାରୁ ପାଠପଢା ବନ୍ଦ କରି ଚୁଲିମୁଣ୍ଡରେ ବାକିତକ ଜୀବନ କଟାଇଥିଲେ ବି ଶିକ୍ଷା ଅର୍ଜନ ଓ ସ୍ନେହଶୀଳତା ତାଙ୍କ ହୃଦୟକୁ ଜୀବିତ ରଖିଛି।

ଆତ୍ମଜୀବନୀରେ ଲେଖିକା ମୁଖ୍ୟ ଚରିତ୍ର ହୋଇ ବିଭିନ୍ନ ଚରିତ୍ର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ରାଜନେତା, ବୈଜ୍ଞାନିକ, କଳାକାର, ସମାଜସେବୀ ଓ ଶିକ୍ଷାବିତ୍ ଆଦିଙ୍କ ଆତ୍ମଜୀବନୀ ପଢ଼ିଲେ ଉକ୍ତ ବିଷୟରେ ପାଠକ ତଥ୍ୟ ଓ ତତ୍ତ୍ୱ କଥା ଜାଣିଥାନ୍ତି। କିନ୍ତୁ ଭୁଲିଯାଇଥାନ୍ତି ନିଜ ପରିବାର କିମ୍ବା ଚତୁଃପାର୍ଶ୍ୱ କଥାକୁ। ସେହି ମୂଳ କଥାକୁ ମନେକରିବା ପାଇଁ ରାସେଶ୍ୱରୀ ମିଶ୍ରଙ୍କ ଆତ୍ମଜୀବନୀ ହିଁ ଗୋଟିଏ ନୂତନ ଧାରା ନିର୍ମାଣ କରିଛି। ତା' ଭିତର ରହିଛି ଉଦାରତା । ଏହି ଉଦାରତା ହେତୁ ଆତ୍ମଜୀବନୀ ପରମ୍ପରାଠାରୁ ଭିନ୍ନତା ପରିଲକ୍ଷିତ ହୁଏ । ସେ ଏଥି ମଧ୍ୟରେ ଅନେକ ଚରିତ୍ରର ରୂପରେ ଅବତୀର୍ଣ୍ଣ ହୋଇଛନ୍ତି। ନିଜେ ନାତୁଣୀ ହେବାଠାରୁ ଆରମ୍ଭ କରି ନିଜର ନାତୁଣୀର ଝିଅପୁଅଙ୍କ ମାମା ହୋଇ ଅନେକ ସମୟର ଅଭିଜ୍ଞତା ତାଙ୍କ ଆତ୍ମଜୀବନୀର ସଫଳ ରୂପାୟନ।

ଆତ୍ମଜୀବନୀ 'ଦିହକର କଥା' କେବଳ ଚୁଲିମୁଣ୍ଡର କଥା କୁହାଯାଇଛି ସତ, କିନ୍ତୁ ଠାଏଠାଏ ଇତିହାସକୁ ନିରିକ୍ଷଣ କରିହୁଏ। ଭଙ୍ଗାଗଢା ସପନର ଯାତ୍ରାରେ ଘଟିଥିବା ନିଚ୍ଛକ ଗଡ଼ଜାତର ଇତିହାସ ଭରିରହିଛି। ନିଜ ଜୀବନ ବ୍ୟତୀତ ଜେଜେଙ୍କଠାରୁ ଓ ତାଙ୍କ ମା'ଙ୍କଠାରୁ ଶୁଣିଥିବା ଘଟଣାବଳୀର ବିବରଣୀ ପ୍ରଦାନ କରିବା ଲେଖିକାଙ୍କ ଆତ୍ମଜୀବନୀକୁ ଭିନ୍ନ କରି ଗଢିତୋଳିଛି। ସେଥିରୁ କେତୋଟି ଘଟଣା ହେଉଛି ଜେଜେଙ୍କ ଉପଚାର ପଦ୍ଧତି, ଔଷଧମୁଣା, ଭୂତଘଉଡ଼ା ଇତ୍ୟାଦି। ସେଭିତରୁ ଗୋଟିଏ ଘଟଣା – "ଜେଜେ ବୀର, ବୀରଙ୍ଗନା, ଦେବୀ, ଭୈରବ ଆଦିଙ୍କୁ ଆବାହନ କରି ତାଙ୍କ ନାଁରେ ମନ୍ତ୍ର ଉଚ୍ଚାରଣ କରି ବୋହୂ ମୁଣ୍ଡକୁ ଋଉଳ ମନ୍ତୁରା ଫିଙ୍ଗିଲେ। ବୋହୂ ହଠାତ୍ ଘୋଡାଙ୍କ ସ୍ୱରରେ କାନ୍ଦିବା ଆରମ୍ଭ କଲା। ଜେଜେ ମନ୍ତୁରା ଚାଉଳ ମାରି କହୁଥାନ୍ତି – ଯା' ଯା' ବୋହୂ ହଠାତ୍ ଉଠିପଡ଼ି କହିଲା ଯିବି ଯିବି, କହୁକହୁ ଘରୁ ବାହାରି ଦଉଡ଼ିଲା। ଜେଜେ ତା ପଛେ ପଛେ ଚାଉଳ ଫିଙ୍ଗିଫିଙ୍ଗି ଦଉଡୁଥାନ୍ତି। ତାଙ୍କ ପଛରେ ଗୋଡେଇଥାନ୍ତି ଗାଁସାରା ଲୋକ। ଗଛ ଉପରକୁ ଦମ୍‌ଦମ୍ ଚଢ଼ିଗଲା। ଜେଜେବାପା ପାଟି କଲେ ଗଛ ତଳେ ଚାରିଜଣ ଧରିବାକୁ ତିଆରି ହୋଇ ଥାଅ। ଏବେ ସେ ତଳକୁ ଖସିପଡିବ। କହି ତାନ୍ତ୍ରିକ ମନ୍ତ୍ର ପଢ଼ି ତା' ଦେହକୁ ଋଉଳ ମୁଠେ ଫିଙ୍ଗିଦେଲେ। ସେ ଗଛ ଉପରୁ ହଠାତ୍ ଚିତ୍କାର କରି ତଳେ ପଡ଼ିଗଲା।[୪]

ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ସାମାଜିକ ଚଳଣିର ଇତିହାସ ଲେଖିକାଙ୍କ ଆତ୍ମଜୀବନୀରେ ଉଲ୍ଲେଖ ରହିଛି। ସ୍ମୃତିଚାରଣ କରୁକରୁ ତାଙ୍କ ଅଜାଣତାରେ ଏହିପରି ସମାଜର ସ୍ଥିତି ଓ ଅର୍ଥନୀତି ବ୍ୟବସ୍ଥାର ସୂଚନା ମିଳେ। ଫଳରେ ପାଠକର ମନ ଜାଣିବା ଆଗ୍ରହ ପ୍ରକାଶ କରି ଆତ୍ମଜୀବନୀର ପରିସମାପ୍ତି ପର୍ଯ୍ୟନ୍ତ ଅପେକ୍ଷା କରନ୍ତି। ଘରସଂସାର ଓ ପଡୋଶୀ ଲୋକଙ୍କ ସହିତ ଭଲ ରହିବାର ପ୍ରେରଣା ଦେଇଥାଏ। ଆଧୁନିକ ସମାଜ ଜୀବନର ସଂଗ୍ରାମରେ ଲେଖିକା ତାଙ୍କ ପରିବାରକୁ ଏକ ସୂତ୍ରରେ ବାନ୍ଧି ରଖିବାପାଇଁ ଚେଷ୍ଟା କରିଛନ୍ତି। ଏହାର ଅର୍ଥ ବିଶ୍ୱଭାତୃତ୍ୱ ଭାବ ଉଜ୍ଜିବିତ କରେ। କାରଣ ତାଙ୍କ ଦୀର୍ଘ ୬୦ ବର୍ଷ ଜୀବନର ଅଭିଜ୍ଞତା ' ଦିହକର କଥା'। ଆତ୍ମଜୀବନୀରେ ଭାବମୂର୍ତ୍ତି ଉଜ୍ଜଳ ପ୍ରତିଭାତ ହୁଏ। ନାଟକରେ ଯେମିତି ଗୋଟିଏ ଲୋକ ବିଭିନ୍ନ ଚରିତ୍ର ହୋଇ କାର୍ଯ୍ୟ ସଂପାଦନ କରନ୍ତି, ଠିକ୍ ସେମିତି ତାଙ୍କ ଜୀବନରେ ହୋଇଛି। ଗାଁ'ର ପାଠପଢା, ଗୁହାଳେ ଅଣ୍ଡିରା ଘରେ ମାଈ, କାଳିସୀ ଦେବତା, ସାରା ଟାଉନ୍‌ରେ ହଇଜା, ପ୍ରେତ ଗୋଡେଇଲା ପାଟଣାଗଡ଼ରୁ ବଲାଙ୍ଗିର, ରାମଲୀଳା ଇତ୍ୟାଦି କେତୋଟି ଚିତ୍ର ତତ୍କାଳୀନ ସମୟରେ ମଣିଷର ମାନସିକ ଅବସ୍ଥାର ପ୍ରତିନିଧିତ୍ୱ କରେ। ଜଣେ ଘରଣୀ ଯେ ଆତ୍ମଜୀବନୀ ଲେଖିପାରିବ ନାହିଁ କିମ୍ବା ଲେଖିଲେ ବି ତା'ର ଆତ୍ମଜୀବନୀରେ ନିଜ ଘର ଛଡା ଆଉ କ'ଣ ଲେଖିପାରିବେ ? ଏହି ଧାରଣାକୁ ଦୂର କରିଦେଇଛି ରାସେଶ୍ୱରୀ ମିଶ୍ରଙ୍କ 'ଦିହକର କଥା' ସାଧାରଣତଃ ସେ ଜଣେ ଗୃହିଣୀ ହେଲେ ବି ଜୀବନକାଳରେ ରହିଛି ଅନୁଭୂତି, ଆଶା, ଦୁଃଖ ଓ କଳ୍ପନା କଥନିକା।

ଲେଖିକାଙ୍କ ବିଷୟରେ ଭିନ୍ନ କଥାଟି ହେଲା ଓଡ଼ିଆ ଆତ୍ମଜୀବନୀର ବିକାଶଧାରାରେ ରହିଥିବା ଧାରାବାହିକ ବିଷୟବସ୍ତୁଠାରୁ ଭିନ୍ନ। ସମଗ୍ର ଆତ୍ମଜୀବନୀକୁ ଭାଗ କଲେ ବିଭିନ୍ନ ଭାଗରେ ବିଭକ୍ତ କରିହେବ। ଯେମିତି ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ସାରସ୍ୱତ ସ୍ରଷ୍ଟା, ପ୍ରଶାସକ, ଶିକ୍ଷାବିତ୍, ସମାଜସେବୀ ଓ ସାମ୍ବାଦିକ ଇତ୍ୟାଦି। ଏଭିତରୁ ଲେଖିକା କୌଣସି ବିଭାଗରେ ଯାଉନାହାନ୍ତି। ସମେସ୍ତ ଜାଣନ୍ତି ଯେ ଏମାନଙ୍କ ଆତ୍ମଜୀବନୀ ଉତ୍କୃଷ୍ଟ ଓ ଶିକ୍ଷାପ୍ରଦ ବୋଲି। କିନ୍ତୁ ଏହି ଚିନ୍ତାଧାରାକୁ ଏଡ଼ାଇଦେଇ ଜୀବନ ପରିଧିର ସ୍ମୃତିଚାରଣ ଆଗ୍ରହ ଓ ଆତ୍ମଚରିତ ରଚନାରେ ମନୋନିବେଶ କରନ୍ତି ପ୍ରାଣନାଥ ମିଶ୍ର, କପିଳ ମିଶ୍ର, ନରୋତ୍ତମ ଶ୍ରୀଚନ୍ଦନ, ପର୍ଶୁରାମ ଦ୍ୱିବେଦୀ, ନଟବର ସାହୁ, ଧ୍ରୁବଚରଣ ପ୍ରଧାନ ଆଦି। ଏମାନଙ୍କ ଆତ୍ମଜୀବନୀ ଧାରାରେ ଏବେ ଯୋଡ଼ି ହୋଇଗଲେ ରାସେଶ୍ୱରୀ ମିଶ୍ର। ଏହା ସହିତ ଅନୁଭୂତିର ବ୍ୟାପକତା ଓ ସାହିତ୍ୟଧର୍ମୀ ବିଶ୍ଳେଷଣ ରୂପ ହେତୁ ତାଙ୍କ ଆତ୍ମଜୀବନୀ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗହ୍ରଣ କରେ। ଏହି ପ୍ରକାରର ଧାରାକୁ ସାଧାରଣ ଲୋକଙ୍କ ଆତ୍ମଜୀବନୀ ପର୍ଯ୍ୟାୟଭୁକ୍ତ କରାଯାଇଛି। ସର୍ବମୋଟରେ କହିବାକୁ ଗଲେ ଆତ୍ମଜୀବନୀକୁ କୌଣସି ବୃତ୍ତିଗତ ଅନୁସାରେ ବିଭାଜିତ ନ କରି ତା'ର ଶିକ୍ଷା, ଅନୁଭୂତି, ଆବେଗ ଓ ସାହିତ୍ୟାନୁସାରି ଉତ୍କୃଷ୍ଟ ଆତ୍ମଜୀବନୀ ବୋଲି ସ୍ପଷ୍ଟ କରାଯିବା ଉଚିତ ମନେହୁଏ। ଏହି ଦୃଷ୍ଟିକୋଣରୁ ବି ରାସେଶ୍ୱରୀ ମିଶ୍ରଙ୍କ ଆତ୍ମଜୀବନୀ ସମୃଦ୍ଧି।

'ଦିହକର କଥା'ରେ କେତୋଟି ବିଭାଗ ଅଛି ଯାହା ପାଇଁ ଆତ୍ମଜୀବନୀକୁ ସ୍ୱତନ୍ତ୍ର ବୋଲି ଦାବି କରେ। ଯେପରି ମାମାର କାହାଣୀ', 'କଳାସି ଦେବତା', 'ସାରା ଟାଉନ୍‌ରେ ହଇଜା', 'ଗାଁର ଜମିକିଣା', 'ପର୍ଯ୍ୟଟନ ଓ ତୀର୍ଥାଟନ' ଇତ୍ୟାଦିର ବର୍ଣ୍ଣନାଶୈଳୀ। ପ୍ରତ୍ୟେକ ଆତ୍ମଜୀବନୀରେ ଜଣେ ମୁଖ୍ୟ ଚରିତ୍ର ପ୍ରତିଷ୍ଠିତ ହୁଅନ୍ତି। କିନ୍ତୁ ଏଠାରେ ଗୌଣ ଚରିତ୍ର ବି ମୁଖ୍ୟ ଚରିତ୍ର ଭାବରେ ଜଣାଯାଉଛି। ଅନେକ ଚରିତ୍ରର ସମାଗମ ହେତୁ ଲେଖିକା ନିଜ ଚରିତ୍ରକୁ ସେତିକି ପ୍ରସ୍ଫୁଟିତ କରିପାରିନାହାନ୍ତି। କେବଳ ନିଜକୁ ପରିଚୟାତ୍ମକ ବା ଗୌଣରଖି ତାଙ୍କ ସଂସ୍ପର୍ଶରେ ଆସିଥିବା ଚରିତ୍ରଗୁଡ଼ିକୁ ଗୁରୁତ୍ୱ ଦେଇଛନ୍ତି ଏବଂ ସେହି ଭିତରେ ହିଁ ନିଜର ଚତୁଃପାର୍ଶ୍ୱର କଥାକୁ କହୁଛନ୍ତି। ସେଥିପାଇଁ ଏହି ଆତ୍ମଜୀବନୀରେ ମୁଁ କାର୍ ବା ଅହଂବୋଧ ପ୍ରକାଶିତ ହୋଇନାହିଁ। ସମସ୍ତଙ୍କୁ ଗୁରୁତ୍ୱ ଦିଆଯାଇଛି। ବହୁ ଆତ୍ମଜୀବନରରେ ଏହି ଅହଂବୋଧ ବା ମୁଁ ... କାର ଥିବା ହେତୁ ଆତ୍ମଜୀବନୀ ଆତ୍ମଜୀବନୀ ନହୋଇ ଆତ୍ମ ପ୍ରଚାର ସ୍ମୃତିଲିପି ହୋଇଥାଏ। ରାସେଶ୍ୱରୀ ମିଶ୍ର ନିଜେ ମୁଖ୍ୟ ଚରିତ୍ର ନ ହୋଇ ତାଙ୍କ ଜୀବନରେ ଆସିଥିବା ସମସ୍ତ ଚରିତ୍ରକୁ ବିଶ୍ଳେଷଣ କରିଛନ୍ତି। ଲେଖିକାଙ୍କ ଲେଖନୀରୁ – "୧୯୭୫ ସାଲ ଜୁନ୍ ୨୬ ତାରିଖରେ ଏମର୍ଜେନ୍ସି ଜାରି ହେବା ସଂଗେ କିଛି ଛାତ୍ରନେତାଙ୍କ ନାଁ'ରେ ପୋଲିସ୍ ୱାରେଣ୍ଟ ଜାରି ହେଲା। ସେଥିରେ ରାଧୁର ନାଁ ବି ଥିଲା। ଖବର ପାଇ ରାଧୁ ତା' ସାଙ୍ଗ କିଶନ୍ ଗୋଏଲ ସାଙ୍ଗେ ରାୟପୁର ବାହାରେ ଗୋଟିଏ ଘରେ ରହି ପଡିଲା। ପାଞ୍ଚ ଦିନ ପରେ ଜୁଲାଇ ୧ରୁ ୩୧ ତାରିଖଯାଏଁ ତା ଏମ୍.ଏ.ର ଶେଷବର୍ଷ ପରୀକ୍ଷା ଥାଏ। ଲୁଚିଲୁଚି ଆସି ପରୀକ୍ଷା ଦେଇ ହଷ୍ଟେଲରେ ରହି ରାତି ହେଲେ ତା'ଘରକୁ ଫେରେ । ୩୧ ଜୁଲାଇର ପରୀକ୍ଷା ସାରି ସେଇଦିନ ଟ୍ରେନ୍‌ରେ ଟିଟିଲାଗଡ଼ ବାଟଦେଇ ତା ଆରଦିନ ବଲାଙ୍ଗିରରେ ପହଞ୍ଚିଲା। [୫]

ସଂପ୍ରତି ଯେତେ ଆତ୍ମଜୀବନୀ ଲେଖାଯାଇଛି ସେସବୁ ଭାବାବେଗରେ ଲେଖିବା ହେତୁ ପରୀକ୍ଷାଧର୍ମୀ ହୋଇପାରୁନାହିଁ। ଆତ୍ମଜୀବନୀ ଅର୍ଥ ହିଁ ଲେଖକ ନିଜକୁ ନିଜେ ସମୀକ୍ଷା କରିବା। ସେହି ସମୀକ୍ଷା ଯେତିକି ଠିକ୍ ତଥ୍ୟ ଓ ସତ୍ୟ ଉପରେ ଆଧାରିତ ହେଲେ ସାର୍ଥକ ଆତ୍ମଜୀବନୀ ହୁଏ। ପ୍ରତ୍ୟେକ ଆତ୍ମଜୀବନୀରେ ତତ୍କାଳୀନ ସମୟର ପ୍ରତିଛବି ଦେଖାଯିବା ସ୍ୱାଭାବିକ। ବିଷୟବସ୍ତୁ ଯେ କୌଣସି ରୂପରେ ହୋଇପାରେ, ସେଥିପାଇଁ ଗୁରୁତ୍ୱ ବହନ କରେ ଉପସ୍ଥାପନା ଶୈଳୀ ଓ ପ୍ରକାଶଭଙ୍ଗୀ। ଏହା ବ୍ୟତୀତ ଲେଖିକା କେବଳ ପ୍ରସଙ୍ଗ

ଅନୁସାରେ ବିଷୟଟି ଉଲ୍ଲେଖ ହେଲେ ଆତ୍ମଜୀବନୀର କଳାତ୍ମକ ରୂପ ପ୍ରକାଶ ପାଏ। ଦିହକର କଥା ପ୍ରସଙ୍ଗଚ୍ୟୁତ ହୋଇଛି ଭଳି ମନେହୁଏ। କାରଣ ଏଠାରେ ଲେଖିକା ସମସ୍ତ ଚରିତ୍ର ଓ ବିଷୟକୁ ଗୁରୁତ୍ୱ ଦେବାପାଇଁ ଚେଷ୍ଟା କରିଛନ୍ତି। ଯାହାଫଳରେ ଏ ପ୍ରକାରର ମନେହୁଏ । କିନ୍ତୁ ଏହି ପ୍ରକାରର ଲେଖନୀଶୈଳୀ ତାଙ୍କ ଆତ୍ମଜୀବନୀକୁ ସ୍ୱତନ୍ତ୍ର କରି ଗଢ଼ିତୋଳିଛି। ଲେଖିକା ଅନେକ ବିଷୟ ଲେଖିବା ପାଇଁ ଭାବିଥିଲେ ବି ତାହାକୁ ଲେଖିପାରି ନାହାନ୍ତି। ବହୁ ଅଳ୍ପରେ ସୂଚନା ଦେଇ ଆଗକୁ ଚାଲିଯାଇଛନ୍ତି। ଏସବୁ ସତ୍ତ୍ୱେ ତାଙ୍କର ଉପସ୍ଥାପନା ଶୈଳୀ ପାଇଁ 'ଦିହକର କଥା' ସ୍ୱତନ୍ତ୍ର। ବର୍ଣ୍ଣନାତ୍ମକ ବା ଗୋଟିଏ ବିଷୟକୁ ବିଶ୍ଳେଷଣ କରି ଲେଖିବାରେ ଲେଖିକା ମିଶ୍ରଙ୍କ ଚତୁରତା ସ୍ପଷ୍ଟ। ବିଷୟବସ୍ତୁ ଯାହା ଥାଉ ନା କାହିଁକି ଏହା ସଫଳତା ପାଇଁ ପାଠକ ବିମୋହିତ ହୋଇଯାନ୍ତି। ତାଙ୍କ ସ୍ୱାମୀ ହରିହର ମିଶ୍ରଙ୍କୁ ବାପା ମା' ଛେଉଣ୍ଡ ବୋଲି କେବେ ଅନୁଭବ କରିବାକୁ ଦେଇନାହାନ୍ତି। ସ୍ନେହମୟୀ ହିସାବରେ ବର୍ତ୍ତମାନ ମଧ୍ୟ ତାଙ୍କ ବିଶାଳ ପରିବାରକୁ ଏକ ସୂତ୍ରରେ ବାନ୍ଧି ରଖିଛନ୍ତି। ଭଲପାଇବା ଓ ଆଦର କରିବା ତାଙ୍କ ଜୀବନୀରୁ ପାଠକ ଛତ୍ରେ ଛତ୍ରେ ଭେଟିଥାଏ। ତାଙ୍କ ପ୍ରତ୍ୟେକ ପୁଅ ଝିଅଙ୍କୁ ମଣିଷ କରିବା ପଛରେ ତତ୍ପର ରହିବା ବର୍ତ୍ତମାନ ମଣିଷମାନଙ୍କ ପାଇଁ ଏକ ଉଦାହରଣ। ଏତେ ବଡ଼ ବିଶାଳ ପରିବାରକୁ ଏକତ୍ର ବାନ୍ଧି ରଖିବାପାଇଁ ପ୍ରତ୍ୟେକଙ୍କ ପ୍ରୋତ୍ସାହନ ଦେବ। ଜୀବନ ଓ ପରିବାରର ବାସ୍ତବ, ପ୍ରତ୍ୟକ୍ଷ ଓ ଉଜ୍ଜଳ ଆଲେଖ୍ୟ ତାଙ୍କ ଲେଖନୀକୁ କରିଛି ଦିପ୍ତିମନ୍ତ। ସୂକ୍ଷ୍ମଜୀବନ ପରିଧି ଭିତରେ ବିଶାଳ ମାତୃତ୍ୱର ଆଭା ଓ ଗୁଣାତ୍ମକ ଚିନ୍ତାଧାରା ଲେଖାଟିକୁ ତିକ୍ତ ମଧୁର କରି ଦେଇଛି। ଉପନ୍ୟାସ, ଗଳ୍ପ, କବିତା ଓ ଭ୍ରମଣକାହାଣୀ ଭଳି ପାଠକଙ୍କ ମନ ମଧ୍ୟରେ ସବୁଦିନ ବଞ୍ଚିରହିବ।

ଆତ୍ମଜୀବନୀ ମୂଳରେ ଗୀତିମୟତା ଦେଖାଦେଇଛି। ସେଥିମଧ୍ୟରୁ ତାଙ୍କର କବିତ୍ୱ ପରିଲକ୍ଷିତ ହୁଏ । ତାଙ୍କ ଜୀବନର ୪/୫ଟି କବିତା ପୁଞ୍ଜିଥିଲେ ବି ବଲାଙ୍ଗିରରେ ଜଣେ ଉଦୀୟମାନ କବି ଭାବରେ ଜାଣନ୍ତି। ବଲାଙ୍ଗିର ଆକାଶବାଣୀରୁ ପ୍ରସାରିତ 'ଛ ଗୁନିଆ ବହୁ' କୌଶଳି କବିତା ପାଇଁ ସେ ବହୁ ଚର୍ଚ୍ଚିତ। ଏହି କବିତା ଆଜି ବି ବଲାଙ୍ଗିରର ଘରେ ଘରେ ସମସ୍ତେ ଗୁଣୁ ଗୁଣେଇ ହେଉଥାନ୍ତି। ପୁଅ ପାଇଁ ଝିଅ ଖୋଜା ବିଷୟରେ ଅତି ମଜାଳିଆ କବିତା ତାଙ୍କ କବିତାରେ ଅଛି। ସେଥିରୁ ପଦେ "

"ବଏଲା-ତୋର ଲାଗି ବହୁ ଦେଖି ଯାଉଛେ ମୁଇଁ
କା'ଣା କାଣା ଦେଖିମି ସେଟା ଦେଇଥା ବତେଇ

X X X

ପୁଅ ବଏଲା ମାଁ ଗୋ ଦେଖି ଛଟା ଗୁନ୍
ଛ'ଗୁନିଆ ବହୁ କାଣା ଯେ ଗୁଟେ ଗୁଟେ କରି ସୁନ୍
ଏ, ବି, ସି, ଡ଼ି, ଇ, ଏଫ୍ କେ ସୁରତା କରିଥିବୁ। (୪)

ଏହି କବିତା ପାଇଁ ତାଙ୍କୁ ବହୁ ପ୍ରଶଂସା ମିଳିଥିଲା। ସେ କେତେ ଜାଗାରେ ଅତିଥି ହୋଇ ଯୋଗ ଦେଇଥିଲେ ଏହି କବିତା ପାଇଁ। ଆତ୍ମଜୀବନୀ ପୁସ୍ତକର ଶେଷରେ 'କଳା ସାହିତ୍ୟ ପରିବାର ବୋଲି ଗୋଟିଏ ପରିଚ୍ଛେଦ ରଖିଛନ୍ତି। ସେଥିରେ ସଂପୂର୍ଣ୍ଣ ପରିବାରର କଳା ଓ ସାହିତ୍ୟକୁ ଗୁରୁତ୍ୱ ଦେଇ ଲେଖିଛନ୍ତି। ତାଙ୍କ ପରିବାରରେ କଳା ଓ ସାହିତ୍ୟ ଦିଗରେ ସମସ୍ତେ ପ୍ରତିଷ୍ଠିତ ନ ଥିଲେ ମଧ୍ୟ ସମସ୍ତେ ଭିନ୍ନ ଭିନ୍ନ କ୍ଷେତ୍ରରେ ଥାଇ କଳା ଓ ସାହିତ୍ୟ ପ୍ରତି ରୁଚି ରଖିଛନ୍ତି। ଲେଖିକାଙ୍କ ମନରେ ଟିକିଏ ଅଭିମାନ ଥିଲା। ଯେଉଁଦିନ ଲେଖିକା ହରିହର ମିଶ୍ରଙ୍କ ସ୍ତ୍ରୀ ବା ରାଧୁମିଶ୍ରର ନାଁ ବୋଲି ପରିଚିତ ନ ହୋଇ ସ୍ୱୟଂ ରାସେଶ୍ୱରୀ ମିଶ୍ର ନାମରେ ପରିଚିତ ହେଲେ, ସେଦିନଠାରୁ ହିଁ ତାଙ୍କ ଭିତରେ ଆଉ ଏକ ନୂତନ ଭାବ ଜାଗ୍ରତ ହେଲା। 'ଦିହକର କଥା' ପୁସ୍ତକର ବିଷୟବସ୍ତୁ ନୈଦନ୍ଦିନ ଜୀବନର କଥା, କିନ୍ତୁ ଉପସ୍ଥାପନାର ଭିନ୍ନତା ପାଇଁ ଘଟଣା ସବୁ ନୂଆ ନୂଆ ଲାଗେ। ତାଙ୍କ ଆତ୍ମଜୀବନୀ ପ୍ରମାଣ କରିଛି 'ବ୍ୟକ୍ତି ବଡ଼ ନୁହେଁ ବ୍ୟକ୍ତିତ୍ୱ ବଡ଼ ବୋଲି।'

ଲେଖିକା ରାସେଶ୍ୱରୀ ମିଶ୍ରଙ୍କ ଆତ୍ମଜୀବନୀରୁ କେତୋଟି ସୂଚନା ଅନୁମାନ କରିହୁଏ । ଯଥା- ବଲାଙ୍ଗିର ଇତିହାସ, ହଇଜାରେ ଟିଟିଲାଗଡ଼ର ଅବସ୍ଥା, ମହୋତ୍ସବ ଓ ଯାନିଯାତ୍ରା, ମନ୍ତ୍ରତନ୍ତ୍ର, ଶିକ୍ଷା, ଗପସପ, କଳାସଂସ୍କୃତି, ଭ୍ରମଣ ବୃତ୍ତାନ୍ତ ଇତ୍ୟାଦି। ଗୋଟିଏ ଆଶ୍ଚର୍ଯ୍ୟ ଘଟଣା ଲେଖିକାଙ୍କ ଜୀବନରେ ଘଟିଲା, ସେ ତାଙ୍କ ସ୍ୱାମୀଙ୍କୁ 'ଦିହକର କଥା' ପୁସ୍ତକ ସରପ୍ରାଇଜ୍ ଦେବେ ବୋଲି ଭାବିଥିଲେ। କିନ୍ତୁ ଦେବା ସମ୍ଭବ ହୋଇପାରିଲା ନାହିଁ। ପୁସ୍ତକଟିର ପରିସମାପ୍ତିରେ ତାଙ୍କ ସ୍ୱାମୀ ହରିହର ମିଶ୍ର କୋମାକୁ ଚାଲିଗଲେ। ଲେଖିକା ଆତ୍ମଜୀବନୀ ଲେଖିବା ଉଦ୍ଦେଶ୍ୟରେ ପଦେ କୁହନ୍ତି – "ଏଥିରେ ମୁଁ ମୋ ସ୍ୱାମୀଙ୍କ ସେ କାଳକୁ ନେଇ ଅନେକ କଥା ଲେଖିପାରିଥାନ୍ତି। ହେଲେ ସବୁକଥା ତାଙ୍କ ଆତ୍ମଜୀବନୀରେ ଆସିଯାଇଛି। ତେଣୁ ଏଥିରେ ମୋ ଲେଖିବାର ବଡ଼ ପ୍ରେରଣା ବନିଗଲେ ମୋ ଗାଁ, ଓ ମୋ ନାନୀ। XXX ମୋ ଜୀବନରେ ଆଉ କ'ଣ ଅଛି ଯେ, ଆତ୍ମଜୀବନୀ ଲେଖିବି। ଗାଁ'ରୁ ପିଚୁସଡ଼କ ଆଡ଼କୁ ଆସୁଥିବା ଧର୍‌ସା (କଞ୍ଚାରାସ୍ତା)ର ଶଗଡଗୁଳାରେ ତ ମୋର ୮୯ ବର୍ଷ ସରିଗଲା। ସେଇ ଧର୍‌ସାକୁ ମୁଁ ଜୀବନସାରା ପିଚୁରାସ୍ତା ଭାବି ଆଦରି ନେଇଛି। ଗୋଟିଏ ଛୋଟ ଘରେ ବିଶାଳ ପରିବାରଟିଏ ସମ୍ଭାଳି ସେ ଭିତରେ ହିଁ ମୁଁ ସଂସାର ଯାକର ଆନନ୍ଦ

ପାଇଛି। ଜୀବନଯାକର କଥା ଯେତେବେଳେ ଯାହାମନେ ପଡିଛି ତାକୁ ଅତି ତରବରରେ ସାଉଁଟି ନେଇଛି।[୬]

**ଉପସଂହାର :**

କୌଣସି ଲେଖାଟିକୁ ସମୀକ୍ଷା ବା ସମାଲୋଚନା କଲାବେଳେ ଆମେ ତା'ଭିତରେ ଖୋଜିଥାଉଁ ସମକାଳୀନର ପ୍ରତିଛବି ଏବଂ କହୁ ଏଇଟା ଅଛି ସେଇଟା ଅଛି। ଏହି ପାରମ୍ପରିକ ସମୀକ୍ଷାଠାରୁ ସଂପୂର୍ଣ୍ଣ ଦୂରେଇ ନ ଗଲେ ବି ବର୍ତ୍ତମାନ ସମୀକ୍ଷା ଧାରାଟିକୁ ପରିବର୍ତ୍ତନ କରିବା ଅତ୍ୟନ୍ତ ଆବଶ୍ୟକ ମନେହୁଏ। ସେହି ଦୃଷ୍ଟିରୁ 'ଦିହକର କଥା' ଆତ୍ମଜୀବନୀକୁ ତାଙ୍କ ପରିବାର ବୃତ୍ତାନ୍ତ ବିଷୟ ଛଡ଼ା ସାମାଜିକ ଚଳଣୀ ଇତ୍ୟାଦି ରହିଛି ବୋଲି କହିବା କିନ୍ତୁ ଏସବୁର ଆଲୋଚନା ନକରି ସିଧାସଳଖ ଭାବେ ରାସେଶ୍ୱରୀ ମିଶ୍ର ନୂତନ ଧାରାର ଆଲୋଚନା କରିବାକୁ ପ୍ରୋତ୍ସାହନ ଦିଅନ୍ତି।

ଜୀବନର ଚଲାପଥରେ ଆବୁଡ଼ାଖାବୁଡ଼ା ରାସ୍ତା ଦେଇ ଲକ୍ଷ୍ୟସ୍ଥଳକୁ ଛୁଟିଗଲେ ଭାବମୂର୍ତ୍ତି। ଏହି ଭାବମୂର୍ତ୍ତିରେ ଥାଏ କେବଳ ସ୍ନେହ, ଶ୍ରଦ୍ଧା ଭଲପାଇବା, ତାହା ଜୀବନ ବଞ୍ଚାଇଦିଏ। ଲେଖିକା ମିଶ୍ରଙ୍କ ଆତ୍ମଜୀବନୀର ପ୍ରାରମ୍ଭରେ ହିଁ ଏହି କଥାଟି ସୂଚାଇଦିଏ। ଏହି ସ୍ନେହ, ଶ୍ରଦ୍ଧା, ଭଲପାଇବା, ପାରିବାରିକ କିମ୍ବା ଭିନ୍ନ କ୍ଷେତ୍ରରେ ହୋଇପାରେ। ମଣିଷ ଯେତେ ନିଷ୍ଠୁର ଥାଉନା କାହିଁକି କେଉଁଠି ନା କେଉଁଠି ତା' ମନ ଭିତରେ ଶ୍ରଦ୍ଧାଶୀଳ ମନୋଭାବ ରହିଥାଏ। ଏହି ଭାବ କୌଣସି ଆସନ ଓ ପ୍ରଶାସନ ଇତ୍ୟାଦିର ଅପେକ୍ଷା ରଖେନାହିଁ ସେ ଆବୋରି ନେଇଥାଏ ବିଶାଳତାକୁ। ସେଇଠି ଚିର ଦୁଃଖ ଚିର ସୁଖରେ ପରିଣତ ହୋଇଥାଏ। ଜୀବନରେ କଣ୍ଟା କେତେ ଫୁଲ କେତେ ତଥାପି ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର। ହୋଇପାରେ ସୁଖ ଅବା ଦୁଃଖର କଥା ତଥାପି ହୋଇଯାଏ ' ଦିହକର କଥା', ଶିଖିବା ଓ ଶିଖାଇବା ମନୋବୃତ୍ତିର ବ୍ୟଥା।

**ସଂକେତ ସୂଚୀ :**


(୧) ପାଣିଗ୍ରାହୀ, କାଳିନ୍ଦୀଚରଣ : ଅଙ୍ଗେ ଯାହା ନିଭାଇଛି, କଟକ ଷ୍ଟୁଡେଣ୍ଟ ଷ୍ଟୋର, କଟକ, ପୃ.୩

(୨) Olney, James - Metaphors of self: The meaning of Autobiography, P-36

(୩) Nai, Dr. D.G. Art of Autobiography, P-29.

(୪) ମିଶ୍ର, ରାସେଶ୍ୱରୀ : ଦିହକର କଥା (୨୦୧୯), ପଶ୍ଚିମା ପବ୍ଲିକେଶନ୍ସ, ପୃ. ୨୧

(୫) ଦିହକର କଥା, ପୃ.୧୬୭

(୬) ଦିହକର କଥା, ପୃ. ୨୧୫

(୭) ଦି ହକର କଥା, କେମିତି ଲେଖିଲି ଆତ୍ମଜୀବନୀ


❖ ❖ ❖

DOI :https://doi.org/10.5281/zenodo.13924349

ମୂଳ ପ୍ରବନ୍ଧ

# ଜୀବନର ବ୍ୟର୍ଥତା ଓ ଅନିଚ୍ଛାକୃତି ସନ୍ଧି 'ଶୂନ୍ ସାଂଗେ ସାମୟିକ ସନ୍ଧି' ପ୍ରସଙ୍ଗ: ହୃଷିକେଶ ପଣ୍ଡା

**ଜୟନ୍ତ କୁମାର ଦାସ**

**ସଂକ୍ଷିପ୍ତସାର :**

'ଶୂନ୍ ସାଂଗେ ସାମୟିକ ସଂଧି' ଉପନ୍ୟାସଟି ସାଂପ୍ରତିକ ମଣିଷ ଜୀବନର ଏକ ସ୍କେଚ୍। ଏହାର ନାୟକ ସନାତନ ସାଂପ୍ରତିକ ମଣିଷମାନଙ୍କର ପ୍ରତିନିଧିତ୍ୱ କରେ। ଯେଉଁମାନେ କି ଦୈନନ୍ଦିନ ଜୀବନରେ ଅର୍ଥହୀନତାକୁ ନେଇ ବଂଚିବାକୁ ବାଧ୍ୟ। ମଧ୍ୟବିତତାର ସୀମାରେଖା ଭିତରେ ଏହି ଚରିତ୍ରମାନେ ଯେମିତି ଅଣନିଃଶ୍ୱାସୀ ହୋଇଯାଆନ୍ତି। ହତସ୍ୱପ୍ନ ଓ ଅବସାଦଗ୍ରସ୍ତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରେ ତା ଚାରିପାଖରେ ବୃଥା ଓ ସ୍ୱପ୍ନଭଙ୍ଗ ସହ ସାମ୍ନାସାମ୍ନି ହେବାପରେ କେବଳ ଶୂନ୍ୟତା ଛଡ଼ା ଆଉ କାହା ସହିତ ଟକ୍କର ଦେବାର ଯୋଗ୍ୟତା ସେ ହରାଇବସେ। ଜନ୍ମହେବା ସମୟରେ ଶୂନ୍‌ରୁ ଅର୍ଥାତ୍ କୌଣସି ଲକ୍ଷ୍ୟ ନଥାଇ ଜୀବନର ହୁଏ ଅୟମାରମ୍ଭ ଏବଂ ବୟସାଧିକ୍ୟ ସହିତ ସ୍ୱପ୍ନ, ମୋହ, ଆବେଗ, ଧର୍ମ ଓ ନୈତିକତା ଇତ୍ୟାଦି ସମାଜ ସୃଷ୍ଟ ନିଷ୍ଠୁର ସତ୍ୟ ସହିତ ମୁକାବିଲା କରି ବିନା ପରିମାଣରେ ଅର୍ଥାତ୍ ଶୂନ୍‌ରେ ତାର ଜୀବନର ହୁଏ ପରିସମାପ୍ତି। ବାସ୍ତବିକ୍ ଏହା ଏକ ବାଧ୍ୟବାଧକତାର ଜୀବନ। ସନାତନ ପରି ସମାଜରେ ବଂଚୁଥିବା ଅ-ନାୟକମାନଙ୍କର ଜୀବନ ବିଶ୍ଲେଷଣ ହେଉଛି ଏହି ଉପନ୍ୟାସର ମୌଳିକତା। ସନାତନର ତିନି ପ୍ରକାର ଜୀବନ ଶୈଳୀକୁ ଉପନ୍ୟାସରେ ଦର୍ଶାଇଛନ୍ତି ଔପନ୍ୟାସିକ। ସମାଜର ଗତାନୁଗତିକ ଧାରାରେ ସ୍ୱପ୍ନ ସବୁକୁ କାର୍ଯ୍ୟରେ ପରିଣତ କରିବା ପାଇଁ ତାର ଅସୁବିଧା ନାହିଁ; ମାତ୍ର କାର୍ଯ୍ୟର ପରିସମାପ୍ତି ପରେ ସେ ଉପଲବ୍ଧି କରେ ତାର ସମସ୍ତ ପରିଶ୍ରମ ହୋଇଯାଇଛି ଅର୍ଥହୀନ। ରାଜା ସିସିଫସ୍ ପରି ତା ଦିନଯାକର ପରିଶ୍ରମ ଯେ ବୃଥା ତାହା ଜାଣିସାରି ମଧ୍ୟ ସେ ସେହି କାର୍ଯ୍ୟର ପୁନରାବୃତି କରିବା ପାଇଁ ବାଧ୍ୟ। ତା ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଶୂନ୍‌ମାନେ ତାକୁ ଯେପରି ଆପଣାର କରିନିଅନ୍ତି। ଏହି ଉଭଟତାପୂର୍ଣ୍ଣ ଶୂନ୍ୟତା ଭିତରୁ ପଳାୟନର ପନ୍ଥା ଖୋଜିଖୋଜି ସେ ନୟାନ୍ତ ହୋଇଯାଏ। ସନାତନ ତା ଜୀବନର ଶୂନ୍ୟ ଓ ଦଗ୍ଧ ଅତୀତ, ଆପାତତଃ ବାସ୍ତବ ବର୍ତ୍ତମାନ ଓ ଶୂନ୍ୟତାପୂର୍ଣ୍ଣ ଭବିଷ୍ୟତରୁ ନିଷ୍କୃତି ପାଇବା ପାଇଁ ପଳାୟନର ରାସ୍ତା ଖୋଜେ, କିନ୍ତୁ ସେହି ରାସ୍ତାରେ ଅମଲାତାନ୍ତ୍ରିକ ବାଧାବିଘ୍ନ ସହ ସାମ୍ନା କରିବାକୁ ପଡେ। ଭାରତ ସରକାରଙ୍କର ଜଣେ ଦକ୍ଷ ପ୍ରଶାସକ କଥାକାର ଡ. ହୃଷୀକେଶ ପଣ୍ଡା ନିଜର ବହୁବିଧ ଅନୁଭୂତି ଓ ଅଭିଜ୍ଞତାକୁ ପାଥେୟ କରି ସାଂପ୍ରତିକ ମଣିଷ ଜୀବନର ଅସହାୟତାକୁ ସନାତନ ଚରିତ୍ର ମାଧ୍ୟମରେ ସୁନ୍ଦର ଭାବରେ ବିଶ୍ଲେଷଣ କରିଛନ୍ତି।

**ପ୍ରମୁଖ ଶବ୍ଦାବଳୀ-** ପ୍ରତିନିଧିତ୍ୱ, ଅବସାଦଗ୍ରସ୍ତ ମଣିଷ, ସ୍ୱପ୍ନଭଙ୍ଗ, ବସ୍ତୁନିଷ୍ଠ ଅସହାୟତା, ନିଷ୍ଠୁର ସତ୍ୟ, ଅ-ନାୟକ, ଗତାନୁଗତିକ ଧାରା, ଅର୍ଥହୀନ ଜୀବନ, ଉଭଟତାପୂର୍ଣ୍ଣ ଶୂନ୍ୟତା, ବାସ୍ତବ ବର୍ତ୍ତମାନ, ଅମଲାତାନ୍ତ୍ରିକ ବାଧାବିଘ୍ନ।

ଓଡ଼ିଆ ଉପନ୍ୟାସର ସୁଦୀର୍ଘ ଯାତ୍ରା ପଥରେ ଡ. ହୃଷୀକେଶ ପଣ୍ଡା ଜଣେ ସୁଦକ୍ଷ ବିଦ୍ଧାଣୀ। ନୂତନ ଫର୍ମ ଓ ଥିମ୍‌ର ପ୍ରୟୋଗ ଯୋଗୁଁ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI:
https://doi.org/10.5281/zenodo.13924349
Article No - BPPP00232

**ଯୋଗାଯୋଗ :**
W. Rd« Kê ûe \ û , ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର-୭୫୬୦୮୯
**E-Mail ID:** Gdasjk.fmu@gmail.com
**ORCID ID:** https://orcid.org/0000-0001-9112-5447

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୮.୨୦୨୪ | ୧୦.୯.୨୦୨୪ | ୨୫.୮.୨୦୨୪ | ୧.୧୦.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ଜୟନ୍ତ କୁମାର; ୨୦୨୪। ଜୀବନର ବ୍ୟର୍ଥତା ଓ ଅନିଚ୍ଛାକୃତ ସନ୍ଧି 'ଶୂନ୍ ସାଂଗେ ସାମୟିକ ସଂନ୍ଧି'ପ୍ରସଙ୍ଗ: ହୃଷିକେଶ ପଣ୍ଡା । ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଛ, ପୃଷ୍ଠା :୫୭-୬୨।

ତାଂକ ଉପନ୍ୟାସଗୁଡିକର ସ୍ୱାତନ୍ତ୍ୟ ସଂପୂର୍ଣ୍ଣ ଭିନ୍ନ। ଗଭୀର ଅନୁଭୂତି ଓ ଅଭିଜ୍ଞତା, ସମ୍ବେଦନଶୀଳ ମାନବିକ ଦୃଷ୍ଟିକୋଣ, କାବ୍ୟିକ ପ୍ରକାଶ ଭଙ୍ଗୀ ଓ ଗାଁ, ନଗର ଏବଂ ମହାନଗରରେ ମଣିଷ ଜୀବନର ବାସ୍ତବତାର ଅବତାରଣା ହିଁ ତାଙ୍କ ଉପନ୍ୟାସର ସ୍ୱାତନ୍ତ୍ୟ। ସାହିତ୍ୟିକର ସାମାଜିକ ଦାୟବଦ୍ଧତାରେ ବିଶ୍ୱାସୀ ଔପନ୍ୟାସିକ ଡ. ପଣ୍ଡା ଭାରତୀୟ ପ୍ରଶାସନିକ ସେବାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଆସିଛନ୍ତି ଓ ଦେଶ ବିଦେଶର ବିଭିନ୍ନ ଅଂଚଳ ଭ୍ରମଣ କରିବା ସହିତ ବହୁଲୋକଙ୍କ ସହ ମିଶିବାର ସୁଯୋଗ ପାଇଛନ୍ତି ଓ ଏହି ଅନୁଭବ ଓ ଅନୁଭୂତିକୁ ସେ ତାଙ୍କ ଲେଖାରେ ପ୍ରୟୋଗ କରିଛନ୍ତି। ସେଥିପାଇଁ ଓଡିଶା ଓ ଓଡିଶା ବାହାରେ ଶ୍ରଦ୍ଧାଶୀଳ ପାଠକମାନଙ୍କ ନିକଟରେ ସେ ଖୁବ୍ ପରିଚିତ ହୋଇପାରିଛନ୍ତି। ୧୯୮୪ ମସିହାରୁ ଓଡିଆ ଉପନ୍ୟାସ ସାହିତ୍ୟ ଭିତରକୁ ପ୍ରବେଶ କରିଥିବା ଏହି ଔପନ୍ୟାସିକ ଏପର୍ଯ୍ୟନ୍ତ ନଅଟି କାଳୋତୀର୍ଣ୍ଣ ଉପନ୍ୟାସ ରଚନା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ଉପନ୍ୟାସଗୁଡିକ ମଧ୍ୟଦେଇ ସ୍ରଷ୍ଟାମାନସ ଗତି କରିଛି ଏକ ନୂତନ କ୍ରାନ୍ତିର ସନ୍ଧାନରେ। ଏହି ସନ୍ଧାନ ବଣ ଜଙ୍ଗଲ ଭରା ପ୍ରାକୃତିକ ପରିବେଶପୂର୍ଣ୍ଣ ସୁନାପୁଟରୁ ଆରମ୍ଭ ହୋଇ ସୁଦୂର ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ହୋଇଛି ପରିବ୍ୟାପ୍ତ। ୧୯୮୪ରେ ତାଙ୍କର ପ୍ରଥମ ଉପନ୍ୟାସ 'ଶୂନ୍ ସାଂଗେ ସାମୟିକ ସଂଧି' ପ୍ରକାଶିତ ହୁଏ। 'ହରିଣ ପିଠିର ଅଜଣା ସୂର୍ଯ୍ୟାସ୍ତକୁ', 'ସୁନାପୁଟର ଲୋକେ', 'ସୁବର୍ଣ୍ଣ ଦ୍ୱୀପ', 'ଶୃତି ୧୯୯୪', 'ହସ ଓ ଇତିହାସ', 'ଦସ୍ୟୁ', 'ଗର୍ବ କରିବାର କଥା', 'ସମସ୍ତେ ତ ଜାଣିଥିଲେ' ପ୍ରଭୃତି ଉପନ୍ୟାସ ତାଙ୍କ ସାଧନା ଓ ସିଦ୍ଧିର ସ୍ୱାକ୍ଷର ବହନ କରିବା ସହିତ ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ସହାୟକ ହୋଇଛି।

'ଶୂନ୍ ସାଂଗେ ସାମୟିକ ସଂଧି' ଡ. ହୃଷୀକେଶ ପଣ୍ଡାଙ୍କର ପ୍ରଥମ ଉପନ୍ୟାସ ଭାବରେ ପାଠକୀୟ ସ୍ୱୀକୃତି ଲାଭକରିଛି। ପ୍ରଥମ ଉପନ୍ୟାସରୁ ହିଁ ସେ ପାଠକର ଶ୍ରଦ୍ଧାଭାଜନ ହୋଇପାରିଛନ୍ତି। ଏହି ଉପନ୍ୟାସଟି ସାଂପ୍ରତିକ ମଣିଷ ଜୀବନର ଏକ ସ୍କେଚ୍। ଏହାର ନାୟକ ସନାତନ ସାଂପ୍ରତିକ ମଣିଷମାନଙ୍କର ପ୍ରତିନିଧିତ୍ୱ କରେ। ଯେଉଁମାନେ କି ନିଜ ଜୀବନର ଅର୍ଥହୀନତାକୁ ନେଇ ବଂଚିବାକୁ ବାଧ୍ୟ। ମଧ୍ୟବିତତାର ସୀମାରେଖା ଭିତରେ ସେ ଯେମିତି ଚାପିହୋଇଯାଏ। ଏହି ସନ୍ଦିଗ୍ଧ ଜୀବନ ବଂଚୁଥିବାରୁ ଅଥବା ଏକ ବିଜ୍ଞାନ ଓ ଯୁକ୍ତିସମ୍ମତ ଦର୍ଶନରେ ବିଶ୍ୱାସ କରୁଥିବାରୁ ସେ ନାସ୍ତିକତାର ଅବଧାରଣା ଭିତରେ ଠେଲିହୋଇଯାଏ। ହତସ୍ୱପ୍ନ ଓ ଅବସାଦଗ୍ରସ୍ତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରେ ତା ଚାରିପାଖରେ ବୃଥା ଓ ସ୍ୱପ୍ନଭଙ୍ଗ ସହ ସାମ୍ନାସାମ୍ନି ହେବାପରେ କେବଳ ଶୂନ୍ୟତା ଛଡ଼ା ଆଉ କାହା ସହିତ ଟକ୍କର ଦେବାର ଯୋଗ୍ୟତା ସେ ହରାଇବସେ। ଜନ୍ମହେବା ସମୟରେ ଶୂନ୍‌ରୁ ଅର୍ଥାତ୍ କୌଣସି ଲକ୍ଷ୍ୟ ନଥାଇ ଜୀବନର ହୁଏ ଅୟମାରମ୍ଭ ଏବଂ ବୟସାଧିକ୍ୟ ସହିତ ସ୍ୱପ୍ନ, ମୋହ, ଆବେଗ, ଧର୍ମ ଓ ନୈତିକତା ଇତ୍ୟାଦି ସମାଜ ସୃଷ୍ଟ ନିଷ୍ଠୁର ସତ୍ୟ ସହିତ ମୁକାବିଲା କରି ବିନା ପରିମାଣରେ ଅର୍ଥାତ୍ ଶୂନ୍‌ରେ ତାର ଜୀବନର ହୁଏ ପରିସମାପ୍ତି। ବାସ୍ତବିକ୍ ଏହା ଏକ ବାଧ୍ୟବାଧକତାର ଜୀବନ। ସନାତନ ଏଠାରେ ଜଣେ ଅ-ନାୟକ। ଏହି ଶୂନ୍ୟବୋଧ ବସ୍ତୁନିଷ୍ଠ ଅସହାୟତାରୁ ଯେ ସୃଷ୍ଟିହୋଇଥାଏ ତାହା ନୁହେଁ, କେବେକେବେ ଜୀବନର ପ୍ରାଚୁର୍ଯ୍ୟ ମଧ୍ୟରୁ ବି ମୁଣ୍ଡ ଟେକିଥାଏ। ସନାତନ ପରି ସମାଜରେ ବଂଚୁଥିବା ଅ-ନାୟକମାନଙ୍କର ଜୀବନ ବିଶ୍ଳେଷଣ ହେଉଛି ଏହି ଉପନ୍ୟାସର ମୌଳିକତା।

'ଶୂନ୍ ସାଂଗେ ସାମୟିକ ସଂଧି' ଉପନ୍ୟାସକୁ ଆଠଟି ପରିଚ୍ଛେଦରେ ବିଭକ୍ତ କରାଯାଇ ସନାତନର ତିନି ପ୍ରକାର ଜୀବନ ଶୈଳୀକୁ ଦର୍ଶାଇଛନ୍ତି ଔପନ୍ୟାସିକ। ପ୍ରଥମତଃ ସନାତନର ଚାକିରି କରିବାର ପୂର୍ବାବସ୍ଥା, ଦ୍ୱିତୀୟରେ ତା ଚାକିରି ଜୀବନରେ ଓ ତୃତୀୟରେ ଆମେରିକା ଯିବା ପାଇଁ ଅମଲାତନ୍ତ୍ର ସ୍ତରରେ ଭୋଗିଥିବା ନାନା ପ୍ରକାର ଅସୁବିଧା। ଯେତେ ତର୍କ କଲେ ମଧ୍ୟ ସମାଜ ସୃଷ୍ଟ ନୀତି ନିୟମ ମାନିବାକୁ ସେ ବାଧ୍ୟ। 'ତା' ଜୀବନ ହୋଇଯାଇଛି ଗୋବର ପୋକର ଗୁଳାଦେଇ ଅହରହ ବୋହି ଚାଲିଥିବା ଜୀବନ'। ଏହି ଗତାନୁଗତିକ ଧାରାରେ ସ୍ୱପ୍ନ ସବୁକୁ କାର୍ଯ୍ୟରେ ପରିଣତ କରିବା ପାଇଁ ତାର ଅସୁବିଧା ନାହିଁ; ମାତ୍ର କାର୍ଯ୍ୟର ପରିସମାପ୍ତି ପରେ ସେ ଉପଲବ୍ଧି କରେ ତାର ସମସ୍ତ ପରିଶ୍ରମ ହୋଇଯାଇଛି ଅର୍ଥହୀନ। ରାଜା ସିସିଫସ୍ ପରି ତା ଦିନଯାକର ପରିଶ୍ରମ ଯେ ବୃଥା ତାହା  ଜାଣିସାରି ମଧ୍ୟ ସେ ସେହି କାର୍ଯ୍ୟର ପୁନରାବୃରତି କରିବା ପାଇଁ ବାଧ୍ୟ। ତା ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଶୁନ୍‌ମାନେ ତାକୁ ଯେପରି ଆପଣାର କରିନିଅନ୍ତି। ଏହି ଉଦ୍ଭଟତାପୂର୍ଣ୍ଣ ଶୂନ୍ୟତା ଭିତରୁ ପଳାୟନର ପନ୍ଥା ଖୋଜିଖୋଜି ସେ ନୟାନ୍ତ ହୋଇଯାଏ। ସନାତନ ତା ଜୀବନର ଶୂନ୍ୟ ଓ ଦଗ୍ଧ ଅତୀତ, ଆପାତତଃ ବାସ୍ତବ ବର୍ତ୍ତମାନ ଓ ଶୂନ୍ୟତାପୂର୍ଣ୍ଣ ଭବିଷ୍ୟତରୁ ନିଷ୍କୃତି ପାଇବା ପାଇଁ ପଳାୟନର ରାସ୍ତା ଖୋଜେ, କିନ୍ତୁ ସେହି ରାସ୍ତାରେ ଅମଲାତାନ୍ତ୍ରିକ ବାଧାବିଘ୍ନ ସହ ସାମ୍ନା କରିବାକୁ ପଡେ।

ସନାତନ ନିଜ ବ୍ୟକ୍ତିତ୍ୱ ଓ ପାରିପାର୍ଶ୍ୱିକ ଚୌହଦୀରୁ ଉତରିତ ହୋଇ ଏକ ନୂତନ ପରିଚୟ ସୃଷ୍ଟି କରିବାରେ ଓ ନୂତନ ସ୍ତରରେ ପହଂଚିବାର ଅଦମ୍ୟ ଇଚ୍ଛାରେ ବ୍ୟାକୁଳ। ସନାତନ ଗାଁର ଏକ ସାଧାରଣ ଯୁବକ। ବାପା, ମାଆ ଓ ଦୁଇ ଅବିବାହିତା ଭଉଣୀଙ୍କୁ ନେଇ ତାର ପରିବାର। କେମିଷ୍ଟ୍ରିରେ ଏମ୍.ଏସ୍‌ସି. ପାଶ୍ କରିବା ପରେ ସେ ସନ୍ଦିହାନ ହୋଇଯାଇଛି ଚାକିରି ପାଇବା ନେଇ। ଚାକିରିରୁ ଅବସର ନେବା ପୂର୍ବରୁ ତା ବାପା ଅଳ୍ପ ବୟସରେ ମୃତ। ଅପରପକ୍ଷରେ ଅତି ଆପଣାର ଭାବୁଥିବା ପିନ୍ନାଲି ତାକୁ ଛାଡି ଦୁଇମାସ ହେଲା ଚାଲିଯାଇଛି। ଚାକିରି ନପାଇବାର ଦୁଃଖ, ବାପାଙ୍କ ମୃତ୍ୟୁରେ ପାରିବାରିକ ବୋଝ ଓ ପିନ୍ନାଲି ଚାଲିଯିବାର ଯନ୍ତ୍ରଣା ସହ ସେ କେମିତି ବଂଚିଥାନ୍ତା ? ଯେହେତୁ ସେ

ଜନ୍ମ ହୋଇସାରିଛି ବଂଚିବାକୁ ତେଣୁ ବାଧ୍ୟ। ସେଥିପାଇଁ ଏହିପରି ମାନସିକ ଅବସାଦରୁ ରକ୍ଷା ପାଇବାକୁ ମାସେ ହେଲା ଦିନକୁ ଦଶଟି କ୍ୟାଂପୋଜ୍ ଖାଇ ବି ତାକୁ ନିଦ ହେଉନି। ସାଇନ୍‌ସ କ୍ଲାସ୍ ଭିତରେ କଙ୍କାଳକୁ ମଧ୍ୟ ସନାତନ ଭୟ କରିନି। ସେ ଭାବିଛି- 'ଏବେ ମୋ ଭିତରେ ବି ଗୋଟେ କଙ୍କାଳ'। ଆଦ୍ୟ ଯୌବନର ପ୍ରାରମ୍ଭିକ ପର୍ଯ୍ୟାୟରେ ଶୂନ୍ ସାଂଗେ ସାକ୍ଷାତ୍ ହେବାପରେ ସନାତନ ଅସହାୟ ଭାବେ ନିଜକୁ ନିଜେ କହିଛି, "କି ଜୀବନ ସତେ ମୋର? ଏହା କୁଆଡ଼େ ଯୌବନ! ଏବଂ ମୁଁ ପୃଥିବୀର ସବୁଠୁ ଶ୍ରେଷ୍ଠ ଥଟ୍ଟାଯୋଗ୍ୟ ଲୋକଟାଏ ନୁହଁ କି?" (ଶୂନ୍ ସାଂଗେ ସାମୟିକ ସଂଧି, ପୃଷ୍ଠା-୧୨)

ଧୂମାଭ ଭବିଷ୍ୟତର ଚୌହଦୀରେ ସନାତନ ଅଣନିଃଶ୍ୱାସୀ ହୋଇଯାଏ। ବିଭିନ୍ନ ପ୍ରତିକୂଳତା ସତ୍ୱେ ବହୁ ଧାଁ ଧପଡ କରି ସେ ଚାକିରି ପାଏ। ଚାକିରିରେ ଜଏନ୍ କରିବା ପୂର୍ବରୁ ସେ ତା ମାମୁଁ ଘରକୁ ବୁଲିଯାଇଛି। ମାମୁଁଘରେ ଅପ୍ରତ୍ୟାଶିତ ଭାବେ ମାଟୁ ଉପରୁ ତାର କୈଶୋରରେ ଲେଖାଯୋଖା ଗୌରୀ ଆଈର ନଗ୍ନ ଚେହେରା ଆବିଷ୍କାର କରିଛି। ଆଦ୍ୟ ଯୌବନର ଉଦ୍ଦାମତା ଯୋଗୁଁ ସଦ୍ୟ ବିବାହିତା ଗୌରୀ ଆଈର ନଗ୍ନ ଦେହର ବାସ୍ନାରେ ଉଲ୍ଲସିତ ହୋଇ ନିଜର ଯୌନ ଆକର୍ଷଣ ପାଇଁ ସେ ବାରମ୍ବାର ମାମୁଁ ଘରକୁ ଆସିବାକୁ ଯେପରି ବାଧ୍ୟ ହୋଇଯାଇଛି। ଅପରପକ୍ଷରେ ପିନ୍ନାଲିର ପାରିବାରିକ ସମସ୍ୟା ମଧ୍ୟ ତାକୁ ଆକ୍ରାନ୍ତ କରିଛି। ପିନ୍ନାଲି ସ୍ୱାମୀର ମଦ୍ୟପତା ଓ ଯୌନ ଅତ୍ୟାଚାରରେ ମ୍ରିୟମାଣ ହୋଇ ବାପଘରକୁ ଆସିଥିଲା ମାତ୍ର ସନାତନ ଚାକିରି ପାଇବା ପୂର୍ବରୁ ପୁଣିଥରେ ଫେରିଗଲା। ବିଷଣ୍ଣ ସନାତନ ସେଥିପାଇଁ ମାମୁଁଘରକୁ ଯାଇଛି; ମାତ୍ର ସେଠାରେ ଗୌରୀ ଆଈର ଅନାକର୍ଷଣୀୟ ଚେହେରା ଦେଖି ତାର ସମସ୍ତ ରୋମାଂଟିକ ସ୍ମୃତି ଯେପରି ଭାଙ୍ଗିରୁଜି ଯାଇଛି ଓ ସେ ଜୀବନର ନିଛକ ବାସ୍ତବତା ସହିତ ପ୍ରଥମ ଥର ସମ୍ମୁଖୀନ ହୋଇଛି। ଆଈର ବିଭିନ୍ନ ବାରଣ ସତ୍ୱେ ସନାତନ ତାର ଖୁସିକୁ ଆତ୍ମହତ୍ୟା କରିବାକୁ ଉଚିତ ମନେକରିନି। ସେ ବସ୍‌ଷ୍ଟାଣ୍ଡରେ ପହଂଚି ଅଚିହ୍ନା ସଂପର୍କହୀନ ଲୋକମାନଙ୍କୁ ଦେଖି ନିଠେଇ ନିଠେଇ ଦାନ୍ତ କାମୁଡି ସିଗାରେଟ ଲଗାଉଛି ଓ ଦ୍ୱନ୍ଦ୍ୱ, ହତାଶା ଏବଂ ଦୁଃଖ ସହ ସାମ୍ନାସାମ୍ନି ହୋଇ ତା ନିଜ ଘରକୁ ଫେରି ଆସୁଛି। କ୍ରମାଗତ ଅନବରତ ଆଗକୁ ଯିବା ସମୟରେ ତାର ସୌନ୍ଦର୍ଯ୍ୟ ଓ ସ୍ୱପ୍ନ ଉଭୟ ଭାଙ୍ଗିଯାଉଛି।

ଏହାପରେ ସନାତନ ସହରକୁ ଯାଏ, ଚାକିରିରେ ଜଏନ କରେ। ପିନ୍ନାଲିକୁ ଦେଖିବା ପରେ ତା ଜୀବନର ମରୁଭୂମି ପୁଣି ପଲ୍ଲବିତ ହୋଇଉଠେ। ପିନ୍ନଲି ଠାରୁ ଦେହସୁଖ ପାଇବା ଆଶାରେ ବାରମ୍ବାର ପିନ୍ନାଲିର ସ୍ୱାମୀ ଅମ୍ବରୀଶ ଘରକୁ ଯାଏ। ଅମ୍ବରୀଶର ସନ୍ଦେହ ଓ ପିନ୍ନାଲିର ତା ପ୍ରତି ପ୍ରେମ ବଦଳରେ ଦୟା ଥିବା ଜାଣିବା ସତ୍ୱେ ସନାତନ ଖାସ୍ ଦୟା ଟିକକ ପାଇଁ ଅନ୍ୟ ଦୁଇଜଣ ବନ୍ଧୁଙ୍କୁ ଏକାଠି କରି ତାଙ୍କ ଘରକୁ ଯାଇ ଘଂଟାଘଂଟା ମଦ ପିଇ, କେବଳ ଦୁଇଚାରି ସେକେଣ୍ଡ ପାଇଁ ପିନ୍ନାଲିକୁ ଦେଖି, ଦି ଚାରି ବାଜି ବ୍ରିଜ୍ ଖେଳି ପୁନଶ୍ଚ ସାଇକେଲ୍ ପେଲିପେଲି ଫେରିଆସେ।

ସନାତନ ଦିନେ କଲେଜରୁ ଘରକୁ ଫେରି ଘର ଭିତରେ ଏକ ଅପରିଚିତ ତରୁଣୀକୁ ଆବିଷ୍କାର କରିଛି, ଯିଏକି ସନାତନର ସ୍ତ୍ରୀ ବୋଲି ଦାବିକରିଛି। ସେହି ସ୍ତ୍ରୀଲୋକକୁ ଦେଖି ତା ଭିତରେ ସବୁ ଗୋଳମାଳ ହୋଇଯାଉଛି, ସତେ ଯେପରି ତା ହୃତ୍‌ପିଣ୍ଡ ତଳକୁ ଖସିପଡୁଛି। ଏହି ଅର୍ଥହୀନ ବନ୍ଦୀତ୍ୱରୁ ମୁକ୍ତି ପାଇଁ ସେ ବଦଳି ପାଇଁ ଉପରିସ୍ଥ ପ୍ରଫେସରଙ୍କୁ ଚିଠି ଲେଖିଛି। ଯେଉଁଠି କେବଳ ଥିବ ମାଇଲ ମାଇଲ ଅଜବ ଧାନକ୍ଷେତ, ସିର୍‌ସିର୍ ପବନ ଓ ଜହ୍ନ ଆଲୁଅର ନଈବଢି। ନୂଆ ଜାଗାରେ ପହଂଚି ଆକାଂକ୍ଷିତ ନିନିଷ ନପାଇ ତାର ମୋହଭଙ୍ଗ ହୋଇଛି। ପୁଣିଥରେ ଅମ୍ବରୀଶ-ଶାନ୍ତନୁ-ବିଭୁଧେନ୍ଦ୍ର ଓ ପିନ୍ନାଲିର ଆସରକୁ ଫେରିଯିବାକୁ ବ୍ୟାକୁଳ ହୋଇଛି। ସେ ଭାବିଛି 'ପୁଣିଥରେ ଯଦି ସେହି ଜୀବନ ବୃତକୁ ଫେରିଆସିବ ତାହେଲେ ଏତେଦୂର କାହିଁକି ପଳେଇଆସିଲି?' ଏକ ଗତାନୁଗତିକ ଜୀବନ ଧାରାରୁ ମୁକୁଳିବା ପାଇଁ ଓ ଏକ ଭିନ୍ନ ମୂଲ୍ୟବୋଧ ସହ ବଂଚିବା ପାଇଁ ସେ ସ୍ଥିର କରିଛି ଆମେରିକା ଚାଲିଯିବାକୁ।

ଏହିଠାରୁ ସନାତନ ଜୀବନର ଅନ୍ୟ ଏକ ପର୍ଯ୍ୟାୟର ଆରମ୍ଭ ହୁଏ। ଆମେରିକା ଯିବାପାଇଁ ସ୍କଲାରସିପ ପାଇବା ଓ ମୁଖ୍ୟ ଦପ୍ତରକୁ ଅର୍ଡର ପାଇବା ପାଇଁ ସରକାରୀ ଶାସକୀୟ କାର୍ଯ୍ୟପନ୍ଥା ଦ୍ୱାରା ପେଷି ହୋଇଯିବା ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ। ଚପରାଶୀ, କିରାଣୀ, ଅଫିସର ଓ ଫାଇଲ୍ ପଛରେ ଘୂରିଘୂରି ତାର ନିର୍ଦ୍ଧାରିତ ତାରିଖ ଅତିକ୍ରାନ୍ତ ହୋଇଯାଏ। ଏହି ବିଶାଳ ବ୍ୟୁରୋକ୍ରାସୀର ନୀତି ନିୟମ ଜାଲରେ ଛନ୍ଦିହୋଇ ସନାତନ ପରି ଲୋକମାନେ ଅକ୍ତାମାକ୍ତା ହୋଇଯାନ୍ତି ଓ ସେମାନଙ୍କର ବିଦେଶ ଯିବାର ସ୍ୱପ୍ନ ମଧ୍ୟ ଭାଙ୍ଗିରୁଜି ଯାଏ। ଅମଲାତନ୍ତ୍ରର ପ୍ରତ୍ୟେକ ସ୍ତରରେ ବିଫଳ ହୋଇ ସନାତନ ରିଭଲଭର ଛଡାଇଆଣି ଗୁଳି ଫୁଟାଇଛି ଅଫିସର, ପୋଲିସ, ଭଣ୍ଡ ବିପ୍ଳବୀ ଓ ପ୍ରତାରକ ଗାନ୍ଧୀ ଟୋପୀ ପିନ୍ଧା ମଣିଷମାନଙ୍କୁ ଲକ୍ଷ୍ୟକରି। ଏଥର ମଧ୍ୟ ବିଫଳ ହୋଇଛି ସେ। ଏହିପରି ପ୍ରତ୍ୟେକ ମୁହୂର୍ତ୍ତରେ ସେ ଅନୁଭବ କରିଛି ଶୂନ୍ୟତା। ସନାତନର ଜୀବନ ଦର୍ଶନ ଅତି ସରଳ; ଏ ଜୀବନର କୌଣସି ମୂଲ୍ୟନାହିଁ, ମାତ୍ର ଏ ଜୀବନ ବଂଚିବାକୁ ସେ ବାଧ୍ୟ। ତେଣୁ କିଛି ମିଛସତ ମୂଲ୍ୟବୋଧର ବାହାନା ଦେଇ ଜୀବନକୁ ସାର୍ଥକ କରିବାକୁ ଏହି ଚରିତ୍ରମାନେ ବାଧ୍ୟ ହୁଅନ୍ତି।

ଏଠାରେ ଜୀବନର ବାସ୍ତବତା କହିଲେ ଶୂନ୍ୟତା ସହ ନିବିଡ ସଂପର୍କକୁ ହିଁ ବୁଝାଏ; ମାତ୍ର ବଂଚିବା ପାଇଁ ସନାତନ ପରି ପ୍ରତ୍ୟେକ ମଣିଷ ଶୂନ୍ୟତା ଠାରୁ ସନ୍ଧି ପୂର୍ବକ ବିଚ୍ଛିନ୍ନତା ପାଇଁ ଚେଷ୍ଟିତ। ଭବିଷ୍ୟତର ସୁନେଲୀ ସ୍ୱପ୍ନ ଦେଖିବା ଓ ଏକ ସ୍ୱାଭାବିକ ବର୍ତ୍ତମାନର ବଂଚିବାର ମାନସିକତା ନେଇ ସନାତନ ଆଜି ବିପର୍ଯ୍ୟସ୍ତ। ଜିତିବାର ଇଚ୍ଛାନେଇ

ସେ ପ୍ରତ୍ୟେକ ଥର କାର୍ଯ୍ୟକରେ କିନ୍ତୁ ସମାଜର ନୈତିକ ମୂଲ୍ୟବୋଧ ପାଖରେ ତାର ସମସ୍ତ ଚେଷ୍ଟା ଯେପରି ହାର ମାନିଯାଏ। ହାରିଯାଏ ସନାତନ ଜୀବନର ପ୍ରତ୍ୟେକ ପଦକ୍ଷେପରେ। ସେଥିପାଇଁ ସେ ପରିଣାମ ପାଇଁ ବ୍ୟାକୁଳ ନୁହେଁ। ଜିତିବା ଆଉ ହାରିବା ଭିତରେ କଣ ବା ଆଉ ପ୍ରଭେଦ? ତା ଜୀବନର ଯେଉଁ କ୍ଷଣିକ ବିଶ୍ୱାସ ଟିକକ ମୁଣ୍ଡ ଟେକିଥିଲା, ତାହା ଏବେ ଜୀବନଯାକର ଅସଂଖ୍ୟ ଅସହାୟ ମୁହୂର୍ତ୍ତମାନଙ୍କ ସହ ଟକ୍କର ଦେଇ ନଈବଢ଼ିର କୁଟାଖିଅ ପରି ଅନ୍ତର୍ହିତ। ପ୍ରବୃତିର ନିର୍ଦ୍ଦେଶରେ କାମ କରୁଥିବା ସନାତନ ଆଜି-ଦିନକ ବଂଚିବାରେ ପ୍ରୟାସୀ। କାରଣ ଆସନ୍ତା କାଲି ପାଇଁ ଚିନ୍ତା କରିବା ଅର୍ଥ ପୁଣି ଥରେ ବ୍ୟର୍ଥତା ଅର୍ଥାତ୍ ହାରିବାକୁ ଆମନ୍ତ୍ରଣ କରିବା। ଔପନ୍ୟାସିକଙ୍କ ଭାଷାରେ- "ସନାତନ ହାରିଯିବାର ଅର୍ଥ ପୁଣି ଥରେ ଆଉ ଶହଶହ ହଜାର ହଜାର ସନାତନ ତାରି ପରି ଆସିବେ, ଶୁନ୍‌କୁ ଦେଖିବେ, ସାମୟିକ ସନ୍ଧିଟିଏ କରିବେ, ଅଥବା ଯୁଦ୍ଧଟିଏ- ଶୁନ୍ ସାଂଗେ ଯୁଦ୍ଧ ଯାହା ସଂଧି ବି ସେଇଆ।" (ଶୁନ୍ ସାଂଗେ ସାମୟିକ ସଂଧି, ପୃଷ୍ଠା- ୧୧୮) ବାସ୍ତବିକ ଏକ ଦୈନନ୍ଦିନ ବାଧ୍ୟବାଧକତାରୁ ଜୀବନରୁ ଉତରିତ ହେବାର ଉପାୟ ଆମମାନଙ୍କ ପାଖରେ ନାହିଁ। ସନାତନ ଏଠାରେ ହୋଇଯାଇଛି ସାଂପ୍ରତିକ ମଣିଷମାନଙ୍କ ପ୍ରତିଭୂ। ଯିଏକି ଚାକିରି ପାଇବା, ପିନ୍ନାଲି ଓଠରେ ଗେଲକରିବା ବା ଗୌରୀ ଆଇର ଉଲଗ୍ନ ଚେହେରାର ସ୍ମୃତିରେ ଭାରିଗୋଟେ କୋଣାର୍କ ତୋଳି ପକାଉଚି ବୋଲି ଲୁଚେଇଲୁଚେଇ ଗୌରବାନ୍ୱିତ ମନେକରିପାରୁନାହିଁ। ଏହିସବୁ ମୁହୂର୍ତ୍ତମାନଙ୍କୁ ଯାହା ସୁଖଦ ବୋଲି ସେ କ୍ଷଣିକ ଅନୁଭବ କରୁଛି, ତାହା ବାସ୍ତବିକ ଗୋଟେଗୋଟେ ପୁରୁଣା ଜୀବନ, ଯାହାକୁ ଅନ୍ତତଃ କୋଟିକୋଟି ଲୋକ ଆଗରୁ ବଂଚିସାରିଛନ୍ତି, ସେଇଆକୁ ସେ କେବଳ ଦୋହରାଉଛି। ତେଣୁ ଜାଣିଶୁଣି ସନାତନ ଆମେରିକା ଯାଇ ସେଠାରେ ଏକ ଧରାବନ୍ଧା ରୁଟିନ୍ ଜୀବନ ଲାଗି ପ୍ରୟାସୀ ହୋଇଛି।

ସନାତନ ଜନ୍ମହେବା ପରଠାରୁ ନିଷ୍ଫଳତା ଓ ବ୍ୟର୍ଥତାର ସ୍ୱାଦ ଚାଖୁଥିଲେ ହେଁ ସେ ସର୍ବଦା ଏକ ସୁନ୍ଦର ଜୀବନ ବିତେଇବାର ଆକାଂକ୍ଷା ରଖେ। ସେଥିପାଇଁ ଅସଂଖ୍ୟ ଅର୍ଥହୀନତା ସତ୍ତ୍ୱେ ସେ ବଂଚିବାର ମଧୁର ସ୍ୱାଦରେ ପାଗଳ। ତା ଜୀବନ ଶାଶ୍ୱତ ଓ ସୁନ୍ଦର। ତା ଜୀବନର ଅନନ୍ଦମୟତାକୁ ନଷ୍ଟ କରିଦେଇଛି ସାଂପ୍ରତିକ ସାମାଜିକ ମୂଲ୍ୟବୋଧ। ଆମର ଧରାବନ୍ଧା ନୀତିନିୟମ ଓ ବିଶ୍ୱାସ ସନାତନର ଜୀବନକୁ ବନ୍ଦୀ କରିଦେଇଛି। ଲକ୍ଷ୍ମଣରେଖାର ତିନିଗାର ତା ପାଇଁ ଦୁର୍ଭେଦ୍ୟ। ଏହି ପାପପୁଣ୍ୟ ବିଚାରବୋଧକୁ ଅତିକ୍ରମ ନକରୁଣୁ ଅମଲାତାନ୍ତ୍ରିକ ସ୍ତରରେ ମଧ୍ୟ ସେ ହୁଏ ପ୍ରତାରିତ। ତାର ଆମେରିକା ଯିବାର ଅଦମ୍ୟ ଲାଳସା ପୁନର୍ବାର ଶୁନ୍ ସହିତ ସନ୍ଧିକରେ। ତା ଜୀବନର ଏହି ବ୍ୟର୍ଥତା ପାଇଁ ସେ ଦାୟୀ କରିଛି ଆଜିର ଏହି ସ୍ଥିତିକୁ। ମାତ୍ର ଏହି ବ୍ୟର୍ଥ ନାୟକ ସନାତନର ଜୀବନ ଆରମ୍ଭ ହୋଇଥିଲା ଧ୍ୱନିରେ, ଶବ୍ଦରେ ଓ ସଙ୍ଗୀତରେ, ଯାହାକୁ ସେ ନିଜ ହାତରେ ଝୋଟି ପରି ସଜେଇଥିଲା। ତାର ସୁନ୍ଦର ଜୀବନ ଆରମ୍ଭ ହୋଇଥିଲା ମଧ୍ୟ ମାଟିରୁ, ଯାହାକୁ ସେ ଜହ୍ନ ଆଲୁଅରେ ଓଦା କରିଥିଲା, ଆରମ୍ଭ ହୋଇଥିଲା ଫୁଲରୁ ଯାହା ଅସରନ୍ତି ଗେହ୍ଲାଳିଆ ଚୁମ୍ବନରେ ଥରୁଥିଲା। ସ୍ନିଗ୍ଧ ଆକାଶର ସଂପୂର୍ଣ୍ଣ ଅବୋଧ୍ୟ ଶୂନ୍ୟତାରେ ଆରମ୍ଭ ହୋଇଥିବା ତା ଜୀବନକୁ ସେ ଅସଂଖ୍ୟ ସାନସାନ ଅର୍ଥରେ ତିଆରିଲା, ଭାଙ୍ଗିଲା ଓ ସେଇ ଭଙ୍ଗାଗଢ଼ା ବିଭିନ୍ନ ଅର୍ଥରେ ବଂଚିବାର ପ୍ରୟାସ କରୁଥିଲା। ମାତ୍ର ଜୀବନ ନାଟକରେ ସେ ଅସଫଳ ଓ ଧ୍ୱଂସାଭିମୁଖୀ, ତେଣୁ ସେ ଆକ୍ଷେପ କରି କହିଛି, "ତମେ ସବୁ ଗୋଟିଗୋଟି କରି, ଲୋଚାକୋଚା କରି ଫୋପାଡିଦେଲ ମୋ ଜୀବନ ନର୍ଦ୍ଦମା ଭିତରକୁ, ସେଥିପାଇଁ ତମର ବେଖାତିର ନିର୍ବୋଧତା ଦାୟୀ କି ନୁହେଁ ମୁଁ ଜାଣେନି, ତମ ନିର୍ବୋଧତା, ଶୂନ୍ୟତା, ନୀରବତା ଯାହାକୁ ମୁଁ ନିଃସନ୍ଦେହରେ ଘୃଣାକରେ, ଏବେ ସେ ମୋ ଅନିଚ୍ଛାରେ ମୋ ପାଖକୁ ସଂକ୍ରମିତ।" (ଶୂନ୍ ସାଂଗେ ସାମୟିକ ସଂଧି, ପୃଷ୍ଠା- ୧୧୭) ଏଥିରୁ ଜଣାପଡେ ଯେ, ବର୍ତମାନ ସନାତନ ଯେଉଁ ଶୁନ୍‌ମାନଙ୍କ ସହ ସଂଧି କରିବାକୁ ବାଧ୍ୟହୋଇଛି, ତାହା ତାର ପ୍ରକୃତ ଅବସ୍ଥା ନୁହେଁ। ଆମ ସାମାଜିକ ଆଦର୍ଶ, ଗଣଶକ୍ତିର ପ୍ରାଦୁର୍ଭାବ ଓ ଏଷ୍ଟାବ୍ଲିସମେଂଟର ଶକ୍ତ ପଂଜା ସନାତନକୁ ଶୂନ୍ୟତା, ଅସହାୟତା ଓ ବ୍ୟର୍ଥତା ଆଡକୁ ଯେପରି ଝିଂକିନେଇଆସେ।

ବାସ୍ତବିକ ସନାତନ ଏକ ସୁନ୍ଦର ସୃଷ୍ଟି। ନିଜ ପ୍ରତି ସେ ଯେତିକି ମୋହଗ୍ରସ୍ତ ସମାଜ ପ୍ରତି ମଧ୍ୟ ସେହି ପରିମାଣରେ ଅଙ୍ଗୀକାରବଦ୍ଧ। ଜୀବନର ପ୍ରଥମ ପର୍ଯ୍ୟାୟରେ ସେ ତେଣୁ ଏହି ବସ୍ତୁବାଦୀ ସମାଜର ଆଦବ କାଇଦାକୁ ସ୍ୱୀକାର କରିନାହିଁ। ସେଥିପାଇଁ ସ୍ୱପ୍ନରେ ହେଲେ ବି ସେ ପହଂଚିଯାଇଛି ତାର ବହୁ ପ୍ରତୀକ୍ଷିତ ଗନ୍ତବ୍ୟସ୍ଥଳୀରେ। ଯେଉଁଠି କି ସାନସାନ ତାରା ପରି ରଙ୍ଗ ବିରଙ୍ଗର ବିଭିନ୍ନ ଆକୃତିର ବରଫଖଣ୍ଡ ଭାସୁଥିବ, ଛିଟ୍‌କିଯାଇ ଗୁଣ୍ଡ ହୋଇଯାଉଥିବ ଏବଂ ସେ ତା ଗାଲରେ ଶୀତଳ ସ୍ପର୍ଶ ଅନୁଭବ କରୁଥିବ। ଜ୍ୟୋସ୍ନା ବିଧୌତ ରଜନୀରେ ସାରା ପୃଥିବୀ ଫୁଲର ବିଛଣାରେ ଆଚ୍ଛାଦିତ, ଏକ ସୁନ୍ଦର ହ୍ରଦରେ ଧଳାଧଳା ବଡବଡ ଚଢ଼େଇମାନଙ୍କର ବିଚରଣ ସହିତ ଝିଅଟିଏ ହ୍ରଦ ଚାରିପଟେ ସନାତନର ହାତଧରି ଡେଇଁଡେଇଁ ଗୀତ ଗାଉଥିବ। ଏହିପରି ଏକ ସୁସ୍ଥ ମାନସିକତା ନେଇ ବଂଚିବାକୁ ଚାହୁଁଥିବା ସନାତନ ତେଣୁ କଲେଜ ଷ୍ଟ୍ରାଇକ୍ ହେବା ମାତ୍ରକେ ଘରେ ଅଥବା ହଷ୍ଟେଲରେ ଲୁଚିଯାଉଥିଲା, ପ୍ରିନସପାଲଙ୍କୁ ଦେଖିଲେ ପ୍ରଣାମ କରୁଥିଲା ଓ ମଉସାଙ୍କ ଆଗରେ ସିଗାରେଟ ଟାଣୁନଥିଲା। ମାତ୍ର ତା ବିଶ୍ୱାସ ସାମାଜିକ ରୀତି-ନୀତି ସହିତ ସାମ୍ନା କରିବା ପରେ ହୋଇଯାଇଛି ଦୁର୍ବଳ, କୌଣସି ଆପାତଃ କାରଣ ନଥାଇ, ସେ ସାମାଜିକ ମୂଲ୍ୟବୋଧକୁ ପଦାଘାତ କରିଛି ଓ ଠାକୁରଙ୍କ ସହିତ ଚ୍ୟାଲେଞ୍ଜ କରିଛି। ସେଥିପାଇଁ ସେ ଗଣେଶ ପୂଜାର ପ୍ରସାଦ ଖାଇ ହାତ ପାଦତଳେ ଘଷିଛି, ପାଂଚଟଙ୍କା

ଦେଇ ଏକ ପଚାଶ ବର୍ଷର ଗୋରୁ ଚରାଉଥିବା ସ୍ତ୍ରୀଲୋକକୁ ଯୌନ ସଂଭୋଗ ପାଇଁ ହାତଠାରି ଡାକିଛି ଏବଂ ପରିଶେଷରେ ବିପ୍ଳବୀ ସାଜି ଏଷ୍ଟାବ୍ଲିଶମେଂଟର ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କ ଆଡକୁ ଲକ୍ଷ୍ୟକରି ଗୁଳିକରିଛି। ସଭ୍ୟ ସମାଜର ଆଇନ କାନୁନ୍ ଓ ଏଷ୍ଟାବ୍ଲିଶମେଂଟ ପାଖରେ ସନାତନ ଯେପରି ନିଷ୍ପ୍ରଭ ହୋଇଯାଉଛି।

ସମାଜ ସହ ମଣିଷର ସଂପର୍କ ଯେପରି ଏକ ଅଦୃଶ୍ୟ ରଜ୍ଜୁରେ ବନ୍ଧା। ସେଥିପାଇଁ କାହାରି ବି ଇଚ୍ଛା ଅନିଚ୍ଛାର କୌଣସି ମୂଲ୍ୟ ନଥାଏ। ତେଣୁ ସନାତନ ପଳାତକ ମନୋଭାବ ନେଇ ସଂପର୍କ ସ୍ଥାପନ କରେ। କିନ୍ତୁ ଯେଉଁ ସିଷ୍ଟମ୍ ଏହି ମନୋଭାବକୁ ସୃଷ୍ଟିକରିଛି ସେଥିରୁ ନିସ୍ତାର ପାଇବା ଅସମ୍ଭବ। ବି.ଏସ୍‌ସି. ପଢ଼ିଲା ବେଳେ ସନାତନ ଭାବୁଥିଲା ସେ ଚାକିରି, ବାହାଘର, ଛୁଆପିଲା ଇତ୍ୟାଦି ଗତାନୁଗତିକ ଜୀବନରେ ପଶିବ ନାହିଁ। ଟ୍ରେନ୍ ଡ୍ରାଇଭର, କୌଣସି କଂଟ୍ରାକଟର ପାଖରେ ଦିନ ମଜୁରିଆ, ବଡ ଲିଲାଣ୍ଡ ଟ୍ରକର କ୍ୟାବିନ୍ ଛାତରେ ଶୋଇଥିବା କ୍ଲିନର୍, ସମୁଦ୍ରର ମାଛ ଧରାଳି କିମ୍ବା ଜଣେ ପ୍ରସିଦ୍ଧ ଲେଖକର ଜୀବନ ପରି ବଂଚିବାର ମାନସିକତା ରଖୁଥିବା ସନାତନ ବୟସାଧିକ୍ୟ ସହିତ ଗତାନୁଗତିକ ଚାକିରି ଜୀବନ ଆଡକୁ ଯେପରି ଟାଣି ହୋଇଯାଇଛି। ବର୍ତ୍ତମାନ ସେ ଚାକିରି ଖୋଜିବାକୁ ଏମିତି ବିକଳ ହେଉଛି ଯେ, ଯେପରି ଜନ୍ମ ହେବା ପରଠାରୁ ଚାକିରି ବ୍ୟତୀତ ତାର ଅନ୍ୟ କୌଣସି ଲକ୍ଷ୍ୟ ନଥିଲା। ଟାଲ୍ ହୋଇଥିବା ସାଇକେଲକୁ ପେଲିପେଲି ପୂର୍ବରୁ 'ତୁ' ସମ୍ବୋଧନ କରୁଥିବା ଲୋକଙ୍କୁ 'ସାର/ଆପଣ' କହିବାକୁ ବାଧ୍ୟ ହେଉଛି। ପ୍ରତ୍ୟେକ ମୁହୂର୍ତ୍ତରେ ସନାତନ ସାମାଜିକ ସିଷ୍ଟମ୍ ସହିତ ସନ୍ଧି କରୁଛି।

ଉପନ୍ୟାସଟିରେ ଔପନ୍ୟାସିକ ସନାତନ ପରି ସାଂପ୍ରତିକ ଯୁବ ସମାଜର ବ୍ୟର୍ଥତା, ଅସହାୟତା ଓ ନିଃସଙ୍ଗତାକୁ ଯେପରି ଭାବରେ ଉପସ୍ଥାପନ କରିଛନ୍ତି, ସମାନ୍ତରାଳ ଭାବେ ଆମର ବିପର୍ଯ୍ୟସ୍ତ ଶାସନ ବ୍ୟବସ୍ଥାକୁ ମଧ୍ୟ ବ୍ୟଙ୍ଗ କରିଛନ୍ତି। ଏହି ବିଶାଳ ଶକ୍ତି ନିକଟରେ ସନାତନ ପରି ବ୍ୟକ୍ତି ସତାର ଆସ୍ଫାଳନ ଭୂଲୁଣ୍ଠିତ ହୋଇଯାଏ। ସମୂହ ଶକ୍ତି ପାଖରେ ସନାତନ ଏକାନ୍ତ ଦୁର୍ବଳ ଓ ଅସହାୟ ମନେହୁଏ। ଏହି ବିଶାଳ ବ୍ୟୁରୋକ୍ରାସୀର ନୀତି-ନିୟମ ସନାତନକୁ ଛନ୍ଦିଦେଇ ତା ଜୀବନକୁ କରିଦେଇଛି ଅର୍ଥଶୂନ୍ୟ। ତାର ଆମେରିକା ଯିବାର 'ଇଲ ସେହିପରି ଘୁରିବୁଲିଛି ଚେମ୍ବରରୁ ଚେମ୍ବରକୁ। ଏଠାରେ ସରକାରୀ କର୍ମଚାରୀଙ୍କ ଲାଂଚଖୋର ମନୋବୃତିକୁ ବ୍ୟଙ୍ଗ କରିଛନ୍ତି ଡ. ପଣ୍ଡା। "ପ୍ରଧାନବାବୁ କହିଲେ ଏଥିରେ ଲୁଚାଛପା କିଛି ନାହିଁ। ବୁଝିଲେ ? ସମସ୍ତଙ୍କର ସମାନ ଅଧିକାର। ମନ୍ତ୍ରୀଙ୍କର ଯେତେ, ମେହେନ୍ତରର ସେତେ। ମୁଁ ନିଜେ ଭୀଜିଲାନ୍ସ ଡିପାର୍ଟମେଂଟରେ କାମ କରିଛି। ମୁଁ ସବୁ ଜାଣେ।" (ଶୂନ୍ ସାଂଗେ ସାମୟିକ ସଂଧି, ପୃଷ୍ଠା- ୯୫) ଏହିପରି ସମସ୍ତେ ପ୍ରଚଳିତ ଶାସନ ବ୍ୟବସ୍ଥା ସମ୍ମୁଖରେ ଆତ୍ମ ସମର୍ପଣ କରିବାକୁ ଆଗେଇଆସନ୍ତି। ଏହି ସମୂହ ଶକ୍ତି ଏପରି କଳୁଷିତ ହୋଇଯାଇଛି ଏଥିରୁ ମୁକୁଳିବା ସନାତନ ପରି ବ୍ୟକ୍ତିର ଶକ୍ତି ବହିର୍ଭୁତ। ବସ୍ତୁବାଦୀ ସମାଜର ଅର୍ଥ ପ୍ରତିପତି ନିକଟରେ କାବୁସ୍ଥ ହୋଇଯାଏ ସନାତନ। ବିପର୍ଯ୍ୟସ୍ତ ହୋଇଯାଏ ତା ଜୀବନ। ପରିଶେଷରେ ନିମ୍ନ ମଧ୍ୟବିତ ଭୟାବର୍ତ୍ତରୁ ଉତରିତ ହୋଇ ସ୍ୱତଃସ୍ଫୂର୍ତ୍ତ ଭାବେ ବିଦ୍ରୋହୀ ମନୋଭାବ ପୋଷଣ କରିଥିଲେ ହେଁ ତାହା ଏହି ବୁର୍ଜୁଆ ଗୋଷ୍ଠୀ ଉପରେ କୌଣସି ପ୍ରଭାବ ବିସ୍ତାର କରିପାରିନାହିଁ। ଏହି ଗୋଷ୍ଠୀର ଅପ୍ରତିହତ କ୍ଷମତା ସଂପର୍କରେ ବ୍ୟଙ୍ଗାତ୍ମକ ମତଦେଇ ଔପନ୍ୟାସିକ କହନ୍ତି- "ନୈତିକତା ଗୋଟେ ପ୍ରାକୃତିକ ନିୟମ ନୁହେଁ। ପ୍ରାଣୀଜଗତ କଥା ଦେଖନ୍ତୁ। ଗୋଟେ ବଳୁଆ ହରିଣର ପୁଞ୍ଜାଏ ମାଈ ହରିଣ। ଗୋଟେ ସୁନ୍ଦର ମୟୂର ଚାରିପଟେ ରୀତିମତ ମୟୂରୀମାନଙ୍କର ହାରେମ୍। ବଳୁଆ ପ୍ରାଣୀ ସାଂସାରିକ ସୁଖ ଉପଭୋଗ କରିବ, ଦୁର୍ବଳିଆ ପ୍ରାଣୀ ସୁକୁଟେଇ ସୁକୁଟେଇ ମରିବ।" (ଶୂନ୍ ସାଂଗେ ସାମୟିକ ସଂଧି, ପୃଷ୍ଠା- ୧୦୨-୧୦୩) ସମାଜ ଠାରୁ, ପିନ୍ମାଳି ଠାରୁ ଓ ପରିଶେଷରେ ସାମୂହିକ ଶକ୍ତି ପାଖରୁ ରିକ୍ତ ହସ୍ତରେ ଫେରିଛି ସନାତନ।

ବାସ୍ତବରେ ସନାତନ ଅନନ୍ୟୋପାୟ। ବର୍ତ୍ତମାନ କରୁଥିବା କାର୍ଯ୍ୟର ନିରର୍ଥକତା ପ୍ରମାଣିତ ହୋଇଯିବା ପରେ ସେ ଏକ ନୂତନ ସୂର୍ଯ୍ୟୋଦୟ ଅର୍ଥାତ୍ ପରଦିନର ସକାଳକୁ ଡେଇଁପଡିବାକୁ ବାଧ୍ୟ, ଅବିଶ୍ୱାସରେ, ଅସହାୟତାରେ, ଅସ୍ୱୀକାରରେ ଓ ଅନିଚ୍ଛାରେ। ବ୍ୟର୍ଥତା ଓ ଅସହାୟତା ଯେପରି ସନାତନ ପରି ମଣିଷମାନଙ୍କର ଚିର ସହଚର ପାଲଟିଯାଇଛି। ଔପନ୍ୟାସିକଙ୍କ ଭାଷାରେ, "ବୁଦ୍ଧଦେବ, ଜୀବନଯାକର ଯନ୍ତ୍ରଣା, କାନ୍ଦଣା ଓ ଦୁଃଖ। ଜନ୍ମ ସାଥୀରେ ଅବଶ୍ୟମ୍ଭାବୀ ମୃତ୍ୟୁର ଦୁଃଖ। ସବୁ ଖୁସି ପଛରେ ନିୟମିତ ଲାଇନ୍ ମାରି ଦୌଡୁଥିବା ବୋର୍ ହବା ଅବସ୍ଥା। ପ୍ରେମ ସାଙ୍ଗେ ଜୀବନ ନାଟିକା ପରି ବନ୍ଧା ବିରହ। ଆସିବାର ଲୋଭ କେମିତି ଫେରିବାର ଯନ୍ତ୍ରଣା ହେଇ ଜଳେ। ବ୍ୟର୍ଥତାରେ ଅଟକିଯାଉଥିବା ଆଶା।" (ଶୂନ୍ ସାଂଗେ ସାମୟିକ ସଂଧି, ପୃଷ୍ଠା- ୩୫) ଏସବୁ ଜାଣିଥିବା ସତ୍ୱେ ସନାତନ ବଂଚିବାକୁ ବାଧ୍ୟ; ଯେହେତୁ ସେ ଜନ୍ମ ହୋଇସାରିଛି। ତେଣୁ ଯେତେବେଳେ ଯାହା କରିବା କଥା, ସନାତନ ସବୁଦିନେ ସେଇଆ କରେ ଏବଂ ସାମାଜିକ ସ୍ରୋତ ଭିତରେ ହଜିଯାଏ। ସେଥିପାଇଁ ଠିକ୍ ସମୟରେ ଅଫିସ୍ ଯିବା, କ୍ଲବ୍‌ରେ ସୁନ୍ଦରୀ ତରୁଣୀମାନଙ୍କ ସହ ଉନ୍ମତ ନୃତ୍ୟ କରିବା, ବ୍ଲୁଫିଲ୍ମ ଦେଖି ରାତି ଅନିଦ୍ରା ହେବା, ପ୍ରେମିକା ସାଙ୍ଗରେ ଅନ୍ଧାରରେ ମିଶିବା, ବିରହ ଦୁଃଖରେ ଭୋ-ଭୋ କାନ୍ଦିବା, ଦୌଡିବା ଓ ରାସ୍ତା ନଦେଖି ଝୁଂଟିପଡିବା ପରି କାର୍ଯ୍ୟକୁ ସେ ବାଧ୍ୟ ହୋଇ କରୁଥାଏ। ଏହି କାର୍ଯ୍ୟସବୁ ତାକୁ ଯେ ଅସହାୟତା ଆଡକୁ ଟାଣି ନେଉଛନ୍ତି ତାହା ଜାଣିବା ସତ୍ୱେ ସେ ପାହାଚରୁ ପାହାଚକୁ ଡେଇଁଯାଉଥାଏ। ଜୀବନକୁ ଗୁଡେଇତୁଡେଇ ଦେଖିସାରିଲା ପରେ ଜୀବନର ଅବଶ୍ୟମ୍ଭାବୀ ନିରର୍ଥକତା ବିଷୟରେ ଦିନକୁ ଦିନ

ଅଧିକରୁ ଅଧିକ ଏକମତ ହୋଇଯାଉଛି । ଏସବୁ ପରେ ବି ଏକ ଅଦୃଶ୍ୟ ଅନନୁଭବ୍ୟ ଅଥଚ ସଂପୂର୍ଣ୍ଣ ଭିନ୍ନ ଜୀବନ ବଂଚିବା ଆଶାରେ ସେ ବାରମ୍ବାର ପଳେଇଯାଇଛି । ମାତ୍ର ତାର ପଳାୟନର ଅବ୍ୟବହିତିରେ ଏପରି ସଂସାର ଯେ ନାହିଁ ସେ ନିଶ୍ଚିତ । ଜନ୍ମଠାରୁ ଏପର୍ଯ୍ୟନ୍ତ ସନାତନ ବିତେଇଥିବା ଜୀବନ ସଂପର୍କରେ ଡ. ପଣ୍ଡାଙ୍କ ମତହେଲା– "ଆପାତତଃ ସନାତନ ଏକ କରୁଣ ଚରିତ୍ର; କିନ୍ତୁ ସବୁ ଶୁନ୍ ବୋଲି ସିଦ୍ଧାନ୍ତ ହୋଇସାରିବା ପରେ, ଶୁନ୍ ମିଶେଇବା / ଓ'ଡିବାରେ କିଛି 'ରକ ନଥିବା ହେତୁ ଟ୍ରାଜେଡି ଓ କମେଡି ଭିତରେ କଣ 'ରକ ତା ପାଇଁ ?" (ଶୂନ୍ ସାଂଗେ ସାମୟିକ ସଂଧି, ପୃଷ୍ଠା– ୧୩୫) ସେଥିପାଇଁ ନାୟକ ସନାତନ ବର୍ତମାନର ଶୂନ୍ୟତା ଠାରୁ ଉତରିତ ହେବା ପାଇଁ ନୂତନତାର ଅନ୍ୱେଷଣରେ ମଜ୍ଜିରହି ଜାଣିଶୁଣି ଆସନ୍ତା କାଲିର ଶୂନ୍ ସାଙ୍ଗେ କରିଛି ସାମୟିକ ସନ୍ଧି ।

ସନାତନକୁ ଏକ ପ୍ରତୀକାତ୍ମକ ଚରିତ୍ର ଭାବରେ ବ୍ୟବହାର କରି ସାଂପ୍ରତିକ ମଣିଷମାନଙ୍କ ଜୀବନର ବ୍ୟର୍ଥତା ଓ ଅସହାୟତାକୁ ବ୍ୟକ୍ତ କରିଛନ୍ତି ଔପନ୍ୟାସିକ ଡ. ହୃଷୀକେଶ ପଣ୍ଡା । ସନାତନ ପରି ପ୍ରତ୍ୟେକ ମଣିଷ ପରିଣତିରେ ଜୀବନ ଆସ୍ୱାଦରେ ବି'ଳ ହୁଅନ୍ତି । ତେଣୁ ସେ ନିଜର ସବୁ ସମ୍ଭାବନାକୁ ଦୂରେଇ ଦେଇ ଅନାସ୍ୱାଦିତ ଭାବେ ଉପରକୁ ଚାହେଁ ବ୍ୟର୍ଥ ମନୋରଥ ନେଇ । ସୁତରାଂ ଉପନ୍ୟାସଟି ସାଂପ୍ରତିକ ମଣିଷର ବ୍ୟର୍ଥତା, ଅସହାୟତା, ବି'ଳତା ଓ ନିରର୍ଥକତାର ସୂଚନା ଦେବା ସହ ଏସବୁର ସାମ୍ନା କରିବା ପରେ ସେ କିପରି ଶୂନ୍ ସାଙ୍ଗେ ସାମୟିକ ସନ୍ଧି କରିବାକୁ ବାଧ୍ୟ ହୋଇଯାଏ ତାହା ସନାତନ ଚରିତ୍ର ମାଧ୍ୟମରେ ସୁନ୍ଦର ଭାବରେ ବ୍ୟାଖ୍ୟା କରିଛନ୍ତି ଡ. ପଣ୍ଡା ।

### ସହାୟକ ଗ୍ରନ୍ଥସୂଚୀ :


- କର, ବାଉରୀବନ୍ଧୁ, ସ୍ୱାଧୀନତା ପରବର୍ତୀ ଓଡ଼ିଆ ଉପନ୍ୟାସ, ପ୍ରଥମ ପ୍ରକାଶ– ୨୦୦୪, ବିଦ୍ୟାପୁରୀ, କଟକ ।
- ନାୟକ, ଲାବଣ୍ୟ, ଉପନ୍ୟାସ ସାହିତ୍ୟ ସଂପର୍କରେ, ପ୍ରଥମ ସଂସ୍କରଣ– ୧୯୭୬, ପୁସ୍ତକ ଭଣ୍ଡାର, ବ୍ରହ୍ମପୁର ।
- ପଣ୍ଡା, ଡ. ହୃଷୀକେଶ, ଶୂନ୍ ସାଂଗେ ସାମୟିକ ସଂଧି– ପ୍ରଥମ ପ୍ରକାଶ– ୧୯୮୪, ଗ୍ରନ୍ଥ ମନ୍ଦିର, କଟକ ।
- ପ୍ରଧାନ, ଡ. ସବିତା, ଉପନ୍ୟାସ ଅବବୋଧ, ପ୍ରଥମ ପ୍ରକାଶ– ୨୦୦୪, ଅଗ୍ରଦୂତ, କଟକ ।
- ମହାରଣା, ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଇତିହାସ, ତୃତୀୟ ସଂସ୍କରଣ– ୨୦୧୫, ଓଡ଼ିଶା ବୁକ୍‌ଷ୍ଟୋର, କଟକ ।
- ଷଡ଼ଙ୍ଗୀ, ନୃସିଂହ, ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ, ପ୍ରଥମ ସଂସ୍କରଣ– ୧୯୮୯, ଓଡ଼ିଶା ବୁକ୍‌ଷ୍ଟୋର, କଟକ ।


❖ ❖ ❖

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ